

‘ରାକା’
ଅଲ୍ଲୁଙ୍କୁ ୧୭୫,
ଦୀପିକାଙ୍କୁ ୨୫
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-287 ◆WEDNESDAY ◆15 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୭ ◆ବୁଧବାର ◆୧୫ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦








36 LAKH INDIANS TURNED THEIR OLD GOLD INTO INDIA'S NEW STRENGTH

Today, India imports 99% of its gold. You can help reduce imports by exchanging your old gold.

GOLD EXCHANGE | Old gold from any jeweller accepted. | Year-round Exchange. | Choose from more than 10,000 designs.

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

# ଜନ୍ମସ୍ଥାନରେ ଉନ୍ମୋଚନ ହେଲା ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି

ମଙ୍ଗଳପୁର,୧୪।୪(ସମିସ)

ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ବନ୍ଧୁ ମହାନ୍ତିଙ୍କ ଜନ୍ମ ସ୍ଥାନ ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ଦଉପୁର ଗ୍ରାମରେ କିଛି ଦିନ ପୂର୍ବରୁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। କିଛି ଲୋକ ଏହାକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆଜି ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱ ସଭାରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପ୍ରଥମେ ବାବା ଗୋପୀନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ଜଗନ୍ନାଥଙ୍କ ସହିତ ଏକ ଶୋଭାଯାତ୍ରାରେ ବନ୍ଧୁ ମହାନ୍ତିଙ୍କ ପୀଠକୁ ଆସିଥିଲେ। ପରେ ପରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ।



କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଯାଜପୁର ଜିଲ୍ଲା ସମାଜସେବୀ ରଞ୍ଜନ ମହାପାତ୍ର, ୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବନ୍ଧୁ ମହାନ୍ତିଙ୍କ ବଂଶଧର ପିଢ଼ିର ଦାୟାଦ ଦିଲ୍ଲୀପ ମହାନ୍ତି, ନନ୍ଦିପୁର ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ମହାନ୍ତି, କମାରଡିହ ପାକ୍ସ ସଭାପତି ଭାଗୀରଥି ସାହୁ, ଦଉପୁର ପଞ୍ଚାୟତ ସରପଞ୍ଚ ଶୁଚିସ୍ମିତା ମହାନ୍ତି, ବବିତା ମଲ୍ଲିକ, ଦଉପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡା, ନିଜାମପୁର ପାକ୍ସ ସଭାପତି ସରୋଜ ସାହୁ, କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ ନନ୍ଦ, ଦେବେନ୍ଦ୍ର ପଣ୍ଡା, ଗୋପବନ୍ଧୁ ତ୍ରିପାଠୀ, ବାଟକୃଷ୍ଣ ମେକାପ, ପଇସାହି ପଞ୍ଚାୟତ ତ୍ରିଲୋଚନ ଦାସ, ଦୁଦୁରାଔଣ୍ଡା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଞ୍ଜନ ସେଠୀ, ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର କୁମାର ରାଉତ, ଶିକ୍ଷକ ନେତା ଧର୍ମାନନ୍ଦ ମଲ୍ଲିକ, ୱାର୍ଡ ସଭ୍ୟା ଝରଣା ଦାସଙ୍କ ସମେତ ବହୁ ଜଗନ୍ନାଥଙ୍କ ଭକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମା' ସୁନାଗୋରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମାଧପୁର ଚାମ୍ପିଅନ

ଭଦ୍ରକ,୧୪।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମାଧପୁର ପଞ୍ଚାୟତ ଅଣଖାସାହି ଗାଁର ମା' ସୁନାଗୋରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମା' ଈଶାଣଚଣ୍ଡୀ କ୍ରିକେଟ୍ ଟିମ୍ ଚାମ୍ପିଅନ ହୋଇଛି। ସ୍ଥାନୀୟ ସରପଞ୍ଚ ବିନୋଦ ଦାସ, ଯୁବନେତା ମାନସ ଦାସ, ସରୋଜ ପଲାଇ, ବିଜୟ ପାଢ଼ୀ, ଅମିୟ ଦାସ, କଳ୍ପତରୁ ଦାସ, ତ୍ରିଲୋଚନ ବିଶ୍ୱାଳ, ପ୍ରଦୀପ ଦାସ, ଗିରିଧାରୀ ମହାକୁଡ଼ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ ଖେଳରେ ମାଧପୁର ମା' ଈଶାଣଚଣ୍ଡୀ କ୍ରିକେଟ୍ ଟିମ୍ ୧୨ ଓଭରରେ ୧୧୩ ରନ୍ କରିଥିବାବେଳେ ସିଂହପୁର ରାଧାକୃଷ୍ଣ କ୍ରିକେଟ ଟିମ୍ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୯୨ ରନ୍ କରି ପରାସ୍ତ ହୋଇଥିଲା। ବିଜେତା ଟିମ୍ ମା' ଈଶାଣଚଣ୍ଡୀ କ୍ରିକେଟ ଟିମ୍‌କୁ ଏକ ଟ୍ରଫି ସହିତ ୧ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବାବେଳେ ଉପବିଜେତା ସିଂହପୁର ରାଧାକୃଷ୍ଣ କ୍ରିକେଟ ଟିମ୍‌କୁ ଏକ ଟ୍ରଫି ସହିତ ୩ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ଓଡ଼ିଆ ପକ୍ଷ ଉପଲକ୍ଷେ 'ଆମ ରୁଚି ଆମ ଖାଦ୍ୟ' ଦିବସ



ଭଦ୍ରକ,୧୪।୪(ସମିସ): ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ଓ ପଞ୍ଚାୟତ ସମିତି ପକ୍ଷରୁ 'ଆମ ରୁଚି ଆମ ଖାଦ୍ୟ' ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ପ୍ରଚାରପ୍ରସାର କରିବା ସହ ନିଜସ୍ୱ ରୁଚି ଓ ପରମ୍ପରାଗତ ପଦାର୍ଥମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସରୋଜ କୁମାର ଦତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ସେମାନେ ଫାଷ୍ଟ ଫୁଡ୍ ଖାଦ୍ୟରୁ ଦୂରରେ ରହି ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଛୋଟ ଶିଶୁଠାରୁ ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଏହି ପାରମ୍ପରିକ ଖାଦ୍ୟକୁ ଅନୁସରଣ କରି ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଜୋର୍ ଦେଇଥିଲେ। ଏହାସହ ଉତ୍ସବରେ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟକୁ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଦନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଆ ଖାଦ୍ୟ ପରମ୍ପରା କେବଳ ସ୍ୱାଦ ନୁହେଁ, ଏହା ଆମ ପରିଚୟର ଅବିଚ୍ଛିନ୍ନ ଅଂଶ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭରତା ଦିଗରେ ଅଗ୍ରସର ହେଉଛନ୍ତି। ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବାରେ ସମସ୍ତଙ୍କ ସହଭାଗୀତା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।

## ଚାନ୍ଦବାଲି କଂଗ୍ରେସ ପକ୍ଷରୁ ସମ୍ବିଧାନ ପାଇଁ ଗଣଦୌଡ଼



ଚାନ୍ଦବାଲି,୧୪।୪(ସମିସ): ଡ. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଚାନ୍ଦବାଲିରେ କଂଗ୍ରେସ ପକ୍ଷରୁ 'ସମ୍ବିଧାନ ପାଇଁ ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବିଧାନର ସୁରକ୍ଷା ଓ ସଚେତନତା ବଢ଼ାଇବା ଲକ୍ଷ୍ୟରେ ଏହି ଗଣଦୌଡ଼ ଆୟୋଜିତ ହୋଇଥିଲା। କଂଗ୍ରେସର ବ୍ଲକ୍ ସଭାପତି ଶୁଭାଶିଷ ମଲ୍ଲିକ, ବଦ୍ରିନାଥ ନାୟକ, ନିର୍ମଳ ରାଉତ, ଦିଗମ୍ବର ସାହୁଙ୍କ ସମେତ ଶତାଧିକ କର୍ମୀ ଏହି ଗଣଦୌଡ଼ରେ ଯୋଗଦେଇଥିବା ବେଳେ ଚାନ୍ଦବାଲି କାଳୀମନ୍ଦିରରୁ ବାହାରି ପୂରା ବଜାର ପରିକ୍ରମା କରିଥିଲେ। ତେବେ ଏହି ଗଣଦୌଡ଼ରେ ସାମିଲ୍ ହୋଇଥିବା କଂଗ୍ରେସ କର୍ମୀମାନେ ସମ୍ବିଧାନର ସୁରକ୍ଷା ଓ ଲୋକତନ୍ତ୍ରର ମୂଲ୍ୟବୋଧ ରକ୍ଷା ପାଇଁ ସ୍ଲୋଗାନ ଦେବା ସହିତ ସମ୍ବିଧାନ ରକ୍ଷା ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରିଥିଲେ।

## ରୂପ୍‌ସାରୁ ବେଙ୍ଗାଲୁରୁକୁ ଗଡ଼ିବ ଗ୍ରୀଷ୍ମକାଳୀନ ସ୍ପେସାଲ୍ ଏକ୍ସପ୍ରେସ ଟ୍ରେନ୍

ବସ୍ତା ବ୍ଲକ,୧୪।୪(ସମିସ): ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ବିଭିନ୍ନ ରୁଟ୍‌ରେ କିଛି ଏକ୍ସପ୍ରେସ୍ ଟ୍ରେନ୍ ଚାଲିବା ନେଇ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉତ୍ତର ବାଲେଶ୍ୱରର ବହୁ ପୁରାତନ ରୂପ୍‌ସା ଜଙ୍କସନ୍‌କୁ ଏକ ସ୍ୱତନ୍ତ୍ର ପରିଚୟ ମିଳିବାକୁ ଯାଉଛି। ମାସର ୬ ଥର ଏହି ଏକ୍ସପ୍ରେସ ଅପ୍ ଓ ଡାଉନ୍‌ରେ ଚାଲିବ। ଏ ନେଇ ରେଳ ବିଭାଗ ପକ୍ଷରୁ ୧୪ ଏପ୍ରିଲ ୪୧/୨୦୨୬- ୨୭ରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରେନ୍ ନମ୍ବର ୦୬୫୪୫ ରୂପ୍‌ସାରୁ ବେଙ୍ଗାଲୁରୁ ଓ ଟ୍ରେନ୍ ନମ୍ବର ୦୬୫୪୬ ବେଙ୍ଗାଲୁରୁରୁ ରୂପ୍‌ସାକୁ ଚାଲିବ ବୋଲି ଜଣାପଡ଼ିଛି। ବିଶେଷକରି ବେଙ୍ଗାଲୁରୁ ଟ୍ରେନ୍‌ରେ ଟିକଟ ମିଳିବା କଷ୍ଟକର ହେଉଥିବାବେଳେ ଏହା ଉତ୍ତର ବାଲେଶ୍ୱର ସହିତ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ଯାତ୍ରୀଙ୍କ ଯାତାୟାତରେ ଅନେକ ସୁବିଧା ହେବ। ରୂପ୍‌ସା ଜଙ୍ଗସନ୍ ବିକାଶର ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବ ବୋଲି କୁହାଯାଉଛି। ଏହି ବିଜ୍ଞପ୍ତି ପ୍ରକାଶ ନେଇ ରୂପ୍‌ସା ରେଳ ବ୍ୟବହାରକାରୀ ସଂଘର ସଭାପତି ହରେନ୍ଦ୍ର ଦାସ ଓ ସମ୍ପାଦକ ସବେଶ ନାୟକ, ଉପସଭାପତି ଦେବାଶିଷ ମହାପାତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଟାଟା ଷ୍ଟିଲ୍ ଓ ନୀଳାଚଳ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ



ଦାନଗଦି, ୧୪।୪(ସମିସ) : ଅଗ୍ନିଶମ କର୍ମଚାରୀଙ୍କ ତ୍ୟାଗ ଏବଂ ସେବାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପରିସରରେ "ଜାତୀୟ ଅଗ୍ନିଶମ ସେବା ସପ୍ତାହ'ର ଶୁଭାରମ୍ଭ କରାଯାଇଛି। ସେବା ବେଳେ ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦ ଅଗ୍ନିଶମ ବାହିନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସରରେ ଥିବା ସେଣ୍ଟ୍ରାଲ୍ ଫାୟାର୍ ଷ୍ଟେସନଠାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଟିଏସକେର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସହିଦମାନଙ୍କୁ ସ୍ମରଣ କରିଥିଲେ। କଳିଙ୍ଗନଗର ଅଗ୍ନିଶମ ଓ ସୁରକ୍ଷା ବିଭାଗ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଏକ "ଅଗ୍ନି ସୁରକ୍ଷା ସଚେତନତା ରଥ'ର ଶୁଭାରମ୍ଭ କରାଯାଇଥିଲା। ସେହିପରି ନୀଳାଚଳ ଇସ୍ପାତ ନିଗମଠାରେ ଆୟୋଜିତ ଉତ୍ସବରେ ସପ୍ଲାଇ ଚେନ୍ ମୁଖ୍ୟ ସୁଶାନ୍ତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହା ପରେ ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟର ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଏହି ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଟିଏସକେ ଏବଂ ଏନଆଇଏନଏଲ ପକ୍ଷରୁ କର୍ମଚାରୀ, ଟାଉନସିପ୍ ବାସିନ୍ଦା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପାଇଁ କୁଇଜ୍, ସଚେତନତା ଶିବିର ଏବଂ ସୂଚନାପତ୍ର ବଣ୍ଟନ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି।

## ଦର୍ଶନ ସାଂସ୍କୃତିକ ଏକାଡେମୀର ବାର୍ଷିକ ଉତ୍ସବ



ଭଦ୍ରକ,୧୪।୪(ସମିସ): ଭଦ୍ରକ ହେଉଛି ଓଡ଼ିଆ ସଂସ୍କୃତିର ଅନ୍ତୁଡ଼ିଶାଳ। ଓଡ଼ିଶାର ଜୀବନ ଓ ସମାଜକୁ ସମୃଦ୍ଧ କରୁଥିବା ପ୍ରତିଟି କ୍ଷେତ୍ର ଯଥା- କଳା, ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି ଆଦି ପ୍ରତି ବିଭବକୁ ଭଦ୍ରକର ଭୂୟସୀ ଅବଦାନ ରହିଛି। ଭଦ୍ରକ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରଜ୍ୱଳିତ କ୍ଷେତ୍ର। ବାସୁଦେବପୁରସ୍ଥ ରକ୍ତତୀର୍ଥ ଇରମ ଦେଶର ଦ୍ୱିତୀୟ ଜାଲିଆନା ୱାଲାବାଗ୍ ନାମରେ ଅଭିହିତ ବୋଲି ଦର୍ଶନ ସାଂସ୍କୃତିକ ଏକାଡେମୀ ପକ୍ଷରୁ ଶନିବାର ସନ୍ଧ୍ୟାରେ ଟାଉନ୍ ହଲ୍‌ଠାରେ ୧୦ମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂ. ଅଭୟ ସୁତାର, ସମ୍ମାନିତ ଅତିଥି ଭାବେ ଏନ୍‌ସିସି କମାଣ୍ଡର ଡ. ସୁଦିପ ସାହୁ, ଆଇନଜୀବୀ ଗଦାଧର ବଳ, ସାହିତ୍ୟିକ ଚିତ୍ତରଞ୍ଜନ ମହାପାତ୍ର, ଚାରୁ ଓ କାରୁକଳା କଲେଜ ଅଧକ୍ଷ ମନୋଜ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ସଂଯୁକ୍ତା ବଳ ମଞ୍ଚ ଆମନ୍ତ୍ରଣ, ଦର୍ଶନ ଏକାଡେମୀ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ସୁଦର୍ଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ ଗୁଲମକି ଦଲ୍‌ୱାଜି ହବିବ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଗୁରୁ ତଥା ସିନେ ତାରକା ପ୍ରତିଭା ପଣ୍ଡା, କଣ୍ଠଶିଳ୍ପୀ ରାଜେନ୍ଦ୍ର ବଳ, ଗଣେଶ ସଙ୍ଗୀତ ବିଦ୍ୟାଳୟର ଅଧାପକ ସୁବାସ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଗର୍ଜିଲା କଂଗ୍ରେସ




ଭଦ୍ରକ,୧୪।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହାନ୍ତି ଆବଶ୍ୟକୀୟ ସଂଖ୍ୟକ ଡାକ୍ତର କି ପାରା ମେଡିକାଲ ଷ୍ଟାଫ୍। ଫଳରେ ସ୍ୱାସ୍ଥ୍ୟ ସେବା ପାଇଁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନୁହେଁ, ସମସ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ମଧ୍ୟ ସମାନ। ଚାନ୍ଦବାଲି ଅଞ୍ଚଳରେ ଦିନକୁ ଦିନ ବିଗୁଡୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗର୍ଜିଲା କଂଗ୍ରେସ। ଏଭଳି ପରିସ୍ଥିତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହିତ ଧାମରାର ଆଦାନୀ କମ୍ପାନୀକୁ ଦାୟୀ କରିଛି। ଆଦାନୀ କମ୍ପାନୀର ଚୁକ୍ତି ଅନୁସାରେ କମ୍ପାନୀର ଲାଭାଂଶର ୫ପ୍ରତିଶତ ସ୍ଥାନୀୟ ଅଞ୍ଚଳର ଉନ୍ନୟନରେ ଖର୍ଚ୍ଚ କରିବା କଥା, ମାତ୍ର କମ୍ପାନୀ ତାହା ନ କରି ସରକାରୀ ଦଳର ନେତାଙ୍କୁ ଖୁସି କରିବାରେ ଲାଗି ପଡ଼ିଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ଆଦାନୀ କମ୍ପାନୀ ତା'ର ଲାଭାଂଶ ଟଙ୍କାରେ ଚାନ୍ଦବାଲିରେ ଏକ ସୁପର ସ୍ପେଶାଲିଟି ଡାକ୍ତରଖାନା ତିଆରି କରିବାକୁ ଦାବି କରିଛି କଂଗ୍ରେସ। ନଚେତ୍ ଆଗାମୀ ଦିନରେ ବ୍ଲକ୍ କଂଗ୍ରେସ ଚାନ୍ଦବାଲି ଜନସାଧାରଣଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଚାନ୍ଦବାଲି ବ୍ଲକ୍ କଂଗ୍ରେସ ସଭାପତି ଶୁଭାଶିଷ ମଲ୍ଲିକ, ଯୁବ ନେତା ମନୋଜ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ମହାନ୍ତି, ବ୍ଲକ୍ କଂଗ୍ରେସ ଉପସଭାପତି ଦିଗମ୍ବର ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବଦ୍ରିନାଥ ନାୟକ, ଅର୍ଜୁନ ବେହେରା, ବ୍ଲକ୍ କଂଗ୍ରେସ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, ଯୁବ ନେତା ସୀତାଂଶୁ ନାୟକ, ଶରତ ଧଳ, ୧ ନମ୍ବର ଜୋନ୍ ସଭାପତି ନିମାଇଁ ଦାସ, କଂଗ୍ରେସ କର୍ମୀ ଗୋବିନ୍ଦ ମୁଦୁଲି ଓ ରମେଶ ନାୟକ ପ୍ରମୁଖ ଉପସ୍ଥିତି ଥିଲେ।

## ହନୁମାନ ଜୟନ୍ତୀରେ ବାଇକ୍ ରାଲି

ଜଳେଶ୍ୱର ବ୍ଲକ,୧୪।୪(ସମିସ): ଓଡ଼ିଆ ନବବର୍ଷ ଓ ପବିତ୍ର ହନୁମାନ ଜୟନ୍ତୀ ଅବସରରେ ଆଜି ହିନ୍ଦୁ ଜାଗରଣ ସେନା ପକ୍ଷରୁ ଜଳେଶ୍ୱର ବ୍ଲକ୍ ଖୁଆଡ଼ ଗ୍ରାମ ପଞ୍ଚାୟତରେ ଏକ ବିଶାଳ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଭୋଲ ଛକଠାରୁ ବାଖୁଡ଼ିପଦା, ଲୁହାପଡ଼ା, କେନ୍ଦୁଖୁଣ୍ଟା, ନୂଆଗାଁ, ଉପରକୁଣ୍ଡି, ପୁରୁଣାପାଣି, ମହୁଡୁମା ଦେଇ ଖୁଆଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବାଇକ୍ ଶୋଭଯାତ୍ରା ପରିକ୍ରମା କରିଥିଲା। ଏହି ଶୋଭଯାତ୍ରାରେ ମୁଖ୍ୟ ପରିଚାଳକ ଭାବେ ଯୁବ ନେତା ସୁଜିତ୍ କୁମାର ଦାସ, ସନତ କୁମାର ସାହୁ, ବାଦଲ ସୋରେନ, ତପନ ସାହୁ, ମହେନ୍ଦ୍ର ମାରାଣ୍ଡି, ବ୍ରଜ କିଶୋର ଗିରି, ଅଜିତ ବେହେରା, ଅଜିତ୍ ଘୋଷ, ତପନ ନନ୍ଦୀ, କିଶୋର ସାନକୀ, ସପନ ବିନ୍ଧାଣୀ, ଆମନ୍ତ୍ରିତ ଅତିଥି ତରୁଣ ପଟ୍ଟନାୟକ, ସଞ୍ଜୀବ ଜେନା, ସମୀର ଘୋଷ ପ୍ରମୁଖ ଯୋଗ ଦେଇ ଥିଲେ।

## ■ ନାବାଳିକା ମୃତ ଶିଶୁ ଜନ୍ମ ଦେବା ମାମଲା
## ଅଭିଯୁକ୍ତ ଅଦାଲତ ଚାଲାଣ

ପାଣିକୋଇଲି,୧୪।୪(ସମିସ): ନାବଳିକାଙ୍କୁ ବିବାହ କରି ଗର୍ଭବତୀ କରିବା ମାମଲାରେ ଅଭିଯୁକ୍ତ ପାଣିକୋଇଲି ପାଟସାହିର ମଙ୍ଗୁ ମୁଣ୍ଡାଙ୍କ ପୁଅ ଦଶରଥ ମୁଣ୍ଡା (୧୮)କୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ୧୫ ବର୍ଷୀୟା ନାବାଳିକା ଯାଜପୁର ମେଡିକାଲରେ ମୃତ ସନ୍ତାନ ସନ୍ତାନ ଜନ୍ମ ଦେଇ ଚିକିତ୍ସିତ ଅବସ୍ଥାରେ ଅଛି। ପାଣିକୋଇଲି ଅଙ୍ଗନବାଡି କେନ୍ଦ୍ରର କର୍ମୀ ସୌଦାମିନୀ ସାହୁ ସୁପରଭାଇଜର ଜରିଆରେ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ସିଡିପିଓ ଶାନ୍ତିଲତା ବେସ୍ରା ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଫେରାରଥିଲା। ପାଣିକୋଇଲି ପାଟସାହିର ଦଶରଥ ମୁଣ୍ଡା କରଦା ପଞ୍ଚାୟତ ପଳସା ଗ୍ରାମର ଜଣେ ନାବାଳିକାକୁ ପ୍ରେମ ବିବାହ କରି ଆଣି ଘରେ ରଖିଥିଲା। ଗତ ୨୦୨୬ ଜାନୁଆରୀ ୧୩ ତାରିଖ ଅଳତିରି ଅଙ୍ଗନବାଡି କେନ୍ଦ୍ରରେ ଇଞ୍ଜେକସନ ନେଇଥିବା ବେଳେ ଫେବୃଆରୀ ୩ ତାରିଖ ନାବାଳିକା ଗର୍ଭବତୀ ହୋଇ ଇଞ୍ଜେକସନ ନେବାକୁ ଅଙ୍ଗନବାଡି କେନ୍ଦ୍ରକୁ ଆସିବାରୁ ଜନ୍ମ ତାରିଖରୁ ଘଟଣା ଜଣାପଡିଥିଲା। ହେଲେ ଏଦିଗରେ ସମସ୍ତେ ଚୁପ ରହିଥିଲେ। ନାବାଳିକାର ମୃତ ସନ୍ତାନ ଜନ୍ମ ହେବା ପରେ ପୁଲିସ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ନାବାଳିକାର ବୟାନ ନେବା ସହ ତଦନ୍ତ କରୁଥିଲା। ଏନେଇ ଏକ ମାମଲା ୧୧୭/୨୮ ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଏବେ ଦଶରଥ ଧରାପଡ଼ିବା ପରେ ତାକୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁର ପ୍ରକାଶ କରିଛନ୍ତି।

## ନ୍ୟାୟ ନ ପାଇ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା ପରିବାର

ପାଣିକୋଇଲି,୧୪।୪(ସମିସ): ମାମଲା ରୁଜୁ କଲା ବେଳେ ପୁଲିସ ସଠିକ ଦଫା ଲଗାଇବାରେ ଟାଳଟୁଳ ନୀତି ଅବଲମ୍ବନ କରିଛି। ମାମଲାରେ ଦଫା ଲଗାଇବା ବେଳେ ଏସ୍‌ସିଏସ୍‌ଟି ଦଫାକୁ ଛାଡି ଅନ୍ୟ ଦଫା ଲଗାଇବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ଏହି ମାମଲାରେ ଜାତିଗତ ଦଫା ଲଗାଇବାକୁ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ସଠିକ ଦଫା ଲଗାଇବାକୁ ଦାବି କରିଛି। ପ୍ରକାଶଯେ ଯାଜପୁର ଥାନା ଅନ୍ତର୍ଗତ ଚିତାଳ ଗ୍ରାମର ସଞ୍ଜୁଲତା ଜେନାଙ୍କ ଅଭିଯୋଗ ମୁତାବକ ତାଙ୍କ ପୁଅ ବିକ୍ରମ ଗତ ୮ ତାରିଖ ଚିତାଳ ବଜାରକୁ ଯାଇଥିଲା। ସେଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ କୁଆଡେ ଗଲା ବୋଲି ଖୋଜାଖୋଜି କରିଥିଲେ। ପରେ ଜାଣିବାକୁ ପାଇଲେ ଇଟିରା ଗ୍ରମାର ଅନନ୍ତ ସାହୁ ଚିତାଳ ଠାରେ ତାକୁ ଜାତିଆଣା ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ବିକ୍ରମ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୪ଦିନ ରହି ଚିକିତ୍ସିତ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୪୮/୨୬ ରୁଜୁ କରିଥିଲେ ହେଁ ଜାତିଆଣା ଦଫା କରିନଥିଲା। ଯାହାକୁ ନେଇ ଏସ୍‌ପିଙ୍କୁ ଭେଟି ଏତଲା ଅନୁଯାୟୀ ଦଫା ଲଗାଇବାକୁ ନିବେଦନ କରିଥିଲେ।

## ମହିଳାଙ୍କ ମୁହଁରେ ଏସିଡ୍ ପକାଇବାକୁ ଧମକ

ପାଣିକୋଇଲି,୧୪।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ପଳସା ଗ୍ରାମରେ ଜଣେ ଯୁବକ ଛଣ ଗଦାରେ ନିଆଁ ଲଗାଇବା ସହ ମୁହଁରେ ଏସିଡ ପକାଇ ପୋଡ଼ି ଦେବାକୁ ଧମକ ଦେବା ପରେ ମହିଳା ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାକଶଯେ ପଳସା ଗ୍ରାମର କାହ୍ନୁଚରଣ ସାହୁଙ୍କ ସ୍ତ୍ରୀ ନିରୁପମା ସାହୁଙ୍କ ଅଭିଯୋଗ ମୁତାବକ ତାଙ୍କ ଦେଢ଼ଶୁରଙ୍କ ପୁଅ କଳାକାର ସାହୁ ରବିବାର ରାତ୍ରୀରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କର ଦୁଇଟି ଛଣ ଗଦାରେ ନିଆଁ ଲଗାଇଦେଇଥିଲା। ଛଣ ଗଦା ପୋଡିଯିବା ସହ ଏହାର ପ୍ରଭାବରେ ଦୁଇଟି ଆମ୍ବଗଛ ପ୍ରଭାବିତ ହୋଇଥିଲା। ଥାନାକୁ ଗଲେ ମୁହଁରେ ଏସିଡ୍ ପକାଇ ପୋଡ଼ି ଦେବାକୁ ଧମକ ଦେଇଥିଲା। ଏନେଇ ନିରୁପମା ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଗାଡ଼ି ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସୁକିନ୍ଦା,୧୪।୪(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାରେ ଏକ ଦୁର୍ଘଟଣା ଘଟି ଦୁଇ ଭାଇଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ବାଲିଝାଟି ଗ୍ରାମ ରବି ପ୍ରଧାନଙ୍କ ପୁଅ ରମାକାନ୍ତ ପ୍ରଧାନ(୨୫)ଙ୍କର ମୃତ୍ୟୁ ଘଟିଥିବା ବେଳେ ନୟା ପ୍ରଧାନଙ୍କ ପୁଅ ହୃଷୀକେଶ(୨୨) ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଏହି ଦୁଇ ଭାଇ ସୋମବାର ରାତିରେ କଳିଙ୍ଗନଗରରୁ ଘରକୁ ଫେରୁଥିବା ସମୟରେ ସୁକିନ୍ଦା ଟସର ଫାର୍ମ ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଆହତ ଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ରମାକାନ୍ତ କୁ ମୃତ ଘୋଷଣା କରିବା ସହ ଗୁରୁତର ଆହତ ହୃଷୀକେଶକୁ ପ୍ରାଥମିକ ଚିକିତ୍ସା କରି କଟକ ସ୍ଥାନାନ୍ତର କରିଥିବା ଜଣାପଡିଛି। ସୂଚନା ପାଇ ପୋଲିସ ମୃତଦେହ ଜବତ କରି ଘଟଣା ସ୍ଥଳରୁ ବାଇକ୍ ଜବତ କରିବା ସହ ଦୁର୍ଘଟଣା ଘଟାଇ ପାର ହୋଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି।

## ଶ୍ରଦ୍ଧାକ୍ଷେତ୍ରରେ ବଜରଙ୍ଗବାଲିଙ୍କ ମନ୍ଦିର ପାଇଁ ଭୂମିପୂଜନ

ବାଲିଆପାଳ,୧୪।୪(ସମସ): ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଶ୍ରଦ୍ଧାକ୍ଷେତ୍ର ପରିସରରେ ଆଜି ବଜରଙ୍ଗବାଲିଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାକ୍ଷେତ୍ର ପରିସରରେ ବାବା କାଶୀ ବିଶ୍ୱନାଥ ମନ୍ଦିର, ମା ବିମଳାଙ୍କ ମନ୍ଦିର ତଥା ମା ମହାଲକ୍ଷ୍ମୀଙ୍କ ମନ୍ଦିର ରହିଥିଲାବେଳେ ନିକଟରେ ବିଘ୍ନରାଜ ଗଣେଶଙ୍କ ମନ୍ଦିର ନୂତନ ଭାବେ ନିର୍ମାଣ ହୋଇଛି। ନାଟ ମଣ୍ଡପର ପ୍ରବେଶ ଦ୍ୱାର ନିକଟରେ ବିଘ୍ନରାଜ ଗଣେଶଙ୍କ ସହିତ ବଜରଙ୍ଗବାଲି ପୂଜା ପାଇ ଆସୁଥିଲେ। ମାତ୍ର ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ସହାୟତାରେ ବଜରଙ୍ଗବାଲିଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଆଜି ହନୁମାନ ଜୟନ୍ତୀ ଅବସରରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାପତି ଶ୍ରୀଜଗନ୍ନାଥଙ୍କ ଉତ୍ତର ପାଶ୍ୱର୍ରେ ଥିବା ମା ମହାଲକ୍ଷ୍ମୀଙ୍କ ମନ୍ଦର ସମ୍ମୁଖରେ ବଜରଙ୍ଗବାଲିଙ୍କ ମନ୍ଦିର ପ୍ରତିଷ୍ଠା ହେବ। ଆଜିର ଏହି ଭୂମିପୂଜନ ଉତ୍ସବରେ ଶ୍ରଦ୍ଧାପତିଙ୍କ ମୁଖ୍ୟ ପୂଜକ ବିଷ୍ଣୁ ଦାସ ପାଠୀ, ବଳଦେବ ପଣ୍ଡା ତଥା ସୋମନାଥ ପାଣିଗ୍ରାହୀ ପ୍ରମୁଖ ଭୂମିପୂଜନ କାର୍ଯ୍ୟକ୍ରମ କରିଥିଲେ। ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ସପତ୍ନୀକ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁ, ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପୁତ୍ର ଦିବ୍ୟକାମ ମହାନ୍ତି, ମୁରଲୀ ମୋହନ ସାହୁ, ମଧୁସୂଦନ ସାହୁ, ପ୍ରଫୁଲ୍ଲ ସାହୁ, ମଧୁସୂଦନ ବାରିକ, କାଳୀଚରଣ ଦେ, ପ୍ରିୟନାଥ ସେଠୀଙ୍କ ସମେତ ଅନ୍ୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।



# ଶ୍ରମ ଆଇନକୁ ବେଖାତିର୍; ଖରାରେ ସିଝୁଛନ୍ତି ଶ୍ରମିକ

ବାରିକପୁର,୧୪।୪(ସମିସ)

ଏବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଖରାର ପ୍ରକୋପ ମଧ୍ୟ ବଢ଼ିବାରେ ଲାଗିଛି। ଗ୍ରୀଷ୍ମକୁ ଆଖିଆଗରେ ରଖି ସରକାର ଶ୍ରମିକମାନଙ୍କ ପାଇଁ ନୀତି ନିର୍ଘଣ୍ଟ ସ୍ଥିର କରିଛନ୍ତି। ସରକାରୀ ଭାବେ ହେଉ କିମ୍ବା ବେସରକାରୀ ଭାବେ ହେଉ ଶ୍ରମିକମାନେ ଦୈନିକ ଅପରାହ୍ଣ ୧୧ଟା ସୁଦ୍ଧା କାର୍ଯ୍ୟକ୍ଷେତ୍ର ସାରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ପରିତାପର ବିଷୟ ଜାତୀୟ ରାଜପଥ ଉପରେ ଶ୍ରମିକମାନେ ଉଦୁଉଦିଆ ଖରାରେ କାମ କରୁଛନ୍ତି। ଏଠାରେ ଶ୍ରମ ଆଇନକୁ ସମ୍ପୂର୍ଣ୍ଣ ଭାବେ ବେଖାତିର୍ କରାଯାଉଥିବା ବେଳେ ଏବେ ଦିନ ୧୧ଟାରୁ ୩ଟା ମଧ୍ୟରେ ମହିଳା ଓ ପୁରୁଷ ଶ୍ରମିକ ରାସ୍ତା ଉପରେ କାମ କରୁଛନ୍ତି। ଶ୍ରମିକ ଠିକାଦାର ଓ ଠିକା ସଂସ୍ଥା ଶହଶହ ଶ୍ରମଜୀବୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନାହାନ୍ତି। ଜାତୀୟ ରାଜପଥରେ ଦୈନିକ ନିଯୋଜିତ ହେଉଥିବା ଶ୍ରମିକଙ୍କୁ ଛାଡ଼ିଦେଲେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗର ରାସ୍ତା ତଥା ଅନ୍ୟାନ୍ୟ କୋଠାବାଡ଼ି ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କୁ ବେଆଇନ ଭାବେ ନିଯୁକ୍ତ କରାଯାଉଛି। ଏହା ଉପରେ ଜିଲ୍ଲା ଶ୍ରମ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।



### ମାଟି, ମେଟାଲରେ ତିଆରି ମେଡିକାଲ କଲେଜ ଡାକ୍ତରଖାନା ପଛ ଗେଟ୍ ରାସ୍ତା

# ୨ ବର୍ଷ ପରେ ବି ରାସ୍ତା ନିର୍ମାଣ ହେଲାନାହିଁ

ବଲାଙ୍ଗିର, ୧୪।୪(ସମିସ)



ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଅନେକ ବାଦ ବିବାଦ ଭିତରେ ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି। ବର୍ତ୍ତମାନ ନୂତନ ଡାକ୍ତରଖାନା ସମ୍ପୂର୍ଣ୍ଣ ଭାବେ ସ୍ଥାନାନ୍ତର ହେବା ସହ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି। ଏହା ଫଳରେ ଏହି ଡାକ୍ତରଖାନାରେ ଲୋକଙ୍କ ଭିଡ଼ ମଧ୍ୟ ସେହି ଅନୁସାରେ ଦିନକୁଦିନ ବଢ଼ିବାରେ ଲାଗିଛି। ମେଡିକାଲ କଲେଜ ଡାକ୍ତରଖାନାକୁ ଯିବାପାଇଁ ଦୁଇଟି ରାସ୍ତା ରହିଛି। ଗୋଟିଏ ରାସ୍ତା ଠିକ୍ ରହିଛି; କିନ୍ତୁ ଡାକ୍ତରଖାନାକୁ ଆସିବା କିମ୍ବା ବାହାରକୁ ଯିବା ପାଇଁ ରହିଥିବା ରାସ୍ତାର ଅବସ୍ଥା ନ କହିବା ଭଲ। ଆଜି ବି ଡାକ୍ତରଖାନାକୁ ଯିବା ପାଇଁ ରହିଥିବା ରାସ୍ତା ମେଟାଲ, ମାଟି ରାସ୍ତା ରହିଛି। ଦୀର୍ଘ ମାସ ହେଲା ଏହାକୁ ନିର୍ମାଣ କରିବା ପାଇଁ ଦାବି ହେଉଥିବା ବେଳେ ତାହା ହୋଇପାରିନାହିଁ।

ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ଲାଗି ଡାକ୍ତରଖାନା ନିର୍ମାଣ କରାଯାଇଛି। ଦୀର୍ଘ ଦିନର ଅପେକ୍ଷା ପରେ ପର୍ଯ୍ୟାୟ କ୍ରମେ ନୂତନ କୋଠାକୁ ମେଡିକାଲ କଲେଜ୍ ଡାକ୍ତରଖାନା ସ୍ଥାନାନ୍ତର ହୋଇଥିଲା। କିଛି ମାସ ହେଲା ଏହି ମେଡିକାଲ କଲେଜ ଡାକ୍ତରଖାନା ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୋଇଛି। ଏକ ବଡ କ୍ୟାମ୍ପସରେ ଏହା ନିର୍ମାଣ ହୋଇଥିବାବେଳେ ଦିନକୁ ଦିନ ରୋଗୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ବର୍ତ୍ତମାନ ଏହି ଡାକ୍ତରଖାନାକୁ ଯିବା ଆସିବା ପାଇଁ ରାସ୍ତା ସମସ୍ୟା ଦେଖିବାକୁ ମିଳିଛି। ଏହି ଡାକ୍ତରଖାନା ପାଇଁ ୨ଟି ମୁଖ୍ୟ ଗେଟର ବ୍ୟବସ୍ଥା ରହିଛି। ଗୋଟିଏ ମେଡିକାଲ କଲେଜ ଗେଟ ଭଳି ସିଧାସଳଖ ଲୋୟର ସୁକତେଲ କାର୍ଯ୍ୟାଳୟ ଦେଇ ବଲାଙ୍ଗିର-ପାଟଣାଗଡ଼ ରାସ୍ତାକୁ ସଂଯୋଗ କରୁଛି; ଯାହାକି ପ୍ରଶସ୍ତ ପିଚୁ ରାସ୍ତା ରହିଛି। ରାସ୍ତାରେ ଲାଇଟ୍ ମଧ୍ୟ ଲଗାଯାଇଛି। ସେହିପରି ଆଉ ଏକ ମୁଖ୍ୟ ରାସ୍ତା ଏବେ ବି ଠିକ ଭାବେ ନିର୍ମାଣ କରାଯାଇ ନ ଥିବା ଦେଖିବାକୁ ମିଳିଛି। ପଛପଟ ରାସ୍ତା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସଂଯୋଗ କରିବା ସହ ବଲାଙ୍ଗିର-ଟିଟିଲାଗଡ଼ ରାସ୍ତାକୁ ରିଂ ରୋଡ ରାସ୍ତା ଦେଇ ସଂଯୋଗ କରିଛି। ତେବେ ଡାକ୍ତରଖାନା ଗେଟ ପାଖରୁ ପ୍ରାୟ ଅଧା କିମି ରାସ୍ତା ଏବେ ବି ମାଟି ଓ ମେଟାଲ ରାସ୍ତା ରହିଛି। ଅଧା ରାସ୍ତା ପିଚୁ ରହିଥିବା ବେଳେ ଅଧା ମାଟି ରାସ୍ତା ରହିଛି। ତଥାପି ବହୁ ସଂଖ୍ୟାରେ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ବଲାଙ୍ଗିର - ଟିଟିଲାଗଡ଼ ପଟୁ ଆସୁଥିବା ରୋଗୀ ରିଂ ରୋଡରେ ଆସି ଏହି ରାସ୍ତା ଦେଇ ଡାକ୍ତରଖାନାକୁ ଯାଇଥାନ୍ତି। ସେହିପରି କଲେଜ ଛକ ଦେଇ ମଧ୍ୟ ରୋଗୀ ଏହି ରାସ୍ତାରେ ଡାକ୍ତରଖାନାକୁ ଯାଉଥିବା ଦେଖିବାକୁ ମିଳିଛି। ଏପରିକି ରୋଗୀଙ୍କ ସହ ଆମ୍ବୁଲାନ୍ସ ମଧ୍ୟ ଏହି ରାସ୍ତାରେ ଯିବା ଆସିବା କରୁଥିବା ବେଳେ ଖରାପ ରାସ୍ତା ଯୋଗୁଁ ଅନେକ ସମସ୍ୟା ଦେଖା ଦେଇଥିବା ଅଭିଯୋଗ ହୋଇଛି। ତେବେ ଡାକ୍ତରଖାନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଡାକ୍ତରଖାନାର ପଛପଟ ରାସ୍ତାର ମଧ୍ୟ ଉନ୍ନତିକରଣ କରିବାକୁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି; କିନ୍ତୁ ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନି।

- ବିଶ୍ୱବିଦ୍ୟାଳୟ ଓ ରିଂରୋଡକୁ ସଂଯୋଗ କରୁଛି
- ଅଧା କିମି ରାସ୍ତା ନିର୍ମାଣ ହୋଇନାହିଁ

---

- ଉଲ୍ଲୁଡିଗଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ନିକଟ ମିନିପାର୍କ

## ନିର୍ମାଣ ପରେ ରକ୍ଷଣାବେକ୍ଷଣ ନାହିଁ



ବଲାଙ୍ଗିର, ୧୪।୪(ସମିସ): ବଲାଙ୍ଗିର ଜିଲ୍ଲା ସରକାରୀ ଟଙ୍କାର ଅପବ୍ୟବହାର କ୍ଷେତ୍ରରେ ଅନେକ ସମୟରେ ଉଦାହରଣ ସୃଷ୍ଟି କରିଆସିଛି। ସରକାରୀ ତହବିଲରୁ ପ୍ରଥମେ ନିର୍ମାଣ କରିଦେଇ ପରବର୍ତ୍ତି ସମୟରେ ତାକୁ ପକାଇ ରଖିବା, ରକ୍ଷଣାବେକ୍ଷଣ ନ କରିବା ଭଳି ଅନେକ ଦୃଶ୍ୟ ବଲାଙ୍ଗିର ସହରରେ ଦେଖିବାକୁ ମିଳେ। ବଲାଙ୍ଗିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ନିକଟରେ ଥିବା ଏକ ମିନିପାର୍କ କିଛି ବର୍ଷ ଆଗରୁ ଉଦ୍‌ଘାଟନ ହୋଇଥିଲା; କିନ୍ତୁ ତାହା ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି। ପାର୍କଟି ଅନାବନା ଘାସରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଏହି ମିନିପାର୍କ ଭିତରେ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା। ପାଚେରି ସହ ଗେଟ ନିର୍ମାଣ କରାଯାଇଥିଲା। ଏହାର ଆଲୋକୀକରଣ ବ୍ୟବସ୍ଥା ମଧ୍ୟ କରାଯାଇଛି; କିନ୍ତୁ ଉଚିତ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଏବେ ଏହା ଅନାବନା ଘାସରେ ଭର୍ତ୍ତି ହୋଇସାରିଛି। ଆଲୋକୀକରଣ ଠିକ ଭାବେ କାମ କରୁଛି କି ନାହିଁ ତାହା ବି ସନ୍ଦେହ। ଭିତରକୁ କେହି ପ୍ରବେଶ କରୁଛନ୍ତି ନା ନାହିଁ ତାହା ମଧ୍ୟ ପ୍ରଶ୍ନ; କିନ୍ତୁ ଯେଉଁ ଉଦ୍ଦେଶ୍ୟ ନେଇ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ତାହା ସାଧିତ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଏହା ସରକାରୀ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟ ବଢ଼ାଇବା ବଦଳରେ ଏହା ଅସୁନ୍ଦର କରିଛି। ତେବେ ଏହା କାହା ସ୍ୱାର୍ଥରେ ନିର୍ମାଣ ହୋଇଥିଲା, କେଉଁ ବିଭାଗ ଦ୍ୱାରା ଏହା ନିର୍ମାଣ କରାଯାଇଛି, କେତେ ଟଙ୍କାରେ ନିର୍ମାଣ କରାଯାଇଥିଲା, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏହାକୁ ଦେଖିଲେ ଏହା କେବଳ ସରକାରୀ ଅର୍ଥର ଅପବ୍ୟବହାର ବୋଲି ଲୋକେ ଅଭିଯୋଗ କରିଛନ୍ତି। ଯଦି ଏହି ପାର୍କ ସତରେ ଆବଶ୍ୟକତା ରହିଛି ତେବେ ଏହାକୁ ପୁନରୁଦ୍ଧାର କରିବା ଓ ବ୍ୟବହାର ଉପଯୋଗୀ କରିବା ଦିଗରେ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

- ଅନାବନା ଘାସରେ ଭର୍ତ୍ତି ବଗିଚା
- ପ୍ରଶାସନିକ ଅଧିକାରୀଙ୍କ ଆଖି ସାମ୍ନାରେ ଥାଇ ବି କାହାରି ଦୃଷ୍ଟି ପଡୁନି
- ସରକାରୀ ଟଙ୍କାର ଖୋଲା ଅପବ୍ୟବହାର ଅଭିଯୋଗ

---

### ସିଏମ୍ ଟ୍ରଫି-୨୦୨୬ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

## ବାଳକରେ ଆଗଲପୁର, ବାଳିକାରେ ଦେଓଗାଁ ଚାମ୍ପିଅନ



ବଲାଙ୍ଗିର, ୧୪।୪(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ଭଲିବଲ ଚାମ୍ପିଅନସିପ୍-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ବାଳିକା ବର୍ଗରେ ସଇଁତଲାକୁ ହରାଇ ଦେଓଗାଁ ଚାମ୍ପିଅନ ହୋଇଛି। ସେହିପରି ବାଳକ ବର୍ଗରେ ବଙ୍ଗୋମୁଣ୍ଡାକୁ ହରାଇ ଆଗଲପୁର ଚାମ୍ପିଅନ ହୋଇଛି। କ୍ରିଡ଼ା ସଂସଦର ସଭାପତି ଡା. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଖେଳାଳି ସୁନିଲ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ଭଲିବଲ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ସହ-ସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ ସମ୍ପାଦକ ଶରତ ନନ୍ଦ, ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର ବାରିକ, କୈଳାସ ଚନ୍ଦ୍ର ନାଏକ, ଦେବାଶିଷ ମହାପାତ୍ର, ସୁବାଷ ସୁନା ଓ ବିକାଶ ଦାସ ପରିଚାଳନା କରିଥିଲେ। ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।




---

## କୁଆପଥର ମାଡରେ ଜୀବିକା ହରାଇଲେ କେନ୍ଦୁପତ୍ର ତୋଳାଳି

ବେଲପଡ଼ା, ୧୪।୪(ସମିସ) : ବେଲପଡ଼ା ବ୍ଲକ ଧଉରାଖମଣ ଓ ତୁରକେଲା ସେକ୍ସନ ଅଞ୍ଚଳରେ ଗତ ୬ ତାରିଖ ଅପରାହ୍ନ ୨ଟାରେ ପ୍ରବଳ ଝଡ଼ତୋଫାନ ସହ କୁଆପଥର ମାଡ଼ ହୋଇଛି। ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ଚାଷ ନଷ୍ଟ ହୋଇଛି। ବିଶେଷ ଭାବେ ଜଙ୍ଗଲରେ କେନ୍ଦୁପତ୍ର ନଷ୍ଟ ହୋଇଛି। ସ୍ଥାନୀୟ ଜଙ୍ଗଲ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଅନେକ ଗରିବ ପରିବାର ଏବେ ବେସାହାରା ହୋଇପଡ଼ିଛନ୍ତି। ଲୋକଙ୍କୁ ରୋଜଗାର ଯୋଗାଉଥିବା କେନ୍ଦୁପତ୍ର କରାମାଡ଼ରେ ନଷ୍ଟ ହୋଇଛି। ଏହାଦ୍ୱାରା ଏବେ ଅନେକ ଗରିବ ପରିବାର ରୋଜଗାର ପାଇବାରୁ ବଞ୍ଚିତ ହେବେ।

- ଚୋରା ଚାଲାଣ ବେଳେ ବନ ବିଭାଗର ଚଢ଼ଉ

## କେନ୍ଦୁଗଣ୍ଡି ଭର୍ତ୍ତି ମିନିଟ୍ରକ୍ ସହ କାର୍ ଜବତ

- ଡ୍ରାଇଭର ଫେରାର, ୫ ଅଭିଯୁକ୍ତ ଗିରଫ;
- ପଶ୍ଚିମବଙ୍ଗ ଯାଉଥିଲା ୭୦ କ୍ୱିଣ୍ଟାଲ କେନ୍ଦୁଗଣ୍ଡି

ବଲାଙ୍ଗିର, ୧୪।୪(ସମିସ): ବଲାଙ୍ଗିରରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ୭୦ କୁଇଣ୍ଟାଲ କେନ୍ଦୁକାଠ ଜବତ ହୋଇଛି। ବଲାଙ୍ଗିର ସଦର ରେଞ୍ଜ ସିନଖମନ ନିକଟରେ ଏହି କାଠ ଚାଲାଣ ହେଉଥିବା ଏକ ମିନି ଟ୍ରକ୍‌କୁ ବନ ବିଭାଗ ଧରିଛି। ସେହିପରି ଏହି ମିନି ଟ୍ରକ୍‌କୁ ଏସ୍କର୍ଟ ଦେଉଥିବା ଏକ କାର (ଓଡ଼ି ୦୨ ସି ୦୮୦୯) ଜବତ ହୋଇଛି। ଏଥିରେ ଥିବା ୫ ଜଣଙ୍କୁ ଗିରଫ କରିଛି।



ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବରଗଡ଼ ଲୋକନାଥ ସାବତ(୩୫), ସୁରେଶ ଭୋଇ(୪୪), ସୁଶୀଲ ସେଠ(୪୫), ଦେବେନ୍ଦ୍ର ମହାପାତ୍ର(୫୬) ଓ ବଲାଙ୍ଗିର ସତୀଘାଟ ଅଞ୍ଚଳର ମାନସ ଖମାରୀ (୩୫)। ଗତ କିଛି ବର୍ଷ ହେଲା ବଲାଙ୍ଗିରରୁ ବହୁ ପରିମାଣର କେନ୍ଦୁଗଣ୍ଡି ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ସୋମବାର ରାତିରେ ଖବର ପାଇ ବନ ବିଭାଗ ଚଢ଼ଉ କରିଥିଲା। ବନ ବିଭାଗ ଟିମ୍‌କୁ ଦେଖି ଗାଡ଼ିଟି ଆହୁରି ଦ୍ରୁତଗତିରେ ଫେରାର ମାରିବାକୁ ଚେଷ୍ଟା କରିଥିଲା। ରାସ୍ତାରେ ଏକ ଟ୍ରକ୍ ସହ ଦୁର୍ଘଟଣା ଘଟିବା ପରେ ଡ୍ରାଇଭର ଗାଡ଼ିରୁ ଡେଇଁ ପଳାଇଥିଲା। ସଦର ରେଞ୍ଜର ନବୀନ ପଣ୍ଡାଙ୍କ ନେତୃତ୍ୱରେ କର୍ମଚାରୀ ଚଢଉ କରିଥିଲେ।

## ଦେଓଗାଁ ବ୍ଲକର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ



ଦେଓଗାଁ, ୧୪।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ହନୁମାନ ଜୟନ୍ତୀ ଉତ୍ସବ ପରିଚାଳନା କମିଟି ଆନୁକୂଲ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପ୍ରହଲ୍ଲାଦ ରଣାଙ୍କ ଦଳ ଦ୍ୱାରା କୀର୍ତ୍ତନ ଧାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସମେତ କର୍ମଚାରୀ ତଥା ଆଖପାଖର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ନରେନ୍ଦ୍ର ବିଶ୍ୱାଳ, କିରଣ ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ, ହିରେନ୍ଦ୍ର ବିଶ୍ୱାଳ, ସନତ ସାହୁ, ଅନନ୍ତ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ବଙ୍ଗଳାଛକରେ ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାୟିକା ଭାବେ ସବିତା ପଣ୍ଡା ଯୋଗ ଦେଇଥିଲେ। ମୁରସିଂ ବଜରଙ୍ଗଦଳ ତରଫରୁ ବଙ୍ଗଳା ଛକରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମୁରସିଂ ଗ୍ରାମବାସୀଙ୍କ ଆୟୋଜନ କ୍ରମେ ସ୍ଥାନୀୟ ହନୁମାନ ପୀଠରେ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ବ୍ୟାସଭାବେ ଲୋକନାଥ ମିଶ୍ର ଯୋଗ ଦେଇଥିଲେ। ସାଲେପାଲିରେ ସ୍ଥାନୀୟ ବଜରଙ୍ଗ ଦଳ ତରଫରୁ ହନୁମାନ ମନ୍ଦିର ପ୍ରାଙ୍ଗଣରେ ହନୁମାନ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ବନ୍ଧପଡ଼ାରେ ଯୁବନେତା ଅମିତ ସିଂ ନିନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗ୍ରାମରିକ୍ରମା କରିଥିଲା। ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ବଜରଙ୍ଗବଳୀ ଛକଠାରେ ହନୁମାନ ପାଳିତ ହୋଇଥିଲା। ବସଷ୍ଟାଣ୍ଡ ନିକଟସ୍ଥ ହନୁମାନ ମନ୍ଦିରଠାରେ ମଧ୍ୟ ସ୍ଥାନୀୟ ନାଗେଶ୍ୱର ଯୁବକ ସଂଘ ତରଫରୁ ହନୁମାନ ଜୟନ୍ତୀ ପାଳନ କରାଯାଇଥିଲା।

---

# ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ










ବଲାଙ୍ଗିର, ୧୪।୪(ସମିସ)

ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ସକାଳ ସାଢେ ୭ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ସମୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ପ୍ରମୁଖ ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଅନ୍ୱେଷା ହଷ୍ଟେଲ ହଲରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ପିଏମ୍‌ଶ୍ରୀ ଜିଲ୍ଲା ସଂଯୋଜକ ଖଗେଶ୍ୱର ମହାକୁର ଓ ଅନ୍ୱେଷା ହଷ୍ଟେଲର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଚରିତା ଠାକୁର ଉପସ୍ଥିତ ଥିଲେ। ଡ. ଆମ୍ବେଦକରଙ୍କ ଜୀବନାଦର୍ଶ, ସଂଘର୍ଷ ଓ ଗାରିମାମୟ ଜୀବନୀ ତଥା ତାଙ୍କ ଦ୍ୱାରା ପ୍ରଣିତ ଭାରତୀୟ ସମ୍ବିଧାନ ସମ୍ପର୍କରେ ଅତିଥିବମାନେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଓଡିଆ ପ୍ରବନ୍ଧ ପ୍ରତିଯୋଗିତାରେ ପୃଥିରାଜ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ପଟେଲ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନସୀରାଣୀ ଦାସ ଦ୍ୱିତୀୟ ଓ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୋହାନା ନାଗ ତୃତୀୟ ହୋଇଥିଲେ। ମହାବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ନିକିତା ସିଂହ ପ୍ରଥମ, ବିଶ୍ୱଦିନୀ ବିଶ୍ୱାଳ ଦ୍ୱିତୀୟ ଓ ଅନିଶା ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର କନିଷ୍ଠ ରାଜସ୍ୱ ସହାୟକ ପୁରୁଷୋତ୍ତମ ମୁନା ଧନ୍ୟବାଦ ଜଣାଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ବଲାଙ୍ଗିର ପୌରପରିଷଦ ଓ ଅନ୍ୱେଷା ଛାତ୍ରାବାସର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମଧ୍ୟ ୧୩୫ତମ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ବିଭୂତି ଭୂଷଣ ମଲିକ, ଡକ୍ଟର ପ୍ରତାପ ଦାଶ (ଅଧ୍ୟକ୍ଷ, ସ୍ନାତକୋତ୍ତର ପରିଷଦ), ହର ପ୍ରସାଦ ଭୋଇ (କୁଳସଚିବ), ଏବଂ ଡକ୍ଟର ବୀରେନ୍ଦ୍ର ସୁନା (ସହକାରୀ ପ୍ରଫେସର, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା) ପ୍ରମୁଖ ଯୋଗ ଦେଇଥିଲେ। ଭର୍ଚୁଆଲ୍ ଅଧିବେଶନରେ, ପ୍ରଫେସର ଡକ୍ଟର ବି.ସି. ଚୌଧୁରୀ (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ) ଏବଂ ଡକ୍ଟର ପଙ୍କଜ ଦୀପ (ଇଗ୍ନୋ, ନୂଆଦିଲ୍ଲୀ) ସାମିଲ ହୋଇଥିଲେ। ସହକାରୀ ପ୍ରଫେସର ଡକ୍ଟର ମନୋଜ ନାଗ ପରିଚାଳନା କରିଥିଲେ। ରାଜନୀତି ବିଭାଗ ମୁଖ୍ୟ ସାରିକା ବିଲୁଙ୍ଗ ଏବଂ ସହକାରୀ ପ୍ରଫେସର ଡକ୍ଟର ଶିବରାମ ବାଉତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟୋମକେଶ ଦତ୍ତ ତ୍ରିପାଠୀ ସାମାଜିକ ନ୍ୟାୟ ଏବଂ ବୁଦ୍ଧମୟ ଭାରତରେ ଆମ୍ବେଦକରଙ୍କ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଧରିତ୍ରୀ ପ୍ରଧାନ, ପ୍ରଭାସିନୀ ଭୋଇ ଏବଂ ପ୍ରିୟା ବାଗ୍ ସଂରକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ବଂଶୀଧର ଦୀପ, ଡକ୍ଟର ଦେବ ଦଣ୍ଡସେନା, ସରସ୍ୱତୀ ସାନଖୁଆ, ଡକ୍ଟର ସୁବ୍ରତ କାଲୋ ଏବଂ ଶହ ଶହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସାଲେପାଲିର ଡ. ବି.ଆର. ଆମ୍ବେଦକର ଫାଉଣ୍ଡେସନ ତରଫରୁ ମଧ୍ୟ ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଦକଙ୍କ ଜନ୍ମ ଦିନ ପାଳିତ ହୋଇଛି। ପାଣ୍ଡବ ଚରଣ କୁମ୍ଭାର ସଭାପତିତ୍ୱ କରିଥିଲେ। ଫାଉଣ୍ଡେସନର ସାଧାରଣ ସମ୍ପାଦକ ଆକାଶ ସାଗଙ୍କ ନେତୃତ୍ୱରେ ଆମ୍ବେଦକରପ୍ରେମୀ ଫାଉଣ୍ଡେସନଠାରେ ଡ. ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏକ ବିଶାଳ ପଦଯାତ୍ରା କରିଥିଲେ। ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଡ. ଆମ୍ବେଦକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଈଶ୍ୱର ନନ୍ଦ, ଅର୍ଜୁନ ନାଗ, ଦଣ୍ଡୁଆ କୁମ୍ଭାର, ବିରେନ୍ଦ୍ର ରାଏ, ସୁଶାନ୍ତ ନନ୍ଦ, ରମେଶ ଚନ୍ଦ୍ର ନାଗ, ପ୍ରମୋଦ ବହଦାର, ଲୋକନାଥ ସୁନା, ପ୍ରଭାତ ବାରିକ, ରବି ସୁନା, କ୍ରିଷ୍ଣା ପାତ୍ର, ହରି ନନ୍ଦ, ନବୀନ ବାଗ, ହାରାଧନ କୁମ୍ଭାର, କୁନା ବାଗ, ଡାକ୍ତର ସୁନା, ପ୍ରଭାତ ବାରିକ, ସୁଦାମ ସୁନା, ସମ୍ବୋଦର ମହାନନ୍ଦ, ଶରତ ଦୀପ, ପ୍ରତାପ ସିଂ କୁମ୍ଭାର ପ୍ରମୁଖ ସାମିଲ ଥିଲେ।

**ଦେଓଗାଁ:** ଦେଓଗାଁ କଛାରପାଲି ଓ ମହଲାଇ ପଞ୍ଚାୟତ ଅଧୀନ ବଗଡ଼ାରେ ବାବା ସାହେବ ଡ. ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ଦେଓଗାଁ କଛାରପାଲି ଅମ୍ବେଦକର ନଗରର କର୍ମକର୍ତ୍ତା ଏକ ବିରାଟ ଶୋଭାଯାତ୍ରାରେ ବାହାରି ଦେଓଗାଁ ଓ କଛାରପାଲି ଗାଁ ପରିକ୍ରମା କରିଥିଲେ। ସ୍ଥାନୀୟ ନେହେରୁ ଖେଳପଡ଼ିଆରେ ସଭା ଆୟୋଜନ ହୋଇଥିଲା। ବଗଡ଼ା ହାଇସ୍କୁଲପଡ଼ାଠାରେ ମଧ୍ୟ ଡ. ବି. ଆର ଅମ୍ବେଦକର ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୁଲ୍ୟରେ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ହାତୀସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ୩୭୫ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

## ବିକାଶମୂଳକ ପ୍ରକଳ୍ପ ନିର୍ବାଚନମଣ୍ଡଳୀର ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବ:ଧର୍ମେନ୍ଦ୍ର




କୁଚିଣ୍ଡା, ୧୪।୪ (ସମିସ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା କୁଚିଣ୍ଡା, ବାମରା ଏବଂ ଜମନକିରା ଅଞ୍ଚଳ ପାଇଁ ପ୍ରାୟ ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଲାଭାର୍ଥୀଙ୍କୁ ସରକାରୀ ଯୋଜନା ହସ୍ତାନ୍ତର କରିଛନ୍ତି।

କୁଚିଣ୍ଡା ଓ ବାମରାଠାରେ ଆୟୋଜିତ ପୃଥକ୍ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କୁଚିଣ୍ଡାଠାରେ ନୂତନ ଉପଖଣ୍ଡ ଚିକିତ୍ସାଳୟ ଭବନର ଭୂମିପୂଜନ କରି ଶ୍ରୀ ପ୍ରଧାନ କହିଥିଲେ, ପ୍ରାୟ ୫୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଏବଂ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ସ୍ଥାନୀୟ ଅଞ୍ଚଳର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ। ଏଥିସହ ୫ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ଯାତ୍ରା ପଡ଼ିଆ ଓ କୁଣ୍ଡାପୋଷି ଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ଏବଂ ୬ କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି। ଆଜି ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ମଜଭୂତ୍ କରିବ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗମନାଗମନ ସହ ଅନ୍ୟାନ୍ୟ ସାମାଜିକ ଭିତ୍ତିଭୂମିଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି।

କୁଚିଣ୍ଡା ଭଳି ଜନଜାତି ବହୁଳ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମିର ଉନ୍ନତି କରିବା ଆମ ଡବଲ ଇଞ୍ଜିନ ସରକାରଙ୍କ ପ୍ରାଥମିକତା ହୋଇଛି। ପ୍ରତିଟି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ସହ 'ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ' ମାଧ୍ୟମରେ ଚାଷ ଜମିକୁ ପାଣି ଯୋଗାଇବା ଆମର ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ବାମରାରେ ରେଳ ଓଭରବ୍ରିଜ୍ ସହ ବଜାର ଅଞ୍ଚଳ ପାଇଁ ଏକ ଅଣ୍ଡରପାସ୍ ନିର୍ମାଣ କରାଯିବାର ପ୍ରୟାସ ଜାରି ରହିଛି। କୁଚିଣ୍ଡାର 'ଲଙ୍କା ଚାଷ'କୁ ପୁଣିଥରେ ବ୍ୟବସାୟିକ ଭିତ୍ତିରେ ପ୍ରୋତ୍ସାହନ ଦେଇ ଚାଷୀ ଭାଇମାନଙ୍କ ରୋଜଗାର ବଢ଼ାଇବା ଦିଗରେ ସାମୂହିକ ଉଦ୍ୟମ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଗସ୍ତ କ୍ରମରେ ଶ୍ରୀ ପ୍ରଧାନ କୁଚିଣ୍ଡା ରାମଜୀପଡ଼ାସ୍ଥିତ ଆମ୍ବେଦକର ଛକଠାରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବାମରା ଗୋବିନ୍ଦପୁରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଏବଂ କବରିବାହାଲ ସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରି ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ସେ ଗୋବିନ୍ଦପୁରଠାରେ ଆୟୋଜିତ ନାମଯଜ୍ଞରେ ମଧ୍ୟ ସାମିଲ ହୋଇଥିଲେ। ଗସ୍ତ ସମୟରେ ଲଙ୍କା ଚାଷୀ ଗଗନ ବାବୁ ଓ ସୁରମା ଭଉଣୀଙ୍କୁ ଭେଟି ସେମାନଙ୍କ ପରିଶ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି



ରେଢ଼ାଖୋଲ, ୧୪।୪(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପୁରପଲ୍ଲୀରେ ମହାବିଷୁବ ପଣା ସଂକ୍ରାନ୍ତି ତଥା ମେରୁପର୍ବ ପାଳିତ ହୋଇଯାଇଛି। ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ଦଣ୍ଡ ନୃତ୍ୟ ଦଳମାନେ ବିଭିନ୍ନ ସାହି, ପଡ଼ା ବୁଲି ବୁଲି ପ୍ରଦକ୍ଷଣା କରି ବନ୍ଦାଣ ଘେନି ଥିଲେ। ପରେ ରେଢ଼ାଖୋଲ ମାଳିସାହିସ୍ଥିତ ପୁରାତନ ବାବା କାଶୀ ବିଶ୍ୱନାଥ ଶିବ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଦଣ୍ଡ ନୃତ୍ୟ ଦଳ ମାନେ ପାଣି ଦଣ୍ଡ ଉପସ୍ଥାପନ କରି ଜନସାଧାରଣଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ।ସେହିପରି ଚାରମାଳସ୍ଥିତ ଖୁବେଲ ବାବା କପିଳେଶ୍ୱର ଶିବ ମନ୍ଦିରରେ ପଣାସଂକ୍ରାନ୍ତି ତଥା ମେରୁ ପର୍ବ ପାଳିତ ହୋଇଯାଇଛି। ଗଣେଶନଗର ସ୍ଥିତ ବିନାୟକ କ୍ଲବ୍ ପକ୍ଷରୁ ଜନସାଧାରଣଙ୍କ ପାଇଁ ପଣା ପ୍ରସ୍ତୁତ କରାଯାଇଥିଲା। ସେହିପରି ଖନ୍ଦାଡ଼ିପସ୍ଥିତ ଲକ୍ଷ୍ମୀ ମଣ୍ଡପ, ଜଗନ୍ନାଥ ମନ୍ଦିର, ରାମ ମନ୍ଦିର ପ୍ରମୁଖ ସହିତ ବିଭିନ୍ନ ପଡ଼ା ଏବଂ ମନ୍ଦିରରେ ପଣା ବ୍ୟବସ୍ଥା କରାଯାଇଥିଲା।

## ମଙ୍ଗଳୁଚରଣ ବିଶ୍ୱାଳ ସ୍ମୃତି କମିଟି ବୈଠକ

ସମ୍ବଲପୁର, ୧୪।୪(ସମିସ): ସମ୍ବଲପୁର ଜିଲ୍ଲା ପରମାଣପୁରରେ ସମ୍ବଲପୁରୀ ସାହିତ୍ୟ ପତ୍ରିକା 'ଉଦିଆଁ' ତରଫରୁ ଡ.ମଙ୍ଗଳୁ ଚରଣ ବିଶ୍ୱାଳ ସ୍ମୃତି କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟ ସାଧକ, ସୁନାମଧନ୍ୟ ନାଟ୍ୟକାର ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କ ଗ୍ରାମ ବାରଡୁଙ୍ଗୁରି ଛକରେ ସ୍ଥାପନ ଏବଂ ଏହି ଛକକୁ 'ମଙ୍ଗଳୁ ଆଜ୍ଞା ଛକ' ନାମରେ ନାମିତ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।



ଆସନ୍ତା ବର୍ଷ ମେ ୪ ତାରିଖ ସୁଦ୍ଧା କାର୍ଯ୍ୟ ସମ୍ପନ୍ନ କରାଯିବ ଏବଂ ଏଠାରେ ସାହିତ୍ୟିକଙ୍କ ନାମରେ ପାଠାଗାର ମଧ୍ୟ ସ୍ଥାପନ କରାଯିବ। ପରମାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୈଳାସ ଚନ୍ଦ୍ର ବାରିକ ମୁଖ୍ୟଅତିଥି ଏବଂ ଡକ୍ଟର ଗୌରୀଦାସ ପଧାନ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। 'ଉଦିଆଁ' ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମୁଖ୍ୟ ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜନ୍ମବାର୍ଷିକୀ ପାଳନ ଅବସରରେ ସାହିତ୍ୟ ଏବଂ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଅଞ୍ଚଳର ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରତିବର୍ଷ 'ମଙ୍ଗଳୁ ଚରଣ ବିଶ୍ୱାଳ ସ୍ମୃତି ସମ୍ମାନ' ପ୍ରଦାନ କରିବା ପାଇଁ ଆଲୋଚନା ହୋଇଥିଲା। ଶେଷରେ 'ଉଦିଆଁ'ର କାର୍ଯ୍ୟକାରୀ ସମ୍ପାଦକ କାଳନ୍ଦୀ ପ୍ରତାପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି



କୁଚିଣ୍ଡା, ୧୪।୪(ସମିସ) : କୁଚିଣ୍ଡା ଅଞ୍ଚଳର ସମସ୍ତ ହନୁମାନ ମନ୍ଦିରରେ ମହାବୀର ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। କୁଚିଣ୍ଡା ଉପକାରାଗାର ପାଖରେ ଥିବା ହନୁମାନ ମନ୍ଦିର ପୂଜା କମିଟି ପକ୍ଷରୁ ଧାଡି ଦର୍ଶନ ବ୍ୟବସ୍ଥା କରାଯାଇ ଦର୍ଶନାର୍ଥିଙ୍କୁ ପଣା ବଣ୍ଟନ କରାଯାଇଥିଲା। ସେହିପରି ବସଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିରରେ ମହାବୀର କମିଟି ପକ୍ଷରୁ ପୂଜାର୍ଚ୍ଚନା ଦର୍ଶନାର୍ଥୀଙ୍କୁ ପଣା ବଣ୍ଟନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ବିରାଟ ଝଣ୍ଡାକୁ ପରିକ୍ରମା କରାଯାଇଥିଲା। ସନ୍ଧ୍ୟା ର ବିରାଟ ହନୁମାନ ଝଣ୍ଡାକୁ ସୁସଜ୍ଜିତ କରି ଓ ଜୁଗାରକୁ ବିଭିନ୍ନ ସାଂସ୍କୃତିକ ଶୋଭାଯାତ୍ରା, ଘଣ୍ଟ ଘଣ୍ଟା ଦୁଲଦୁଲି ବାଦ୍ୟର ତାଳେ ତାଳେ ହନୁମାନପ୍ରେମୀ ସହର ପରିକ୍ରମା କରିଥିଲେ। କୁଣ୍ଡାପୋଷି ହନୁମାନ ମନ୍ଦିର, ହସ୍ପିଟାଲ ପଛ ପାଖ ହନୁମାନ ମନ୍ଦିର, ସିଂକଲ ପୋଷୀ ହନୁମାନ ମନ୍ଦିର ପତ୍ରପାଲି ପାହାଡ଼ ଉପରେ ଥିବା ବିରାଟ ହନୁମାନ ପ୍ରତିମୂର୍ତ୍ତି ଆଦିରେ ପୂଜାର୍ଚ୍ଚନା କରାଯାଇଥିଲା।

**ଜମନକିରା :** ଜମନକିରାରେ ହନୁମାନ ଜୟନ୍ତୀ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ହିନ୍ଦୁ ଏକତା ଜାଗରଣ ଉଦ୍ଦେଶ୍ୟରେ ସୁସଜ୍ଜିତ ରଥରେ ରାମ, ଲକ୍ଷ୍ମଣ, ହନୁମାନ ବେଶରେ ସଜ୍ଜିତ କଳାକାରଙ୍କ ସହ ବ୍ରତଧାରୀମାନେ ହନୁମାନପଡ଼ାରୁ ବାହାରି ବ୍ଲକ ଛକ ପହଞ୍ଚି ଥିଲେ। ସେଠାରୁ ବସଷ୍ଟାଣ୍ଡ ଦେଇ ରାଧାକୃଷ୍ଣପଡ଼ା ପହଞ୍ଚି ସେଠାରେ ମଧ୍ୟ ବିଭିନ୍ନ ଅଘୋରି କଳା ପ୍ରଦର୍ଶନ କରି ଥିଲେ।ରାଜଗ୍ୟାଙ୍ଗପୁର ବିଲେଇଗଡ଼ର ପିଲାଙ୍କ ମଧ୍ୟରେ ବାଡି ଖେଳ, ନିଆଁ ଖେଳ, ବାର ଲାଇଟ୍ ଭଙ୍ଗା, ଗାଡ଼ି ଚାଳନା, ଇଟା ଭଙ୍ଗା ପ୍ରଭୃତି ଖେଳ କରିଥିଲେ। ଜମନକିରା ରାଧାକୃଷ୍ଣ ପଡ଼ା ହନୁମାନ ମନ୍ଦିରରେ ପୂଜା କରାଯାଇଥିଲା। ବ୍ଲକ ଛକ ହନୁମାନ ମନ୍ଦିରରେ କର୍ତ୍ତା ଭାବରେ ସୁଚିତ କୁମାର ସ୍ୱାଇଁ ରହିଥିବା ବେଳେ ପୂଜକ ତପନ କୁମାର ଦାଶ ପୂଜା କରିଥିଲେ। ମନ୍ଦିର ପୂଜକ ବିନୋଦ ମହାପାତ୍ର ସହଯୋଗରେ ପୂଜା ସମାପନ ହୋଇଥିଲା। ପୂଜା କମିଟି ସଭାପତି ସତ୍ୟ ନାରାୟଣ ସାହୁ ଓ ସମ୍ପାଦକ ରାମ ନାରାୟଣ ସାହୁ, କୋଷାଧ୍ୟକ୍ଷ ସତ୍ୟ ପ୍ରିୟ ମହାପାତ୍ର ସହ ଦୁର୍ଗାଚରଣ ରଣା, ସତ୍ୟନାରାୟଣ ପଣ୍ଡା, ମୁରଲୀ ଧର ରାଉତ, ଶ୍ରୀବତ୍ସ ସାହୁ, ରୋହନ ସାହାଣୀ, ସୁଦାମ ବଗତ୍ତି, ଭାଗବତିଆ ପଧାନ ସହିତ ମହାବୀର ଯୁବକ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

**ନାକଟିଦେଉଳ :** ଓଡ଼ିଆ ନବବର୍ଷ ଓ ପବିତ୍ର ହନୁମାନ ଜୟନ୍ତୀ ଅବସରରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀ ରାମଚନ୍ଦ୍ର ଫୋଟ ଚିତ୍ର ସହିତ ହନୁମାନଙ୍କ ଚାଳିଶା ଗାନ କରି ଗୋଧିପ ଲକ୍ଷ୍ମୀ ମଣ୍ଡପ ଛକରୁ ସରାପାଲି ଉପରମୁଣ୍ଡା, ବଳମ, କଞ୍ଚନପୁର ଦେଇ କିସିଣ୍ଡା ହନୁମାନ ମନ୍ଦିର ପର୍ଯ୍ୟନ୍ତ ବାଇକ୍ ଶୋଭଯାତ୍ରା ପରିକ୍ରମା କରିଥିଲା। ଶୋଭଯାତ୍ରାରେ ମୁଖ୍ୟ ପରିଚାଳକ ଭାବେ ଯୁବ ନେତା ମନୋରଞ୍ଜନ ସାହୁ, ନୀଳାମ୍ବର ସାହୁ, ପ୍ରମୋଦ ସାହୁ, ଶ୍ରୀପତି ସାହୁ, ଭାଗ୍ୟରଥି ଗଡ଼ତ୍ୟା ପ୍ରମୁଖ ଅନେକ ବ୍ୟକ୍ତି ବିଶେଷ ଯୋଗ ଦେଇ ଥିଲେ।



# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆମ୍ବେଦକର ଜୟନ୍ତୀ

## ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୧୪।୪ (ସମିସ) : ଭାରତୀୟ ସମ୍ବିଧାନର ସ୍ଥପତି, ସାମାଜିକ ନ୍ୟାୟର ପ୍ରବକ୍ତା ସମାଜ ସୁଧାରକ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ସକାଳେ ସ୍ଥାନୀୟ ମୁଦିପଡ଼ା ଛକସ୍ଥିତ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମାତୃଭୂମି ପ୍ରତି ତାଙ୍କର ସମର୍ପଣ, ଅସୀମ ତ୍ୟାଗ ତଥା ସମାଜର ବଞ୍ଚିତ, ଅବହେଳିତ, ଦଳିତ ବର୍ଗ ଏବଂ ମହିଳା ମାନଙ୍କର ସମାଜିକ ଉତ୍‌ଥାନ ପାଇଁ ନିରନ୍ତର ପ୍ରୟାସର ସ୍ମୃତିଚାରଣ କରାଯାଇଥିଲା। ବିଜୁ ଜନତା ଦଳର ବରିଷ୍ଠ ନେତା ବସନ୍ତ କୁମାର ମିଶ୍ର, ବେଣୁଧର ଦାସ, ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାଶ, ପ୍ରହଲ୍ଲାଦ ଗୁରୁ, ମହମ୍ମଦ ଇସାକ, ସୁକେଶ ସିଂ, ପ୍ରଶାନ୍ତ ନାୟକ, କିଶୋର ମୁଣ୍ଡା, ଆଶିଷ ମହାନନ୍ଦ, ଯୁବନେତା ଧର୍ମରାଜ ମରେଇ, ରୁଦ୍ର ପ୍ରସାଦ ଷଡ଼ଙ୍ଗୀ, ରବି ସେନାପତି, ଦୁଲାଲ ରାୟ, ଯୁବରାଜ, ଗିରୀଶ ରାଉତ, କୌଶିକ, ମହିଳା ନେତ୍ରୀ ଡଃ ସଂଯୁକ୍ତା ମେହେର, ସଙ୍ଗୀତା ସ୍ୱାଇଁ, ସସ୍ମିତା ଦୀପ, ନୀଳିମା ମଲ୍ଲିକ, ନନ୍ଦିନୀ ପ୍ରଧାନ, ରାଣୀ ବେଗମ, ବିଜୟଲକ୍ଷ୍ମୀ ଯାଦବ ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।



## ଜିଲ୍ଲା କଂଗ୍ରେସ

ସମ୍ବଲପୁର, ୧୪।୪(ସମିସ): ଆମ୍ବେଦକରଙ୍କ ଜୟନ୍ତୀ ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଜିଲ୍ଲା କଂଗ୍ରେସ ସଭାପତି ଅମିତ କୁମାର ଗୁରୁଙ୍କ ସଭାପତିତ୍ୱରେ ହୋଇଥିଲା। ବାବା ସାହେବଙ୍କ ଜୀବନୀ ଓ ଦର୍ଶନ ଉପରେ ବକ୍ତାମାନେ ଆଲୋକପାତ କରିବାସହ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଜୟଶଙ୍କର ମିଶ୍ର, ବୟୋଜ୍ୟେଷ୍ଠ ନେତା ନିରଞ୍ଜନ ଷଣ୍ଢ, ହୀରାକୁଦ ଟାଉନ ସଭାପତି ରବି ରାଉତ, ଜିଲ୍ଲା ଉପସଭାପତି ଜିତେନ ମହାନନ୍ଦ, ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ଅନୁସୂଚିତ ଜାତି ବିଭାଗ ଜିଲ୍ଲା ସଭାପତି ପ୍ରମୋଦ ଛୁରିଆ, ଅନୁସୂଚିତ ଜାତି ବିଭାଗର ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୟ ଛୁରିଆ, ସମ୍ବଲପୁର ଟାଉନ ସଭାପତି ସଞ୍ଜୀବ ଗର୍ଡ଼ିଆ, ଜିତେନ୍ଦ୍ର ପ୍ରଧାନ, ଏମ୍‌ଡି ମୁକ୍ତାର, ଓକିଲ ଚୌଧୁରୀ, ସଦାନନ୍ଦ ବରାଳ, ସରୋଜ ପୂଜାରୀ, ସୁମିତ ନାଏକ ପ୍ରମୁଖ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।



## ପ୍ରୋଗ୍ରେସିଭ ସମ୍ବଲପୁର



ସମ୍ବଲପୁର, ୧୪।୪ (ସମିସ): ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀରେ ମୁଦିପଡ଼ାସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।ତାଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତି, ଶ୍ରମିକ ନେତା ଗୋକୁଳ ମେହେର, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ଚାଷୀ ନେତା ସରୋଜ ମହାନ୍ତି, ଭି. ରାମା ରାଓ, ଅରୁଣ ଖୁଣ୍ଟିଆ, ଯୁବ ନେତା ମିଳନ ହୋତା, ସୁମିତ ପଟେଲ, ଛାତ୍ର ନେତା ଚୁମନ ପ୍ରଧାନ, ମହେଶ ସତ୍ୟ, ଆର୍ଯ୍ୟନ ବହିଦାର, ଶିବୁ ସେଠ, ରୀମଝିମ ମହାନ୍ତି, ବିକାଶ ମେହେର, ତ୍ରିଲୋଚନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ସମରସତା ମଞ୍ଚ

ସାମାଜିକ ସମରସତା ମଞ୍ଚ, ସମ୍ବଲପୁର ମହାନଗର ପକ୍ଷରୁ ଆମ୍ବେଦକର ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀ ଓ ବକ୍ତାମାନେ ଆଲୋଚନା କରିଥିଲେ।ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶଙ୍କର ପଣ୍ଡା, ପ୍ରସନ୍ନ ମିଶ୍ର, ବିଶ୍ୱରଞ୍ଜନ ପୂଜାରୀ, ସତ୍ୟନାରାୟଣ ଠାକୁର, ଅମିତାଭ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ସଂଘର ବିଭିନ୍ନ ଆୟମର ପଦାଧିକାରୀ ଉପସ୍ଥିତ ଥିଲେ।

## ଏବିଭିପି ସମ୍ବଲପୁର ନଗର

ଏବିଭିପି ସମ୍ବଲପୁର ନଗର ତରଫରୁ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ମୁଦିପଡ଼ାସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବିଭିପି ଶାଖା ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ଓଡ଼ିଶା ପଶ୍ଚିମର ପ୍ରାନ୍ତ ସମ୍ପାଦକ ଶ୍ୱେତାଂଶୁ ବରେଇ ବାବାସାହେବଙ୍କ ଦେଶ ପାଇଁ ବଳିଦାନ ବିଷୟରେ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଭାଗ ସଂଗଠନ ସମ୍ପାଦକ ବିଜୟ କଳତା ଓ ପ୍ରାନ୍ତ ବିଶ୍ୱବିଦ୍ୟାଳୟ ସମ୍ପାଦକ ଯଶୱର୍ଦ୍ଧନ ତିୱାରୀ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ଜିଲ୍ଲା ସହସଂଯୋଜକ ବିବେକ ତିୱାରୀ ଆୟୋଜନ କରିଥିବାବେଳେ, ନଗର ସମ୍ପାଦକ ଦେବାଶିଷ ସେନ୍ଦ୍ରିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରେଖା ବେହେରା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନିଖିଲ ପୂଜାରୀ, ନିହାର ପଣ୍ଡା, ନିଖିଲ ଅଗ୍ରୱାଲ, ରୋହିତ ବଢ଼େଇ, ଅଭିନାଶ ବାରିକ, ଓମ୍ ପ୍ରକାଶ ଦଳପତ, ହେମନ୍ତ ବିଶ୍ୱାଳ, ସିଦ୍ଧାନ୍ତ ଶଙ୍କର ପଣ୍ଡା, ସ୍ୱସ୍ତିକ ସାହୁ, ଆଶୁତୋଷ ପଧାରୀ, ଆଦିତ୍ୟ ସାହୁ ପ୍ରମୁଖ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।



## ଭୀମ ଆର୍ମି



ଭୀମ ଆର୍ମି ପକ୍ଷରୁ ଆଜି ସକାଳେ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି ସହର ପରିକ୍ରମା କରିଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଯୁବକ ଯୁବତୀମାନେ ସାମିଲ ହୋଇଥିଲେ।

## ବୁର୍ଲା ଡିଏଭି

ସମ୍ବଲପୁର : ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏମସିଏଲ୍ ଡିଏଭି ବୁର୍ଲାରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରଦ୍ଧାପୁଷ୍ପ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଆମ ଦେଶର ସମ୍ବିଧାନର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ।ମୁଖ୍ୟବକ୍ତା ଭାବରେ ଗୀତାରାଣୀ ପଣ୍ଡା ଯୋଗ ଦେଇ ଆମ୍ବେଦକରଙ୍କ ଜୀବନୀରୁ ଆରମ୍ଭ କରି ଜୀବନଦର୍ଶନ, ଉପଲବ୍ଧି, ଦେଶପାଇଁ ତାଙ୍କ ଅମୂଲ୍ୟ ଯୋଗଦାନ ବିଶେଷ କରି ଗରିବ, ନିଷ୍ପେସିତ, ଅବହେଳିତ, ଦଳିତ ଏବଂ ମହିଳାମାନଙ୍କ ପ୍ରତି ତାଙ୍କ ଦାୟିତ୍ୱ ବୋଧ ତଥା ମାନବିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ।ଉତ୍ସବକୁ ବିଦ୍ୟାଳୟର ଉତ୍ସବ କମିଟି ପ୍ରସ୍ତୁତ କରିଥିଲା।ବରିଷ୍ଠ ଶିକ୍ଷକ ଡ଼ ଅଭୟ କୁମାର ମିଶ୍ର ସଂଯୋଜନା ତଥା ପରିଚାଳନା କରିଥିଲେ।




## ଆଦିବାସୀ ଏକତା ମଞ୍ଚ

କୁଚିଣ୍ଡା : ଆଦିବାସୀ ଏକତା ମଞ୍ଚ କୁଚିଣ୍ଡାର ସଭାପତି ଗଜେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆମ୍ବେଦକର ପ୍ରେମୀଙ୍କ ଉପସ୍ଥିତିରେ କୁଚିଣ୍ଡା ସ୍ଥିତ ୱାର୍ଡ଼ ନଂ ୯ ରାମଜୀପଡ଼ା ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟର୍ପଣ କରି ଜୟନ୍ତୀ ପାଳିତ କରାଯାଇଥିଲାଫପରେ ପୂର୍ତ୍ତବିଭାଗ ଡାକ ବଙ୍ଗଳା ଠାରେ ସଂଗଠନର ସଭାପତି ଗଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା।ଲିଙ୍ଗରାଜ ବାଘ, ପ୍ରଶ୍ନନ ପ୍ରଧାନ, ଯୁଧିଷ୍ଠିର ରୋହିଦାସ, ନରେଶ ବଲୁଆ, ପ୍ରମୋଦ ରୋହିଦାସ, ବରିଷ୍ଠ ସମାଜ ସେବୀ ଡିଲେଶ୍?ର ବେହେରା, ଗୋକୁଳ ଚନ୍ଦ୍ର ଦେହୁରୀ, ଗୌତମ ମାଝୀ, ପର୍ଶୁରାମ ମାଝୀ, ଅଶ୍ୱିନୀ ମହାନନ୍ଦଙ୍କ ସମେତ ବହୁ ଆମ୍ବେଦକର ପ୍ରେମୀ ଯୋଗ ଦେଇଥିଲେ। ଶେଷରେ ଅଶ୍ୱିନୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



## ଆମ୍ବେଦକର ୱେଲଫେୟାର କୋଡ଼ିନେଶନ କମିଟି

ରେଢ଼ାଖୋଲ : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଆମ୍ବେଦକର ନଗର ଠାରେ ଆମ୍ବେଦକର ୱେଲ ଫାୟାର କୋଡ଼ିନେଶନ କମିଟି ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ସହିତ କମ୍ୟୁନିଟୀ ହଲ୍ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଏନ୍‌ଏସି ୱାର୍ଡ ନଂ ୩ ସ୍ଥିତ ଆମ୍ବେଦକର ନଗର ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଅର୍ପଣ କରି କମ୍ୟୁନିଟୀ ହଲ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦିପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଦେବଢ଼ୋର ବୋର୍ଡ଼ ସଭାପତି ଅରୁଣ ପ୍ରଧାନ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନିଲ୍ ପ୍ରଧାନ ଯୋଗ ଦେଇଥିଲେ। କମିଟିର ସଭାପତି ପିଣ୍ଟୁ ବେହେରା, ସମ୍ପାଦକ ମନୋଜ କୁମାର ମୁଖି, ଉପ ସଭାପତି ସୁଦର୍ଶନ ନାଏକ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ ସୁବାସ ବେହେରା, ଉପଦେଷ୍ଟା ପ୍ରକାଶ ମୁଖି, ପୂର୍ବତନ ସମ୍ପାଦକ ରାଜୁ ମୁଖୀ ପ୍ରମୁଖ ସମେତ ଆମ୍ବେଦକର କୋଡିନେସନ୍ କମିଟି ପ୍ରମୁଖ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ସକାଳ
THE SAKALA



# ସଂକୀର୍ତ୍ତନ ମଣ୍ଡଳୀର ଜିଲ୍ଲା ସଭାପତି ହେଲେ ଅର୍ଜୁନ ଭତରା

ନବରଙ୍ଗପୁର,୧୪।୪(ସମିସ): ନବରଙ୍ଗପୁର ଜିଲ୍ଲା ଶ୍ରୀ ଶ୍ରୀ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ ଆନୁକୁଲ୍ୟରେ ନବରଙ୍ଗପୁର ସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ବ୍ଲକର ୩୨୮ ଟି ନାମ ସଂକୀର୍ତ୍ତନ ମଣ୍ଡଳୀର ପ୍ରମୁଖ ଗୁରୁ ମାନେ ଯୋଗଦାନ କରିଥିବା ବେଳେ ଏହି ବୈଠକରେ ଜିଲ୍ଲା ସ୍ତରୀୟ ଏବଂ ସମସ୍ତ ୧୦ ଗୋଟି ବ୍ଲକ ସ୍ତରୀୟ କର୍ମକର୍ତ୍ତା ଗଠନ କରାଯାଇଥିଲା। ଉପସ୍ଥିତ ସମସ୍ତଙ୍କ ସହମତି କ୍ରମେ ନବରଙ୍ଗପୁର ଜିଲ୍ଲା ସଭାପତି ଭାବେ ସମାଜ ସେବୀ ଅର୍ଜୁନ ଭାତରା, ଉପ ସଭାପତି ଭାବେ ଭୀଷ୍ମ ଶବର ସେହିପରି ସମ୍ପାଦକ ଭାବେ ଅଶୋକ ପାତ୍ର, ଯୁଗ୍ମ ସମ୍ପାଦକ ଭାବେ ଗଙ୍ଗାଧର ମାଲି ଏବଂ ଭବାନୀ ବିଷୋୟୀ ,କୋଷାଧ୍ୟକ୍ଷ ଭାବେ ରାମ ମୋହନ ଚୌଧୁରୀ ସମେତ ୧୫ ଜଣ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ସେହିପରି ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ନାମ ସଂକୀର୍ତ୍ତନ ଦଳ ଗଠନ କରିବା ପାଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାମସଂକୀର୍ତ୍ତନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଗଣଙ୍କୁ ଶୁଭେଛା ଜଣାଇଥିଲେ। ଏହି ସଭାରେ ରାଜ୍ୟ ଓକିଲ ସଂଘ ର ଉପ ସଭାପତି ତଥା ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ଜିଲ୍ଲା ସାଂସ୍କୃତିକ ଅଧିକାରୀ ଘସିଆ ହରିଜନ, ସମାଜ ସେବୀ ସର୍ବେଶ୍ୱର ପାତ୍ର, ନାରାୟଣ ପଣ୍ଡା ସମେତ କୋଣଅନୁକୋଣରୁ ଆସିଥିବା ବିଭିନ୍ନ ଜାତି ଏବଂ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ବରପୁତ୍ରଙ୍କ ସ୍ମୃତି ଚାରଣ, କବିତା ଓ ପ୍ରବନ୍ଧ ପାଠ

ନବରଙ୍ଗପୁର,୧୪।୪(ସମିସ): ଓଡ଼ିଆ ପକ୍ଷର ଦ୍ୱାଦଶ ଦିବସରେ ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ପରିଷଦ ସଙ୍ଗୀତ ବିଦ୍ୟାଳୟର ଶିକ୍ଷକ ଶ ଯୁଗଳ କିଶୋର ତ୍ରିପାଠୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅଧ୍ୟାପିକା ସଙ୍ଗୀତା ତ୍ରିପାଠୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଯୋଗ ଦେଇଥିଲେ। ବିଶିଷ୍ଟ ଆଇନଜୀବୀ କିଶୋରୀ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଲେଖକ କେଦାରେଶ୍ୱର ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ଜିଲ୍ଲାର ବରପୁତ୍ର ତଥା ସାରସ୍ୱତ ସାଧକ କବି ମଞ୍ଜୁଘୋଷ ତ୍ରିପାଠୀ, ପ୍ରମିଳା ପଟ୍ଟନାୟକ, କବି ତ୍ରିପୁରାରୀ ତ୍ରିପାଠୀ, ରବି ସିଂ ମାଝୀ, ସୋନୁ ମାଝୀ, ଲଳିତ ମୋହନ ପଟ୍ଟନାୟକ ଓ ଭୁବନେଶ୍ୱର ଦଳେଇଙ୍କ ସମ୍ପର୍କରେ ଲିଖିତ ୭ଟି ଶ୍ରେଷ୍ଠ ପ୍ରବନ୍ଧ ପାଠ କରାଯାଇଥିଲା। ଏହା ସହିତ ୫୪ ଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ବରପୁତ୍ର ମାନଙ୍କୁ ଓଡ଼ିଆ ସାହିତ୍ୟର ମେରୁଦଣ୍ଡ ଓ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ମହାବିଦ୍ୟାଳୟର ଯୁବ ଲେଖକମାନେ ଯୋଗଦେଇ ବରିଷ୍ଠ ସାହିତ୍ୟିକଙ୍କ ସହ ମତ ବିନିମୟ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର, ଗୋଲାପ ଫୁଲ, ମୟୂର ଚନ୍ଦ୍ରିକା ଏବଂ ୫୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

# ପିସ୍କାପଙ୍ଗାକୁ ସରକାରୀ ବସ୍ ଚଳାଚଳ ପାଇଁ ଦାବିପତ୍ର

ଚନ୍ଦ୍ରପୁର ୧୪।୪(ସମିସ): ଚନ୍ଦ୍ରପୁର ବ୍ଲକର ପିସ୍କାପଙ୍ଗା ଗ୍ରାମପଞ୍ଚାୟତ ସଦର ମହକୁମାକୁ ମୋ'ବସ, ଲକ୍ଷ୍ମୀ ବସ୍ ଦୀର୍ଘ ଦିନ ହେଲା ଚଳାଚଳ ବନ୍ଦ ରହିଛି। ଗାଁ ସହିତ ପଞ୍ଚାୟତ ସଦର ମହକୁମାକୁ ସରକାର ମୋ' ବସ୍ , ଲକ୍ଷ୍ମୀ ବସସେବା ଚଳାଚଳ ଆରମ୍ଭ କରିଥିଲେ । ବସ ଚଳାଚଳ କରୁଥିବା ଯୋଗୁଁ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଯିବା ଆସିବା କରୁଥିବାରୁ ସୁବିଧାରେ ଲୋକ ମାନେ ଓ ଛାତ୍ର ଛାତ୍ରୀ ଯା'ଆସ କରି ପାରୁଥିଲେ।। ରାସ୍ତା ଖରାପ ଯୋଗୁଁ ବ୍ଲକ ସଦର ମହକୁମାରୁ ପଞ୍ଚାୟତ ସଦର ମହକୁମାକୁ ଚଳାଚଳ କରୁ ଥିବା ଲକ୍ଷ୍ମୀ ବସ ଡ୍ରାଇଭର ଯାତ୍ରୀ ମାନଙ୍କୁ ବସାଇ ଗାଡ଼ି ଚଳାଇବାକୁ ସୁରକ୍ଷିତ ମନେ କରୁ ନାହାନ୍ତି। ଆଲିଗଣ୍ଡା ଠାରୁ ପିସ୍କାପଙ୍ଗା ରାସ୍ତା ଖରାପ ଥିବା ଯୋଗୁଁ ଲକ୍ଷ୍ମୀ ବସ ପିସ୍କାପଙ୍ଗା ପଞ୍ଚାୟତକୁ ଗମନା ଗମନ ପାଇଁ କୌଣସି ବସ କିମ୍ବା ଅନ୍ୟ ଗାଡ଼ି ଚଳାଚଳ କରୁନାହିଁ। ପିସ୍କାପଙ୍ଗା ସଦର ମହକୁମାରେ ଉଚ୍ଚ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିବା ଅନେକ ଛାତ୍ର ଛାତ୍ରୀ ଦୈନିକ ଲକ୍ଷ୍ମୀ ବସରେ ଯିବା ଆସିବା କରୁ ଥିବା ବେଳେ ଏବେ ବସ ବନ୍ଦ ଯୋଗୁଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପିସ୍କାପଙ୍ଗା



ପଞ୍ଚାୟତର ଛାତ୍ରଛାତ୍ରୀ ଅଞ୍ଚଳ ବାସୀ ଯିବାପାଇଁ ଚନ୍ଦ୍ରପୁରରୁ ଟୁରିଗୁଡା ଗ୍ରାମ ପଞ୍ଚାୟତ ଦେଇ ଡେଲାପଡ଼ା, ଗେଣ୍ଡାବାଜୁ ଦେଇ ପିସ୍କାପଙ୍ଗା ଯାତାୟାତ କରିବା ପାଇଁ ଆଜି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବୋଙ୍ଗାଲଙ୍କୁ ସରପଞ୍ଚ ଫୁଲମଇ କ୍ରାଡିକା, ସମିତି ସଭ୍ୟ ଆକୁମାଝୀ ଗୋଗେରେଙ୍ଗା ୱାର୍ଡ ମେମ୍ବର ଦାବିପତ୍ର ଦେଇଛନ୍ତି। ମୁନିଗୁଡା ଓ ଅନ୍ୟାନ୍ୟ ସ୍ଥାନକୁ ଯାଇ ପାରୁଛନ୍ତି। ତେଣୁ ଏହି ରାସ୍ତା ଦେଇ ଚଳାଚଳ କରିବା ପାଇଁ ସରପଞ୍ଚ ଫୁଲମାଇ କ୍ରାଡିକା ଓ ସମିତି ସଭ୍ୟ ଆକୁମାଝୀ ଗୋଗେ ରେଙ୍ଗା ଦାବି ଜଣାଇଛନ୍ତି ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ




ରାୟଗଡ଼ା,୧୪।୪(ସମିସ): ରାୟଗଡ଼ ଜିଲ୍ଲାର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ସେ ଅନୁଷ୍ଠାନିକ ଭାବେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ମାନ୍ୟବର ମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ ଯେ, ସରକାରୀ ଯୋଜନାମାନଙ୍କର ଲାଭ ସଠିକ ଭାବେ ଜନସାଧାରଣଙ୍କୁ ପହଞ୍ଚିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟକଳାପକୁ ସୁଦୃଢ କରିବା ଆବଶ୍ୟକ। ବୈଠକରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ମିଣିଆକଙ୍କୁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣପୁର ଅଭିଷେକ ଦିଲୀପ ଦୁଧାଲ, ଉପଜିଲ୍ଲାପାଳ ରମେଶ କୁମାର ଜେନା ସହ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତ ବିଭାଗକୁ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ କରିବାକୁ ଅନୁରୋଧ କରିଥିଲେ। ସଭା ଶେଷରେ ଜିଲ୍ଲାର ସମଗ୍ର ଉନ୍ନୟନ ପାଇଁ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।

# ରାମନାଗୁଡ଼ାରେ ଝୋଟି ପ୍ରତିଯୋଗିତା

ରାମନାଗୁଡ଼ା,୧୪।୪(ସମିସ): ରାମନାଗୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ୨୦୨୬ର ଓଡ଼ିଆ ନବବର୍ଷ ପାଳନ ଅବସରରେ ଏକ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଶିଶୁ ବିକାଶ ଯୋଜନା ଅଧିକାରୀ ରାମନାଗୁଡ଼ା ଶ୍ରୀମତୀ ଅଞ୍ଜଳି ମହାପାତ୍ର, ଗୋଷ୍ଠୀ ଅର୍ଥ ଅଧିକାରୀ ନୀଳକଣ୍ଠ ଶବର, ଯୋଗାଣ ନିରୀକ୍ଷକ ଶଙ୍କର ବେହେରା , ସମସ୍ତ ମହିଳା ସୁପରଭାଇଜର, ବିପିସି, ମିଶନ ଶକ୍ତି ଜୟନ୍ତ ସେଠୀ, ବିପିସି , ଗ୍ରାମୀଣ ଗୃହ ସନ୍ତୋଷ କୁମାର ରଥ୍ନାଲୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୬ ଜଣ କିଶୋରୀ ବାଳିକା ଏବଂ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିବା ବେଳେ ପ୍ରଥମ ସ୍ଥାନରେ ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା ଚାକୁଣ୍ଡାର ଇନ୍ଦୁ ମାଣ୍ଡାଙ୍ଗି, ଦ୍ୱିତୀୟ ସ୍ଥାନରେ ପାରାକ୍ଷିତି ପଞ୍ଚାୟତ ସ୍ଥିତ ତାମ୍ବରଗୁଡାର କଳ୍ପନା ମାଣ୍ଡାଙ୍ଗି ଏବଂ ତୃତୀୟ ସ୍ଥାନରେ ବୁଥିଙ୍ଗ ସଦର ପଞ୍ଚାୟତର ଲକ୍ଷ୍ମୀ କାଡ୍ରାକା ବିଜୟୀ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଜେତାଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିସି, ଗ୍ରାମୀଣ ଗୃହ ସନ୍ତୋଷ କୁମାର ରଥ୍ନାଲୁ ଏବଂ ବିପିସି, ମିଶନ ଶକ୍ତି ଜୟନ୍ତ ସେଠୀ ପରିଚାଳନା କରିଥିବା ବେଳେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଏବଂ ବ୍ଲକ୍ ଅଫିସ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ଭାରୀଯାନ ପ୍ରବେଶ ଉପରେ ଲାଗିଲା ପ୍ରତିବନ୍ଧକ

ରାୟଗଡ଼ା,୧୪।୪(ସମିସ): ବ୍ୟସ୍ତବହୁଳ ରାୟଗଡ ସହରରେ ବୃଦ୍ଧି ପାଉଥିବା ଟ୍ରାଫିକ୍ ସମସ୍ୟା ଓ ସଡ଼କ ଦୁର୍ଘଟଣାକୁ ଏଡାଇବା ପାଇଁ ତଥା ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିକୁ ନେଇ ପୁଣି ଚଳିତ ଏପ୍ରିଲ ମାସ ଏପ୍ରିଲ ୧ ତାରିଖରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଅମଲାଭଟ୍ଟା, ପୀତାମହଲ ଓ ଶିରିଗୁଡା ଛକ ଦେଇ ରାୟଗଡ ସହରକୁ ପ୍ରବେଶ କରୁଥିବା ଭାରୀଯାନ (୧୬୨୦୦କେଜି ଏବଂ ତଦୁର୍ଦ୍ଧ)ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତଥା ଆରଟିଏ ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣି। ଏ ନେଇ ରାୟଗଡ ଆରଟିଓ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୭୦୯/୧୩/୦୪/୨୦୨୬ରେ ନୋଟିସ ଜାରି କରାଯାଇଛି। ଭାରୀଯାନ ଗୁଡିକ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୩ଟାରୁ ରାତ୍ର ୧୦ଟା ମଧ୍ୟରେ ରାୟଗଡ ସହରକୁ ପ୍ରବେଶ କରିପାରିବେ ନାହିଁ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ଏବଂ ରାତ୍ର ୧୦ଟା ପୁଣି ସକାଳ ୭ଟା ମଧ୍ୟରେ ଭାରୀଯାନଗୁଡିକ ଚଳାଚଳ



କରିବାକୁ ଅନୁମତି ଦିଆଯାଇଥିବା ବେଳେ ସାଧାରଣ ସେବା ଏବଂ ଅତ୍ୟାବଶକୀୟ ସାମଗ୍ରୀ ପରିବହନ କରୁଥିବା ଯାନଗୁଡିକ ଚଳାଚଳ ଉପରେ କୌଣସି ପ୍ରତିବନ୍ଧକ ନ ଥିବା ନୋଟିସରେ ଉଲ୍ଲେଖ ରହିଛି।

# ସାମ୍ବାଦିକ କୃଷ୍ଣକାନ୍ତ ଜେନାଙ୍କ ପରଲୋକ

ରାୟଗଡ଼ା,୧୪।୪(ସମିସ): ସାମ୍ବାଦିକ ତଥା ଗ୍ରୀନ ରାୟଗଡର ଆବାହକ କୃଷ୍ଣକାନ୍ତ ଜେନାଙ୍କର ୫୮ ବର୍ଷ ବୟସରରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ଶ୍ରୀ ଜେନାଙ୍କ ଧର୍ମପତ୍ନୀ ରାଜେଶ୍ୱରୀ ଜେନା, ଝିଅ ସ୍ମୃତି ଜେନା, ବଡଭାଇ ସନ୍ତୋଷ କୁମାର ଜେନା, ଭାଇ ଉତମ କୁମାର ଜେନା, ଭଉଣୀ ସନ୍ଧ୍ୟା ବିଶୋଇ, ଜ୍ୱାଇଁ ନିରଞ୍ଜନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଜେନା ସାମ୍ବାଦିକତା ସହ ରାୟଗଡ ସହରର ପରିବେଶକୁ ସୁସ୍ଥ ରଖିବା ପାଇଁ ନିରନ୍ତର ଭାବେ ରାୟଗଡ ସହରରେ ବିଭିନ୍ନ ସ୍ଥାନରେ ଦେଢ଼ ହଜାରରୁ ଅଧିକ ବୃକ୍ଷରୋପଣ କରିଥିଲେ। ଏଥି ନିମନ୍ତେ ସେ ଗ୍ରୀନ ରାୟଗଡ ନାମରେ ଏକ ସଂସ୍ଥା କରି ଗଛ ଲଗାଇବା ସହ ତାହାର ଯତ୍ନ ନେଇ ପରିବେଶକୁ ସୁସ୍ଥ ରଖିବା ଏବଂ ଗଛ ଲଗାଇବା ପାଇଁ ଯୁବପୀଢିଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତ ଶ୍ରୀ ଜେନା ରାୟଗଡ ପ୍ରେସ କ୍ଲବର ପ୍ରତିଷ୍ଠାତା ସଭ୍ୟ ଥିଲେ।



# ବିଭିନ୍ନ ସ୍ଥାନରେ ଓଡ଼ିଆ ନବବର୍ଷ ; ପଣା ସଂକ୍ରାନ୍ତୀ, ହନୁମାନ ଜୟନ୍ତୀ







ରାୟଗଡ଼ା,୧୪।୪(ସମିସ) : ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତି ଓ ଓଡିଆ ନବ ବର୍ଷକୁ ଧୁମ୍‌ଧାମରେ ପାଳନ କରିଛନ୍ତି ରାୟଗଡ଼ା ସହରର ଓଡିଆ ଜାତିର ଭାଇଭଉଣୀମାନେ। ଏହି ପରିପ୍ରେକ୍ଷୀରେ ସହରର ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ଠାରେ ମହାବିଷୁବ ସଂକ୍ରାନ୍ତି କମିଟି ରାୟଗଡ ପକ୍ଷରୁ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଉଛି। ଆଜି ଅପରାହ୍ନରେ ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ ସହରର ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଅଙ୍କାମାଳ ନେଇ ନଗର ପରିକ୍ରମା କରାଯାଇ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ସଂଧ୍ୟା ୬ଟାରେ ପୂଜା ଓ ନୂତନ ପଞ୍ଜିକା ପଠନ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିଲା। କମିଟି ପକ୍ଷରୁ ଉପସ୍ଥିତ ଦର୍ଶକଙ୍କୁ ପଣା ସେବନ ଓ କାକରା ବଣ୍ଟନ ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆଜିର ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କ ସହ ରାଜନେତା, ସମାଜସେବୀ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର , ଅନୁସୂୟା ନାଥ ଓ ସୌମଶ୍ରୀ ଚରଞ୍ଜିତ ଓ ସାଥି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଇଥିଲା। ଆସନ୍ତକାଲି ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକପ୍ରିୟ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି ଓ ସାଥି ସୁଶ୍ରୀ ଲିପ୍ସା ମହାପାତ୍ର ଓ ସାଥୀ କଣ୍ଠଶିଳ୍ପୀଙ୍କ ଦ୍ୱାରା ଆଧୁନିକ ଓଡିଆ ସଂଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଆଜିର କାର୍ଯ୍ୟକ୍ରମକୁ କମିଟିର ଭବାନୀ ଶଙ୍କର ଜେନା,ଦେବାଶିଷ ପଣ୍ଡା,ସନ୍ତୋଷ ଦଳେଇ, ଅନନ୍ତ ପାଢ଼ୀ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ରାଜ କିଶୋର ପଣ୍ଡା , ,ଚିତ୍ତରଞ୍ଜନ ନାୟକ , ମାନସ ନାୟକ, ଶାନ୍ତନୁ ସୁବୁଦ୍ଧି, ଆଶିଷ ପଣ୍ଡା ଓ ଅନ୍ୟ ମାନେ ପରିଚାଳନାରେ ସହଯୋଗ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାୟଗଡ ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓ, ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଡ଼. ଦୁଷ୍ମନ୍ତ ମହାନ୍ତି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ମିନିୟାକା,କାଳିରାମ ମାଝୀ, ବସନ୍ତ ଉଲାକା, ସତ୍ୟବାଦୀ ପତି, ଶ୍ରୀମତି ପ୍ରଣତି ପାତ୍ରଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ସେହିପରି ଶୋଭାଯାତ୍ରାରେ ଏସଡିସି ଉପାଧ୍ୟକ୍ଷା ମଞ୍ଜୁଳା ମିନିୟାକା , ପ୍ରଶାନ୍ତ ପଟ୍ଟନାୟକ, ବିପିନ ବିହାରୀ ବିଶ୍ୱାଳ,ରାଜେଶ ପାଣିଗ୍ରାହୀ, ସୁନୀଲ ପାଢ଼ୀ, ରୂପ କେଶରୀ ଦଳେଇଙ୍କ ସମେତ ସହରରବହୁ ଲୋକ ସାମିଲ ହୋଇଥିଲେ ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସେମିଳିଗୁଡାର ସନାତନୀ ସଂସ୍କୃତି ସମିତ ଦ୍ୱାରା ମଙ୍ଗଳବାର ହନୁମାନ ଜୟନ୍ତୀ ପାଳନ କରାଯାଇଛି। ସନ୍ଧ୍ୟା ୬ ଘଟିକା ସମୟରୁ ସେମିଳିଗୁଡା ନାଲକୋ ଛକ ଠାରୁ ପ୍ରାୟ ୨୦୦ରୁ ଅଧିକ ମଟର ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସେମିଳିଗୁଡା ବସଷ୍ଟାଣ୍ଡରେ ଶେଷି ହୋଇଥିଲା। ସମିତର ସଭାପତି ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଉପସଭାପତି ରୁଦ୍ର ପ୍ରକାଶ ରାୟ, ସମ୍ପାଦକ ସୁଧୀର ପଟ୍ଟନାୟକ, ଅମିତ ଅଗ୍ରୱାଲ, କୋଷାଧ୍ୟକ୍ଷ ମନୋରଞ୍ଜନ ବେହେରା, ପିଙ୍କୁ ରାଉତ, ସୁମନ୍ତ ପ୍ରଧାନ, ଅଶୋକ ପ୍ରଧାନ, ବଦ୍ରି ନାରାୟଣ ପାତ୍ର, ଏମ କେ ରମେଶ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ମାନେ ଉପସ୍ଥିତ ରହି ଶୋଭାଯାତ୍ରାକୁ ସଫଳ କରିଥିଲେ। ସେମିଳିଗୁଡା ବସ ଷ୍ଟାଣ୍ଡ ପ୍ରାଙ୍ଗଣ ରେ ସୁନାବେଡାର ତ୍ରିତାରା ଦ୍ୱାରା ଏକଭଜନ ସନ୍ଧ୍ୟା, ଭଜନ ସମାରୋହ କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ଶାନ୍ତି ଶୃଙ୍ଖଳା ପାଇଁ ସେମିଳିଗୁଡା ପୋଲିସ ନିୟୋଜିତ ଥିଲେ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ଓଡ଼ିଆ ନବ ବର୍ଷ ଓ ମହା ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ସହରରେ ଥିବା ସମସ୍ତ ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଅବସରରେ ମନ୍ଦିର କମିଟି ଏବଂ ବିଭିନ୍ନ ଅନୁଷ୍ଠାନ ଯୁବ ଗୋଷ୍ଠୀ ଦ୍ୱାରା ପଣା ବଣ୍ଟନ କରାଯାଇଥିଲା। ଶ୍ରୀ ଅଗ୍ନି ଗଙ୍ଗା ମା' , ମା ଦୁର୍ଗା କମିଟି , ଗୁପ୍ତେଶ୍ୱର ହାର୍ଡ ୱେର , ଆମ୍ବେଦକର କ୍ଲବ, ତାରିଣୀ ମନ୍ଦିର କମିଟି, ହନୁମାନ ମନ୍ଦିର କମିଟି, ଶିବ ଶକ୍ତି ବାଣିଜ୍ୟ ସଂଘ , ଓସିସି ନଗର ଯୁବ ସଂଘ ଆନୁକୁଲ୍ୟରେ ପଣା ବଣ୍ଟନ କରାଯାଇଥିଲା। ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ଅବସରରେ କାଉନସିଲର ସୁଶ୍ରୀ ମମତା ରାୟଙ୍କ ନେତୃତ୍ୱରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମନ୍ଦିର ଦ୍ୱାରା କୀର୍ତ୍ତନ , ଭଜନ, ଅଷ୍ଟ ପ୍ରହରୀ, ପ୍ରସାଦ ସେବନ କର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

**କୋଷାଗୁମୁଡ଼ା :** ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧ ରୁ ୧୪ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ ବ୍ଲକର ସମ୍ମିଳନୀ କକ୍ଷ ଠାରେ ପାଳନ ହୋଇଆସୁଥିଲା। ଆଜି ମିଶନ ଶକ୍ତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଏହା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡ଼ିଓ, ଜିପିଡିଓ, ବ୍ଲକ ଚେୟାରମ୍ୟାନ, ସାଂସଦ ପ୍ରତିନିଧି, ଦୁଇ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧିଙ୍କ ସହ ଛାତ୍ର ଛାତ୍ରୀ, ଅଭିଭାବକ, ସୁଭଦ୍ରା କାଫେ ସଦସ୍ୟ, ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ସ୍ଥାନୀୟ ଭଦ୍ରମଣ୍ଡଳୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର, ମେଡାଲ ସହ ପ୍ରୋତ୍ସାହନ ରାଶି ପ୍ରଦାନ ପ୍ରଦାନ କରାଯାଇଥିଲା।

**ଜୟପୁର:** ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଓଡ଼ିଆ ନବ ବର୍ଷ ତଥା ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଆଜି ଜୟପୁର ସ୍ଥିତ ଯାଦବ ଭବନ ଠାରେ ଆୟୋଜିତ ହୋଇଥିଲା। ଏଥିଲେ ଜିଲ୍ଲା ସଂଘର ସଭାପତି ମଦନ ମୋହନ ନାୟକ, ଉପସଭାପତି ରାଜେନ୍ଦ୍ର ଗୌଡ, ସମ୍ପାଦକ ନବୀନ ମାଦଲା, କୋଷାଧ୍ୟକ୍ଷ ନରେଶ ମହାକୁଳ, ପୂର୍ବତନ ପୌରଉପାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ, ଶ୍ରମିକ ନେତା ବାଲା ରାୟ, ଅରବିନ୍ଦ ନଗର ଶିଶୁ ମନ୍ଦିର ସଭାପତି ପ୍ରେମାନନ୍ଦ ନାୟକ, ଖଲି ପଟ୍ଟନାୟକ, ନୋଟାରୀ ପବ୍ଲିକ ଦେବେନ୍ଦ୍ର ବାହିନୀପତି, ପ୍ରଦୀପ୍ତ କୁମାର ନାୟକ, ତୁଳସୀ ରାଓ, ଲେଖିକା ଉର୍ମିଳା ଶର୍ମା, ଡ଼ ପ୍ରମୋଦୀନି ହୋତା, ରାମ ନାୟକଙ୍କ ସହ ଅନେକ ବୁଦ୍ଧିଜୀବି, ଶିକ୍ଷାବିତ୍ ଉପସ୍ଥିତ ଥିଲେ।ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ଉପଦେଷ୍ଟା ବିନୋଦ ମହାପାତ୍ର ଯୋଗ ଦେଇ ମହା ବିଷୁବ ସଂକ୍ରାନ୍ତି ଏହା ଆମ କୃଷି, ସଂସ୍କୃତି ଓ ଜ୍ୟୋତିର୍ବିଜ୍ଞାନ ସହ ଜଡ଼ିତ ଏକ ବୈଜ୍ଞାନିକ ପର୍ବ ବୋଲି କହିଥିଲେ। ଏହି ଅବସରରେ ସମସ୍ତଙ୍କୁ ପାରମ୍ପରିକ ପଣା ବଣ୍ଟନ କରାଯାଇଥିଲା। ଉତ୍କଳ ସମ୍ମିଳନୀର ସଙ୍ଗଠନ ସମ୍ପାଦକ ପରମେଶ୍ୱର ପାତ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ସହ ସମ୍ପାଦକ ଚନ୍ଦ୍ରକାନ୍ତ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ।





# ବିଭିନ୍ନ ପୀଠରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି

## ● ଘଟଗାଁ ତାରିଣୀଙ୍କ ପୀଠ







କେନ୍ଦୁଝର/ଘଟଗାଁ, ୧୪।୪(ସମିସ): ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଘଟଗାଁ ମା' ତାରିଣୀଙ୍କ ପୀଠରେ ମା'ଙ୍କର ଜନ୍ମଦିନ ଭାବେ ପାଳନ କରାଯାଇଆସୁଛି। ଏହି ଉପଲକ୍ଷେ ସେବାୟତମାନେ ଭୋର୍ ଚାରିଟାରୁ ମାଙ୍କୁ ଚନ୍ଦନ, କସ୍ତୁରୀ, ଅଗୁର ଓ କର୍ପୁର ତଥା ବିଭିନ୍ନ ପ୍ରକାର ସୁବାସିତ ଦ୍ରବ୍ୟରେ ପ୍ରଥମେ ମାଜଣା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା କରିଥିଲେ। ମା'ଙ୍କ ପାଖରେ ଆଜି ପ୍ରଥମେ ପଣା ଲାଗି କରାଯାଇଛି। ମା'ତାରିଣୀଙ୍କ ସୁନା ବେଶକୁ ଦର୍ଶନ କରିବା ପାଇଁ ଆଜି ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ୍ ଲାଗିଛି। ଅନ୍ୟପକ୍ଷରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଇତି ପର୍ବ ଓ ମହାବିଷୁବ ପଣା ସଂକ୍ରାନ୍ତିରେ ମା'ଙ୍କର ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଆଖି ଆଗରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା'ଙ୍କର ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଓଡ଼ିଶାବାସୀଙ୍କର ମଙ୍ଗଳ କାମନା କରିବା ସହ କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ମଙ୍ଗଳ ଓ ସମୃଦ୍ଧି ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ● ମା' ପତିରିଆଶୁଣୀ

ହାଟଡିହୀ: ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମରେ ମା'ପତିରିଆଶୁଣୀଙ୍କଠାରେ ପୂଜାର୍ଚ୍ଚନା ହୋଇଯାଇଛି। ଗ୍ରାମର ଭଗବାନ ବିଶ୍ୱାଳଙ୍କ ସଂଯୋଜନାରେ ମା'ଙ୍କ ପୂଜା କାର୍ଯ୍ୟ ହୋଇଆସୁଛି। ଆଜି ହିନ୍ଦୁଧର୍ମର ପବିତ୍ର ପଣାସଂକ୍ରାନ୍ତି ଉପଲକ୍ଷେ ମା'ଙ୍କ ପୀଠରେ ପଣାସଂକ୍ରାନ୍ତି ପୂଜାପାଠ ଖୁବ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଲୋକକଥା ଅନୁସାରେ, ଠାକୁରାଣୀଙ୍କ ପୂଜାପାଠ ବେଳେ ନାମ ସଂକୀର୍ତ୍ତନ ସହିତ ମା'ପାଲା ଶୁଣିବାକୁ ଭଲ ପାଉଥିବାରୁ ବିଧି ଅନୁଯାୟୀ ଆୟୋଜକବୃନ୍ଦ ଦିନବେଳା ତାଙ୍କ ନିକଟରେ ପାଲା ପରିବେଷଣ କରାଇଥା'ନ୍ତି। ଆବାହକ ଭଗବାନ ବିଶ୍ୱାଳ ଓ ତାଙ୍କ ଧର୍ମପତ୍ନୀ ତନ୍ମୟା ରାଉତ ପୂଜାରେ ପୂଜା ସଂକଳ୍ପ କରିଥିଲା ବେଳେ ପୁଅ ସମ୍ବିତ ବିଶ୍ୱାଳ(ରାଜୁଲି) ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ। ଭଦ୍ରକ ଜିଲ୍ଲା ଆଗରପଡା ଅଞ୍ଚଳରୁ ସୁନାମଧନ୍ୟ ପାଲା ଗାୟିକା ସନ୍ଧ୍ୟାରାଣୀ ପଣ୍ଡା ପାଲା ପରିବେଷଣ କରିଥିଲେ। ଆଖପାଖର ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହ ପ୍ରସାଦ ପାଇ ପାଲା ଉପଭୋଗ କରିଥିଲେ। ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନ ମଧ୍ୟରେ ଛେନାପଦିସ୍ଥିତ ମା' ବିଶ୍ୱତାରିଣୀ, ଗଳିଗୋପାଳପୁରସ୍ଥିତ ମା' ଥାନପତି, ମଠସ୍ଥିତ ମା' ଦୁଆରଶୁଣୀ, ସୁନ୍ଦରାପାଳସ୍ଥିତ ମା' ଗଡ଼ଚଣ୍ଡୀ, ଭୂଇଁପୁରସ୍ଥିତ ମା' ମଙ୍ଗଳା, ହଦଗଡ଼ସ୍ଥିତ ମା' ରାଇମୁଣ୍ଡି, ଆବୁଲପୁରାସ୍ଥିତ ମା' କୁଣ୍ଡୁଳାଇ ଓ ମଙ୍ଗଳା, ହାଟଡ଼ିହୀସ୍ଥିତ ମା' ଜାଗୁଳାଇ ଓ ଗହମାୟୀ, ଅଁରାସ୍ଥିତ ମା' ଗୋଠନାହାକାଣୀ ଭଳି ପ୍ରମୁଖ ଦେବୀ ପୀଠରେ ପଣାସଂକ୍ରାନ୍ତି ଉପଲକ୍ଷେ ପୂଜାର୍ଚ୍ଚନା ହୋଇଛି। ବିଭିନ୍ନ ମନ୍ଦିର ସହ ଦେବୀପୀଠ ସହ ଛକ ବଜାର ଆଦି ସ୍ଥାନରେ ପଣାପାଣି ପାନୀୟ ବଣ୍ଟନ କରାଯାଇଛି। ଛେନାପଦିସ୍ଥିତ ବିଶ୍ୱତାରିଣୀ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ବିରାଜମାନ ମହାବୀର ହନୁମାନଙ୍କଠାରେ ପୂଜାର୍ଚ୍ଚନା ହୋଇଛି।



## ● ସିଂକୁଲାବାହାଲ ଚର୍ଚ୍ଚିକା ପୀଠ

କେନ୍ଦୁଝର: ତେଲକୋଇ ବ୍ଲକ ଜଗମୋହନପୁର ନିକଟସ୍ଥ ସିଙ୍କୁଲାବାହାଲ ଗ୍ରାମର ଗ୍ରାମଦେବୀ ମା' ଚର୍ଚ୍ଚିକା ଠାକୁରାଣୀଙ୍କ ବାର୍ଷିକ ପଣା ସଂକ୍ରାନ୍ତି ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ସଂକ୍ରାନ୍ତି ପୂର୍ବଦିନ ଗ୍ରାମଦେବୀଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମ ସଂଲଗ୍ନ ସରୁଆଳି, ଟୁଙ୍ଗୁରୁବାହାଳ, ଅଙ୍ଗଦସରୁଆଳି ଗ୍ରାମ ପରିକ୍ରମା ସମୟରେ ଗ୍ରାମରେ ଗ୍ରାମରେ ଉତ୍ସବମୟ ପରିବେଶ ସୃଷ୍ଟି ହୋଇଥିଲା। ପଣା ସଂକ୍ରାନ୍ତିରେ ନୀତିକାନ୍ତି ସହ ମା' ଚର୍ଚ୍ଚିକାଙ୍କ ପୂଜାବିଧି କାର୍ଯ୍ୟ ଦେହୁରୀ ନିରାକାର ନାୟକ ସଂପାଦନ କରିଥିଲେ। ପୀଠକୁ ଆଗନ୍ତୁକ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ମା' ଚର୍ଚ୍ଚିକାଙ୍କ ବାର୍ଷିକ ପଣାସଂକ୍ରାନ୍ତି ଉତ୍ସବ ମୁଖରିତ କରିଥିଲା। ପଣାସଂକ୍ରାନ୍ତି ଅବସରରେ ଶିଙ୍କୁଲାବାହାଲ ଗ୍ରାମ ଉତ୍ସବ ମୁଖର ହୋଇଥିଲା। ଏହି ଅବସରରେ ବାଦ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା।

## ● ପଣା ବାଣ୍ଟିଲେ ଅଧିକାରୀ

ଚମ୍ପୁଆ: ଓଡ଼ିଆ ନବବର୍ଷର ଶୁଭାରମ୍ଭ ପରିପ୍ରେକ୍ଷୀରେ ଉପଖଣ୍ଡର ବିଭିନ୍ନ ସ୍ଥାନରେ ବିଭିନ୍ନ ସଂଗଠନ ଦ୍ୱାରା ପଣା ବଣ୍ଟନ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ସସ୍ତ୍ରୀକ ମାତା ତୁଳସୀଙ୍କ ପୂଜାର୍ଚ୍ଚନା ପରେ ଏହି ମହାନ ପର୍ବ ଭକ୍ତି ରସ ଭରା ଭଜନ ସହ ବିଭିନ୍ନ ସାମଗ୍ରୀ ଦ୍ୱାରା ପ୍ରସ୍ତୁତ ପଣା ବଣ୍ଟନ କରାଯାଇଥିଲା। ଏସଡିପିଓ ରଶ୍ମିରଂଜନ ସାହୁ, ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡବିଲ ତହସିଲଦାର ରାକେଶ ପଣ୍ଡା, ବଡବିଲ ଆଇଆଇସି ଅଶୋକ ନାଏକ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ସମେତ ବହୁ ଲୋକ ପଣା ଗ୍ରହଣ କରିଥିଲେ।




## ● ମା' ନାଗପାଟ ପୀଠ

ତେଲକୋଇ: ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ତେଲକୋଇ ବ୍ଲକ ହାଲପୋଡ଼ି ଗ୍ରାମଠାରେ ଥିବା ମା' ନାଗପାଟ ପୀଠରେ ପଣା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ନାଗପାଟ ପୀଠରେ ଦେହୁରୀ ଜଗନ୍ନାଥ ପ୍ରଧାନ ଯଥା ରୀତିନୀତି ପୂଜାର୍ଚ୍ଚନା କରିବା ସହ ଏକ ହୋମଯଜ୍ଞ ଆୟୋଜିତ ହୋଇଥଲା। ଏଥିରେ ପୂଜକ ଅନିରୁଦ୍ଧ କର ପୂଜାପାଠ କରିଥିବା ବେଳେ ଗ୍ରାମର ବରିଷ୍ଠ ବ୍ୟକ୍ତି ବିଶିକେଶନ ସାହୁ ସସ୍ତ୍ରୀକ ପୂଜାରେ ବସିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ପଣା ପାନ କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ପଣା ଯାତ୍ରା ବୁଲିବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରି ମା'ଙ୍କ କୃପା ଲାଭ କରିଥିଲେ।



# ଝୁମ୍ପୁରା ହାଇସ୍କୁଲ ହୀରକ ଜୟନ୍ତୀ; ୨୦କୋଟି ଅନୁଦାନ ଘୋଷଣା

ବାଲିବନ୍ଧ,୧୪।୪(ସମିସ): ତିନିଦିନିଆ କେନ୍ଦୁଝର ଗସ୍ତରେ ଆସି ସୋମବାର ସନ୍ଧ୍ୟାରେ ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୁରାତନ ସ୍ମୃତିଚାରଣ କରିବା ସହ ଆଜି ମୋ ଜୀବନର ଶ୍ରେଷ୍ଠ ମୁହୂର୍ତ୍ତ ବୋଲି କହିଥିଲେ। ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୨୦କୋଟି ଟଙ୍କା ଅନୁଦାନ ପ୍ରଦାନ ନିମନ୍ତେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ହୀରକ ଜୟନ୍ତୀ ମହୋତ୍ସବର ସଭାପତି ଶ୍ରୀକାନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୀରକ ଜୟନ୍ତୀ କମିଟିର ଉପଦେଷ୍ଟା ଶରତଚନ୍ଦ୍ର ମହାନ୍ତ ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ଼. ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡା. ଫକୀର ମୋହନ ନାଏକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, ହୀରକ ଜୟନ୍ତୀ ଅଧ୍ୟକ୍ଷ ଇଂ ଦେବବ୍ରତ ବେହେରା, ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର "ଗୌରବ ଗାଥା' ପତ୍ରିକା ଉନ୍ମୋଚନ କରାଯାଇଥିଲା। ପରେ ପରେ ଅବସରପ୍ରାପ୍ତ ଶିକ୍ଷକ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ଶହେଥର ରକ୍ତଦାନ କଲେଣି ବିଜୟ ମହାରଣା

ଆନନ୍ଦପୁର, ୧୪।୪(ସମିସ):

୧୦୦ ଥର ରକ୍ତଦାନ କରି ପ୍ରେରଣା ସାଜିଛନ୍ତି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଖାଳିଆମେଣ୍ଟାର ଡ. ବିଜୟ କୁମାର ମହାରଣା। ମୁମ୍ବାଇ ଟାଟା ହସ୍‌ପିଟାଲ୍ ପରିସରରେ ଗୁରୁବାର ଶ୍ରୀ ମହାରଣା ରକ୍ତଦାନ କରି ସ୍ୱତନ୍ତ୍ର ଭାବେ ତାଲିକାଭୁକ୍ତ ହୋଇଛନ୍ତି। ଟାଟା ମେମୋରିଆଲ ହସ୍‌ପିଟାଲ ମୁଖ୍ୟ ଡାକ୍ତର ପ୍ରୀତି ଦେଶାଇ ଓ ଅନ୍ୟ ବରିଷ୍ଠ ଡାକ୍ତରମାନେ ଶ୍ରୀ ମହାରଣାଙ୍କ ଏହି ଅମୂଲ୍ୟ ସେବାକୁ ଢେର୍ ପ୍ରଶଂସା କରିବା ସହ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଓଡ଼ିଆ ପୁଅ ଶ୍ରୀ ମହାରଣାଙ୍କ ଏହି ନିଷ୍ଠାପର ସେବାକୁ ନେଇ ସାମାଜିକ ଗଣମାଧ୍ୟମରେ ମହାରାଷ୍ଟ୍ରର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି। 'ରକ୍ତଦାନ ଜୀବନ ଦାନ'କୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି ବିଜୟ। ୧୯୯୩ରେ ଆନନ୍ଦପୁର କଲେଜର ଜାତୀୟ



## ପ୍ରଶଂସା କଲେ ମହାରାଷ୍ଟ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି)ର ପ୍ରଥମ କ୍ୟାଡେଟ୍ ଭାବେ ଶ୍ରୀ ମହାରଣା ସର୍ବଭାରତୀୟ ସ୍ତରରେ ଦିଲ୍ଲୀ ରାଜପଥ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ତତ୍କାଳୀନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇ ଆନନ୍ଦପୁର ପାଇଁ ଗୌରବ ଆଣିଥିଲେ। ପରେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସେ ଅନେକ ଥର ରକ୍ତଦାନ କରି ରେକର୍ଡ କରିଥିଲେ। ୧୯୯୫ରେ ମୁମ୍ବାଇ ଅଭିମୁଖେ ଉଚ୍ଚତର ଗବେଷଣା ପାଇଁ ଯାତ୍ରା କରିଥିଲେ। ଶ୍ରୀ ମହାରଣା ପ୍ରଥମ ଓଡ଼ିଆ ଭାବେ ଯୋଗରେ ଡକ୍ଟରେଟ୍ ପାଇଛନ୍ତି। ସ୍ୱେଚ୍ଛାକୃତ ରକ୍ତଦାନ କରି ଗରିବ ଓ ଅସହାୟମାନଙ୍କର ସେ ସାଥୀ ପାଲଟିଛନ୍ତି। ଏପରିକି କର୍କଟ ରୋଗୀମାନଙ୍କୁ ଅନେକ ସମୟରେ ରକ୍ତ ଏବଂ ପ୍ଲେଟଲେଟ୍ ଦାନ କରିଛନ୍ତି। ଶ୍ରୀ ମହାରଣାଙ୍କ ଏହି ନିସ୍ୱାର୍ଥପର ସେବା ଯୁବସମାଜ ପାଇଁ ପ୍ରେରଣାଦାୟୀ ହୋଇରହିଛି।

# ଜୟନ୍ତୀରେ ଭାରତରତ୍ନ ଡ ବି.ଆର୍ ଆମ୍ବେଦକରଙ୍କ ସ୍ମୃତିଚାରଣ







କେନ୍ଦୁଝର, ୧୪।୪(ସମିସ): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭାରତରତ୍ନ ଡ ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଜି ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଏବଂ ଆମ୍ବେଦକରଙ୍କ ଜୟନ୍ତୀର ଶୁଭ ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବିଧାନ ପ୍ରଣେତା ଡ ଆମ୍ବେଦକର, ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସେମାନଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟର ଦରବାର ହଲ୍‌ଠାରେ ଆୟୋଜିତ ଡ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ କହିଥିଲେ ଯେ ତାଙ୍କର ଆଦର୍ଶ, ତ୍ୟାଗ, ଶ୍ରେଣୀବିହୀନ ସମାଜ ଗଠନ, ସମାଜର ଦଳିତ ଅବହେଳିତ ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବିମ୍ବାଧର ବେହେରା ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର, ସମତା, ଭ୍ରାତୃତ୍ୱ ଏବଂ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିବା ସହ ସୁସ୍ଥ ସମାଜ ଓ ସମୃଦ୍ଧ ଦେଶ ଗଠନ ପାଇଁ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶଚନ୍ଦ୍ର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ କେନ୍ଦୁଝର ଜ୍ୟୋତିର୍ମୟୀ ନାଏକ ସ୍ୱାଗତଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।



ସେହିପରି କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ରଶ୍ମିରଞ୍ଜନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ବର୍ତ୍ତମାନ ଆଇନ, ଗଣତନ୍ତ୍ର ଓ ସମ୍ବିଧାନକୁ ନଷ୍ଟ କରାଯାଉଛି ବୋଲି ଆକ୍ଷେପ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ବରିଷ୍ଠ ନେତା ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ରାଜ୍ୟ ଦଳିତ କଂଗ୍ରେସ ସାଧାରଣ ସମ୍ପାଦକ ରଘୁନାଥ ପାତ୍ର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଜଳ କୁମାର ସେଠୀ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ ସାହୁ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ଓ ସଦସ୍ୟ ଡ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଆମ୍ବେଦକର ସେବାସଂଘ ତରଫରୁ ଜ୍ଞାନର ପ୍ରତୀକ, ବିଶ୍ୱର ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପୁଣ୍ୟ ଜୟନ୍ତୀ ପ୍ରାରମ୍ଭରେ ସୁଲ୍ତୁସୁଡିଆ ବାଇପାସସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସେବାସଂଘ କାର୍ଯ୍ୟାଳୟ ବାଇଲୋଠାରେ ଅନୁଷ୍ଠିତ ସାଧାରଣ ସଭାରେ ସେବାସଂଘର ସଭାପତି ଚତୁର୍ଭୁଜ ଦାଶ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଚତୁର୍ଭୁଜ ଜେନା ଆମ୍ବେଦକରଙ୍କ ଜନ୍ମ, ଶିକ୍ଷା,ଜୀବନୀ, ଦଳିତ ସମାଜ ପ୍ରତି ଅବଦାନ ବିଶେଷକରି ସମ୍ବିଧାନ ଓ ଆମ୍ବେଦକର ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ବିଦେଶୀ ଚରଣ ଜେନା, ଦାମୋଦର ଜେନା, ଚିତ୍ତରଞ୍ଜନ ଜେନା, ଉପସଭାପତି ପ୍ରାଣନାଥ ଜେନା ଏବଂ ଶ୍ରୀକାନ୍ତ ଜେନା, ସହ ସାଧାରଣ ସମ୍ପାଦକ ସୁରେଶ ଜେନା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ଜେନା, ସାଂଗଠନିକ ସମ୍ପାଦକ ପ୍ରମୋଦ ଜେନା, ଦଶରଥ ଜେନା ଯୋଗ ଦେଇଥିଲେ। ସାଂସ୍କୃତିକ ସମ୍ପାଦକ କଳାକାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ସତ୍ୟନାରାୟଣ ଉଚ୍ଚବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ଭାରତର ସମ୍ବିଧାନ ପ୍ରଣେତାଙ୍କ ଜୟନ୍ତୀ ଉପଲକ୍ଷେ ପୁରାତନ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଛି। କଲେଜ ଅଧକ୍ଷ ତ୍ରିଲୋଚନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଜଳସୁଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ଜେନା ସଭାପତିତ୍ୱ ଗ୍ରହଣ କରିଥିଲେ। ପୂର୍ବତନ ଶିକ୍ଷାଧିକାରୀ ଅକ୍ଷୟ ନାଏକ ମୁଖ୍ୟଅତିଥି ଭାବେ, ଅଜୟ କୁମାର ସାହୁ ମୁଖ୍ୟବକ୍ତା ଓ କାଳନ୍ଦୀ ଚରଣ ଜେନା, ଉମାବତୀ ଜେନା, ବିନୋଦ ବିହାରୀ ମହାପାତ୍ର, ବିଜୟ ମାଝୀ, ଗୋବିନ୍ଦଚନ୍ଦ୍ର ମାଝୀ, ପାଗଳ ଚରଣ ଜେନା, ବିଷ୍ଣୁଚରଣ ମାଝୀ, ଜ୍ୟୋତିର୍ମୟୀ ସାହୁ, ଅଙ୍କିତା ପାଣି, ପ୍ରଭାତ ନଳିନୀ ମହାପାତ୍ର, ବସନ୍ତ ଜେନା ଆଦି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟଉପକରଣ ବଣ୍ଟନ କରାଯାଇଥିଲା। ଆଲୋକ କୁମାର ଜେନା, ଗଣେଶ୍ୱର ସା, ନୀଳକଣ୍ଠ ଜେନା, ମହେନ୍ଦ୍ର ଜେନା, ଦିଲ୍ଲୀପ ଜେନା, ଭକ୍ତବନ୍ଧୁ ଜେନା, ନିବେଦିତା ରାଉତ, ସତ୍ୟପ୍ରକାଶ ଜେନା, ପ୍ରସନ୍ନ ମଲ୍ଲିକ, ଭାରତୀ ଜେନା, ମାଳତୀ ମାଝୀ, କୁନି ରଣା, ଅମ୍ବିକା ସାହୁ, ସୁବାସିନୀ ରଣା, ବଙ୍କାନିଧି ଜେନା, ଅପର୍ତି ରଣା, ଦମୟନ୍ତୀ ଜେନା, କଳାକାର ପାତ୍ର ସହଯୋଗ କରିଥିଲେ।

# ଶାଳକଣିଆଁରେ ମହାବୀର ବଜରଙ୍ଗ ବଲୀଙ୍କ ପୂଜାର୍ଚ୍ଚନା

ହାଟଡିହୀ,୧୪।୪(ସମିସ): ହାଟଡ଼ିହୀ ବ୍ଲକ ଶାଳକଣିଆଁ ଗ୍ରାମରେ ବାବା ମହାବୀର ବଜରଙ୍ଗୀବଲ୍ଲୀଙ୍କ ପୂଜାର୍ଚ୍ଚନା ବଡ଼ ଧୂମାଧାମରେ ପାଳନ ହୋଇଛି। ୨୦୦୮ରୁ ଏଠାରେ ମହାବୀରଙ୍କ ପୂଜା ହୋଇଆସୁଛି। ଆବାହକ ଗୋବିନ୍ଦ୍ରଚନ୍ଦ୍ର ପୃଷ୍ଟି ଓ ତାଙ୍କ ଧର୍ମପତ୍ନୀ ଶକୁନ୍ତଳା ପୃଷ୍ଟି ପୂଜାରେ ସଂକଳ୍ପ କରିଥିଲେ। ସୋମବାର ଗ୍ରାମର ଶତାଧିକ ପୁରୁଷ ମହିଳା ଯୁବକ ଯୁବତୀଙ୍କ ମଧ୍ୟରେ ରାମେଶ୍ୱରୀ ଜେନା, ପଦ୍ମାବତୀ ପୃଷ୍ଟି, ଲିଜାରାଣୀ ଜେନା, ସରସ୍ୱତୀ ସା, ବିଶ୍ୱରଞ୍ଜନ ମହାପାତ୍ର, ପବିତ୍ର ସାମଲ, ଚୈତନ୍ୟ ମଲ୍ଲିକ, ସାଗର ପାତ୍ର, ହରେକୃଷ୍ଣ ମଲ୍ଲିକ, ଜୀବନ ଜ୍ୟୋତି ସାମଲ, ରବିନ୍ଦ୍ର ପୃଷ୍ଟି, ସୁନୀଲ କର, ରବିନ୍ଦ୍ର ପୃଷ୍ଟି, ପ୍ରତାପ ସାମଲ, ବିଜୟ ସାମଲ, ନିରାକାର ସାମଲ, ଜଗନ୍ନାଥ ସାମଲ, ରାମକୃଷ୍ଣ ପୃଷ୍ଟି, ରତିକାନ୍ତ ପୃଷ୍ଟି, ଅନ୍ୟାନ୍ୟ ଗ୍ରାମବାସୀ ବୃନ୍ଦ କଳସ ଯାତ୍ରା କରି ଆସ୍ଥାନରେ କଳସ ସ୍ଥାପନ କରିଥିଲେ। ମଙ୍ଗଳବାରପଣା ସଂକ୍ରାନ୍ତି ଉପଲକ୍ଷେ ଯଜ୍ଞକୁଣ୍ଡରେ ହୋମାହୁତି ହୋଇଥିଲା। ପୂଜକ କିଶୋର କର, ସନ୍ତୋଷ କର, ଅଭୟ ଚରଣ ପଣ୍ଡା ଓ ସୁଦର୍ଶନ କରଙ୍କ ଦ୍ୱାରା ପୂଜାକାର୍ଯ୍ୟ ବହନ କରିଥିଲେ। ମୁଖ୍ୟ ପରିଚାଳନା ଦାୟିତ୍ୱ ପୁଅ ସୁରେଶନ ପୃଷ୍ଟି, ପୁତୁରା ବଳରାମ ମଲ୍ଲିକ ଓ ସ୍ୱେଚ୍ଛାସେବୀ ଗୌରାଙ୍ଗ ନାୟକ ବହନ କରିଥିଲା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ କଳିଗାଁ ସରପଞ୍ଚ ହମଲତା ଜେନା, ହାଟଡ଼ିହୀ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଜିଲ୍ଲାପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ବିଶେଷ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ଗୌରାଙ୍ଗ ମଲ୍ଲିକ, ଭାସ୍କର କର, ଅଧିକାରୀ ପାତ୍ର, ମଧୁସୂଦନ ମହାପାତ୍ର, ମାୟାଧର ସାହୁ, ମାର୍କଣ୍ଡ ଦାସ ଯୋଗଦେଇ ଠାକୁରଙ୍କ କୃପା ଲାଭ କରିଥିଲେ। ଆଜିଠାରୁ ଚାରିଦିନ ଧରି ବାଦୀପାଲା ଅନୁଷ୍ଠିତ ହେବ।



# କଟକ ସିଟି





## ବ୍ୟବସାୟିକ ଶତ୍ରୁତାରୁ ହତ୍ୟା ଷଡ଼ଯନ୍ତ୍ର

# ୪ ସୁପାରି କିଲର୍ ଗିରଫ

କଟକ,୧୪।୪(ସମିସ):




ବ୍ୟବସାୟିକ ଶତ୍ରୁତାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ହୋଇଥିବା ବେଳେ ତାହାକୁ ଦୁର୍ଘଟଣାର ରୂପ ଦେବାକୁ ଯାଇ ଅଭିଯୁକ୍ତମାନେ ବିଫଳ ହୋଇଛନ୍ତି। ଏହି ଘଟଣାରେ ମର୍କତନଗର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଏସିଆ ଗାଁର ଚନ୍ଦନ ଭୋଳ(୩୪) ସମେତ ସୁପାରି କିଲର ଭୁବନେଶ୍ୱର ଓଲ୍ଡ ଟାଉନର ରାକା ଓରଫ ଚିକୁ ଓରଫ ରାକେଶ କୁମାର ବେହେରା(୨୨), ଏୟାର ଫିଲ୍ଡ କଣ୍ଟିଲୋ ଗାଁର ଶିଶିର ଜେନା(୩୩) ଓ କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟ ଦିନୁ ଓରଫ ରାଜେଶ ନାୟକ(୨୫)କୁ ଗିରଫ କରିଛି। ଏମାନଙ୍କ ପାଖରୁ ଗୋଟିଏ କାର, ଗୋଟିଏ ପଲସର ବାଇକ, ଧାରୁଆ ମାରଣାସ୍ତ୍ର, ୫ଟି ମୋବାଇଲ, ୧୧ ହଜାର ଟଙ୍କା ଜବତ ହୋଇଛି।

ପୁଲିସ ସୂଚନା ଅନୁସାରେ, ଏରସମାର ଚନ୍ଦନ ଭୋଳ ବାଦାମବାଡି ଅଞ୍ଚଳରେ ଏକ ବହି ଦୋକାନ କରିଛନ୍ତି। ମର୍କତନଗର ସେକ୍ଟର ୬ ଅଞ୍ଚଳର ଜଣେ ବ୍ୟକ୍ତି ବହି ହୋଲସେଲ ବ୍ୟବସାୟ କରନ୍ତି। ଗତ କିଛି ବର୍ଷ ହେବ ଚନ୍ଦନଙ୍କ ବ୍ୟବସାୟ କ୍ଷତିରେ ଚାଲିଥିଲା। ଯେବେଠାରୁ ମର୍କତନଗର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ହୋଲ୍‌ସେଲ ସହିତ ରିଟେଲ ବ୍ୟବସାୟ ଆରମ୍ଭ କଲେ ସେବେଠାରୁ ଚନ୍ଦନର ଗ୍ରାହକ ସଂଖ୍ୟା କମିଯାଇଥିଲା। ଏହାକୁ ନେଇ ଚନ୍ଦନ ପ୍ରତିଶୋଧ ପରାୟଣ ହୋଇପଡିଥିଲା। ଦୀର୍ଘ ଦିନ ଧରି ଆର୍ଥିକ କ୍ଷତି ସହିବା ପରେ ଚନ୍ଦନ ଶେଷରେ ସଂପୃକ୍ତ ବ୍ୟକ୍ତିଙ୍କୁ ମାର୍‌ପିଟ କରିବାକୁ ଷଡଯନ୍ତ୍ର କରିଥିଲା। ଏହାପରେ ସେ ଭୁବନେଶ୍ୱରର ଦିନୁ ସହିତ ଯୋଗାଯୋଗ କରିଥିଲା। ଦିନୁ ଓ ସହଯୋଗୀଙ୍କ ସହିତ ମିଳିମିଶି କିଭଳି ଦୁର୍ଘଟଣାର ରୂପ ଦିଆଯିବ ସେନେଇ ଯୋଜନା କରିଥିଲେ। ଏଥିପାଇଁ ଦେଢ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଯୋଜନା ମୁତାବକ ଏପ୍ରିଲ ୫ ତାରିଖରେ ଆକ୍ରମଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଭୁଲ୍‌ବଶତଃ ସେମାନେ ଟାର୍ଗେଟ କରିଥିବା ବ୍ୟକ୍ତିଙ୍କ ବଦଳରେ ତାଙ୍କ ଘର ମାଲିକଙ୍କୁ ଆକ୍ରମଣ କରିଥିଲେ। ଘର ମାଲିକ ସକାଳେ ପ୍ରାତଃଭ୍ରମଣ କରୁଥିଲେ। ଏତିକିବେଳେ ଜୟପ୍ରକାଶ ନାରାୟଣ ପାର୍କ ସମ୍ମୁଖରେ ଅଭିଯୁକ୍ତ ରାକା, ଶିଶିର ଓ ଦିନୁ ଏକ ବାଇକରେ ଆସି ତାଙ୍କୁ ଜାଣିଶୁଣି ଧକ୍କା ଦେଇଥିଲେ। ଏହାକୁ ନେଇ ବଚସା ହେବା ଭିତରେ ଦୁର୍ବୃତ୍ତମାନେ ଧାରୁଆ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ବ୍ୟକ୍ତିଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଜୋରଦାର ଆଘାତ ଦେଇଥିଲେ। ଘର ମାଲିକ ଜଣକ ରକ୍ତାକ୍ତ ହୋଇ ଅଚେତ ହୋଇଯିବା ପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ମାତ୍ର କିଛି ମିନିଟ୍ ଭିତରେ ସେମାନେ ମର୍କତନଗରରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏନେଇ ଆହତଙ୍କ ପରିବାର ସଦସ୍ୟଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଏହାକୁ ଦୁର୍ଘଟଣା ଜନିତ ଗଣ୍ଡଗୋଳ ବୋଲି ଆଶଙ୍କା କରୁଥିଲା। କିନ୍ତୁ ସିସିଟିଭି ଫୁଟେଜରେ ଦୁର୍ବୃତ୍ତଙ୍କ ଗତିବିଧିରୁ ପୁଲିସର ସନ୍ଦେହ ବଢିଥିଲା। ଏହାପରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଗତ ୭ ତାରିଖରେ ପ୍ରଥମେ ରାକାକୁ ଗିରଫ କରିଥିଲା। ତାର ସୂଚନା ଆଧାରରେ ଏସିପି ଅରୁଣ ସ୍ୱାଇଁ ଓ ଇନ୍ସପେକ୍ଟର ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ବ୍ରହ୍ମପୁର, ଗଞ୍ଜାମ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ ଆଦି ଜିଲ୍ଲାରେ ଲଗାତାର ୫ ଦିନ ଧରି ଚଢଉ କରିଥିଲା। ଏହାପରେ ୨ ସୁପାରି କିଲର ଶିଶିର ଓ ଦିନୁ ଧରାପଡିଥିଲେ। ସେମାନଙ୍କୁ ଜେରା ବେଳେ ଘଟଣା ପଛର ମାଷ୍ଟର୍‌ମାଇଣ୍ଡ ଚନ୍ଦନ ଭୋଳ ବିଷୟରେ ଜଣାପଡଥିଲା। ପୁଲିସ ସଂଗେ ସଂଗେ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଥିଲା। ଅଭିଯୁକ୍ତ ଦିନୁ ନାଁରେ ପୂର୍ବରୁ ବଡଗଡ ଥାନା, ଚନ୍ଦ୍ରଶେଖରପୁର ଥାନା ଓ ଏୟାରପୋର୍ଟ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍ ପଠାଯାଇଛି।

## ବିଜୁ ପଟ୍ଟନାୟକ ଛକରେ ଖୋଲିଲା ଜଳଛତ୍ର



କଟକ,୧୪।୪(ସମିସ): ଭାରତୀୟ ଜନତା ପାର୍ଟିର ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ୧୬ ନମ୍ବର ୱାର୍ଡ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆଜି ବିଜୁ ପଟ୍ଟନାୟକ ଛକ ଠାରେ ଏକ ଜଳଛତ୍ର ବିତରଣ କେନ୍ଦ୍ର ଉଦଘାଟନ ହୋଇଥିଲା। ମହମ୍ମଦ ସବୀରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରାବାଟୀ ମଣ୍ଡଳ ସଭାପତି ଜୟକୃଷ୍ଣ ସ୍ୱାଇଁ ଅତିଥିରୂପେ ଯୋଗଦେଇଥିଲେ। ସୁମନ ରାଉତ, ସୁରେଶ ଚନ୍ଦ୍ର ସେଠି, ସଞ୍ଜୟ ମହାନ୍ତି, ବିକ୍ରମ ମହାନ୍ତି, ରମେଶ ପ୍ରଧାନ, ଅମୀୟ ମହାନ୍ତି, ସେକ ଏଯାଜ୍, ମଜିଦ୍ ଖାନ, ସୁମନ୍ତ ପାଲ, ସେଖ ମୁନା, ସେଖ ଅବଦୁଲ ଅଜିଜ, ଶେଖ ମୁନା, ବିଚିତ୍ର ଦାସ, ଆଶୀର୍ବାଦ ହରିଚନ୍ଦନ, ବି. ଶଙ୍କର ରାଓ, ରୋହନ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ମଣ୍ଡଳରେ ବିଜେପିର 'ବସ୍ତି ଚାଲ' କାର୍ଯ୍ୟକ୍ରମ



କଟକ,୧୪।୪(ସମିସ): ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଦେଶବ୍ୟାପୀ ଭାବେ ବୁଥ୍‌ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀସ୍ତର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଏପ୍ରିଲ ୬ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ପାଳନ କରୁଛି। ଏହି କାର୍ଯ୍ୟକ୍ରମ ଅନୁସାରେ ଗ୍ରାମାଞ୍ଚଳରେ "ଗାଁ କୁ ଚାଲ" ଏବଂ ସହରାଞ୍ଚଳରେ "ବସ୍ତିକୁ ଚାଲ" ଅଭିଯାନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲାର ଶ୍ରୀ ଜଗନ୍ନାଥ ମଣ୍ଡଳରେ ମଣ୍ଡଳ ସଭାପତି ହରିଚନ୍ଦନ ନାୟକଙ୍କ ସଭାପତିତ୍ୱରେ "ବସ୍ତିକୁ ଚାଲ" ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର ଏବଂ ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର ଉପସ୍ଥିତ ରହି ସାଧାରଣ ଲୋକମାନଙ୍କୁ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ବସ୍ତିର ମୁରବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହିତ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ବସ୍ତିରେ ମିଠା ବଣ୍ଟନ କରି ପ୍ରତିଷ୍ଠା ଉତ୍ସବକୁ ଉତ୍ସାହର ସହ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧାରଣ ସମ୍ପାଦକ ତପନ ବେହେରା, ମୀନକେତନ ଦାସ, ରାମ ସାମଲ, ଗୁଣନିଧି ଜେନା, ଟିମା ସାମଲ, ଅଶୋକ ସାମଲ, ତପନ ବୈଶାଖି, ଶ୍ରୀକାନ୍ତ ବେହେରା, ଏନ. ଫଗୁଆ, ପୀତବାସ ପ୍ରଧାନ, ଚଗୀ ପ୍ରଧାନ, ଦେବାଶିଷ ଦାସ, ଶାଶ୍ୱତ ବିଶ୍ୱାଳ, ଭୋଳାନାଥ ମହାରଣା, ସବିତା ବେହେରା, ଅମ୍ବିକା ଦାସ, ସଂଯୁକ୍ତା ବିଶ୍ୱାଳ, ଲକ୍ଷ୍ମୀ ପ୍ରଧାନ ଏବଂ ପୁଷ୍ପାଞ୍ଜଳି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରବଜାରରେ ପଣା ବଣ୍ଟନ କାର୍ଯ୍ୟକ୍ରମ



କଟକ,୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଛତ୍ରବଜାର ପରିବା ହାଟସ୍ଥିତ ଦୁର୍ଗା ମନ୍ଦିର ପାଶ୍ୱର୍ରେ ଏକ ବିଶାଳ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ ମିନିଟ୍ ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବ୍ୟବସାୟୀ ସାମିଲ ହୋଇଥିଲେ। ଏହି ଅବସରରେ ସୁସ୍ୱାଦୁ ପଣା ପ୍ରସ୍ତୁତ କରାଯାଇ ସର୍ବସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ପଣା ସେବନ କରି ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଅଜିତ ମୂଳିଆ, ନାରାୟଣ ମୂଳିଆ, ତୁଷାର ରାଉତ, ପରେଶ ମୂଳିଆ, ଅଶୋକ ମୂଳିଆ, ସୌମ୍ୟରଞ୍ଜନ ମୂଳିଆ, ମନୀଷ ମୂଳିଆ ଏବଂ ରୁଦ୍ରକାନ୍ତ ମୂଳିଆ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ଜିତେନ୍ଦ୍ର କୁମାର ବାରିକ, ସନ୍ତୋଷ ସ୍ୱାଇଁ, ଦୀପକ ବେହେରା, ସୂର୍ଯ୍ୟକାନ୍ତ ପୃଷ୍ଟି, ବିଶ୍ୱଜିତ ପାଣି, ମନୋରଞ୍ଜନ ସାହୁ, ରାଜେଶ ଦାସ, ଶୋଭନ ପୃଷ୍ଟି ଓ ମହେଶ୍ୱର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ। ଯୁବଗୋଷ୍ଠୀର ଏଭଳି ସେବା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ବେଶ ପ୍ରଶଂସା କରିଥିଲେ।

## କଟକ ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ

କଟକ,୧୪।୪(ସମିସ): ଭାରତୀୟ ସମ୍ବିଧାନର ମୁଖ୍ୟ ସ୍ଥପତି ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସନ୍ନିକଟରେ ଥିବା ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବାବାସାହେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସାହୋତା ଏବଂ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଆରତୀ ସାହୁଙ୍କ ସମେତ ବହୁ ସାମାଜିକ କର୍ମୀ, ରାଜନେତା, ଆଇନଜୀବୀ ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପ-ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଏହି ଆୟୋଜନରେ ସହଯୋଗ କରିଥିଲେ।



## ଜିଲ୍ଲା ବିଜେଡି ପକ୍ଷରୁ ଓଡ଼ିଆ ନବବର୍ଷ ଓ ଆମ୍ବେଦକର ଜୟନ୍ତୀ




କଟକ,୧୪।୪(ସମିସ): କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ଓଡ଼ିଆ ସଂସ୍କୃତି ଓ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ସିଂହ ନିଜ ଅଭିଭାଷଣରେ କହିଥିଲେ ଯେ, ମହାବିଷୁବ ସଂକ୍ରାନ୍ତି ହେଉଛି ଓଡ଼ିଆ ପରମ୍ପରାର ଅନନ୍ୟ ପର୍ବ ଏବଂ ଏହି ଦିନଠାରୁ ନୂତନ ପଞ୍ଜିକା ଗଣନା ଆରମ୍ଭ ହୋଇଥାଏ। ଅନ୍ୟପକ୍ଷରେ, ବାବାସାହେବ ଆମ୍ବେଦକରଙ୍କ ଜନ୍ମଜୟନ୍ତୀକୁ ବିଶ୍ୱବ୍ୟାପୀ "ସମାନତା ଦିବସ' ଓ "ଜ୍ଞାନ ଦିବସ' ଭାବେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ କଟକ ମେୟର ସୁବାଷ ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଦୀପ୍ତ ଖୁଣ୍ଟିଆ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ ଓ ଶିଶିର ପରିଜା ପ୍ରମୁଖ ଯୋଗଦେଇ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ମହିଳା ସଭାନେତ୍ରୀ ଅନିତା ବେହେରା, କର୍ପୋରେଟର ଏ. ଶ୍ରୀଦେବୀ, ନମିତା ବାରିକ, ଦୀପ୍ତିମୟୀ ମୂଳିଆ, କ୍ରିମିନାଲ ବାର୍ ଆସୋସିଏସନ ସମ୍ପାଦକ ଗଦାଧର ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପଣା ସଂକ୍ରାନ୍ତିର ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ।

### କଟକରେ ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ

# 'ଜୟ ଶ୍ରୀରାମ-ଜୟ ହନୁମାନ' ଧ୍ୱନିରେ ପ୍ରକମ୍ପିତ ଗଗନ ପବନ







କଟକ,୧୪।୪(ସମିସ):

ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତୀ ଅବସରରେ ଆଜି ଦିନ ତମାମ ସହର ପ୍ରଭୁ ରାମ ଓ ହନୁମାନଙ୍କ ମନ୍ଦିରରେ ପ୍ରବଳ ଭକ୍ତ ସମାଗମ ହୋଇଥିଲା। ବିଶେଷ କରି ସହରର ୩୦ରୁ ଅଧିକ ରାମମନ୍ଦର ସହିତ ହନୁମାନ ମନ୍ଦିରରେ ଭୋର-୬ରୁ ଭିଡ଼ ବଢ଼ିଥିଲା। ଏଥି ସହିତ ହନୁମାନ ଜୟନ୍ତୀ ପାଳନ ଅବସରରେ ସହରରେ ରାମ ଭକ୍ତମାନେ ଶୋଭାଯାତ୍ରା ବାହାର କରିଥିଲେ।

- ପ୍ରଭୁ ଶ୍ରୀରାମ ଓ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁ ସମାଗମ
- ଶାନ୍ତିଶୃଙ୍ଖଳାରେ ଶୋଭାଯାତ୍ରା ଶେଷ

ଆଜି ସକାଳ ୧୦ଟା ସମୟରେ ହିନ୍ଦୁସେନା ପକ୍ଷରୁ ଏକ ବଡ଼ ବାଇକ୍ ରାଲି ବାହାରିଥିଲା। ଶତାଧିକ ରାମ ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସାରା ସହର। ଅନ୍ୟପଟେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରାଲି ବାହାରିଥିଲା। ସେହିପରି ହିନ୍ଦୁ ସେନା ପକ୍ଷରୁ 'ମହାବୀର ଧ୍ୱଜଯାତ୍ରା' ଆକର୍ଷଣୀୟ ହୋଇଥିଲା। ଏହି ୩ଟି ବଡ଼ ରାଲିକୁ ବାଦ ଦେଲେ ସହରର ବିଭିନ୍ନ ଅଞ୍ଚଳରୁ ପ୍ରଭୁ ରାମ ଓ ହନୁମାନଙ୍କ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ବାହାରିବା ସମୟ ଠାରୁ ପରିକ୍ରମା ଶେଷ ପର୍ଯ୍ୟନ୍ତ, କୌଣସି ସ୍ଥାନରେ ଗଣ୍ଡଗୋଳ ହୋଇନଥିବା ସୂଚନା ମିଳିଛି। ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କ ତତ୍ତ୍ୱାବଧାନରେ ୧୦ପ୍ଲାଟୁନ୍ ପୁଲିସ ଫୋର୍ସ ସହିତ ଅଫିସରମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ରାଲି ଓ ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଓଡିଆ ନବବର୍ଷ ସହ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ସାରା ସହରରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ସହରବାସୀ ସକାଳୁ ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ନବବର୍ଷର ଶୁଭେଚ୍ଛା ଜଣାଇ ପଣା ପିଇବା ସହ ଅନ୍ୟମାନଙ୍କୁ ବାଣ୍ଟି ଦିନଟିକୁ ଅଧିକ ସ୍ମରଣୀୟ କରିଥିଲେ। ନୂଆବର୍ଷ ପାଇଁ ବିଭିନ୍ନ କଟକର ବିଭିନ୍ନ ହନୁମାନ ମନ୍ଦିର ମାନଙ୍କରେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଖାନନଗର ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର, ଡଗରପଡା ସ୍ଥିତ ହନୁମାନ ମନ୍ଦିର, ଝାଞ୍ଜିରୀମଙ୍ଗଳା ସ୍ଥିତ ହନୁମାନ ମନ୍ଦିର ଗୁଡ଼ିକରେ ଭକ୍ତ ବେଶ ସମାଗମ ପରିଲକ୍ଷିତ ହୋଇଥିଲା। ସେହିପରି ଓଡିଆ ନବବର୍ଷ ଅବସରରେ କଟକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ସହର ପରିକ୍ରମା କରିଥିଲା। ହାତରେ ପତାକା ଓ ଜୟଶ୍ରୀରାମ୍, ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସହର। ହିନ୍ଦୁ ସେନା ପକ୍ଷରୁ ବାହାରିଥିବା ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲିଥିଲେ ବରଗଡ଼ର କଂସ ମହାରାଜ। ସେହିପରି ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ହିନ୍ଦୁ ସଙ୍କଳ୍ପ ଯାତ୍ରା ବାରବାଟୀ ଷ୍ଟାଡୟମ ନିକଟରୁ ବାହାରି ଚଣ୍ଡୀଛକ, ବକ୍ସି ବଜାର, ତିନି କଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ବାଲୁ ବଜାର ଇତ୍ୟାଦି ଅଞ୍ଚଳ ପରିକ୍ରମା କରି ତ୍ରିନାଥ ମନ୍ଦିର ଠାରେ ପହଞ୍ଚିଥିଲା। ଅନ୍ୟପଟେ ହିନ୍ଦୁ ସେନା କଟକ ପୂର୍ବାଞ୍ଚଳ ଶାଖା ପକ୍ଷରୁ ମହାବୀର ଧ୍ୱଜା ଯାତ୍ରା ନେତାଜୀ ଖେଳ ପଡିଆ ପୋତାପୋଖରୀ ଠାରୁ ବାହାରି ସହର ପରିକ୍ରମା କରି ଦୋଳମୁଣ୍ଡାଇ ଠାରେ ପହଞ୍ଚିଥିଲା। ତେବେ ସହରରେ ଦେଢ଼ଘଣ୍ଟା ମଧ୍ୟରେ ୩ଟି ପ୍ରମୁଖ ଶୋଭାଯାତ୍ରା ଅତିକ୍ରମ କରିଥିଲା। ଏଡିସିପି ଅମରେନ୍ଦ୍ର ପଣ୍ଡା, ଏସପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଇନ୍ସପେକ୍ଟର ବିଶ୍ୱରଂଜନ ନାୟକ, ରାକେଶ ବେହେରା, ମାତିଲାଲ ମାରାଣ୍ଡି, ଉମାଶଙ୍କର ସାହୁ, ସତ୍ୟଜିତ ଭୁତିଆ, ରିଜର୍ଭ ଇନ୍ସପେକ୍ଟର ବିଦ୍ଧୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହିତ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।





# 'ଆମ୍ବେଦକରଙ୍କ ଜୀବନାଦର୍ଶ ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣା'

**ଝାରସୁଗୁଡ଼ା, ୧୪।୪(ସମିସ)**

ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଆଜି ସୁନାରିମୁଣ୍ଡା ଛକସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ତଥା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡି.ଏମ୍.ଏଫ୍ ଅଡିଟୋରିୟମଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବାବା ସାହେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ, 'ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ ଗଠନ ପାଇଁ ଡ. ଆମ୍ବେଦକରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ସମାଜରୁ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବାରେ ତାଙ୍କର ଅବଦାନ ମହାନ। ମୁଖ୍ୟବକ୍ତା ଭାବେ ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଶିବପ୍ରିୟା ମିଶ୍ର ଯୋଗଦେଇ ଡ. ଆମ୍ବେଦକରଙ୍କୁ ଜଣେ ମହାନ୍ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ କହିଥିଲେ ଡ. ଆମ୍ବେଦକରଙ୍କ ରଚିତ ସମ୍ବିଧାନରେ ସେ ପ୍ରଦାନ କରିଥିବା ମୌଳିକ ଅଧିକାର ଓ ସମାନତା ହିଁ ଗଣତନ୍ତ୍ରର ସୁରକ୍ଷା କବଚ। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ କହିଥିଲେ, 'ଆଧୁନିକ ଭାରତର ନିର୍ମାଣରେ ବାବା ସାହେବଙ୍କ ଦୂରଦୃଷ୍ଟି ଅତୁଳନୀୟ। ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା କହିଥିଲେ 'ଶିକ୍ଷା ହିଁ ସମସ୍ତ ପରିବର୍ତ୍ତନର ମୂଳଦୁଆ ବୋଲି ବାବା ସାହେବ ସର୍ବଦା ବିଶ୍ୱାସ କରୁଥିଲେ। ତାଙ୍କ ପ୍ରଦର୍ଶିତ 'ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର' ମନ୍ତ୍ର ଆଜିର ପ୍ରଶାସନିକ ବ୍ୟବସ୍ଥା ଓ ସମାଜ ଗଠନ ପାଇଁ ଏକ ଅନନ୍ୟ ଦିଗଦର୍ଶନ ଏବଂ ଆଜି ବି ପ୍ରଗତିର ମୂଳଦୁଆ। ମାନସ ରଞ୍ଜନ ମଲ୍ଲିକ କହିଥିଲେ, 'ସମାଜରୁ ଭେଦଭାବ ଦୂର କରି ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ହିଁ ବାବା ସାହେବଙ୍କ ପ୍ରତି ପ୍ରକୃତ ସମ୍ମାନ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଅତିଥିମାନଙ୍କୁ ଉତ୍ତରୀୟ ଓ ଚାରାଗଛ ଦେଇ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



**ଝାରସୁଗୁଡ଼ା :** ସମଗ୍ର ଦେଶ ସମେତ ଝାରସୁଗୁଡ଼ା ଜିଲ୍ଲାରେ ଭାରତ ରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ସୁନାରୀ ମୁଣ୍ଡା ସ୍ଥିତ ବି.ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲ୍ଲା ବିଜେଡି ତରଫରୁ ଏକ ଭବ୍ୟ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାରେ ଜିଲ୍ଲା ବିଜେଡିର ବହୁ ବରିଷ୍ଠ ନେତୃତ୍ୱ ଓ କର୍ମକର୍ତ୍ତା ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ନଗରପାଳିକା ଅଧ୍ୟକ୍ଷା ରାନୀ ହାତୀ, ଜିଲ୍ଲା ଯୁବ ବିଜେଡି ସଭାପତି ରୋବିନ ପାଣ୍ଡେ, ରବି ସିଂ, ଅଶୋକ ଦାସ, ରଘୁମଣି ପଟେଲ, ତୁଳସୀ ଦାସ, ମଦନ ହାତୀ, ନବନୀତ କୌର, ଗୀତାଞ୍ଜଳି ପଣ୍ଡା, ନିତାରାଣୀ ସାହା ଏବଂ ଥବିର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମାଲ୍ୟାର୍ପଣ ପରେ ଉପସ୍ଥିତ ନେତୃବୃନ୍ଦ ଡ. ଆମ୍ବେଦକରଙ୍କ ଅତୁଳନୀୟ ଅବଦାନକୁ ମନେପକାଇ କହିଥିଲେ ଯେ, ବାବାସାହେବ କେବଳ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ବିଧାନ ପ୍ରଣୟନ କରିନାହାଁନ୍ତି ବରଂ ସମାଜର ପ୍ରତ୍ୟେକ ବର୍ଗକୁ ସମାନ ଅଧିକାର ଦେଇ ଏକ ମଜଭୁତ ଗଣତନ୍ତ୍ରର ଭିତ୍ତିଭୂମି ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ବିଜେଡି ତରଫରୁ ସାମାଜିକ ସମରସତା ବଜାୟ ରଖିବା ଏବଂ ଆମ୍ବେଦକରଙ୍କ ସ୍ୱପ୍ନର ଭାରତ ଗଠନ କରିବା ପାଇଁ ସଂକଳ୍ପ ନିଆଯାଇଥିଲା।






**ଦେବଗଡ଼ :** ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜୀତ କୁମାର ଭୋଜ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଞ୍ଚାସିନ ଅତିଥିମାନେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୀବନଆଦର୍ଶ ଉପରେ ଆଲୋକପାତ କରିଥିଲେ। ସେହିପରି ପୂର୍ବରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ନାଗରିକ ମିତ୍ରଭାନୁ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ସୁଶୀଲ କପରଦାର, ମାର୍କଣ୍ଡେଶ୍ୱର ଶତପଥୀ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜନ୍ମେଜୟ ନାୟକ, ପ୍ରଦୀପ ପାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସାମ୍ବାଦିକ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

**ଦେବଗଡ଼ :** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବା ଭାରତ ଓ ମା ପାତ୍ରାଣି କ୍ଲବ୍‌ର ମିଳିତ ସହଯୋଗରେ ତାରଙ୍ଗ ପଞ୍ଚାୟତ ସଭାଗୃହରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାରଙ୍ଗ ଗ୍ରାମ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ସାହୁ, ସନ୍ତୋଷ କୁମାର ପ୍ରଧାନ, ଚିନ୍ମୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ଜୁଲିଆ ରବର୍ଟ ଜି. କିଷାନ ପ୍ରଥମ, ଉତ୍ତମ ଚରଣ ସାହୁ ଦ୍ୱିତୀୟ ଓ ଆୟୁଷ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରମେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ



**ଦେବଗଡ଼, ୧୪।୪(ସମିସ):** ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜି ପବିତ୍ର ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଥିଲେ। ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଥିବା ବେଳେ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଆଚରଣ ଓ ଉଚ୍ଚାରଣରେ ଓଡ଼ିଆ ଭାବ ସମ୍ପ୍ରସାରଣ କରିବାକୁ ଜିଲ୍ଲାପାଳ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଏଜଲିନ ବାରା, କଳିଙ୍ଗ ଆଶିଷ ଶତପଥୀ, ପ୍ରିୟା ତିର୍କି, ସୌମ୍ୟା ସୁଚିସ୍ମିତା, ଡିପିଏମ୍ ଓଏଲେମ୍ ଶିଶିର କୁମାର ଷଡ଼ଙ୍ଗୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।



**ଝାରସୁଗୁଡ଼ା:** ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ଝାରସୁଗୁଡ଼ା ଜିଲ୍ଲା ମରାକୁଟା ଗ୍ରାମସ୍ଥିତ ଶିବମନ୍ଦିର ପରିସରରେ ଥିବା ହନୁମାନଙ୍କ ମୂର୍ତ୍ତିରେ ପୂଜା ସହିତ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ଗୁରୁ, ରୋଶନ ଗୁରୁ, ପ୍ରଦୀପ ଅଗ୍ରୱାଲ, ଶ୍ରୀଲନ୍ତ ବାର୍ଲା, ବଡ଼ ଆଧା, ଇନ୍ଦ୍ରମଣି ସେଠ, ଭବାନୀ ମିଞ୍ଜ, ରବି କିଷାନ ଏବଂ ସଞ୍ଜୀବ ଭଇଁସା ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**କୁଚିଣ୍ଡା, ୧୪।୪(ସମିସ):** ମଙ୍ଗଳବାର ଦିନ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଚିଣ୍ଡା ଗସ୍ତ ଅବସରରେ ବକ୍ସମା ପଞ୍ଚାୟତର ସରପଞ୍ଚ ସରସ୍ୱତୀ ଠାକୁର ତାଙ୍କୁ ସାକ୍ଷାତ କରି ବକ୍ସମା ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ବକ୍ସମା ହାଇସ୍କୁଲରେ ଗତ ୧୯୮୯ରେ ପ୍ରତିଷ୍ଠା ହୋଇ ଅଞ୍ଚଳର ଶହ ଶହ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ କରିଆସୁଛି। ଏହି ସ୍କୁଲରେ ବିଭିନ୍ନ ବିଷୟରେ ଶିକ୍ଷାଦାନ ପାଇଁ ୭ ଜଣ ଶିକ୍ଷକ, ଦୁଇ ଜଣ କିରାଣୀ ଓ ଜଣେ ପିଅନ ରହିଥିଲେ। ପରବର୍ତ୍ତୀ ସମୟରେ ଜଣେ ରାତ୍ରି ଜଗୁଆଳିଙ୍କୁ ସ୍କୁଲ କମିଟି ନିଯୁକ୍ତି ଦେଇଥିଲା। ମାତ୍ର ଶିକ୍ଷକମାନଙ୍କ ଅବସର ପରେ ଆଉ ନୂତନ ଶିକ୍ଷକ ନିଯୁକ୍ତି ହେଉନଥିବାରୁ ବର୍ତ୍ତମାନ ଏହି ସ୍କୁଲଟି ଜଣେ ମାତ୍ର ସଂସ୍କୃତ ଶିକ୍ଷୟିତ୍ରୀ ଓ ଜଣେ ରାତ୍ରି ଜଗୁଆଳିଙ୍କୁ ନେଇ ଚାଲୁଛି। ଫଳରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଞ୍ଚଳର ଶହଶହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରି ସରପଞ୍ଚ ଶ୍ରୀମତୀ ଠାକୁର କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମେ ୧୦ରେ ଝାଡ଼ୁଆପଡ଼ାର ସାମୂହିକ ବ୍ରତୋପନୟନ

**ସମ୍ବଲପୁର, ୧୪।୪ (ସମିସ) :** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆରଣ୍ୟକ ସେବା ସଂସ୍ଥା, ଝାଡ଼ୁଆପଡ଼ା ପକ୍ଷରୁ ସାମୁହିକ ବ୍ରତୋପନୟନ ନିମନ୍ତେ ଲଗ୍ନ ସ୍ଥିର କରାଯାଇଛି। ଆସନ୍ତା ମେ ମାସ ୧୦ ତାରିଖ, ଜ୍ୟେଷ୍ଠ କୃଷ୍ଣପକ୍ଷ ଅଷ୍ଟମୀ, ରବିବାର ଦିନ ଏହି ୬୧ତମ ସାମୁହିକ ବ୍ରତୋପନୟନ ବ୍ରହ୍ମପୁରା ମନ୍ଦିର ପ୍ରାଙ୍ଗଣରେ ଯଥାରୀତି ଆୟୋଜିତ ହେବ। ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡର ମେନେଜିଂ ଟ୍ରଷ୍ଟି ସରୋଜ କୁମାର ଦଲପତ ଏବଂ ଯୁବ ଉଦୟନ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ମିଶ୍ର ପ୍ରକାଶ କରିଛନ୍ତି। ବରିଷ୍ଠ ପଣ୍ଡିତ ମହେଶ୍ୱର ନାୟକଙ୍କ ଆବାହକତ୍ୱରେ ପଣ୍ଡିତମାନଙ୍କ ଏକ ଦଳ ଏଥିନିମନ୍ତେ ଲଗ୍ନ ସ୍ଥିର କରିଥିବାବେଳେ ସେମାନେ ସାମୁହିକ ବ୍ରତୋପନୟନର ସମସ୍ତ କର୍ମକାଣ୍ଡ ସମ୍ପାଦନ କରିବେ। ଏଥିରେ ନିଜ ଆତ୍ମୀୟଙ୍କ ବ୍ରତ କରାଇବାକୁ ଇଚ୍ଛୁକ ବ୍ୟକ୍ତି ସଂସ୍ଥାର ସଦସ୍ୟ ଶୁଭେନ୍ଦ୍ର ପଣ୍ଡାଙ୍କୁ ୯୪୩୭୨୦୧୭୩୭ରେ ଆସନ୍ତା ୩୦ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ନାକଟିଦେଉଳ, ୧୪।୪(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମର ଧନୁ ରାଉତଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ମଙ୍ଗଳବାର ସକାଳେ ନିଜ ଘର ପାଖରେ ଛେଳି ଖାଇବା ପାଇଁ ଡାଳ କାଟିବାକୁ ଯାଇଥିବା ସମୟରେ ପାଖରେ ଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ଫଳରେ ଘଟଣା ସ୍ଥଳରେ ଧନୁଙ୍କ ମୃତ୍ୟୁ ହୋଇଥିଲା। ବିଦ୍ୟୁତ୍ ବିଭାଗକୁ ଖବର ଦେବା ପରେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ ସେଠାରେ ପହଞ୍ଚି ନଥିଲା। କ୍ଷତିପୂରଣ ଦାବିରେ ଦୀର୍ଘ ୫ଘଣ୍ଟା ଧରି ଶବ ପଡ଼ି ରହିଥିଲା। ପରେ ପ୍ରଶାସନ ପହଞ୍ଚି କ୍ଷତିପୂରଣ ବାବଦରେ ବୁଝାସୁଝା ପରେ ଶବବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିବା ଜଣାପଡ଼ିଛି।

# ବ୍ରହ୍ମପୁରା ମହାପ୍ରଭୁଙ୍କଠାରେ ୩୦୦୦ ପଦ୍ମଫୁଲ ଅର୍ପଣ



**ସମ୍ବଲପୁର, ୧୪।୪ (ସମିସ) :** ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ତିଥିରେ ସମ୍ବଲପୁରର ସର୍ବପୁରାତନ ଶ୍ରୀ ଶ୍ରୀ ବ୍ରହ୍ମପୁରା ମହାପ୍ରଭୁଙ୍କ ଠାରେ ୩୦୦୦ ପଦ୍ମଫୁଲ ଅର୍ପଣ କରାଯାଇଛି। ପୂଜାର୍ଚ୍ଚନା ପଣ୍ଡିତ ସନ୍ତୋଷ ପଣ୍ଡା କରିଥିବାବେଳେ ସେବାୟତ ପ୍ରାଣ ରଞ୍ଜନ ପଣ୍ଡା, ସୀତାରାମ ସୂପକାର, ସୁଜିତ ପୂଜାରୀ ଓ ଶୁଭେନ୍ଦୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରତି ସଂକ୍ରାନ୍ତି ଏବଂ ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ପଦ୍ମଫୁଲ ଅର୍ପଣ କରାଯାଇଥାଏ।

# ଶୋଭାଯାତ୍ରାରେ ଅଘଟଣ, ଫଟକା ବାଜି ୨ ଗୁରୁତର

**ସମ୍ବଲପୁର, ୧୪।୪ (ସମିସ) :** ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଅଘଟଣ। ଫଟକା ବାଜି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁଇଟି ସ୍ଥାନରେ ଫଟକା ବାଜି ଏହି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ଗୋଟାଏ ଧନକଉଡ଼ା ଅଞ୍ଚଳ ହୋଇ ଥିବା ବେଳେ ଅନ୍ୟ ଗୋଟାଏ କୁମ୍ଭାରପଡ଼ା ବୋଲି ଜଣାପଡ଼ିଛି। ସୂଚନା ଅନୁସାରେଆଜି ବିଭିନ୍ନ ପଡ଼ାରୁ ଶୋଭାଯାତ୍ରା ବାହାରିଥିଲା। ଅଧିକାଂଶ ପଡ଼ାର ଶୋଭାଯାତ୍ରା ବୃକ୍ସ୍ ହିଲ ମନ୍ଦିର ପାଖକୁ ଆସିଥିଲା। ସମନ୍ୱୟ ସମିତି ପକ୍ଷରୁ ଜିଲ୍ଲା ସ୍କୁଲ ଛକରେ ମହା ଆଳତି ହୋଇଥିଲା। ଶୋଭାଯାତ୍ରାରେ ଆତସବାଜି ରହିଥିଲା। ତେଣୁ ଉକ୍ତ ୨ଟି ସ୍ଥାନରେ। ଶୋଭାଯାତ୍ରାରେ ଏହି ଅଘଟଣ ଘଟିଛି।



## ସିଏମ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଆଦିବାସୀ କ୍ଲବ୍ ଓ ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ବିଜୟୀ

**ଝାରସୁଗୁଡ଼ା, ୧୪।୪(ସମିସ):** ଝାରସୁଗୁଡ଼ା ସହର ସ୍ଥିତ ୨ୟ ଓଏସଏପି ମିନି ଷ୍ଟାଡିୟମଠାରେ ଚାଲିଥିବା ସିଏମ୍ କପ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ଦୁଇଟି ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରଥମ ମ୍ୟାଚ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବ୍ରଜରାଜନଗରର ଶ୍ରୀ ତ୍ରିନାଥ କ୍ଲବ ଏବଂ ଆଦିବାସୀ କ୍ଲବ, ଦୀପାପଡ଼ା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଆଦିବାସୀ କ୍ଲବ ୩-୦ ଗୋଲରେ ଶ୍ରୀ ତ୍ରିନାଥ ଏକାଡେମୀକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ମ୍ୟାଚରେ ଝାରସୁଗୁଡ଼ା ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ହରିଶ ଗଣତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ କାଉନସିଲର ପ୍ୟାରେଲାଲ ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମ୍ୟାଚ୍‌କୁ ଅମିତ ବାଗ, ଲକ୍ଷ୍ମଣ କିଷାନ, ଶରତ କିଷାନ ଓ ସଞ୍ଜୟ କିଷାନ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ କେ. ଜଗନ୍ନାଥ ରାଓ ଦାୟିତ୍ୱ ତୁଲାଇଥିଲେ। ସେହିପରି ଦିନର ଦ୍ୱିତୀୟ ମ୍ୟାଚ୍ ବାଲିଜୋରି ସ୍ପୋର୍ଟସ କ୍ଲବ୍ ଏବଂ କିର୍ମିରା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଏକତରଫା ମ୍ୟାଚରେ ବାଲିଜୋରି ସ୍ପୋର୍ଟସ କ୍ଲବ ୪-୦ ଗୋଲରେ କିର୍ମିରା ଦଳକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ମ୍ୟାଚ ରେ ଅତିଥି ଭାବ ରେ ସେଣ୍ଟ ଥୋମାସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନିର୍ଦ୍ଦେଶକ ଶନି ଡାନିଏଲ ଏବଂ ମନୀଷ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମ୍ୟାଚକୁ ଅଭିଳାଷ ସାହୁ, ଅରୁଣ ପ୍ରଧାନ, ଅଗସ୍ତି ହାତିପଡ଼ା ଓ ରତ୍ନାକର ସାଇ ମ୍ୟାଚ ପରିଚାଳନା କରିଥିଲେ। ତାପସ ରାୟ ଚୌଧୁରୀ, ବିଜୟ ବେହେରା, ସୁଶାନ୍ତ ମାଳି, ବିଜୟବେହେରା, ସୁଶାନ୍ତ ମାଳି, ବିଜୟ ବକ୍ସି, ପ୍ରଜ୍ୱଳ ପଟେଲ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳୁଛି ସମ୍ବଲପୁର, ସରିନି ପ୍ରଶାସନିକ ପ୍ରସ୍ତୁତି

# ତାପମାତ୍ରା ସର୍ବୋଚ୍ଚ ୪୧.୫ ଓ ସର୍ବନିମ୍ନ ୨୫ ଡିଗ୍ରୀ

**ସମ୍ବଲପୁର, ୧୪।୪ (ସମିସ)**

ଗତ କିଛିଦିନ ହେବ ସମ୍ବଲପୁରର ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଉଛି। ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେଉଥିବାବେଳେ ଗତ ତିନିଦିନ ହେବ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଆଜି ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରୀ ରହିଥିଲା। ଦିନବେଳା ପ୍ରବଳ ରୌଦ୍ରତାପରେ ଲୋକେ କଲବଲ ହେଉଛନ୍ତି। ତେବେ, ସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ନାହିଁ କହିଲେ ଚଳେ। ଲୋକେ ପାଣି ଟୋପାଏ ନପାଇ ହନ୍ତସନ୍ତ ହେଉଛନ୍ତି। ପ୍ରତିବର୍ଷ ନିୟମାନୁଯାୟୀ, ଏପ୍ରିଲ ୧ ତାରିଖରୁ ଖୋଲିବାକୁ ଥିବା ଜଳଛତ୍ର ଗୁଡ଼ିକ ସମ୍ପ୍ରତି ଗୋଟାଏ ପରେ ଗୋଟାଏ ଅଞ୍ଚଳରେ ଖୋଲିବା ଆରମ୍ଭ ହୋଇଥିବା କୁହାଯାଉଛି। ସବୁଠୁ ବଡ଼ କଥା ହେଲା, ସହରର ମୁଖ୍ୟ ରାସ୍ତା ମାନଙ୍କରେ ଥିବା ଅମୃତଧାରାରୁ ଅଧିକାଂଶ ରାସ୍ତା ସମ୍ପ୍ରସାରଣ ପାଇଁ ଭାଙ୍ଗି ଦିଆଯାଇଛି। ସେହି ସମୟରେ ପ୍ରତିବର୍ଷ ଜଳଛତ୍ର ସକାଶେ ଟେଣ୍ଡର ନକରି ମହାନଗର ନିଗମ ପକ୍ଷରୁ ସମସ୍ତ ଅଞ୍ଚଳରେ ସ୍ଥାୟୀ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ଏବେ କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଛି। ଅନ୍ୟପକ୍ଷରେ, ଏବେଯାଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟ ଚିକିତ୍ସାଳୟ ଗୁଡ଼ିକରେ ଅଂଶୁଘାତ କକ୍ଷ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହୋଇନାହିଁ।

ସୂଚନାଯୋଗ୍ୟ ଯେ, ଚଳିତବର୍ଷ ମାର୍ଚ୍ଚ ଆରମ୍ଭରୁ ତାପମାତ୍ରା ବଢ଼ିବା ଆରମ୍ଭ କରି ମାର୍ଚ୍ଚ ୧୩ ତାରିଖ ୪୦ ଡିଗ୍ରୀ ଛୁଇଁଥିଲା। ଏହାପରେ କାଳବୈଶାଖୀ ଜନିତ ଝଡ଼ ଓ ବର୍ଷା ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା। ତେବେ, ତାହା ଗତ ୧୨ ତାରିଖରୁ ୪୦ ଡିଗ୍ରୀ ଉପରେ ରହୁଛି। ସକାଳ ୮ଟା ପରେ ଖରା ତାତି ଅସହ୍ୟ ହେଉଥିବାବେଳେ ସନ୍ଧ୍ୟା ନଇଁବା ପରେ ବି ଗୁଳୁଗୁଳି ହେଉଛି। ଏଭଳି ସ୍ଥିତିରେ ପଙ୍ଖା, କୁଲର୍ କିଛି କାମ କରୁନାହିଁ। ପୁଣି ବହୁ ସମୟରେ ବିଦ୍ୟୁତ୍ କାଟ୍ ହେଉଛି। ଲୋକେ ଅସହ୍ୟ ଗରମରେ ହନ୍ତସନ୍ତ ହେଉଛନ୍ତି। ଏହାସହିତ ଅନେକ ଅଞ୍ଚଳରେ ଜଳ ସଂକଟ ଦେଖାଦେଲାଣି।

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୮ | ୩୭.୦ | ୨୩.୮ |
| ଏପ୍ରିଲ ୯ | ୩୬.୮ | ୨୩.୦ |
| ଏପ୍ରିଲ ୧୦ | ୩୭.୮ | ୨୩.୫ |
| ଏପ୍ରିଲ ୧୧ | ୩୮.୪ | ୨୨.୦ |
| ଏପ୍ରିଲ ୧୨ | ୪୦.୧ | ୨୧.୨ |
| ଏପ୍ରିଲ ୧୩ | ୪୦.୪ | ୨୪.୩ |
| ଏପ୍ରିଲ ୧୪ | ୪୧.୫ | ୨୫.୦ |

ସମ୍ବଲପୁର ସହରର ମୁଖ୍ୟ ରାସ୍ତା ଗୁଡ଼ିକରେ ୨୨ଟି ଅମୃତଧାରା ରହିଥିଲା। ସମ୍ବଲପୁରବାସୀଙ୍କ ସମେତ ବାହାରୁ ଆସୁଥିବା ଯାତ୍ରୀମାନେ ଏଗୁଡ଼ିକରେ ଥଣ୍ଡା ପିଇବା ପାଣି ପାଇ ପାରୁଥିଲେ। ତେବେ, ଅଇଁଠାପାଲିରୁ କଚେରୀ ଛକ ଓ ଅନ୍ୟ ମୁଖ୍ୟ ରାସ୍ତା ଗୁଡ଼ିକର ସମ୍ପ୍ରସାରଣ ସମୟରେ ଏଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଲୋକେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ମହାନଗର ନିଗମ ପକ୍ଷରୁ ପ୍ରତିବର୍ଷ ସମ୍ବଲପୁର, ବୁର୍ଲା, ହୀରାକୁଦ ଏବଂ ଗ୍ରାମାଞ୍ଚଳକୁ ମିଶାଇ ପ୍ରାୟ ୫୦ଟି ଜଳଛତ୍ର ଖୋଲାଯାଇଥାଏ। ମହାନଗର ନିଗମ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁଙ୍କ କହିବାନୁଯାୟୀ, ମହାନଗର ଅଞ୍ଚଳରେ ଚଳିତବର୍ଷ ୫୩ଟି ଜଳଛତ୍ର ଖୋଲାଯାଇଛି।

ଅନ୍ୟପକ୍ଷରେ ସମ୍ବଲପୁର ଜିଲ୍ଲାରେ ପ୍ରତିବର୍ଷ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଅଂଶୁଘାତ ପ୍ରଭାବିତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥାନ୍ତି। ଚଳିତବର୍ଷ ଏହି ସଂଖ୍ୟା ଅଧିକ ହେବା ଆଶଙ୍କା ଦେଖାଦେଇଛି। ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ସଂଖ୍ୟା ଅଧିକ ରହୁଛି। ତେବେ, ସ୍ୱାସ୍ଥ୍ୟ ଓ ରାଜସ୍ୱ ବିଭାଗର ଯୁଗ୍ମ ରିପୋର୍ଟ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ସେନେଇ ସରକାରୀ ସ୍ୱୀକୃତି ମିଳୁଥିବା ଦେଖାଯାଉଛି। ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୦୨୪ରେ ୯ ଜଣଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବାବେଳେ ୨୦୨୩ ଓ ୨୦୨୨ରେ ୨ ଜଣ ଲେଖାଏ ଅଂଶୁଘାତରେ ମୃତ୍ୟୁବରଣ କରିଥିଲେ। ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ସମ୍ବଲପୁରର ତାପମାତ୍ରା ୪୦ ପାଖାପାଖି ରହୁଥିବାରୁ ଅନ୍ତତଃପକ୍ଷେ ପ୍ରତିବର୍ଷ ଏପ୍ରିଲ ପହିଲାରୁ ଜିଲ୍ଲାର ସମସ୍ତ ଡାକ୍ତରଖାନା ଗୁଡ଼ିକରେ ଅଂଶୁଘାତ କକ୍ଷଗୁଡ଼ିକ ସକ୍ରିୟ ହେବାସହ ସଚେତନତା ଅଭିଯାନ ଆରମ୍ଭ କରିବାର ଆବଶ୍ୟକତା ରହିଛି।

## ବିଭିନ୍ନ ସ୍ଥାନରେ ଆମ୍ବେଦକର ଜୟନ୍ତୀ

# 'ଆମ୍ବେଦକରଙ୍କ ଜନ୍ମ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପୁନର୍ଜନ୍ମ ସଦୃଶ'

**ରାଉରକେଲା, ୧୪।୪(ସମିସ)**

ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ (ଆର୍‌ଏସ୍‌ପି) ଏବଂ ସେଲ୍‌ଫ, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘ ଦ୍ୱାରା ଭାରତ ରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକବର୍ମାଙ୍କ ସହିତ ନିର୍ବାହୀ ନିର୍ଦ୍ଦେଶକ ବି.କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲ୍ଲାଇ, ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ), ସୁଦୀପ ପାଲ ଚୌଧୁରୀ, ସିଏମଓ ଇନ୍‌ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ ଇନ୍‌ଚାର୍ଜ ଆର୍ ଦାସଗୁପ୍ତା ଏବଂ କରାଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସେଲ୍‌ଫ, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘର ସଭାପତି ଭଗବାନ ସେଠୀ ଏବଂ ଅନ୍ୟାନ୍ୟ ପ୍ରତିନିଧିମାନେ ସେକ୍ଟର-୧୭ ଆମ୍ବେଦକର ପ୍ରାଙ୍ଗଣରେ ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସିଭିକ୍ ସେଣ୍ଟରରେ ଆୟୋଜିତ ଏକ ଭବ୍ୟ



କାର୍ଯ୍ୟକ୍ରମରେ ଆରଏସପି ଡିଆଇସି ଆଲୋକ ବର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଡିଆଇସି ଶ୍ରୀ ବର୍ମା ବାବା ସାହେବଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଜନନେତା ଏବଂ ସାମ୍ୟ ଏବଂ ମାନବିକ ମର୍ଯ୍ୟାଦାର ମୂର୍ତ୍ତି ଭାବରେ ବର୍ଣ୍ଣନା କରି କରିଥିଲେ। ପ୍ରଖ୍ୟାତ ଶିକ୍ଷାବିତ୍ ଡ. ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ ଆମ୍ବେଦକରଙ୍କ ଜନ୍ମ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ପୁନର୍ଜନ୍ମ ସଦୃଶ, କାରଣ ଏହା ସେହି ମୁହୂର୍ତ୍ତକୁ ଚିହ୍ନିତ କରିଥିଲା; ଯେତେବେଳେ ଭାରତର ଜନସାଧାରଣ ପ୍ରକୃତରେ ସମାନ ସ୍ଥିତି ଏବଂ ଅଧିକାର ସହିତ ନାଗରିକ ହୋଇଥିଲେ। ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ବିଜେତା ଏସ୍‌ଏସ୍‌ଆରଭିଏମ ଇସ୍ପାତ ବିଦ୍ୟା ମନ୍ଦିରର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ବାସନ୍ତୀ କଲୋନୀ ଡିଏଭି ପବ୍ଲିକ୍‌ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଅନୁସ୍କା ସିଂହ ଏବଂ ସେଣ୍ଟପଲ୍ସ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଲିନାଶା ସାହୁ ଯଥାକ୍ରମେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀରେ ବାବା ସାହେବଙ୍କ ବିଷୟରେ ବର୍ଣ୍ଣନା କରିଥିଲେ। ସେଲ୍‌ଫ, ଅନୁସୂଚିତ ଜାତି ଓ ଜନଜାତିଟ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ତଥା ଡେପୁଟି ମ୍ୟାନେଜର (ଏଚଆର - ଟାଉନ୍ ଓ ମେଡିକାଲ) ଏସ୍‌ସି ପରିଛା ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ

**ରାଉରକେଲା :** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଆମ୍ବେଦକର ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଡା. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ରାଉରକେଲାର ଆଇଟିଡିଏ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଦୀନା ଦସ୍ତଗିର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କହିଥିଲେ ଯେ ଡ. ଭୀମରାଓ ଆମ୍ବେଦକର ସମ୍ବିଧାନରେ ସମାଜର ସବୁ ବର୍ଗର ଲୋକମାନଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିଛନ୍ତି। ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ହିମାଂଶୁ ଶେଖର ସାହୁ ବାବା ସାହେବଙ୍କ ଜୀବନ ସଂଘର୍ଷ ଉପରେ ଆଲୋକପାତ କରିଥିଲେ। ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ସହାୟକ ଜିଲ୍ଲାପାଳ ହରେକୃଷ୍ଣ ସାହୁ, ମୁରଲୀଧର ଜୟପୁରିୟ, ବଣାଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଯୋଗ ଦେଇ ତାଙ୍କର ଆଦର୍ଶକୁ ମନେ ପକାଇ ଥିଲେ। କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା କରିଥିଲେ। ଏହି ଅବସରରେ ଅମ୍ବେଦକର ସ୍ମୃତି କମିଟିର ସଭାପତି ହଳଧର ମହାନନ୍ଦ, ସଚିବ ମହିନ୍ଦ୍ର କଲେତ କମିଟିର ସଦସ୍ୟ ଓ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ଅଭିଭାବକ ଉପସ୍ଥିତ ଥିଲେ।

## ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ

**ରାଉରକେଲା:** ସୁନ୍ଦରଗଡ଼ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ମୁରଲୀଧର ବେହେରା, ବିଶେଷ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଯୋଗେଶ ଦେବେନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏସିଏଫ୍ ଦୁର୍ଯ୍ୟୋଧନ ଜେରେଇ, ଏସିଏଫ ହାରସ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। କୋର୍ କମିଟି ମେମ୍ବର



ବିନୋଦ ଲାକ୍ରା, ସୁଶାନ୍ତ ଓରାମ, ତାସହ ସଦସ୍ୟ ଭାରତୀ, ଓରାମ, ପବିତ୍ର ପାତ୍ର, ସୁଶିଲ ବାଡିଙ୍ଗ, ପବିତ୍ର ପାତ୍ର, ମମତା ଥାଲକୋ, ଆଶ୍ରିତା ଏକ୍କା, ହରିହର ମଲ୍ଲିକ, ବିଜୟ ସାରେ, ଆଲୋକ ଭୋଇ, ହରିହର ବେହେରା, ମନିଷା ଟପୋ, ବାସୁଦେବ, ଭରତ ସାହୁ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦର ସଭାପତି ସଦାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଜିଲ୍ଲା ଶିକ୍ଷାଧିକାରୀ ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଓ ବଣେଇ ଗୋଷ୍ଠୀ ଶିକ୍ଷାଧିକାରୀ ସୁନିଲ ମୁଣ୍ଡୁ, ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ ପ୍ରଫେସର, ସହ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ଅର୍ଜୁନ ରୋହି ଦାସ୍ ମଞ୍ଚ ପରିଚାଳନା କରିଥିଲେ। ସଦାନନ୍ଦ ପଧାନ ଧନ୍ୟବାଦ ଦେଇଥିଲେ।

## ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ସେବା ଦିବସ




**ରାଉରକେଲା, ୧୪।୪(ସମିସ):** ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଆଜି ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଅଗ୍ନିଶମ ସେବା ବିଭାଗର କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଗ୍ନିଶମ ସେବା ପତାକା ଉତ୍ତୋଳନ କରି ଅଗ୍ନିଶମ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହିତ ୧୯୪୪ ମସିହା ଆଜିର ଦିନରେ ପୂର୍ବତନ ବମ୍ବେ ବନ୍ଦର ଭିକ୍ଟୋରିଆ ଡକ୍‌ରେ ଘଟିଥିବା ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ଜୀବନ ଏବଂ ସମ୍ପତ୍ତି ରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ୬୬ ଜଣ ବୀର ଅଗ୍ନିଶମ କର୍ମୀଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ସେ ଏବଂ ଅନ୍ୟ ଗଣମାନ୍ୟ ବ୍ୟକ୍ତି ସହିଦ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଗ୍ନିଶମ ସେବା ସପ୍ତାହ ୨୦୨୬ର ବିଷୟବସ୍ତୁ 'ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ ଏବଂ ଅଗ୍ନି ନିରାପତ୍ତା ସଚେତନ ସମାଜ - ଅଗ୍ନି ନିବାରଣ ପାଇଁ ଏକାଠି' ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ଡିଆଇସି ଗୁରୁତ୍ୱାରୋପ କରିଥିଲେ। ସେ ଏହି ଅବସରରେ ପ୍ରକାଶିତ 'ଅଗ୍ନି ନିବାରଣ' ଉପରେ ଏକ ପ୍ରଚାରପତ୍ରକୁ ମଧ୍ୟ ସେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ବି.କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲ୍ଲାଇ, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ.ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ମଞ୍ଚରେ ଉପସ୍ଥିତ ଥିଲେ। ସିଏମଓ ଇନଚାର୍ଜ ଡ.ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ ଇନଚାର୍ଜ ଆର. ଦାସଗୁପ୍ତା, ଅନେକ ସିଜିଏମଙ୍କ ସହିତ ପ୍ଲାଣ୍ଟ ଏବଂ ଅଗ୍ନିଶମ ସେବା ବିଭାଗର ଅନେକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ସିଜିଏମ୍ ହୀରାଲାଲ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଜିଏମ୍ ପି.ଏସ୍.ଠାକରେ।

## ଜିଏମ୍. ୱାର୍କସ ଋଣ ସମବାୟ ସମିତିର ବାର୍ଷିକୋତ୍ସବ



**ରାଉରକେଲା, ୧୪।୪(ସମିସ):** ଜିଏମ୍. ୱାର୍କସ ଋଣ ସମବାୟ ସମିତିର ୪୮ତମ ବାର୍ଷିକୋତ୍ସବ ଓ ସାଧାରଣ ଅଧିବେଶନ ସମବାୟ ସମିତିର ସଭାପତି ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ଅଧକ୍ଷତାରେ ସେକ୍ଟର-୫ ସ୍ଥିତ ଭଞ୍ଜ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମବାୟ ସମିତିର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିବାବେଳେ କୋଷାଧକ୍ଷ ଗୋପାଳ ମୁଣ୍ଡାରୀ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରସ୍ତାବିତ ବଜେଟ୍ ଉପସ୍ଥାପନ କରିଥିଲେ। ଏହାପରେ ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ୨୦୨୪-୨୫ ଆର୍ଥିକ ବର୍ଷର ଲାଭାଂଶ ଘୋଷଣା କରିଥିଲେ। ଉକ୍ତ ସଭାରେ ବହୁସଂଖ୍ୟକ ସଭ୍ୟ ଉପସ୍ଥିତ ରହି ସମବାୟର ଉତ୍ତୋରତର ଉନ୍ନତି ଉପରେ ମତ ପ୍ରଦାନ କରିଥିଲେ। ସମିତିର ନିର୍ଦ୍ଦେଶକ ମଣ୍ଡଳୀ ସୁଶାନ୍ତ ସାହୁ, ସୁଶୀଲ ଏକ୍କା, ପ୍ରଫୁଲ୍ଲ ରଣା, ପ୍ରଦୀପ୍ତ ସାହୁ, ଦେବେନ୍ଦ୍ର ମୁଣ୍ଡାରୀ, ଚନ୍ଦ୍ରଶେଖର ସେଠୀ, ସୂର୍ଯ୍ୟପ୍ରକାଶ ମିଶ୍ର, ଦୁର୍ଯ୍ୟୋଧନ ସେନାପତି, ତ୍ରିଲୋଚନ ବେହେରା, ପ୍ରବୀର ସ୍ୱାଇଁ ଓ କୁଆଁରୀ କେର୍କେଟା ଉପସ୍ଥିତ ପ୍ରମୁଖ ଥିଲେ। ନିର୍ଦ୍ଦେଶିକା କୁଆଁରୀ କେର୍କେଟା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ

**ରାଉରକେଲା, ୧୪।୪(ସମିସ):** ରାଉରକେଲାର ସାହିତ୍ୟ ଅନୁଷ୍ଠାନ ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ସାରନଗରୀ ସ୍ଥିତ ଏହାର କାର୍ଯ୍ୟାଳୟଠାରେ ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଛି। ସଂସଦର ସଭାପତି ଶଚୀନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ନବ ବର୍ଷ, ପଣାସଂକ୍ରାନ୍ତି ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ପଣା ପାନଫଳରେ ପଣାରେ ବ୍ୟବହୃତ ଔଷଧୀୟ ଗୁଣ ବିଷୟରେ ବୈଜ୍ଞାନିକ ପ୍ରାମାଣିକ ତଥ୍ୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଆଡଭୋକେଟ ପଦ୍ମଲୋଚନ ଷଡ଼ଙ୍ଗୀ, କବି ସୁଧୀର କୁମାର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ଶଚୀନ୍ଦ୍ର କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ପଣା ସଂକ୍ରାନ୍ତିକୁ ନବ ବର୍ଷ



ନୁହେଁ ବରଂ ଏହି ଦିବସକୁ ଆଧାମ୍ରିକ ନବ ବର୍ଷ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ସମାଜସେବୀ ବରିଷ୍ଠ ନାଗରିକ ଶରତ ଚନ୍ଦ୍ର ଚୌଧୁରୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। କବି ହରପ୍ରିୟା ସାମଲ ମାନପତ୍ର ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ହରପ୍ରିୟା ସାମଲଙ୍କ ସଂଯୋଜନାରେ କବି ହରିହର ବେହେରା, ପଦ୍ମଲୋଚନ ମିଶ୍ର, ସୁଧୀର କୁମାର ନାଥ, ମୀରା ମଲ୍ଲିକ, ସୁବର୍ଣ୍ଣ ବେହେରା, ଅଭିମନ୍ୟୁ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ରାଜକିଶୋର ଜେନା, ବେଣୁଧର ମଲ୍ଲିକ, ନୀଗମଣୀ ମାହାନ୍ତି, ଜଗବନ୍ଧୁ ମହାନ୍ତି, ରବିନାରାୟଣ ଜେନା, ଗୋପାଳ ଚନ୍ଦ୍ର ଦାସ, ଚୈତନ୍ୟ ଚରଣ ସାହୁ, ଏନ୍ ଏସ୍ ବି ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କବି ହରିହର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ

**ରାଉରକେଲା :** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଆଜି ୭/୧୭ ଛକ ନିକଟରେ ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ ତରଫରୁ ପଣାବନ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଟ୍ରଷ୍ଟର ଚେୟାରମ୍ୟାନ ଟ୍ରଷ୍ଟି ତଥା ବିଶିଷ୍ଟ ଶ୍ରମିକନେତା ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଟ୍ରଷ୍ଟି ସଦସ୍ୟମାନେ ନିକଟସ୍ଥ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା, ଇଡି(କାର୍ମିକ) ବିଶ୍ୱରଞ୍ଜନ ପଲେଇଙ୍କ ସମେତ ଇସ୍ପାତ କାରଖାନାର ଅନେକ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହି ପଣାପାନ କରିବା ସହ ଏହି ପ୍ରକାରର ଜନହିତକାରୀ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତି, ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇଙ୍କ ସମେତ ସହରର ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଚକ୍ରଧର ପ୍ରଧାନ, ରମାକାନ୍ତ ପରିଡ଼ା, ନିହାର ଦାସ, ଜନ୍ମେଜୟ ରାଉତରାୟ, ସୁକାନ୍ତ କୁମାର ନାୟକ, ବିଦ୍ୟାଧର ସାହୁ, ଭରତ ଦାସ, ତୁଷାର ସାହୁ, ଅପର୍ତ୍ତି ସାହୁ, ସୌମ୍ୟକାନ୍ତ ଧଳ, ରୁଦ୍ରନାରାୟଣ ବେହେରା, ଶ୍ରୀକାନ୍ତ ପାଣି, ପ୍ରଫୁଲ୍ଲ ଦାସ, ରଘୁନାଥ ପ୍ରଧାନ, ରଘୁନାଥ ଭୁକ୍ତା, କେଶବ ପ୍ରଧାନ, ତ୍ରିଲୋଚନ ପାଣିଗ୍ରାହୀ, ଆନନ୍ଦ ମହାନ୍ତି, ସରୋଜ କୁମାର ସ୍ୱାଇଁ, ସରୋଜ ଦାସ, ସୁଜିତ ନାୟକ, ଶ୍ରୀଧର ଖଟୁଆ, ସୁରେଶ କିଶାନ ପ୍ରମୁଖ ଯୋଗଦେଇଥିଲେ।

**ବଣାଇଁ :** ଆଜି ବିଭିନ୍ନ ସ୍ଥାନରେ ପବିତ୍ର ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର, ହନୁମାନ ମନ୍ଦିର, ତଥା ଆଖପାଖ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଦେବାଳୟରେ ଭକ୍ତମାନଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି। ସହରରେ ଥିବା ଦାସ ପ୍ରିଣ୍ଟର, ବିଜେଡି କାର୍ଯ୍ୟାଳୟ, ଭାମା ହୋଣ୍ଡା, ସୁଦର୍ଶନ ଷ୍ଟୋର ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଛକ ସ୍ଥାନରେ ପଣା ବଣ୍ଟନ କରାଯାଇଛି। ସେହିପରି ଭାବେ ବଣାଇଁ ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିର, ଜେଲ



କଲୋନୀ, ଘୋଷରା ଗ୍ରାମର ହନୁମାନ ମନ୍ଦିରରେ ରୀତିନୀତି ପୂଜାର୍ଚ୍ଚନା ସହ ହନୁମାନ ଜୟନ୍ତି ପାଳନ ହୋଇଯାଇଛି। ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି। ଏହିଦିନଠାରୁ ୧ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି।

## ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା

**ରାଉରକେଲା :** ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାପକ୍ଷରୁ ବାସନ୍ତୀ କଲୋନୀସ୍ଥ ଡିଏଭି ଛକ ପରିସରରେ ଅନୁଷ୍ଠିତ ନୂଆବର୍ଷ ପାଳନ ଓ ପଣା ବିତରଣ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡୋଲାମାଇଟ ମାଇନିଂ କର୍ପୋରେଟ ଓ ମଲ୍ଟି ଟ୍ରେଡ୍ ଇଣ୍ଟରନ୍ୟାସନାଲ, ରାଉରକେଲାର ଅଧିକାରୀ ଜ୍ଞାନଚାନ୍ଦ ପ୍ରସାଦ ଅଗ୍ରୱାଲ, ପଓନଜୟ ଅଗ୍ରୱାଲ, ଅଙ୍କିତ ଅଗ୍ରୱାଲ, ପ୍ରିନ୍‌ସୁ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଦିଲୀପ ମହପାତ୍ର, ଗଗନ ପଣ୍ଡା, ଛବି ମହାନ୍ତି ପ୍ରମୁଖ ଓଡ଼ିଶା ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଚିତ୍ତରଞ୍ଜନ ଦାଶ, ଡ.କିଶୋରୀ ଦାଶ, ନବଘନ ପାଣି, ଅନୀଲ କୁମାର ଦାଶ, ସହସମ୍ପାଦକ ବିଜୟ କୁମାର ବରାଳ, କୋଷାଧକ୍ଷ ଭଗବାନ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଜ୍ୟୋସ୍ନା ନାୟକ, ସଚଳା ପଣ୍ଡା, ଅରୁଣ ପରିଡ଼ା, ଉତ୍ତମ କୁମାର ବାରିକ, ଅଭିମନ୍ୟୁ ସ୍ୱାଇଁ, ଡ. ସୁବାସ ଲେଙ୍କା, ଅଜୟ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ସମରେନ୍ଦ୍ର ନାୟକ, ସୁନୀଲ ମହାନ୍ତି, ବିମଳ ମହାନ୍ତି, ରାଜେନ୍ଦ୍ର



ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳ କରାଟେ ପ୍ରଶିକ୍ଷକ ମାଷ୍ଟର ରାଜୀବ ସିଂଙ୍କ ତତ୍ୱାବଧାନରେ କରଟେ ଶିକ୍ଷାର୍ଥୀମାନେ ଏବଂ ଡୋଲାମାଇଟର କର୍ମଚାରୀ ପ୍ରସନ୍ନ କୁମାର ମଲ୍ଲିକ ସମେତ ଅନ୍ୟମାନେ ପଥଚାରୀଙ୍କୁ ପଣା ବଣ୍ଟନରେ ସହଯୋଗ କରିଥିଲ। ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିଶମ ସୁରକ୍ଷା ସଚେତନତା ସପ୍ତାହ

**ବଣାଇଁ, ୧୪।୪(ସମିସ):** ଅଗ୍ନିଶମ ସପ୍ତାହ ପାଳନ ଅବସରରେ ବଣାଇଁ ଅଗ୍ନିଶମକେନ୍ଦ୍ର ପକ୍ଷରୁ ମଙ୍ଗଳବାର ଅଗ୍ନି ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରୀ ସୁଜୟ କୁମାର ହେମ୍ବ୍ରମଙ୍କ ନେତୃତ୍ୱରେ ଫାୟାର ଫାଇଟର ବିସନ ଚନ୍ଦ୍ର ସିଂହ, ଡ୍ରାଇଭର ହାବିଲଦାର ଗିରିଶ ଚନ୍ଦ୍ର କୋଡ଼ା, ଫାୟାର ଫାଇଟର ଡ୍ରାଇଭର ତ୍ରିନାଥ



ବେହେରା ଓ ବଣାଇ ଅଗ୍ନିଶମ କେନ୍ଦ୍ରର ସମସ୍ତ କର୍ମଚାରୀ ଏଥିରେ ସହଭାଗୀ ହୋଇଥିଲେ। ଏହି ଅଗ୍ନିଶମ ସୁରକ୍ଷା ସଚେତନତା ଶୋଭାଯାତ୍ରା ବଣାଇଁ ବସଷ୍ଟାଣ୍ଡ ଦେଇ ଦେଓଗାଁ ଛକ, କଲେଜ ଛକ, ରଥ ଛକ ଓ ବିଜୁ ପାର୍କ ଆଦି ସ୍ଥାନ ମାନଙ୍କରେ ଲୋକଙ୍କୁ ଓ ପଥଚାରୀ ମାନଙ୍କୁ ଅଗ୍ନି ନିରାପତ୍ତା ସମ୍ବନ୍ଧ ରେ ସଚେତନତା କରାଯାଇଥିଲା।

## ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଶୋକସଭା



**ରାଉଲକେଲା, ୧୪।୪(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ, ଇସ୍ପାତ୍ ସାହିତ୍ୟ ସଂସଦର ପ୍ରାକ୍ତନ ସାଧାରଣ ସମ୍ପାଦକ ସ୍ୱର୍ଗତ ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଇସ୍ପାତ୍ ସାହିତ୍ୟ ସଂସଦ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱ ଏବଂ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ 'ସ୍ମୃତିରେ ସ୍ମୃତିରେ ସଦାନନ୍ଦ ତ୍ରିପାଠୀ' ଶୀର୍ଷକ ଶୋକ ଓ ସ୍ମୃତି ସଭାରେ ବହୁ ସଦାନନ୍ଦ ପ୍ରେମୀ ଓ ପାଠକ ଯୋଗଦେଇଥିଲେ। ସର୍ବପ୍ରଥମେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଉପସ୍ଥିତ ସମସ୍ତେ ସଦାନନ୍ଦଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଦାନନ୍ଦଙ୍କ ସ୍ମୃତି ଓ ସାହିତ୍ୟ କୃତି ବାବଦରେ ତାରିଣୀ ଚରଣ ସାହୁ, ପ୍ରତାପ କୁମାର ପଣ୍ଡା, ବ୍ରଜେନ୍ଦ୍ର ଦାସ, ଉମେଶ ଚନ୍ଦ୍ର ନାୟକ, ଉପେନ୍ଦ୍ର ବସ୍ତିଆ, ଆର୍ତ୍ତତ୍ରାଣ ମହାପାତ୍ର, ବଳରାମ ଦାସ, ମୀନକେତନ ପଶାୟତ, ମଞ୍ଜୁଳା କୁମାରୀ ରଥ, ଗଙ୍ଗାଧର ପୁହାଣ, ଶୈଳବାଳା ଷଡ଼ଙ୍ଗୀ, ବିଜୟିନୀ ଜେନା, ସବିତା ବସ୍ତିଆ, ଦିବାକର ଦାସ, ଡ. ଅନଙ୍ଗ କୁମାର ପ୍ରହରାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରଘୁବର ଧଳ, ବିଷ୍ଣୁପ୍ରିୟା ମହାପାତ୍ର, ହରମୋହନ ମିଶ୍ର, ବେଣୁଧର ନାୟକ, ତ୍ରିଲୋଚନ ମଥାନ, ମନୋଜ ବାରିକ୍ ପ୍ରମୁଖଙ୍କ ଶୋକବାର୍ତ୍ତା ପାଠ କରାଯାଇଥିଲା। ଲକ୍ଷ୍ମୀକାନ୍ତ ମହାପାତ୍ର, ଏସ୍. କେ.ପଣ୍ଡା, ଗୌତମ ସିଂ, ପ୍ରୀତମ ମହାନ୍ତି ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୋହନ ପଟ୍ଟନାୟକ, ଶ୍ରଦ୍ଧାଶ୍ରୀ ବସ୍ତିଆ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ଘର ଭିତରକୁ ପଶିଗଲା କାର୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ବଣାଇଁ, ୧୪।୪(ସମିସ): ବଣାଇଁ ଉପଖଣ୍ଡ ଖୁଣ୍ଟଗାଁ ଅଞ୍ଚଳରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। କେନ୍ଦୁଝରରୁ ବଣାଇଗଡ଼ ଅଭିମୁଖେ ଯାଉଥିବା ଏକ କାର୍ ଭାରସାମ୍ୟହରାଇ ରାସ୍ତାକଡ଼ରେ ଥିବା ଏକ ଘରର ବାଉଣ୍ଡାରି କାନ୍ଥ ଭାଙ୍ଗି ଘର ଭିତରକୁ ପଶିଯାଇଛି। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଗାଡ଼ିଟି ସିଧାସଳଖ ଘର ଭିତରକୁ ମାଡ଼ି ଯାଇଥାନ୍ତା, କିନ୍ତୁ ଘର ଆଗରେ ଥିବା ବାଉଣ୍ଡାରୀ କାନ୍ଥ ଯୋଗୁଁ ମୁଖ୍ୟ ଘରଟି ବଡ଼ ଧରଣର କ୍ଷତିରୁ ସୁରକ୍ଷିତ ରହିଛି। କାନ୍ଥଟି ଗାଡ଼ିର ବେଗକୁ ରୋକି ଦେବାରୁ ଏକ ବଡ଼ ବିପତ୍ତି ଟଳିଯାଇଛି। ସୌଭାଗ୍ୟ ବଶତଃ ଏହି ଦୁର୍ଘଟଣାରେ ଗାଡ଼ିରେ ବସିଥିବା ୫ ଜଣ ଯାତ୍ରୀ ଏବଂ ଘର ମଧ୍ୟରେ ଥିବା ସଦସ୍ୟମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଛନ୍ତି।

## ଭକ୍ତଙ୍କ ଗହଣରେ ପୂଜା ପାଇଲେ ମା' ସିଙ୍ଗାରଦେଈ

**ଲହୁଣୀପଡ଼ା, ୧୪।୪(ସମିସ):** ଲହୁଣୀପଡ଼ା ବ୍ଲକ ଅଧୀନ ଲଲେଇ ଛକ ନିକଟରେ ଥିବା ସିଙ୍ଗାରଦେଈ ପାହାଡ଼ଠାରେ ବଣାଇଁର ମାଁ ସିଙ୍ଗାରଦେଈ ଠାକୁରାଣୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କାହିଁ ରାଜା ରାଜୁଡ଼ା ଅମଳରୁ ଏହି ପୂଜା ଆଜି ଦିନରେ ହେଉଥିବା ବେଳେ ଶହ ଶହ ଶ୍ରଦ୍ଧାଳୁ ନିଜ ମାନସିକ ପୂରଣ ପାଇଁ ଏଠାକୁ ଆର୍ଶୀବାଦ ଭିକ୍ଷା କରିଥିବା ଦେଖାଯାଇଛି। ବଣାଇଁ ରାଜା ମୁଖ୍ୟପୂଜକ ବାବୁ ଅମାତଙ୍କ ଦ୍ୱାରା ସିଙ୍ଗାରଦେଈ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମା' ସିଙ୍ଗାରଦେଈ ପୂଜା ବଣାଇଁ ରାଜାଙ୍କର ଚୈତ୍ର ମେଳା ୯ ଦିନ ଧରି ହୋଇ ଥାଏ ଓ ନବମ ଦିନ, ଗାରିଆ ଭାର ଦିନ ମାଁ ସିଙ୍ଗାରଦେଈ ପୀଠ ଠାରେ ପୂଜା



ସାରି, ନିକଟ ବର୍ତି ଲଲେଇ ଗ୍ରାମରେ ଥିବା ମା' ଚଣ୍ଡୀ ମେଳ ପାଖରେ ପୂଜା ସାରି ଦେହୁରୀ ବଣାଇଁ ରାଜା ଘରକୁ ଫେରିଯାଆନ୍ତି। ବଣାଇଁ ରାଜା ଉଆସରେ ପହଞ୍ଚି ରାଜା ସାହେବ ଘରେ ଦେହୁରୀ ପୂଜକଙ୍କୁ ସାତ କୁଳା ପାଣିରେ ଗାଧୋଇ ବା ସହିତ ରାଜା ସାହେବ ନୂତନ ବସ୍ତ୍ର ପ୍ରଦାନ କରିଥାନ୍ତି। ଦେବୀ ମା' ସିଙ୍ଗାରଦେଈଙ୍କ ପ୍ରସିଦ୍ଧ ପୀଠ ଯାହାକି ଐତିହାସିକ ରାଜା ରାଜୁଡ଼ା ସମୟରୁ ପୀଠରେ ଥିବା ଦେବୀଙ୍କ ପୂଜା ପାଇଁ ଆସୁଛନ୍ତି। ରାଜା ଅମଳରୁ ଆଜି ପର୍ଯ୍ୟନ୍ତ ରାଜା ସାହେବ ଓ ତାଙ୍କ ପରିବାର ମା'ଙ୍କ ପୂଜା ସାମଗ୍ରୀ ତଥା ଖଇ, ନଡ଼ିଆ, ଧୂପ, ଝୁଣା, ଫୁଲ, ଚନ୍ଦନ ସହିତ ଦୁଇଟି ବୋଦା ଯୋଗାଡ଼ ସାମଗ୍ରୀ ଆକାରରେ ଯୋଗାଇ ଥାନ୍ତି। ଏହି ପୂଜାକୁ ବିଭିନ୍ନ ଗ୍ରାମବାସୀ ମା'ଙ୍କ ପୂଜାର୍ଚ୍ଚନା କରୁଥିବାବେଳେ ଗ୍ରାମର ଅନ୍ୟାନ୍ୟ ଲୋକମାନେ ମଧ୍ୟ ପୂଜାକାର୍ଯ୍ୟରେ ସାହାଯ୍ୟ ସହଯୋଗ କରିଥାନ୍ତି।

## ଆଭା-ଅନ୍ୱେଷ ପକ୍ଷରୁ ଓଡ଼ିଆ ନବବର୍ଷ

**ରାଉରକେଲା, ୧୪।୪(ସମିସ):** ଶିକ୍ଷାର୍ଥୀ ଓ ଶିକ୍ଷକ ସାମାଜିକ କଲ୍ୟାଣ ସଂଗଠନ ଆଭା-ଅନ୍ୱେଷ ପକ୍ଷରୁ ମହାବିଷୁବ ପଣା ସଂକ୍ରାନ୍ତିରେ ଓଡ଼ିଆ ନବବର୍ଷ ଉତ୍ସବ ସାରନା ଛକଠାରେ ପାଳିତ ହୋଇଯାଇଛି। ସଂଗଠନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧକ୍ଷତାରେ ସମ୍ପାଦକ ତଥା ପୂର୍ବତନ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଲାଠିକଟା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ସାହା ଯୋଗଦେଇ ଥିଲେ। ପ୍ରମୋଦ ଭଞ୍ଜ, କାର୍ତ୍ତିକ ମିଶ୍ର, ରଞ୍ଜିତ ବିଶ୍ୱାଳ, ସନ୍ତୋଷ ନାୟକ, ରଶ୍ମୀତ ସାହାଣୀ, ଚକ୍ରଧର ମୁଦୁଲି, ଅଭୟ ସାହୁ, ବିଜୟ ପ୍ରଧାନ, ପିତବାସ ପରିଡ଼ା, ଅଜିତ ଗିରି, ହରିହର ବେହେରା, ଦିପ୍ତିମୟୀ ପରିଡ଼ା, ସିପ୍ରା ସାହୁ, ନଳିନି ସାହୁ, ନମିତା ମହାନ୍ତି, ଜୋତ୍ସ୍ନା ପ୍ରଧାନ, ସଂଯୁକ୍ତା ରାଉତ, ପ୍ରିୟଙ୍କା ସାହୁ, ବିଦ୍ୟୁତ ଲତା ସୁତାର ପ୍ରମୁଖ ଉପସ୍ଥିତରହିବା ସହିତ ଉଦିତ୍‌ନଗର ବିଦ୍ୟାଳୟର ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଅନନ୍ତ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

● ଆଜି ମହାପ୍ରଭୁଙ୍କ ବନକଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୪।୪(ସମିସ): ବୈଶାଖ କୃଷ୍ଣ ତ୍ରୟୋଦଶୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

# ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି

ପୁରୀ,୧୪।୪(ସମିସ): ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ମହାପ୍ରଭୁଙ୍କ ଏକ ପର୍ବଯାତ୍ରା ରୂପେ ପାଳନ କରାଯାଇଥାଏ। ମଙ୍ଗଳବାର ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ନୀତି ସମ୍ପନ୍ନ ହୋଇଛି। ଦୈନନ୍ଦିନ ନୀତି ଅନୁଯାୟୀ, ସକାଳ ୬ଟାରେ ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସକାଳ ଧୂପ ନୀତି ପରେ ଦକ୍ଷିଣୀ ଘରୁ ଶ୍ରୀମହାବୀର ରତ୍ନସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ବିମାନରେ ବିଜେ ହୋଇଥିଲେ। ଘଣ୍ଟ, ଛତା, କାହାଳୀ ସହିତ



ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଣିଥିବା ଆଜ୍ଞାମାଳ ଚାରିଦ୍ୱାର ମହାବୀର ଏବଂ ବାରଭାଇ ମହାବୀରଙ୍କୁ ପ୍ରଦାନ କରିଥିଲେ। ବିମାନ ବଡୁମାନେ ଶ୍ରୀହନୁମାନଙ୍କୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଶ୍ରୀଜଗନ୍ନାଥ ବଲ୍ଲଭ ସୁଗ୍ରୀବ ମହାବୀରଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଯାଇ ପୂଜାପଣ୍ଡା ଦରିଆ ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଫେରିବା ପରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀହନୁମାନଙ୍କୁ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ପରେ ଶ୍ରୀହନୁମାନ ବାହୁଡ଼ା ବିଜେ କରି ଦକ୍ଷିଣୀଘରକୁ ଫେରିଥିଲେ। ଏପଟେ ଆଜ୍ଞାମାଳ ପାଇଁ ଶ୍ରୀହନୁମାନ ଯାଇସାରିବା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ମହାବିଷୁବ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କର ବେଶ୍ ଭିଡ଼ ହୋଇଥିଲା।

# ଓଡ଼ିଆଣୀ ବେଶରେ ଓଡ଼ିଆ ନବବର୍ଷକୁ ସ୍ୱାଗତ କଲେ ଜାପାନୀ



ପୁରୀ,୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷକୁ ଭିନ୍ନ ଢଙ୍ଗରେ ସ୍ୱାଗତ କରିଛନ୍ତି ଜାପାନୀ ପର୍ଯ୍ୟଟକ। ମହିଳା ପର୍ଯ୍ୟଟକ ମାୟୁ କାମେଇ ଓଡ଼ିଆ ମହିଳାଙ୍କ ଭଳି ଲୁଗା ପରିଧାନ କରି ରଙ୍ଗ ମୁରୁଜରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ମହାବୀରଙ୍କ ଚିତ୍ର ଅଙ୍କନ କରି ଓଡ଼ିଆ ନବବର୍ଷକୁ ସ୍ୱାଗତ କରିଥିଲେ। ଏ ସମ୍ପର୍କରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଆଜିର ଦିନକୁ ସମଗ୍ର ଓଡ଼ିଶାରେ ଘରେ ଘରେ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଉଛି। ଆଜି ମହାପ୍ରଭୁ ଓ ମହାବୀରଙ୍କୁ ବର୍ଷର ପ୍ରଥମ ଦିନରେ ଦର୍ଶନ କଲେ ବର୍ଷତମାମ ନିଜ ସହ ପରିବାର ସଦସ୍ୟମାନଙ୍କ ସମୟ ଖୁସିରେ ଅତିବାହିତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜାପାନ ପର୍ଯ୍ୟଟକଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଥିବାରୁ ସେମାନେ ସେଣ୍ଟରରେ ଏକତ୍ରିତ ହୋଇ ହିନ୍ଦୁଧର୍ମର ପର୍ବପର୍ବାଣି ସମ୍ପର୍କରେ ଅବଗତ ହୋଇ ମହାବୀରଙ୍କ ଚିତ୍ର ଆଙ୍କି ଆଶିଷ ଭିକ୍ଷା ନେଇଥିଲେ।

ବ୍ୟାବସାୟିକ ଶତ୍ରୁତାରୁ ହତ୍ୟା ଷଡ଼ଯନ୍ତ୍ର

# ୪ ସୁପାରି କିଲର୍ ଗିରଫ




କଟକ,୧୪।୪(ସମିସ): ବ୍ୟାବସାୟିକ ଶତ୍ରୁତାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ହୋଇଥିବା ବେଳେ ତାହାକୁ ଦୁର୍ଘଟଣାର ରୂପ ଦେବାକୁ ଯାଇ ଅଭିଯୁକ୍ତମାନେ ବିଫଳ ହୋଇଛନ୍ତି। ଏହି ଘଟଣାରେ ମର୍କତନଗର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଏସିଆ ଗାଁର ଚନ୍ଦନ ଭୋଳ(୩୪) ସମେତ ସୁପାରି କିଲର ଭୁବନେଶ୍ୱର ଓଲ୍ଡ ଟାଉନର ରାକା ଓରଫ ଟିକୁ ଓରଫ ରାକେଶ କୁମାର ବେହେରା(୨୨), ଏୟାର ଫିଲ୍ଡ କଣ୍ଟିଲୋ ଗାଁର ଶିଶିର ଜେନା(୩୩) ଓ କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟ ଦିନୁ ଓରଫ ରାଜେଶ ନାୟକ(୨୫)କୁ ଗିରଫ କରିଛି। ଏମାନଙ୍କ ପାଖରୁ ଗୋଟିଏ କାର, ଗୋଟିଏ ପଲସର ବାଇକ, ଧାରୁଆ ମାରଣାସ୍ତ୍ର, ୫ଟି ମୋବାଇଲ, ୧୧ ହଜାର ଟଙ୍କା ଜବତ ହୋଇଛି।

ପୁଲିସ ସୂଚନା ଅନୁସାରେ, ଏରସମାର ଚନ୍ଦନ ଭୋଳ ବାଦାମବାଡି ଅଞ୍ଚଳରେ ଏକ ବହି ଦୋକାନ କରିଛନ୍ତି। ମର୍କତନଗର ସେକ୍ଟର ୬ ଅଞ୍ଚଳର ଜଣେ ବ୍ୟକ୍ତି ବହି ହୋଲସେଲ ବ୍ୟବସାୟ କରନ୍ତି। ଗତ କିଛି ବର୍ଷ ହେବ ଚନ୍ଦନଙ୍କ ବ୍ୟବସାୟ କ୍ଷତିରେ ଚାଲିଥିଲା। ଯେବେଠାରୁ ମର୍କତନଗର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ହୋଲ୍‌ସେଲ ସହିତ ରିଟେଲ ବ୍ୟବସାୟ ଆରମ୍ଭ କଲେ ସେବେଠାରୁ ଚନ୍ଦନର ଗ୍ରାହକ ସଂଖ୍ୟା କମିଯାଇଥିଲା। ଏହାକୁ ନେଇ ଚନ୍ଦନ ପ୍ରତିଶୋଧ ପରାୟଣ ହୋଇପଡିଥିଲା। ଦୀର୍ଘ ଦିନ ଧରି ଆର୍ଥିକ କ୍ଷତି ସହିବା ପରେ ଚନ୍ଦନ ଶେଷରେ ସଂପୃକ୍ତ ବ୍ୟକ୍ତିଙ୍କୁ ମାର୍‌ପିଟ କରିବାକୁ ଷଡଯନ୍ତ୍ର କରିଥିଲା। ଏହାପରେ ସେ ଭୁବନେଶ୍ୱରର ଦିନୁ ସହିତ ଯୋଗାଯୋଗ କରିଥିଲା। ଦିନୁ ଓ ସହଯୋଗୀଙ୍କ ସହିତ ମିଳିମିଶି କିଭଳି ଦୁର୍ଘଟଣାର ରୂପ ଦିଆଯିବ ସେନେଇ ଯୋଜନା କରିଥିଲେ। ଏଥିପାଇଁ ଦେଢ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଯୋଜନା ମୁତାବକ ଏପ୍ରିଲ ୫ ତାରିଖରେ ଆକ୍ରମଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଭୁଲ୍‌ବଶତଃ ସେମାନେ ଟାର୍ଗେଟ କରିଥିବା ବ୍ୟକ୍ତିଙ୍କ ବଦଳରେ ତାଙ୍କ ଘର ମାଲିକଙ୍କୁ ଆକ୍ରମଣ କରିଥିଲେ। ଘର ମାଲିକ ସକାଳେ ପ୍ରାତଃଭ୍ରମଣ କରୁଥିଲେ। ଏତିକିବେଳେ ଜୟପ୍ରକାଶ ନାରାୟଣ ପାର୍କ ସମ୍ମୁଖରେ ଅଭିଯୁକ୍ତ ରାକା, ଶିଶିର ଓ ଦିନୁ ଏକ ବାଇକରେ ଆସି ତାଙ୍କୁ ଜାଣିଶୁଣି ଧକ୍କା ଦେଇଥିଲେ। ଏହାକୁ ନେଇ ବଚସା ହେବା ଭିତରେ ଦୁର୍ବୃତ୍ତମାନେ ଧାରୁଆ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ବ୍ୟକ୍ତିଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଜୋରଦାର ଆଘାତ ଦେଇଥିଲେ। ଘର ମାଲିକ ଜଣକ ରକ୍ତାକ୍ତ ହୋଇ ଅଚେତ ହୋଇଯିବା ପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ମାତ୍ର କିଛି ମିନିଟ୍ ଭିତରେ ସେମାନେ ମର୍କତନଗରରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏନେଇ ଆହତଙ୍କ ପରିବାର ସଦସ୍ୟଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଏହାକୁ ଦୁର୍ଘଟଣା ଜନିତ ଗଣ୍ଡଗୋଳ ବୋଲି ଆଶଙ୍କା କରୁଥିଲା। କିନ୍ତୁ ସିସିଟିଭି ଫୁଟେଜରେ ଦୁର୍ବୃତ୍ତଙ୍କ ଗତିବିଧିରୁ ପୁଲିସର ସନ୍ଦେହ ବଢିଥିଲା। ଏହାପରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଗତ ୭ ତାରିଖରେ ପ୍ରଥମେ ରାକାକୁ ଗିରଫ କରିଥିଲା। ତାର ସୂଚନା ଆଧାରରେ ଏସିପି ଅରୁଣ ସ୍ୱାଇଁ ଓ ଇନ୍ସପେକ୍ଟର ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ବ୍ରହ୍ମପୁର, ଗଞ୍ଜାମ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ ଆଦି ଜିଲ୍ଲାରେ ଲଗାତାର ୫ ଦିନ ଧରି ଚଢଉ କରିଥିଲା। ଏହାପରେ ୨ ସୁପାରି କିଲର ଶିଶିର ଓ ଦିନୁ ଧରାପଡିଥିଲେ। ସେମାନଙ୍କୁ ଜେରା ବେଳେ ଘଟଣା ପଛର ମାଷ୍ଟର୍‌ମାଇଣ୍ଡ ଚନ୍ଦନ ଭୋଳ ବିଷୟରେ ଜଣାପଡଥିଲା। ପୁଲିସ ସଂଗେ ସଂଗେ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଥିଲା। ଅଭିଯୁକ୍ତ ଦିନୁ ନାଁରେ ପୂର୍ବରୁ ବଡଗଡ ଥାନା, ଚନ୍ଦ୍ରଶେଖରପୁର ଥାନା ଓ ଏୟାରପୋର୍ଟ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍ ପଠାଯାଇଛି।

# ନଦୀରେ ବୁଡ଼ି ନାବାଳକ ନିଖୋଜ

ରାଜଘାଟ/ଜଳେଶ୍ୱର,୧୪।୪(ସମିସ): ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ବେଲି ମା' ଦାରବୁଢ଼ୀ ମନ୍ଦିର ନିକଟ ସୁବର୍ଣ୍ଣରେଖା ନଦୀରେ ବୁଡ଼ି ଜଳେଶ୍ୱର ବ୍ଲକ୍ କୋଟସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଚିତ୍ରମ ନାଥଙ୍କ ୧୫ ବର୍ଷୀୟ ଶିଶୁପୁତ୍ର ସୁନୀଲ। ସୂଚନା ଅନୁସାରେ ଆଜି ପଣା ସଂକ୍ରାନ୍ତିରେ ନଦୀ କୂଳରେ ମେଳା ଚାଲିଥିଲା। ମେଳା ଦେଖିବା ପାଇଁ ସୁନୀଲ ୩ ଜଣ ସାଙ୍ଗ ସହିତ ସେଠାକୁ ଆସିଥିଲେ। ମେଳା ଦେଖି ସାରି ନୌକାରେ ନ ଫେରି ୪ ସାଙ୍ଗ ହାତ ଧରାଧରି ହୋଇ ପାଣିରେ ପଶି ଚାଲି ଚାଲି ଯାଉଥିଲେ। ମାତ୍ର ସୁନୀଲ ହାତରେ ଧରିଥିବା ଜୋତାଟି ନଦୀରେ ଖସିପଡ଼ି ଭାସି ଯାଇଥିଲା। ଜୋତାଟିକୁ ପାଣିରୁ ଉଦ୍ଧାର କରିବା ପାଇଁ ସାଙ୍ଗମାନଙ୍କ ହାତ ଛାଡ଼ି ସୁନୀଲ ଅଧିକ ପାଣିକୁ ଚାଲିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ନମିଳିବାରୁ ସାଙ୍ଗମାନେ ଚିତ୍କାର କରି ଲୋକମାନଙ୍କୁ ଡାକ ପକାଇଥିଲେ। ସେଠାରେ ଲୋକମାନେ ପହଞ୍ଚି ଖୋଜାଖୋଜି କରିଥବଲେ। ମାତ୍ର ନପାଇବାରୁ ପରେ ବସ୍ତା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ଆସି ଖୋଜାଖୋଜି କରିଥିଲେ ହେଁ ସୁନୀଲଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ତେବେ ଆସନ୍ତା କାଲି ଅଗ୍ନିଶମ ବାହିନୀର କର୍ମଚାରୀ ପୁଣି ଖୋଜାଖୋଜି କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏହି ସ୍ଥାନରେ ନିଖୋଜ ସୁନୀଲଙ୍କ ବଡ଼ ଭାଇ ୨୦୧୮ କାର୍ତ୍ତିକ ପୂର୍ଣ୍ଣିମାରେ ନୌକା ଭସାଇବା ପାଇଁ ଯାଇ ବୁଡ଼ିଯାଇଥିଲେ। ଫଳରେ ତାଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା।

**କାର୍ତ୍ତିକ ପୂର୍ଣ୍ଣିମାରେ ବୁଡ଼ିଯାଇଥିଲେ ବଡ଼ଭାଇ**

■ ପରିବାର ଉଜାଡ଼ିଦେଲା ଦୁର୍ଘଟଣା

# ଦେଢ଼ବର୍ଷର ପୁଅ ସହ ଦମ୍ପତି ମୃତ

ବଲାଙ୍ଗିର, ୧୪।୪ (ସମିସ): ଦୁର୍ଘଟଣାରେ ଦେଢ଼ ବର୍ଷର ପୁଅ ସହ ଦମ୍ପତିଙ୍କ ମୃତ୍ୟୁ। ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ଅଧୀନ ୫୭ ନମ୍ବର ଜାତୀୟ ରାଜପଥରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ, ପୁଇଁନ୍ତଲା ଥାନା ଡୁମ୍ବେରବାହାଲ ଗାଁର ରମାକାନ୍ତ ନାଏକ, ତାଙ୍କ ସ୍ତ୍ରୀ ବୀଣାପାଣି ନାଏକ ଓ ଦେଢ଼ ବର୍ଷର ପୁଅ। ସମସ୍ତେ ଏକ ବାଇକ୍‌ରେ ବଲାଙ୍ଗିର ପଟକୁ ଆସୁଥିଲେ। ଏକ ପିକ୍‌ଅପ୍ ଭ୍ୟାନ ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରମାକାନ୍ତ ଏବଂ ଦେଢ଼ ବର୍ଷର ପୁଅର ଜୀବନ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ରମାକାନ୍ତଙ୍କ ସ୍ତ୍ରୀଙ୍କୁ ବଲାଙ୍ଗିର ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଆଖି ବୁଜିଥିଲେ। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଟୋଲଗେଟ୍ ନିକଟରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ପୁଇଁତଲା ପୁଲିସ ପିକ୍‌ଅପ୍‌କୁ ଜବତ କରିଛି। ଡ୍ରାଇଭର ଓ ମାଲିକଙ୍କୁ ଅଟକ ରଖିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ଶବ ରଖି ରାସ୍ତାରୋକ କରିଥିଲେ।

# ଜନ୍ମସ୍ଥାନରେ ଉନ୍ମୋଚନ ହେଲା ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି



ମଙ୍ଗଳପୁର,୧୪।୪(ସମିସ): ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ବନ୍ଧୁ ମହାନ୍ତିଙ୍କ ଜନ୍ମ ସ୍ଥାନ ଦଶରଥପୁର ବ୍ଲକ ଦତ୍ତପୁର ପଞ୍ଚାୟତ ଦତ୍ତପୁର ଗ୍ରାମରେ କିଛି ଦିନ ପୂର୍ବରୁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। କିଛି ଲୋକ ଏହାକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆଜି ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱ ସଭାରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପ୍ରଥମେ ବାବା ଗୋପୀନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ଜଗନ୍ନାଥଙ୍କ ସହିତ ଏକ ଶୋଭାଯାତ୍ରାରେ ବନ୍ଧୁ ମହାନ୍ତିଙ୍କ ପୀଠକୁ ଆସିଥିଲେ। ପରେ ପରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ।

# ବିଧାୟକ ରଘୁନାଥ ଜଗଦଲାଙ୍କୁ ବଜରଙ୍ଗ ଦଳର ତୀବ୍ର ବିରୋଧ

ବୀରମହାରାଜପୁର,୧୪।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ମଙ୍ଗଳବାର ହନୁମାନ ଜୟନ୍ତୀରେ ବିଜେପି ବିଧାୟକ ରଘୁନାଥ ଜଗଦଲାଙ୍କୁ ବଜରଙ୍ଗ ଦଳ ତୀବ୍ର ବିରୋଧ କରିଛି। ସନ୍ଧ୍ୟାରେ ବଜରଙ୍ଗ ଦଳ ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ବିଧାୟକ ପହଞ୍ଚିଥିଲେ; ହେଲେ ତାଙ୍କୁ ବିରୋଧ କରାଯାଇଥିଲା। ସେ ରହିଲେ ଶୋଭାଯାତ୍ରା ହେବ ନାହିଁ ବୋଲି କର୍ମକର୍ତ୍ତା ଜିଦ୍ ଧରିଥିଲେ। ଏଣୁ ବିଧାୟକ ଫେରିଯିବାକୁ ବାଧ୍ୟ ହୋଇଥିଲେ। ପରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବଜରଙ୍ଗ ଦଳ ସଂଯୋଜକ ପ୍ରକାଶ ପଧାନଙ୍କ ନେତୃତ୍ୱରେ ନୀଳାମ୍ବର ହୋତା, ଅଂଶୁମାନ ପଣ୍ଡା, ଶୁଭମ ପ୍ରିତମ ହୋତା, ରାକେଶ ବାରିକ, ଅବିନାଶ ଥନାପତି, ରମାକାନ୍ତ ହୋତା, ଅବନିଶ ହୋତା, ତ୍ରିନାଥ ସାହୁ, ଦୁର୍ଯ୍ୟୋଧନ ମେହେରଙ୍କ ସମେତ ଶତାଧିକ ବଜରଙ୍ଗୀ ଏଥିରେ ସାମିଲ ହୋଇଥିଲେ।

# ମୟୂରଭଞ୍ଜ ରାଜପ୍ରାସାଦ ସମ୍ମୁଖରେ ପ୍ରସିଦ୍ଧ ଉଡ଼ାପର୍ବ

ବାରିପଦା,୧୪।୪(ସମିସ): ମୟୂରଭଞ୍ଜର ସର୍ବପୁରାତନ ରାଜରାଜୁଡା ଅମଳର ଭକ୍ତାଙ୍କ ପାରମ୍ପରିକ ଉଡା ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତର ସାହି ଓ ଦକ୍ଷିଣ ସାହି ପାଟ ଭକ୍ତାଙ୍କ ଦ୍ୱାରା ବଡ଼ବଜାରସ୍ଥ ପୁରୁଣା ରାଜପ୍ରାସାଦ ତଥା ବର୍ତ୍ତମାନ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସିଂହେଶ୍ୱର ମହାଦେବ ମନ୍ଦିର ସମ୍ମୁଖରେ ଉଡ଼ାପର୍ବ ଅନୁଷ୍ଠିତ ହୋଇଛି। ମହାବିଷୁବ ତଥା ପଣା ସଂକ୍ରାନ୍ତି ଅବସରରେ ଚୈତ୍ର ପର୍ବର ଅଂଶବିଶେଷ ଉକ୍ତ ଉଡ଼ାପର୍ବ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର ଏହା ଅନ୍ୟଏକ ମୁଖ୍ୟ ପର୍ବ ଅଟେ। ମୟୂରଭଞ୍ଜ ରାଜାରାଜୁଡ଼ା ଶାସନ ଅମଳରୁ ବାରିପଦାରେ ଅନୁଷ୍ଠିତ ହେଉଥିବା ଏହି ପର୍ବକୁ ଦେବତ୍ତୋର ବିଭାଗ ପକ୍ଷରୁ ପରିଚାଳିତ କରାଯାଇଥାଏ। ତେବେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ପଣା ସଂକ୍ରାନ୍ତିର ୮ ଦିନ ପୂର୍ବରୁ ଅର୍ଥାତ ଏପ୍ରିଲ ୭ ତାରିଖ ଅପରାହ୍ନରେ ଭକ୍ତାମାନେ ପାରମ୍ପରିକ ନୃତ୍ୟ ସହିତ ମା' ଅମ୍ବିକାଙ୍କ ମନ୍ଦିରରେ ହାକଣ୍ଡା ପୂଜାରୁ କାର୍ଯ୍ୟ ଆରମ୍ଭ କରିଥିଲେ।



**ତୀବ୍ର ହେଲାଣି ଅନ୍ତଃକନ୍ଦଳ**

# ଡବା ଟାଣିପାରୁନି ଡ଼ବଲ ଇଞ୍ଜିନ୍

ବ୍ରହ୍ମପୁର,୧୪।୪(ସମିସ): ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରେ ଗଞ୍ଜାମ ଜିଲ୍ଲା। ଏଠାକାର ରାଜନୀତି ସଦା ଚଞ୍ଚଳ ଓ ପରିବର୍ତ୍ତନଶୀଳ। ଏଭଳି ସ୍ଥିତିରେ ନେତାଏଁ ସେମାନଙ୍କ ପତିଆରା ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ଆଉ କିଛି ନିର୍ବାଚିତ ହେବା ପରେ ଲୋକଙ୍କ ପାଖରେ ଦେଖାଯାଉ ନାହାନ୍ତି। ଯାହାକୁ ନେଇ ଆଲୋଚନା, ଚର୍ଚ୍ଚା, ସମାଲୋଚନା ହେଉଛି। ଲୋକେ ଉଚିତ ସମୟରେ ସଠିକ୍ ଜବାବ୍ ଦେବେ ବୋଲି ମଧ୍ୟ କୁହାଯାଉଛି। ଇତି ମଧ୍ୟରେ ଗତ ସାଧାରଣ ନିର୍ବାଚନକୁ ଦୁଇବର୍ଷ ବିତିବାକୁ ଯାଉଛି। ରାଜ୍ୟରେ ନୂତନ ସରକାର ପ୍ରତିଷ୍ଠା ହୋଇ ଡ଼ବଲ ଇଞ୍ଜିନ ସରକାର ଚାଲିଛି। ଡ଼ବଲ ଇଞ୍ଜିନ ସ୍ଥାପନରେ ନିଜର ବଳିଷ୍ଠ ପରକାଷ୍ଠା ଦେଖାଇଥିବା ଗଞ୍ଜାମ ଜିଲ୍ଲା ଏବେ ପଚାରୁଛି ମୋ ନେତା କୁଆଡ଼େ ଗଲେ। କାରଣ ବହୁ ନିର୍ବାଚନ ମଣ୍ଡଳୀରେ ବିଧାୟକମାନଙ୍କ ସକ୍ରିୟତା ଦେଖିବାକୁ ମିଳୁନି। ଗୋଟିଏ ଦଳର ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଭିତରେ ଭଲରେ ପଡୁନି। କିଏ କାହାକୁ ଦେଖିଲେ ମୁହଁ ଫେରାଉଛି ତ ଆଉ କିଏ ଗୁମାନ କରି ପାଖ ମାଡୁନି। ଏହା ଭିତରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଗଞ୍ଜାମ ଜିଲ୍ଲାର କର୍ମୀ କାହା ଭରଷାରେ ବାଟ ଚାଲିବେ ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଡ଼ବଲ ଇଞ୍ଜିନ ସରକାର ଗଠନ ଲାଗି ଭାରତୀୟ ଜନତା ପାର୍ଟିର ସାଂସଦ ଓ ବିଧାୟକଙ୍କୁ ବ୍ରହ୍ମପୁରବାସୀ ଭୋଟ ଦେଇଥିବା ବେଳେ ସେଥିରୁ ଗୋଟିଏ ଡ଼ବା ଅଚଳ ବୋଲି ମଧ୍ୟ କଡ଼ା ସମାଲୋଚନା ପ୍ରକାଶ ପାଇଛି। କାରଣ ଶାସକ ଭାରତୀୟ ଜନତା ପାର୍ଟିର ଗୋଷ୍ଠୀ କନ୍ଦଳର ପ୍ରଭାବ ଲୋକଙ୍କ ଉପରେ ପଡୁଛି। 'ଲେଖା ଛିଡ଼ିବ' ନାରା ଦେଇ ଲୋକଙ୍କୁ ନିଜ ସପକ୍ଷ ଓ ସରକାର ପରିବର୍ତ୍ତନ କ୍ଷେତ୍ରରେ ବଡ଼ ଆହ୍ୱାନ ଦେଇଥିବା ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ ପାଣିଗ୍ରାହୀ ଏବେ ବିଭିନ୍ନ ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକରୁ ନିଜକୁ ଦୂରରେ ରଖୁଛନ୍ତି। ବିଗତ ଦିନରେ ହୋଇଥିବା ନିଜ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଗୋପାଳପୁର ମହୋତ୍ସବ, ସୁନାପୁର ବେଳାଭୂମି ମହୋତ୍ସବ ସମେତ ନିକଟରେ ସରିଥିବା ସୁନାପୁର ବେଳାଭୂମି ମହୋତ୍ସବରେ ମଧ୍ୟ ଦେଖା ମିଳି ନ ଥିଲା। ଗୋପାଳପୁର ଓ ବ୍ରହ୍ମପୁରରେ ଆସିକା ଓ କନ୍ଧମାଳ ସାଂସଦ ଅତିଥିଭାବେ ଯୋଗଦାନ କରି ପାରୁଥିବା ବେଳେ ଶ୍ରୀ ପାଣିଗ୍ରାହୀଙ୍କ ଅନୁପସ୍ଥିତି ତାଙ୍କ ଅନୁଗାମୀଙ୍କୁ ନିରାଶ କରିଛି। ତାଙ୍କ ବିପକ୍ଷଗୋଷ୍ଠୀଙ୍କୁ ନୂଆ ଖୋରାକ ଯୋଗାଉଛି। ଏହା ଦଳ ଭିତରେ ଥିବା ଗୋଷ୍ଠୀକନ୍ଦଳ ନା ଗୁରୁତ୍ୱ ନମିଳିବା ସେନେଇ ମଧ୍ୟ ଆଲୋଚନ ଜୋର୍ ଧରିଛି। ଅପରପକ୍ଷେ ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଜେନା ଓ ସାଂସଦଙ୍କ ଭିତରେ ସମ୍ପର୍କ ଏତେ ଉତ୍ତମ ନଥିବା ବିଭିନ୍ନ ସମୟରେ ସ୍ପଷ୍ଟ ହୋଇଥିବା ବେଳେ ଅନ୍ୟ ମହୋତ୍ସବ ଗୁଡ଼ିକରେ ସାଂସଦ ସାମିଲ ହେବାରେ ଅସୁବିଧା କେଉଁଠି ବୋଲି ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି।

**■ ସବୁ ମହୋତ୍ସବରୁ ଦୂରରେ ବ୍ରହ୍ମପୁର ସାଂସଦ**
**■ ଅନ୍ତଃକନ୍ଦଳ ନାଁ କୋଣଠେସାର ଆଭାସ**

ତେବେ ବର୍ତ୍ତମାନ ସମୟରେ ଯେପରି ଚିତ୍ର ଦେଖାଯାଉଛି, ସେଥିରୁ ଏକ ନୂତନ ରାଜନୈତିକ ସମୀକରଣ ଗଠନ ହେଉଥିବାର ସଂକେତ ମିଳୁଛି। ବିଶେଷ କରି ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀଙ୍କର ସମ୍ପ୍ରତି ଲୋକାଲ ମହୋତ୍ସବ ଗୁଡ଼ିକରୁ ଅନୁପସ୍ଥିତି ଏହି ଚର୍ଚ୍ଚାକୁ ଆହୁରି ତୀବ୍ର କରିଛି। କାରଣ ଲୋକପ୍ରିୟ ସାମାଜିକ-ସାଂସ୍କୃତିକ ଆୟୋଜନରେ ସ୍ଥାନୀୟ ନେତାମାନଙ୍କ ଉପସ୍ଥିତି ସାଧାରଣତଃ ରାଜନୈତିକ ସକ୍ରିୟତାର ଚିହ୍ନ ଭାବେ ଦେଖାଯାଏ। କିନ୍ତୁ ସାଂସଦଙ୍କର ଏହି ଅନୁପସ୍ଥିତି ଦୁଇ ପ୍ରକାର ଭାବନାକୁ ଜନ୍ମ ଦେଉଛି। ପ୍ରଥମତଃ, ଏହା ଦଳୀୟ ଅର୍ନ୍ତଦ୍ୱନ୍ଦ୍ୱର ପ୍ରତିଫଳନ ଓ ଦ୍ୱିତୀୟ ସମନ୍ୱୟର ଅଭାବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଅପରପକ୍ଷେ ଭାରତୀୟ ଜନତା ପାର୍ଟି ଭିତରେ ଚାଲୁଥିବା ଗୋଷ୍ଠୀକଳହ ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏହା ତଳସ୍ତରରୁ ଶୀର୍ଷସ୍ତର ପର୍ଯ୍ୟନ୍ତ ପ୍ରଭାବ ପକାଉଛି। ବିଧାୟକ ଓ ସାଂସଦଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏହାର ମୂଳ କାରଣ ବୋଲି କୁହାଯାଉଛି। ଗଞ୍ଜାମରେ ଦୀର୍ଘଦିନ ଧରି ଦଳୀୟ ରାଜନୀତି ବ୍ୟକ୍ତିକୈନ୍ଦ୍ରିକ ହୋଇଆସିଛି। ଯେଉଁଠାରେ ନେତାମାନଙ୍କ ମଧ୍ୟରେ ସମ୍ପର୍କ ଓ ସମନ୍ୱୟ ଅତ୍ୟନ୍ତ ଜରୁରୀ। ଯଦି ଏହି ସମ୍ପର୍କ ସ୍ୱଳ୍ପ ମାତ୍ରାରେ ଖସିଲେ ବି ତାହା ତୁରନ୍ତ ସାର୍ବଜନୀନ ମଞ୍ଚରେ ପ୍ରତିଫଳିତ ହୁଏ। ଏହା ସହିତ, ସାଂସଦଙ୍କର ଅନୁପସ୍ଥିତିକୁ କେହି କେହି ରାଜନୈତିକ ରଣନୀତି ଭାବେ ମଧ୍ୟ ଦେଖୁଛନ୍ତି। ସମ୍ଭବତଃ ସେ ଏକ ନିର୍ଦ୍ଦିଷ୍ଟ ଦଳୀୟ ସନ୍ଦେଶ ଦେବାକୁ ଚେଷ୍ଟା କରୁଥିବେ କିମ୍ବା ଆଗାମୀ ରାଜନୈତିକ ପଦକ୍ଷେପ ପାଇଁ ନିଜକୁ ନିରବ ରଖୁଥାଇପାରନ୍ତି ବୋଲି ମଧ୍ୟ ସମୀକ୍ଷକମାନେ କହୁଛନ୍ତି। ଏହି ଘଟଣା କେବଳ ଏକ ଅନୁପସ୍ଥିତି ନୁହେଁ, ବରଂ ଗଞ୍ଜାମ ରାଜନୀତିର ଭିତରେ ଚାଲୁଥିବା ଗଭୀର ପରିବର୍ତ୍ତନର ଏକ ଇଙ୍ଗିତ ଯାହା ଆସନ୍ତା ଦିନରେ ନୂଆ ସନ୍ଦେଶ ଦେବ ବୋଲି ମଧ୍ୟ ଚର୍ଚ୍ଚା ହେବାରେ ଲାଗିଛି।

# ଅଣ୍ଡାମାନ ସାଗରରେ ନୌକା ବୁଡ଼ି ୨୫୦ ନିଖୋଜ

ଢାକା, ୧୪।୪: ଅଣ୍ଡାମାନ ସାଗରରେ ଆଜି ଏକ ନୌକା ବୁଡ଼ିଯିବାରୁ ୨୫୦ରୁ ଅଧିକ ଯାତ୍ରୀ ନିଖୋଜ ହୋଇଯାଇଛନ୍ତି। ଏହି ନୌକାରେ ରୋହିଙ୍ଗିଆ ଶରଣାର୍ଥୀ ଏବଂ ବାଂଲାଦେଶୀ ଥିଲେ। ସେମାନେ ବାଂଲାଦେଶରୁ ମାଲେସିଆ ଯାଉଥିବା ବେଳେ ସମୁଦ୍ର ଭିତରେ ଖରାପ ପାଗ ଯୋଗୁଁ ନୌକା ଓଲଟିଯାଇଛି। ମାତ୍ର ୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨୫୦ରୁ ଅଧିକ ନିଖୋଜ ଅଛନ୍ତି।

# ଘରେ ପଶିଗଲା ପିକ୍‌ଅପ୍

ଜହ୍ନାପଙ୍କ, ୧୪।୪ (ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସାମ୍ନାରେ ଭୟଙ୍କର ଦୁର୍ଘଟଣା ଘଟିଛି। ଗୋଟିଏ ବୋଲେରୋ (ପିକ୍‌ଅପ୍) ଭାରସାମ୍ୟ ହରାଇ ଜଣଙ୍କ ଘର ଭିତରକୁ ପଶି ଯାଇଛି। ଚାରିଶମ୍ଭୁ ମନ୍ଦିରରେ ଟେଣ୍ଟ କାମ କରିବାକୁ ବୌଦ୍ଧ ବ୍ଲକ୍ ମୃଗୁଣ୍ଠୀ ପଞ୍ଚାୟତ ଡାଙ୍ଗପଡ଼ାର ଏହି ଗାଡ଼ି (ଓଡି ୨୭ ବି ୫୧୧୩)ଟି ବିଭିନ୍ନ ଜିନିଷ ଧରି ଯାଉଥିଲା। ଏହି ସମୟରେ ଜହ୍ନାପଙ୍କ ପଟୁ ଅନ୍ୟ ଏକ ଗାଡ଼ି ବୋଲେରୋ ସାମ୍ନାକୁ ମାଡ଼ି ଆସିଥିଲା। ସେହି ଗାଡ଼ିକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ବାମ ପଟକୁ କାଟି ଦେଇଥିଲେ। ଏଥିରେ ଗାଡିଟି ଭାରସାମ୍ୟ ହରାଇ ରବୀନ୍ଦ୍ର ମେହେରଙ୍କ ଘରର କାନ୍ଥ ଭାଙ୍ଗି ଭିତରକୁ ପଶି ଯାଇଥିଲା। ରବୀନ୍ଦ୍ରଙ୍କ ଘରର ଗ୍ରିଲ ସହ ଘର କାନ୍ଥ ଭାଙ୍ଗି ଯାଇଛି। ସୌଭାଗ୍ୟ ବଶତଃ ସେଇ ଘରେ କେହି ନ ଥିଲେ। ଗାଡ଼ି ଚାଳକ ମଧୁପୁର ଗ୍ରାମର ସତ୍ୟ ପ୍ରଧାନ(୨୩) ଓ ବଡ଼ଖାରକଟା ଗ୍ରାମର ଧୀରେନ ବିଶି (୨୦) ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ସତ୍ୟଙ୍କ ବାମ ହାତ ଭାଙ୍ଗିଥିବା ବେଳେ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ପରେ ଭୁବନେଶ୍ୱର ଏମ୍ସ ପଠାଯାଇଛି। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।



# ହନୁମାନ ଜୟନ୍ତୀରେ ଗେରୁଆମୟ ସମ୍ବଲପୁର ସହର







ସମ୍ବଲପୁର, ୧୪।୪ (ସମିସ)

ଜୟ ଶ୍ରୀରାମ, ଜୟ ହନୁମାନ ସ୍ୱରରେ ପ୍ରକମ୍ପିତ ହେଲା ସମ୍ବଲପୁର ସହର। ଛୋଟରୁ ବଡ଼ ସମସ୍ତେ ହାତରେ ଝଣ୍ଡା ଧରି ଜୟ ହନୁମାନ ନାରା ଦେଲେ। ହନୁମାନ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବୃଦ୍ଧହିଲ ସ୍ଥିତ ହନୁମାନ ମନ୍ଦିରରେ ଆଳତୀ ହୋଇଥିଲା। ପରେ ଜିଲ୍ଲା ସ୍କୁଲରୁ ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ପଡ଼ାରୁ ଶ୍ରଦ୍ଧାଳୁମାନେ ଶୋଭଯାତ୍ରା ଧରି ମୁଖ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେଠାରୁ ବାହାରିଥିଲା ଶୋଭାଯାତ୍ରା। ପୁଲିସ ପକ୍ଷରୁ ମଧ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଡ୍ରୋନ, ସିସିଟିଭିରେ ତୀକ୍ଷ୍ଣ ଭାବେ ନଜର ରଖାଯାଇଥିଲା। ୨୦୨୩ ମସିହାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ପୁଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ଶୋଭାଯାତ୍ରା ଶେଷ ହୋଇଥିଲା।

## ● ମହାଆଳତୀରେ କେନ୍ଦ୍ରମନ୍ତ୍ରୀ ସାମିଲ

ଜିଲ୍ଲା ସ୍କୁଲରେ ଛକରେ ମହାଆଳତୀର ବ୍ୟବସ୍ଥା କରାଯାଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟକ ତଥା ହନୁମାନ ସମନ୍ୱୟ ସମିତିର ଅଧକ୍ଷ ଜୟନାରାୟଣ ମିଶ୍ର ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଅନ୍ୟ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ୧୦ରୁ ଊର୍ଦ୍ଧ୍ୱ ପଣ୍ଡିତ ଆଳତୀର ସଂଯୋଜନା କରିଥିଲେ। ଆଳତୀ ପରେ ପରେ ଡିଜିଟାଲ ଆତସବାଜି ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ଦେଖଣାହାରୀଙ୍କ ମନମୋହିଥିଲା। ସମସ୍ତେ ଖଣ୍ଡା, ଗଦା ଆଦି ବୁଲାଇଥିଲେ।

● ଆତସବାଜି, ଜୟ ଶ୍ରୀରାମ ନାରାରେ କମ୍ପିଲା

● ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ, ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

## ● ରଙ୍ଗମୟ ହେଲା ଜିଲ୍ଲା ସ୍କୁଲ ଛକ

ରଙ୍ଗମୟ ହୋଇଛି ଜିଲ୍ଲା ସ୍କୁଲ ଛକ। ଆତସବାଜି ପରେ ପରେ ବିଭିନ୍ନ ରଙ୍ଗର ହୋଲି ଆକାଶ ମାର୍ଗରୁ ବର୍ଷିଥିଲା। ସବୁ ଆଡେ କେବଳ ରଙ୍ଗମୟ ଧୂଆଁ ଦେଖିବାକୁ ମିଳିଥିଲା। ଉପସ୍ଥିତ ଦର୍ଶକ ସମସ୍ତ ମୂହୁର୍ତ୍ତକୁ ମୋବାଇଲରେ ସୁଟିଂ କରି ନିଜର ଖୁସି ବ୍ୟକ୍ତ କରୁଥିଲେ।

## ● ଦ୍ୱିତୀୟ ଶୀତଳଷଷ୍ଠୀ ଭ୍ରମ

ଆଜିର ବିରାଟ ଶୋଭାଯାତ୍ରା ସମସ୍ତଙ୍କୁ ଚକିତ କରିଦେଇଥିଲା। ମୁଖ୍ୟ ଶୋଭାଯାତ୍ରାରେ ସମସ୍ତ ପଡ଼ାର ଲୋକ ସାମିଲ ହୋଇଥିଲେ। ସମସ୍ତଙ୍କ ମନରେ ଦ୍ୱିତୀୟ ଶୀତଳଷଷ୍ଠୀର ଭ୍ରମ ପରି ସୃଷ୍ଟି ହେଉଥିଲା।

## ● ପୁଲିସ ଛାଉଣୀରେ ସହର

୫୨ ପ୍ଲାଟୁନ ପୁଲିସ ଫୋର୍ସ ସହରରେ ଉପସ୍ଥିତ ରହିଛନ୍ତି। ସମ୍ବେଦନଶୀଳ ସ୍ଥାନରେ ପୁଲିସ ଓ ସିଆରପିଏଫ ମାନେ ମୁତୟନ ଅଛନ୍ତି। ୧୬୦ରୁ ଅଧିକ ସିସିଟିଭି କ୍ୟାମେରା ତୀକ୍ଷ୍ଣ ନଜରରେ ସମ୍ପୂର୍ଣ୍ଣ ସହର ରହିଛି। ହନୁମାନ ଜୟନ୍ତୀ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ସହରରେ ୬ ଅତିରିକ୍ତ ଏସପି, ୨ ଏସଡିପିଓ, ୪ ଡିଏସପି, ୪୧ ଇନସପେକ୍ଟର, ୧୪୦ ଏସଆଇ-ଏଏସଆଇ, ୩ ପ୍ଲାଟୁନ ବିଏସଏଫ, ୩ ପ୍ଲାଟୁନ ସିଆରପିଏ, ୨ଶହ ହୋମଗାର୍ଡ ସହ ପୁଲିସ ଫୋର୍ସ ସବୁଠି ପହରା ଦେଉଥିଲେ। କେତେକ ପୁଲିସ ଆଉଟପୋଷ୍ଟରେ ଲାଗିଥିବା ଏଲଇଡିରେ ସିସିଟିଭିର ସମସ୍ତ ରେକର୍ଡିଂ ନଜରରେ ରହିଥିଲା। ବିଶେଷ ଭାବେ ସମ୍ବେଦନଶୀଳ ଅଞ୍ଚଳକୁ ସିସିଟିଭି ଓ ଡ୍ରୋନ୍ ସର୍ଭିଲାନ୍ସରେ ରଖାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ସମ୍ବଲପୁରରେ ହନୁମାନ ଜୟନ୍ତୀ ଶେଷ ହୋଇଛି।







ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ମୁସ୍‌ଲିମ୍ ସମ୍ପ୍ରଦାୟ ଯୁବକଙ୍କ ଆଖଡ଼ା ପ୍ରଦର୍ଶନ

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ

ରେଢ଼ାଖୋଲ, ୧୪।୪(ସମିସ): ରେଢ଼ାଖୋଲ ସହରସ୍ଥିତ ବସ୍‌ଷ୍ଟାଣ୍ଡ ପରିସରରେ ରେଢ଼ାଖୋଲ ଅଗ୍ନିଶମ ବିଭାଗ ପକ୍ଷରୁ ୧୪ ଏପ୍ରିଲ ଠାରୁ ୨୦ଏପ୍ରିଲ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଓ ମକଡ୍ରିଲ କରି ବିଭିନ୍ନ ଜନଗହଳିସ୍ଥାନ, ବିଦ୍ୟାଳୟ, ଡାକ୍ତରଖାନା, ଗୁଡିକରେ ଘଟି ଯାଉଥିବା ଅଘଟଣକୁ ଆଡେଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ରେଢ଼ାଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ହାବିଲଦାର ଦୁର୍ଯ୍ୟୋଧନ ସାହୁ, ହାବିଲଦାର ସୁଶାନ୍ତ କୁମାର ସାମଲ, ସତ୍ୟବାନ ସାହୁ, ବିଭୁକାନ୍ତ ଶତପଥୀ, ହାବିଲଦାର ଗଜାନନ ପ୍ରଧାନ, ବ୍ୟସଦେବ ପ୍ରଧାନ, ନରେନ୍ଦ୍ର ବାଘ, ବିକାଶ ସାହୁ, ଅରୁଣ ଝାଙ୍କର, ପ୍ରଭାକର ନାୟକ ବିଭିନ୍ନ ପ୍ରକାରର ଅଗ୍ନିକାଣ୍ଡର କାରଣ ଓ ନିରାକରଣ ଉପରେ ସଚେତନତାର ମକଡ୍ରିଲ୍ ଦେଖାଇଥିଲେ। ସେହିପରି ପାଣିରେ ବୁଡ଼ି ଯାଉଥିବା ବ୍ୟକ୍ତିଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯିବ ନେଇ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ପରେ ଅଗ୍ନିକମାନେ ବିଭିନ୍ନ ପ୍ରାକୃତିକ ଓ କୃତ୍ରିମ ଅଗ୍ନିକାଣ୍ଡ ସମୟରେ ନିଆଁକୁ କିପରି ଆୟତ୍ତ କରାଯିବ ସେ ଉପରେ ମକଡ୍ରିଲ କରି ଜନସାଧାରଣଙ୍କୁ ସଚେତନ କରିଥିଲେ।



# ଆମ୍ବେଦକରଙ୍କ ସଂଗ୍ରାମ ଚିରସ୍ମରଣୀୟ








ବରଗଡ଼, ୧୪।୪(ସମିସ)

ସ୍ଥାନୀୟ ଯଦୁମଣି ପ୍ରେକ୍ଷାଳୟରେ ଭାରତୀୟ ସମ୍ବିଧାନର ଜନକ ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ତାଙ୍କ ଆଦର୍ଶ, ତ୍ୟାଗ, ସମାଜ ଗଠନ, ସମାଜର ଦଳିତ ଅବହେଳିତ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ସଂଗ୍ରାମ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସମାଜରୁ ଭେଦଭାବ, ଛୁଆଁ ଅଛୁଆଁ ମନୋଭାବ ଦୂର କରିବା ପାଇଁ ତାଙ୍କ ଅବଦାନ ସର୍ବଦା ମହାନ୍ ହୋଇ ରହିବ ବୋଲି ମତ ପ୍ରକାଶ ପାଇଛି। ପ୍ରଥମେ କଚେରୀ ପରିସରସ୍ଥିତ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ପୌରାଧକ୍ଷା କଳ୍ପନା ମାଝି, ଆମ୍ବେଦକର କମିଟିର ଚୈତନ୍ୟ ପାଇକ ପ୍ରମୁଖ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସଂସ୍କୃତି ଅଧିକାରୀ ତାହିର ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ

ସେହିଭଳି ଅଗ୍ରଗାମୀ ଯୁବକ ସଂଘଠାରେ ଓଡ଼ିଶା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ବରଗଡ଼ ତରଫରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଜିଲ୍ଲା ପରିଷଦର ସଭାପତି ଖିରେଶ୍ୱର୍ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ରୂପେ ବରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ସମ୍ମାନିତ ଅତିଥି ରୂପେ ବରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସଏ, ଅଧ୍ୟାପକ ଈଶ୍ୱର ମେହେର, ବିଜୟ ନାଗ ପ୍ରମୁଖ ଯୋଗ ଦେଇଥିଲେ। ନନ୍ଦିଘୋଷ ଭୁଏ ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋହିତ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିଚନ୍ଦ୍ର ବୁଡେକ, ନାରାୟଣ ମେହେର, ରାଜକୁମାର ବଘେଲ, ଭରତ ଭୁଏ, ଚୁଙ୍ଗିଲାଲ ସେଠ, ପ୍ରଦୀପ ନାଗ, ଉଚ୍ଛବ ଭୁଏ, ଜେନାମଣି ମହାନନ୍ଦ, ଧରମ ନାଏକ, ଉତ୍ତମ କୁସଲ, ଜୋହନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଉଦ୍ଧବ ମହାନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ।

ବରଗଡ଼ ଜିଲ୍ଲା ଗୁଡେଶିରା ପଞ୍ଚାୟତ ଗୁଡେଶିରା, ନୂଆଁ ଗୁଡେଶିରା ଓ ଜାମପାଲିରେ ମଧ ବାବା ସାହେବ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି। ବିଜେପି ନେତା ଘନଶ୍ୟାମ ସାହୁ, ସର୍ଜନ ତାଣ୍ଡି ଓ ନନ୍ଦିଘୋଷ ଟିଭି ସାମ୍ବାଦିକ ହିମାଂଶୁ ଶେଖର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିହାରୀ ଛତର, ମିଳନ କନ୍ଧେର, ମୋହନ ସୁନା, ଧିରେନ ଶିକା, ସାମନ୍ତ ବିଭାର, ରାହୁଲ ତାଣ୍ଡି, ସୂର୍ଯ୍ୟକାନ୍ତ ତାଣ୍ଡି, ସଞ୍ଜୀବ କୁମ୍ଭାର, ଦେବ୍ ତାଣ୍ଡି, ଅଂଶୁ ହରିପାଲ, ଜୟଲାଲ ମୁଗ୍ରୀ, ସାମନ୍ତ ବିଭାର, ସଂସାର ନାଗ ପ୍ରମୁଖ ସାମିଲ ହୋଇଥିଲେ।

**ପଦ୍ମପୁର:** ରାଜାଜୀ ଟାଉନ୍ ହଲ୍‌ଠାରୁ ଆମ୍ବେଦକର ଛକ (ଦୋରା ପେଟ୍ରୋଲ ପମ୍ପ) ସ୍ଥିତ ଡ. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟ ପର୍ଯ୍ୟନ୍ତ ଏକ ବିରାଟ ଭବ୍ୟ ଶୋଭାଯାତ୍ରା ହୋଇଥିଲା। ଭୋଜରାଜ ବାଗ, କ୍ଷେତରାଜ ବାଗ, ଜୟନ୍ତୀ ମେହେର, ମଧୁସ୍ମିତା ଛୁରା ଉପେନ୍ଦ୍ର ଦୀପ, ଉମେଶ ସୁନା, ଘାସୀ ସମାଜ ତରଫରୁ ନରେଶ ଦାଶ, ସୁଜନ ବାଗ, ନାୟକ ସମାଜରୁ ରମେଶ ନାୟକ, ଝାରବନ୍ଧ ବ୍ଲକ ସତନାମୀ ସମାଜ ସଭାପତି ରାମ ପ୍ରସାଦ ଅଗ୍ରେ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୋଭାଯାତ୍ରା ପଦ୍ମପୁର ଉପଖଣ୍ଡର ପଦ୍ମପୁର, ପାଇକମାଳ, ଝାରବନ୍ଧ, ଗାଇସିଲେଟ ପ୍ରଭୃତି ବ୍ଲକ ରୁ ଶତାଧିକ ମହିଳା, ପୁରୁଷ, ଛାତ୍ରଛାତ୍ରୀଙ୍କ ସମାଗମ ହୋଥିଲା। ଗୋପବନ୍ଧୁ ଶିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚନ୍ଦ୍ରହାସ୍ୟ ଜାଲ, ଗୋବର୍ଦ୍ଧନ ଛତ୍ତର, ପ୍ରଦୀପ ମହାନନ୍ଦ, ରମେଶ ଗୁର୍ଲା ପ୍ରମୁଖ ସହଯୋଗ କରିଥିଲେ।

**ଝାରବନ୍ଧ:** ଝାରବନ୍ଧ ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ତରଫରୁ ବି.ଆର.ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ସଭାପତି ଭୋଜରାଜ ବାଗଙ୍କ ନେତୃତ୍ୱ ଓ ସମ୍ପାଦକ ରସିକ କୁମ୍ଭାରଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ ଛକରୁ ଶୋଭାଯାତ୍ରା ବାହାରିଥିଲା। ସହର ପରିକ୍ରମା କରି ଆମ୍ବେଦକର ଭବନ ନିର୍ମାଣ ସ୍ଥଳରେ ପହଞ୍ଚିଥିଲା। ଭରତ ମହାନନ୍ଦ, ଅଙ୍ଗଦ ମୁଣ୍ଡୁରି, ଦୌଲତ ତାଣ୍ଡି, ଜୋହନ ତାଣ୍ଡି, ଅନିଲ ଲୁହାର, ଡୋରିଲାଲ କଲେତ ପ୍ରମୁଖ ଯୋଗ ଦେଇଥିଲେ। ଠିକ ସେହିପରି ଝାରବନ୍ଧ ବ୍ଲକସ୍ତରୀୟ ଅନୁସୂଚିତ ଜାତି ଓ ଜନଜାତି ସମନ୍ୱୟ କର୍ମଚାରୀ ପରିଷଦ ଆନୁକୂଲ୍ୟରେ ବିନ୍ଧ୍ୟବାସିନୀସ୍ଥିତ ହଲ୍‌ରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି। ମନୋରଞ୍ଜନ ସୁନା, ପ୍ରଭୁଦାସ ମହାନନ୍ଦ, ଜୟସିଂହ ଦାଉ, ତ୍ରିଲୋଚନ ବରିହା, ଅସିତ ମିର୍ଦ୍ଧା, ଆଶ୍ରମ ବରିହା ଓ ସଙ୍ଗୀତା ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଗୋପାଳ ହରିଜନ ଧନ୍ୟବାଦ ଜ୍ଞାପନ କରିଥିଲ।







# କିଟ୍‌ରେ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀ ପାଳିଲେ ଓଡ଼ିଆ ନବବର୍ଷ



ଭୁବନେଶ୍ୱର, ୧୪।୪(ସମିସ): କିଟ୍ ପରିସରରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ୬୧ତମ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାର ୩୦ ଜଣ ପ୍ରତିଯୋଗୀ ଓଡ଼ିଆ ନୂଆବର୍ଷ ପାଳନ କରିଥିଲେ। ଓଡ଼ିଶାର ପ୍ରସିଦ୍ଧ ପାଟଶାଢ଼ି ପିନ୍ଧି ଓଡ଼ିଆ ଖାଦ୍ୟ ସାଙ୍ଗକୁ ଓଡ଼ିଶାର ପାରମ୍ପରିକ ମିଠା ଛେନାପୋଡ଼ର ମଜା ନେଇଥିଲେ। ସମ୍ପୂର୍ଣ୍ଣ ଓଡିଆ ଢ଼ାଞ୍ଚାରେ ପ୍ରସ୍ତୁତ ଓଡିଆ ଖାଦ୍ୟ ଖାଇ ସେମାନେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ। ଏପ୍ରିଲ ୧୮ ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୩୦ ଜଣ ରାଜ୍ୟ ବିଜେତାଙ୍କ ସହ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍ ମଧ୍ୟ ସାମିଲ ହୋଇଥିଲେ। ତେବେ ସମସ୍ତ ପ୍ରତିଯୋଗୀ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବା ପାଇଁ ପୁରୀ, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ପରିଦର୍ଶନ କରିବେ। ପୁରୀ ବେଳାଭୂମି ଓ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ସେମାନେ ହେରିଟେଜ୍ ୱାକ୍ କରିବାର କାର୍ଯ୍ୟକ୍ରମ ରହିଛି।

# ସରକଣାରେ ପ୍ରସିଦ୍ଧ ଫୋଡ଼ା ପାଟୁଆ ଯାତ୍ରା

ଧଉଳି, ୧୪।୪(ସମିସ): ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତରେ ପ୍ରସିଦ୍ଧ ଫୋଡ଼ା ପାଟୁଆ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧୮ ଜଣ ମାନସିକଧାରୀ ୭ ଦିନଧରି ହବିଷ୍ୟାନ୍ନ ଖାଇ ନିଷ୍ଠାରେ ରହିଥିଲେ। ପ୍ରତ୍ୟୁଷରୁ ମା' ମଙ୍ଗଳାଙ୍କୁ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ସିନ୍ଦୂର, ଝୁଣା, ଦୀପଦେଇ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନିର୍ଦ୍ଧାରିତ ନୀତି କାନ୍ତି ଅନୁସାରେ ପୂଜାର୍ଚ୍ଚନା ସରିବାପରେ ମାନସିକଧାରୀ ବିରାଟ ପଟୁଆରରେ ବାଜାବାଣ ଫୁଟାଇ ନିକଟସ୍ଥ ପୋଖରୀରେ ଯମୁନା ଗାଧୁଆ କରିଥିଲେ। ପରେ ପାରମ୍ପାରିକ ନୀତି ଅନୁସାରେ ସେଠାରେ ସେମାନଙ୍କ ପିଠିରେ ଲୁହା କଣ୍ଟା ଫୋଡ଼ା ଯାଇଥିଲା। ପରେ ସେମାନେ ସରକଣାସ୍ଥିତ ମା' ଭଗବତୀ, ମହାବୀର ଦେବ ଓ ଗୋପୀନାଥ ଦେବ ମନ୍ଦିର ଚାରିପାଟେ ୭ ଘେରା ବୁଲିଥିଲେ। ଘଣ୍ଟଘଣ୍ଟା ଢୋଲ ବଜାଇ ପୋଖରୀରୁ ଚରଖି ଓ ଖାଇଖୁଣ୍ଟ ଉପରକୁ ଆଣି ସେଠାରେ ଖାଲ ଖୋଳାଯାଇ ମେରୁ ଖଭାଇରେ ବିଳମ୍ବିତ ରାତିରେ ମା' ମଙ୍ଗଳାଙ୍କୁ ସ୍ଥାପନା କରି ମୁଖ୍ୟ କାଳିସୀ ଗଙ୍ଗାଧର ଭୋଇ ପ୍ରଥମେ ଚରଖି ବୁଲିସାରିବା ପରେ ଅନ୍ୟ ପାଟୁଆ ମାନେ ବୁଲିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମବାସୀ, ମା' ମଙ୍ଗଳା ମନ୍ଦିର ପରିଚାଳନା କମିଟି ଏବଂ ଆଖପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ବାଲିଅନ୍ତା ପୁଲିସ ଉକ୍ତ କାର୍ଯ୍ୟକ୍ରର୍ମକୁ ସୁଚର୍ ରୂପେ ସମ୍ପାଦନ କରିଥିଲା।



ସେହିପରି ବାଲକାଟିସ୍ଥିତ ମା' ଜାଗେଶ୍ୱରୀ, ମା' ଭଗବତୀ, ହୀରାପୁରରେ ମା' ସବାଖାଇ, ଆଦି ମା'ଙ୍କ ପୀଠରେ ନିର୍ଦ୍ଧାରିତ ରୀତିନୀତି ଅନୁସାରେ ଝାମୁ ଯାତ୍ରା ପାଳିତ ହୋଇଯାଇଛି। ଏସବୁ ସ୍ଥାନରେ ବହୁ ସଂଖ୍ୟକ ମାନସିକଧାରୀ ମୁଖ୍ୟ କାଳେସୀଙ୍କ ଛାଟ ଆଜ୍ଞା ପାଇ ନିଆଁରେ ଚାଲିଥିଲେ। ଶେଷରେ ମାନସିକଧାରୀ ମୁଖ୍ୟ କାଳେସୀଙ୍କ ବିଭିନ୍ନ ଗ୍ରାମରେ ପଣା ପିଇ ପରିକ୍ରମା କରିଥିଲେ।

# ଓଡ଼ିଶା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଓଡ଼ିଆ ନୂଆବର୍ଷ

ଭୁବନେଶ୍ୱର, ୧୪।୪(ସମିସ): ଓଡ଼ିଆ ନୂଆବର୍ଷରେ ଓଡ଼ିଆତ୍ୱ ଓ ଓଡ଼ିଆ ପ୍ରୀତିକୁ ବ୍ୟାପକ କରିବାକୁ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ନୂଆବର୍ଷ ଓ ପଣା ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି। ନାଗରିକ ସୁରକ୍ଷା ମଞ୍ଚ ସଭାପତି କୃଷ୍ଣଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଭୁବନେଶ୍ୱର ଷ୍ଟାଇଲ୍ ଗ୍ରିନ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଟିମ୍ ଆଡମାର୍କର ସିଏମ୍‌ଡି ନିଶିକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ଓ ଓଡ଼ିଆତ୍ୱ ଜାଗ୍ରତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମଳୟ ମହାନ୍ତି, କଂଗ୍ରେସ ମୁଖପାତ୍ର ଦେବାଶିଷ ଭୂୟାଁ, ଜୟଶ୍ରୀ ପାତ୍ର, ବରିଷ୍ଠ ସାମ୍ବାଦିକ ସ୍ମରଜିତ ଆର୍ଯ୍ୟ, ସସ୍ମିତା କାମିଲା, ଶିକ୍ଷାବିତ୍ ପ୍ରିୟଶିଷ ମିଶ୍ର, ସୁରେନ୍ଦ୍ର ସାହୁ, ସାମ୍ବାଦିକା ନିରୁପମା ବେହେରା, ରତ୍ନାପଦ୍ମା ସାମଲ, ଶିକ୍ଷାବିତ୍ ଜଲିଲା ଖାଁ ଯୋଗଦେଇ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ନାଗରିକ ସୁରକ୍ଷା କମିଟିର ମୁଖ୍ୟ ଉପଦେଷ୍ଟା ବିଶ୍ୱଜିତ୍ ପଟ୍ଟନାୟକ, ଉପଦେଷ୍ଟା ଧରିତ୍ରୀ ଜେନା, ଅଶୋକ ନାୟକ, ଅନଦା ମର୍ଥନ, ଦୀପକ ଷେଣ୍ଟେ, ନେତ୍ରମଣି ସାହୁ ଓ ଘନଶ୍ୟମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ 'ନବବର୍ଷ ସ୍ୱାଗତ ଉତ୍ସବ'



ଭୁବନେଶ୍ୱର, ୧୪।୪(ସମିସ): ବିଶ୍ୱ ଓଡିଆ ପରିବାର ପକ୍ଷରୁ ପଣା ସଂକ୍ରାନ୍ତି ଓ ନବବର୍ଷ ସ୍ୱାଗତ ଉତ୍ସବ ଖଣ୍ଡଗିରିବାରୀ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ଅଧ୍ୟକ୍ଷତା କରି ସଂଗଠନର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱ ଓଡିଆ ପରିବାରର 'ଓଡ଼ିଆ ପଞ୍ଜିକା'କୁ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଓଡ଼ିଶାର ସଭାପତି ରାଜୀବ ଶେଖର ସାହୁ ଉତ୍ସବରେ ଉଦ୍‌ଘାଟକ ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଦୋଳଗୋବିନ୍ଦ ପଣ୍ଡା ଓଡ଼ିଆତ୍ୱ ଜାଗ୍ରତ ପାଇଁ ଓ ଓଡ଼ିଆ ପରମ୍ପରା ସହିତ ପଣା ସଂକ୍ରାନ୍ତି ତଥା ନବବର୍ଷର ଯେଉଁ ସଂକଳ୍ପ ରହିଛି ତାହା ଉପରେ ସେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଏବଂ ସ୍ଥାନୀୟ କର୍ପୋରେଟର୍ ଦିଲ୍ଲୀପ ମାଝୀ ଉପସ୍ଥିତ ଥିଲେ। ଡା. ପ୍ରତାପ ପାଣି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମର ବିଶ୍ୱ ଓଡ଼ିଆ ଟ୍ରଷ୍ଟି ଭବାନୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଡ. ହାଡିବନ୍ଧୁ ପ୍ରାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସିକ୍ତା ପତି, ପର୍ଣ୍ଣା ନାୟକ, ମହାବୀର କ୍ଲବ୍‌ର କର୍ମକର୍ତ୍ତା ସୁରେଶ କୁମାର ସାହୁ, ସୁଜିତ କୁମାର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଯୁବ ସଂଗଠନ ପକ୍ଷରୁ ପଣା ଉତ୍ସବ

ଭୁବନେଶ୍ୱର, ୧୪।୪(ସମିସ): ପବିତ୍ର ମହାବିଷୁବ ତଥା ପଣା ସଂକ୍ରାନ୍ତି ଅବସରରେ ଯୁବ ସଙ୍ଗଠନ ପକ୍ଷରୁ ପକ୍ଷରୁ ପଣା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ୧୦ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଓଡ଼ିଆ ପରମ୍ପରାର ଏହି ଅନନ୍ୟ ପର୍ବ ସ୍ଥାନୀୟ ୟୁନିଟ-୧ ନୃସିଂହ ମନ୍ଦିର ସମ୍ମୁଖରେ ହୋଇଛି। ଅନୁଷ୍ଠାନର ସଦସ୍ୟ ମାନେ ବେଲ, ବସାଦହି, କଦଳୀ, ନଡ଼ିଆ, ଗୁଡରେ ପ୍ରସ୍ତୁତ ପଣା ପଥଚାରୀମାନଙ୍କୁ ବଣ୍ଟନ କରିବା ସହ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସୁନୀଲ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ, ଯୁବ ସମ୍ବାଦିକ ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରଜନାଥ ବଡ଼ଜେନାଙ୍କ ଜନ୍ମୋତ୍ସବରେ ସାହିତ୍ୟଚକ୍ର



ଭୁବନେଶ୍ୱର, ୧୪।୪(ସମିସ): ରାଜଧାନୀ ଭୁବନେଶ୍ୱରରେ ବ୍ରଜନାଥ ବଡ଼ନାଥ ଜେନାଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଓଡ଼ିଆ ସାହିତ୍ୟର ରୀତିଯୁଗର ଅନ୍ୟତମ ସାରସ୍ୱତ ସ୍ରଷ୍ଟା ବ୍ରଜନାଥ ବଡ଼ଜେନା ଏକ ବହୁମୁଖୀ ସୃଜନଶୀଳ ପ୍ରତିଭା। ଏକାଧାରରେ କବି, ବହୁ ଶାସ୍ତ୍ରର ରଚୟିତା ତଥା ବହୁ ଭାଷାବିତ ପଣ୍ଡିତ। ସମର ତରଙ୍ଗ, ଚତୁର ବିନୋଦ ପରି ତାଙ୍କର ସାହିତ୍ୟ ସିଦ୍ଧିର ପ୍ରମାଣ ବହନ କରେ, ଯାହା ସାହିତ୍ୟ ଜଗତକୁ ନୂଆ ବାଟ ଦେଖାଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଢେଙ୍କାନାଳ-ଅନୁଗୁଳ ଡେଭଲେପମେଣ୍ଟ ଆସୋସିଏସନ(ଦାଦା) ଏବଂ ବ୍ରଜନାଥ ବଡ଼ଜେନା ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ ଦାଦାର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର। ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ ଯୋଗଦେଇ ବ୍ରଜନାଥ ବଡଜେନାଙ୍କ ସମର ତରଙ୍ଗ ସମ୍ପର୍କରେ ଆଲୋକପାତ କରିଥିବା ବେଳେ କାର୍ଯ୍ୟକାରୀ ଅଧ୍ୟକ୍ଷ ଧନେଶ୍ୱର ସାହୁ ଉପସଂହାର ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ରମେଶ ଚନ୍ଦ୍ର ଶତପଥୀ, ଅଶ୍ୱିନୀ ସାହୁ, ଅଶୋକ କୁମାର ନାୟକ, ସର୍ବେଶ୍ୱର ବରାଳ, ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀ ମହାବିଦ୍ୟାଳୟରେ କବିତା ଆସର



ଭୁବନେଶ୍ୱର, ୧୪।୪(ସମିସ):ରାଜଧାନୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଉପଲକ୍ଷେ କବି ଓ କବିତାୟନକୁ ନେଇ ଡ. ପ୍ରଶାନ୍ତ ମହାରଣାଙ୍କର ସଂଯୋଜନାରେ କବିତା ଆସର ଓ ନାରୀବାଦୀ ଦୃଷ୍ଟିକୋଣ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାରୀବନ୍ଦନକୁ ନେଇ କବିମାନେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ମନ୍ମଥ ନାଥ ଘଡ଼ାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶିଷ୍ଟ କବି ଫନି ମହାନ୍ତି, କବି ମମତା ଦାସ, କବି କ୍ଷୀରୋଦ ପରିଡ଼ା, କବି ରକ୍ଷକ ନାୟକ, କବି ସୁନିତା କର, ସୁଷମା ଦାଶ, ପରିମିତା ସାହୁ, ଅଧ୍ୟାପକ ଡ. ଅନୁଜ ସାହୁ, ଡ. ଗୀତାରାଣୀ ନାୟକ, ଡ. ଦେବଦର୍ଶିନୀ ସାହୁ, ଛାତ୍ର ପ୍ରିୟବ୍ରତ ଉଡ଼ାଣସିଂହ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। ଶେଷରେ ଦେବଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନ୍ ପକ୍ଷରୁ ହନୁମାନ ଜୟନ୍ତୀ

ଭୁବନେଶ୍ୱର, ୧୪।୪(ସମିସ): ଡିଷ୍ଟ୍ରିକ୍ଟ ସେଣ୍ଟର ଓନରର୍ସ ଆସୋସିଏସନ୍ ପକ୍ଷରୁ ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ହନୁମାନ ବାଟିକା ପ୍ରାଙ୍ଗଣରେ ହନୁମାନ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଳଯାତ୍ରା, ଅଧିବାସ ଓ ଅଙ୍କୁରାରୋପଣ କରାଯାଇଥିଲା। ସକାଳେ ସୂର୍ଯ୍ୟପୂଜା, ମଣ୍ଡଳପୂଜା, ଅଗ୍ନିସ୍ଥାପନ, ଯଜ୍ଞ ଓ ପୂର୍ଣ୍ଣାହୂତି କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶେଷରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଆସୋସିଏସନର କର୍ମକର୍ତ୍ତାମାନେ ଉପସ୍ଥିତି ରହି ପରିଚାଳନା କରିଥିଲେ।

# ରାଜଧାନୀରେ ଗୁଞ୍ଜରିତ ହେଲା 'ଜୟ ହନୁମାନ ଜ୍ଞାନ ଗୁନ ସାଗର'

ଭୁବନେଶ୍ୱର, ୧୪।୪(ସମିସ): 'ଜୟ ହନୁମାନ ଜ୍ଞାନ ଗୁନ ସାଗର' ଶ୍ଳୋକରେ ଗୁଞ୍ଜରିତ ହୋଇଉଠିଥିଲା ରାଜଧାନୀ। ହନୁମାନ ଚାଳିଶାରେ ପ୍ରକମ୍ପିତ ହୋଇଥିଲା ସାରା ପରିବେଶ। ଅସହ୍ୟ ଖରା ସତ୍ତ୍ୱେ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଗହଳି ଜମିଥିଲା। ବଡ଼ି ଭୋରୁ ହାତରେ ଧୂପ ଦୀପ ଜାଳି ଭଗବାନଙ୍କୁ ଆବାହନ କରିବା ସହ ପୁଷ୍ପ ଅର୍ପଣ କରିଥିଲେ। ବମିଖାଲ, ସହିଦନଗର, ୟୁନିଟ-୧, ନୟାପଲ୍ଲୀ ଆଦି ମନ୍ଦିରରେ ଭକ୍ତଙ୍କର ଲମ୍ବା ଲାଇନ୍ ଲାଗିଥିବା ବେଳେ ରାମ ମନ୍ଦିର, ଇସ୍କନ ମନ୍ଦିର, ରାଧାକୃଷ୍ଣ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ।



ରାଜ୍ୟର ବିଭିନ୍ନ ସ୍ଥାନରେ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ରାଜଧାନୀର ବିଭିନ୍ନ ସ୍ଥାନରେ ମଧ୍ୟ ଝାମୁଯାତ୍ରା ବା ଦଣ୍ଡଯାତ୍ରା ଦେଖିବାକୁ ମିଳିଥିଲା। ନୂଆପଲ୍ଲୀ, ବରମୁଣ୍ଡା, ଘାଟିକିଆ, ଯାଁଳା, ରସୁଲଗଡ଼, ଲକ୍ଷ୍ମୀସାଗର, ପଟିଆ, ଡମଣା, ଗାଡକଣ, କଳାରାହାଙ୍ଗା ଆଦି ସ୍ଥାନରେ ଝାମୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ନୂଆପଲ୍ଲୀ ଗ୍ରାମ ତରଫରୁ ମା' ସୁନାଦେବୀ, ମଙ୍ଗଳା, ମା'ବରଡ଼େଇଙ୍କ ନିକଟରେ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ସେମାନେ ନିଆଁ, ଖଣ୍ଡାରେ ଚାଲି, ଦେହରେ କଣ୍ଟା ଫୁଟାଇ ନିଜକୁ କଷ୍ଟଦେଇଛନ୍ତି।

# ପାଟଣା ଭବାନୀ ଯାଦବ ସମିତିର ଲଉଡ଼ି ମହୋତ୍ସବ

ବାଲିଅନ୍ତା, ୧୪।୪(ସମିସ): ବାଲିଅନ୍ତା ପାଟଣା ଗ୍ରାମସ୍ଥିତ ମା' ଭବାନୀ ଲଉଡ଼ି ସମିତିର ବାର୍ଷିକ ଲଉଡ଼ି ମହୋତ୍ସବ ବାଲିଅନ୍ତା ଗ୍ରାମ ପଞ୍ଚାୟତର ସରପଞ୍ଚ କୃଷ୍ଣକେଶବ ଆପଟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଯଦୁପତି ଶ୍ରୀକୃଷ୍ଣ ଓ ଲଉଡ଼ି ଗୁରୁ ସ୍ୱର୍ଗତ ଗୋବିନ୍ଦ ଦାସଙ୍କ ପରିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ଉପଦେଷ୍ଟା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ବାଲିଅନ୍ତା ବ୍ଲକ ଯାଦବ ମହାସଭାର ସଭାପତି ଧନେଶ୍ୱର ବେହେରା, ଶିକ୍ଷାବିତ୍ ନିଲୁ ବେହେରା, ସୁରେଶ ବେହେରା, ଶିକ୍ଷାବିତ୍ ପ୍ରସନ୍ନ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅଣ୍ଡିଲୋ, ପାଟଣା, ରାମଚନ୍ଦ୍ରପୁର, ଚନ୍ଦ୍ରଶେଖରପୁର ଓ ଜଗତସିଂପୁରର ଲଉଡ଼ି ଲୋକ ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଲଉଡ଼ି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଓଡ଼ିଆ ନୂଆ ବର୍ଷରେ ଜାତୀୟ ସେବା ଯୋଜନା ଶିବିର

ଭୁବନେଶ୍ୱର, ୧୪।୪(ସମିସ): ଶାନ୍ତିସ୍ତୂପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ନୂଆବର୍ଷ ଓ ଜାତୀୟ ସେବା ଯୋଜନାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ନିଶା ନିବାରଣ ଉପରେ ଆଧାରିତ ଶିଳ୍ପୀ ଶିବିରକୁ ମୁଖ୍ୟଅତିଥି ଭାବେ ସମର୍ପଣର ପ୍ରତିଷ୍ଠାତା ସମାଜସେବୀ ପ୍ରଭୁଦତ୍ତ ପଟେଲ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଉଦ୍‌ଘାଟନ କରିଥିଲେ। ନିଶା ଆମକୁ ପଥଭ୍ରଷ୍ଟ କରିଥାଏ, ଯୁବପିଢ଼ି ମାନେ ଏଥିରୁ ନିବୃତ ରହି ଜୀବନର ଲକ୍ଷ୍ୟକୁ କେନ୍ଦ୍ରୀଭୂତ କରି କାର୍ଯ୍ୟ କଲେ ସଫଳ ହୋଇପାରିବେ ଏବଂ ସମାଜକୁ ଶୃଙ୍ଖଳିତ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟରଉପାଧ୍ୟକ୍ଷଚନ୍ଦନକୁମାରସାମଲଓଅଧ୍ୟାପକଭୂପତିଭୂଷଣପଣ୍ଡାଶିଳ୍ପୀମାନଙ୍କୁ ଉନ୍ନତ ଚିତ୍ର ସର୍ଜନା ପାଇଁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ୬୦ ଜଣ ଛାତ୍ରଛାତ୍ରୀ ନିଶା ନିବାରଣ ବିଷୟକୁ ନେଇ ସୁନ୍ଦର ସୁନ୍ଦର ସୃଜନଶୀଳ ଚିତ୍ର ଓ ପ୍ରାଚୀର ପତ୍ର ଅଙ୍କନ କରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ଶିବିର ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ ଓଡ଼ିଆ ନୂଆବର୍ଷ

ଭୁବନେଶ୍ୱର, ୧୪।୪(ସମିସ): ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଓଡଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ କଲେଜର ପୂର୍ବତନ ଅଧ୍ୟକ୍ଷତଥାଉତ୍କଳସମ୍ମିଳନୀରରାଜ୍ୟଉପସଭାପତି ଡ. ସୁରେନ୍ଦ୍ରମିଶ୍ରବୈଠକରେଯୋଗଦେଇ ଓଡ଼ିଆ ନୂତନ ବର୍ଷର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିରେ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ପ୍ରିୟରଞ୍ଜନ ସାହୁ, ଅନୁପମା ବେହେରା, ସୁରଜିତ ପରିଡ଼ା ପ୍ରମୁଖ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଶାଖାର ସମ୍ପାଦକ ଶିବବ୍ରତ ମହାନ୍ତି, ମଞ୍ଚେଶ୍ୱର ଶାଖା ଯୁଗ୍ମସମ୍ପାଦକ ଅକ୍ଷୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିଥିଲେ।

# ଭଗବାନପୁରରେ ମହାବିଷୁବ ମିଳନ

ଭୁବନେଶ୍ୱର, ୧୪।୪(ସମିସ): ଭଗବାନପୁର ତ୍ରିନାଥ ମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭଗବାନପୁର ଗ୍ରାମବାସୀଙ୍କ ସହିତ କଳିଙ୍ଗ ନଗର କେ-୯ବି ଆସୋସିଏସନ ଓ ସିଟିକନସ୍ଥିତ ମହାଦେବ ନଗର ଅଞ୍ଚଳର ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହି ଓଡ଼ିଆ ନବ ବର୍ଷ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ରଶ୍ମୀ ରଞ୍ଜନ ପାଟଶାଣୀ ଓ ପୂର୍ବତନ ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାସନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଥିଲେ। ଶ୍ରୀ ତ୍ରିନାଥ ଦେବଙ୍କ ପ୍ରସିଦ୍ଧ ପଣା ସହିତ ସମସ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ସାହୁ, ଅଭିମନ୍ୟୁ ଚମ୍ପତି, ହେମନ୍ତ କୁମାର ମହାରଣା, ଅଶୋକ ମହାରଣା, କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ଭବନରେ ହିମାଚଳ ପ୍ରଦେଶ ଗଠନ ଦିବସ ଏବଂ ଓଡ଼ିଆ ନବବର୍ଷ

# ପର୍ବ ପାଳନ ଜାତୀୟ ଏକତାକୁ ମଜଭୁତ କରେ

ଭୁବନେଶ୍ୱର, ୧୪।୪(ସମିସ): ଭାରତର ବିବିଧତା ହେଉଛି ଏହାର ଶକ୍ତିର ଉତ୍ସ। ଗୋଟିଏ ରାଜ୍ୟରେ ଅନ୍ୟ ରାଜ୍ୟର ପର୍ବ ପାଳନ ଜାତୀୟ ଏକତାକୁ ମଜବୁତ କରେ ଏବଂ ଭାରତର ବିବିଧତାର ପ୍ରକୃତ ସ୍ୱରୂପ ପ୍ରତିଫଳିତ ହୁଏ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ମଙ୍ଗଳବାର ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ ହିମାଚଳ ପ୍ରଦେଶ ଗଠନ ଦିବସ ଏବଂ ଓଡ଼ିଆ ନବବର୍ଷ ସହିତ ଆସାମର ବିହୁ, କେରଳର ବିଶୁ, ତାମିଲନାଡୁ ପୁଥଣ୍ଡୁ, ପୋଇଲା ବୈଶାଖ ଏବଂ ପଞ୍ଜାବର ବୈଶାଖୀ ପାଳିତ ହୋଇଛି। ଏହି ସମାରୋହରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ ଯେ, ଯେତେବେଳେ ଆମେ ଅନ୍ୟ ରାଜ୍ୟର ପର୍ବ ପାଳନ କରୁ, ସେତେବେଳେ ଆମେ ଏକ ଜାତି ଭାବରେ ଆମକୁ ଏକତ୍ରିତ କରୁଥିବା ବନ୍ଧନକୁ ମଜବୁତ କରୁ।



ଯେଉଁଠାରେ ବିବିଧତା ଆମର ସାମୂହିକ ପରିଚୟକୁ ଶକ୍ତିଶାଳୀ କରିବା ସହ ଆମକୁ ଏକତ୍ର ହୋଇ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ଓଡ଼ିଶା, ହିମାଚଳ ପ୍ରଦେଶ, ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ପଞ୍ଜାବର ଜନସାଧାରଣଙ୍କୁ ସେମାନଙ୍କ ଆଞ୍ଚଳିକ ପର୍ବପର୍ବାଣି ପାଳନ ଅବସରରେ ରାଜ୍ୟପାଳ ଶୁଭେଚ୍ଛା ଜଣାଇଥିଲେ। ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ରାଜ୍ୟପାଳ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଓଡ଼ିଆ ନବବର୍ଷ, ବିଷୁବ ସଂକ୍ରାନ୍ତି ଓ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ

## ଅନୁଗୋଳ ଜିଲ୍ଲା କଂଗ୍ରେସ

ଅନୁଗୋଳ, ୧୪।୪(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ଓ ଓଡ଼ିଆ ନବବର୍ଷ ସ୍ଥାନୀୟ କଂଗ୍ରେସ ଭବନଠାରେ ପାଳିତ ହୋଇଯାଇଛି। ବାବାସାହେବଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ ସଭାରେ ଉମେଶଚନ୍ଦ୍ର ସାହୁ, ତପନ ପ୍ରଧାନ, ଏଲ ମାଣିକପ୍ରଭା, ନୀଳକଣ୍ଠ ନାଏକ, ଗୋପାଳଚନ୍ଦ୍ର ନାଥ, ସନ୍ତୋଷ ପଟ୍ଟନାୟକ, ସହଦେବ ବେହେରା, ବିରଞ୍ଚି ନାରାୟଣ ଧର, ବଲବୀର ସିଂହ, ରାକେଶ ମିଶ୍ର, ବିନୋଦ ମାଝୀ, ସୌମେନ୍ଦ୍ର ଦେହୁରୀ, ସଂଗ୍ରାମ କେଶରୀ କୁଅଁର, ସୁଦୀପ ମିଶ୍ର, ରଶ୍ମିରଞ୍ଜନ ସାହୁ, ଅଳକାରାଣୀ ମହାପାତ୍ର, ନିରଞ୍ଜନ ଦାସ, ସଂଗ୍ରାମ ବେହେରା, ଅରୁପ ସାମଲ, ଅଶୋକ



ନାଏକ, ଜଗନ୍ନାଥ ବେହେରା, ଲକ୍ଷ୍ମୀଧର ପୃଷ୍ଟି, ମାନିନୀ ପ୍ରଧାନ, ସଂଗ୍ରାମ ସାହୁ, ଅବିନାଶ ଦଳବେହେରା, ଅରୁଣ ଦାସ ଯୋଗ ଦେଇଥିଲେ। ସମସ୍ତ ଆମ୍ବେଦକର ଫାଉଣ୍ଡେସନର ସଦସ୍ୟଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ।

## ବଆଁରପାଳ ସେବାଶ୍ରମ

ଆଜି ପୂର୍ବାହ୍ନରେ ବଆଁରପାଳସେବାଶ୍ରମଠାରେ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର ମୁଖ୍ୟଅତିଥି ଭାବେ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ



କରିବା ସହ ଉପସ୍ଥିତ ଛାତ୍ରୀମାନଙ୍କୁ ବାବା ସାହେବଆମ୍ବେଦକରଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଜୟଜିତ୍ ଧଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବଆଁରପାଳ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶକୁନ୍ତଳା ପ୍ରିୟଦର୍ଶିନୀ, ସେବାଶ୍ରମର ପ୍ରଧାନଶିକ୍ଷକ ପ୍ରବୀର ବେହେରାଙ୍କ ସମେତ ସେବାଶ୍ରମର କର୍ମଚାରୀ ଓ ଛାତ୍ରୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

## ସାହିତ୍ୟ ସଂସଦର ସାମ୍ବତ୍ସରିକ ବିଷୁବ ମିଳନ

ରୋଟାରୀ ପବ୍ଲିକ ସ୍କୁଲରେ ଅନୁଗୋଳ ଓଡ଼ିଆ ନବବର୍ଷ ଅବସରରେ ସାହିତ୍ୟ ସଂସଦ ପକ୍ଷରୁ ସାମ୍ବତ୍ସରିକ ବିଷୁବ ମିଳନ ଆୟୋଜିତ ହୋଇଯାଇଛି। ସମାରୋହକୁ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଲେଖକ, ଅନୁବାଦକ ଯତୀନ୍ଦ୍ର ମୋହନ ନାୟକ। ଶ୍ରୀ ନାୟକ କହିଥିଲେ, ସାହିତ୍ୟ ସମୃଦ୍ଧ ନହେଲେ ଜାତିର ପରିଚୟ ସୃଷ୍ଟି ହୋଇପାରେନି। ମୁଖ୍ୟବକ୍ତା ରୂପେ କବି କେଦାର ମିଶ୍ର ସମ୍ପ୍ରତି ଯୁଦ୍ଧ ପରିସ୍ଥିତି କଥା ଉଲ୍ଲେଖ କରି ପୃଥିବୀ ଏବେ ଭଲ ଲୋକଙ୍କ ହାତରେ ନାହିଁ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ରୋଟାରୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ନିଖିଳ ରଞ୍ଜନ ମିଶ୍ର ଓ ଅନୁଗୋଳ ସାହିତ୍ୟ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ଯୋଗ ଦେଇଥିଲେ। ସଂସଦର ଉପସଭାପତି ଶାନ୍ତନୁ ସର ସଭାରେ ପୌରୋହିତ୍ୟ କରିଥିଲେ। ବୈରାଗୀ ମଲ୍ଲିକ ମଞ୍ଚ ସଂଯୋଜନା କରିଥିଲେ। ସଂସଦର ସ୍ମରଣିକା ସହ ଜୟଚନ୍ଦ୍ର ସାହୁଙ୍କ ମାଣବସା ଗୁରୁବାର, ଡ଼ା ପ୍ରଶାନ୍ତ ରଥଙ୍କ ବଉଳ ଫୁଲର ବାସ, ସରୋଜିନୀ ଦେଇଙ୍କ ବିଦ୍ରୋହ ଏକ ଭୂମିକମ୍ପ, ଶାନ୍ତିଲତା ରଥଙ୍କ ମାଉସୀରୁ ହେଲି ମ୍ୟାଡ଼ାମ, ମିନତୀ ସାହୁଙ୍କ ଦି ମୁନ ସାଇନ୍ସ, ସଞ୍ଜିବନୀ ପଟ୍ଟନାୟକଙ୍କ ଆଶ୍ରିତ, ଡ଼ା ସୁଷମା ଚୌଧୁରୀଙ୍କ ଜୀବନ ସଂଘର୍ଷ ଓ ସ୍ୱାଭିମାନର କିଛି କଥା, ଅନ୍ୱେଷା ଦାସଙ୍କ ବିକା ନାଏକ, କିରଣ ପାଣିଗ୍ରାହୀଙ୍କ ହୃଦୟର ସ୍ୱର ଓ ରୁଚିର ପାଣିଗ୍ରାହୀଙ୍କ ପ୍ରତିଜ୍ଞାତ ପୁସ୍ତକ ଗୁଡିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମାରୋହରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ତଥା ଅନୁବାଦକ ଦୀନେଶ ମାଲିଙ୍କୁ ରାଜା ସୋମନାଥ ସିଂହ ସମ୍ମାନ, ମୁକୁନ୍ଦ ଶତପଥୀଙ୍କୁ କବି ରାଧାମୋହନ ଗଡ଼ନାୟକ ସମ୍ମାନ, ପ୍ରଫେସର ନନ୍ଦକିଶୋର ମହାକୁଡ଼ଙ୍କୁ ପବିତ୍ରମୋହନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହାଛଡ଼ା ମାମୁଲିଁ ସାହୁ, ନିହାରିକା ସାହୁ, ଗୁଣନିଧି ପ୍ରଧାନ, ଦିପ୍ତିମୟୀ ବିଶ୍ୱାଳ ଓ ତ୍ରେତାନନ୍ଦ ସାମନ୍ତଙ୍କୁ ସାରସ୍ୱତ ପ୍ରତିଭା ସମ୍ମାନ ଦିଆଯାଇଥିଲା। ସମାରୋହର ଦ୍ୱିତୀୟ ଭାଗରେ କବି ଅରୁଣ ସାହୁ, କବୟିତ୍ରୀ ଇନ୍ଦିରା ଦାଶ, ଭକ୍ତିଲତା ଓ କୁଳମଣିଙ୍କ ସଂଯୋଜନାରେ ୫୦ରୁ ଅଧିକ କବି କବିତା ଆବୃତ୍ତି



କରିଥିଲେ। ଯଦୁମଣି ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅସିତ୍ ପଟ୍ଟନାୟକ, ଶିବରାମ ମିଶ୍ର, ମନୋଜ ବେହେରା ସହଯୋଗ କରିଥିଲେ।

## ନଗର ବିଜେଡି

ସମ୍ବିଧାନ ପ୍ରଣେତା, ସମାଜ ସୁଧାରକ ଭାରତରତ୍ନ ଡ଼ଃ ବି.ଆର.



ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଅନୁଗୋଳ ସହର ଆମ୍ବେଦକର ଭବନଠାରେ ଅନୁଗୋଳ ନଗର ବିଜେଡ଼ି ପକ୍ଷରୁ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଯୁବ ବିଜେଡି ନେତା ଅରୁଣାଭ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ସଦାନନ୍ଦ ପଣ୍ଡା, କାଉନସିଲର ରଞ୍ଜିତ୍ ମାଣ୍ଡୋଠିଆ, ଜିଲ୍ଲା ବିଜେଡ଼ି ସମ୍ପାଦକ ଅଜିତ୍ ଦ୍ୱିବେଦୀ, ନଗର ଯୁବ ବିଜେଡି ସଭାପତି ବିଶ୍ୱରଂଜନ ସାହୁ ଏବଂ ଗୌର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗରାଜ କ୍ଷେତ୍ର

ତାଳଚେର: ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ପଣା ସଂକ୍ରାନ୍ତିକୁ ପ୍ରଭୁ ହନୁମାନଙ୍କ ଜୟନ୍ତୀ ଅବସରରେ ଲିଙ୍ଗରାଜ କ୍ଷେତ୍ର ରୋଡସେଲରେ ପାଳନ କରାଯାଉଛି। ଲିଙ୍ଗରାଜ ମ୍ୟାନେଜର ପ୍ରହ୍ଲାଦ ସାହୁ ଓ ରୋଡ଼ସେଲର ଡେସ୍ପାଚ



ଇନଚାର୍ଜ ପ୍ରଭାକର ପ୍ରଧାନଙ୍କ ନେତୃତ୍ୱରେ ଯୁବକ ବକଙ୍କ ଦ୍ୱାରା ଟ୍ରକ ଡ୍ରାଇଭର, ହେଲ୍ପର, ଏମସିଏଲ କର୍ମଚାରୀ ତଥା ଅପରେଟରଙ୍କୁ ବେଲପଣା, ସରବତ ଏବଂ ଲସି ଆଦି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଭୁତିଆ, ତ୍ରିଲୋଚନ ସ୍ୱାଇଁ, ସୁଧୀର ବଳ, ସନ୍ତୋଷ ରାଉତ, ରୋଜାତ ମହାନ୍ତି, ଦୟା ସାହୁ, ଅଚୁତା ପ୍ରଧାନ, ପ୍ରତାପ ପ୍ରଧାନ, ବାସୁଦେବ ସିଂ, ଦେବରାଜ ସାହୁ, ମାନସ ଭୁତିଆ, ଅଜିତ ମିଶ୍ର, ଉତ୍ତମ ସିଂ, ଶ୍ରୀଧର ବାଇ, ଅମର ନାଏକ ଅଂଶଗ୍ରହଣ କରିଥିଲେ।

## ମହାବିଷୁବ ସଂକ୍ରାନ୍ତିରେ ମା'ଙ୍କ ଯାତ୍ରା



ତାଳଚେର ପୌର ପରିଷଦ ଅନ୍ତର୍ଗତ କିଶୋରଗଞ୍ଜ ପାଟଣାରେ ଦୁଇଦିନ ବ୍ୟାପୀ ମହାବିଷୁବ ସଂକ୍ରାନ୍ତି ଦଶହରା ଯାତ୍ରା ପଡିଆଠାରେ ଅନୁଷ୍ଠିତ ହୋଇଛି। ଶହେବର୍ଷରୁ ଉର୍ଦ୍ଧ୍ୱ ମହାଆଡମ୍ବର ସହକାରେ ପାଳିତ ହୋଇଆସୁଛି। ଗତକାଲି ଠାକୁରଙ୍କ ଭବ୍ୟ ପଟୁଆରରେ ଜଗନ୍ନାଥ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ସ୍ନାନ କରିବାପରେ ଶତାଧିକ ପୁରୁଷ ଓ ମହିଳା କଳସରେ ଜଳ ଆଣି ପୂଜା ସ୍ଥଳକୁ ଆସିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ମା'ଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ଆଶିର୍ବଦା ଭିକ୍ଷାପାଇଁ ଶତାଧିକ ଶ୍ରଦ୍ଧାଳୁ ଭିଡ଼ ଜମିଥିଲା। ଉକ୍ତ ସାହିରେ ପ୍ରତ୍ୟେକ ଘର ସମ୍ମୁଖରେ ଗୋବରରେ ଲିପା ଯାଇ ବିଧିବିଧାନ ଅନୁଯାୟୀ ପୂଜାପାଠ କରାଯାଇଥିଲା। ମା'ଙ୍କୁ ହାନ୍ଦୁଳାରେ ବସାଇ ଦୋଳି ଖେଳାଇବାର ବିଧି ମଧ୍ୟ ରହିଛି ଏବଂ ଦୋଳି ଖେଳିବା ଦୃଶ୍ୟ ମଧ୍ୟ ପରିଲକ୍ଷିତ ହୋଇଥିଲା। ଉକ୍ତ ସାହିର ଆଦିତ୍ୟ ନାୟକ, ସନ୍ତୋଷ ଖୁଣ୍ଟୁଆ, ରାଜକିଶୋର ନାୟକ, ହରେଶ ଦାସ, ସଞ୍ଜୀବ ଦାସ ପ୍ରମୁଖ ସହଯୋଗରେ ଯାତ୍ରା ଅନୁଷ୍ଠିତ ହୋଇଥିଲା।

## କଣିହାଁ



କଣିହାଁ: ପାଳଲହଡ଼ାର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟି ଅନୁଗୋଳ ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ, ମଣ୍ଡଳ ସଭାପତି ସୁଶାନ୍ତ ସାମଲଙ୍କ ସହ ଚନ୍ଦନ ସ୍ୱରାଜ, ଭାଗୀରଥୀ ନାୟକ, କୁମୁଦ ନାୟକ ଓ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ମାଲ୍ୟଗିରି ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ର ସଂଘ

ପାଲଲହଡ଼ା: ମଙ୍ଗଳବାର ହନୁମାନ ଜୟନ୍ତୀ ଓ ବାବା ସାହେବ୍ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ମାଲ୍ୟଗିରି ସରକାରୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ତରଫରୁ ବାବା ସାହେବ୍ ଡା ବି.ଆର. ଆମ୍ବେଦକର ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ବେହେରାଙ୍କ ଉପସ୍ଥିତିରେ ପୁରାତନ ଛାତ୍ର ସଂଘର ସଭାପତି ମୋହନଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଅର୍ଜୁନ ମୋହନ ପ୍ରଧାନ, ଉପସଭାପତି ସୁବାସଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରସନ କୁମାର ନାୟକ ତଥା ସଂଘର କର୍ମକର୍ତ୍ତା ମାଣ୍ଡା ଶୁଣ୍ଡି, ମଦନ ସେଠୀ, ନୀଳାମ୍ବର ପ୍ରଧାନ, ସାଧୁ ଚାତମ୍ବା, ଖଗେଶ୍ୱର ନାଏକ, ବିଜୟ ବିଶ୍ୱାଳ, ରାମଚନ୍ଦ୍ର ଜଙ୍କ, ଦିଲ୍ଲୀପ ଉଦାବଳ, ରଶ୍ମି ପଟ୍ଟନାୟକଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ, ପୂର୍ବତନ ଶିକ୍ଷକ ଗୁରୁଚରଣ ବେହେରା, ସୁଶୀଲ ଉଦାବଳ ଉପସ୍ଥିତ ଥିଲେ।



● ଓଡ଼ିଆ ପକ୍ଷ

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

କଣିହାଁ, ୧୪।୪(ସମିସ): କଣିହାଁସ୍ଥିତ ପବିତ୍ର ମୋହନ ସଭାଗୃହରେ ସୋମବାର ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି ଓ ଏମବିକେମାନେ ବିଭିନ୍ନ ପ୍ରକାରର ପାରମ୍ପରିକ ଓଡ଼ିଆ ଖାଦ୍ୟ ଷ୍ଟଲ୍ ସଜାଇ ଅଂଶଗ୍ରହଣ କରିଥିଲେ। ପୋଡ଼ପିଠା, ଆରିସା, କାକରା, ଏଣ୍ଡୁରି ପିଠା, ଇଡଲି, ବରା, ବିରି ଚକୁଳି ଭଳି ଅନେକ ସ୍ୱାଦିଷ୍ଟ ପଦାର୍ଥ ଏଥିରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର, ଏବିଡିଓ ସୁଚିକ୍ସ୍ମିତା ମହାପାତ୍ର, ହିସାବ ଅଧିକାରୀ ସୁଶାନ୍ତ ନନ୍ଦ, ଯନ୍ତ୍ରୀ ଘନଶ୍ୟାମ ପଟେଲ ସହିତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଆ ପରମ୍ପରା ଓ ଖାଦ୍ୟ ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବକ୍ତାମାନେ ମତ ପ୍ରକାଶ କରିଥିଲେ।



**ଅନୁଗୋଳ: ପବିତ୍ର ପଣାସଂକ୍ରାନ୍ତି ଓ ମହାବୀର ଜୟନ୍ତୀରେ ଜିଲ୍ଲା ଟ୍ରକ ମାଲିକ ସଂଘ ପକ୍ଷରୁ ସର୍ବତ ବିତରଣ**

## ଗଞ୍ଜେଇ ଗାଡ଼ି ଜବତ; ୧ କୋର୍ଟ ଚାଲାଣ

ବଆଁରପାଳ, ୧୪।୪(ସମିସ): ବଆଁରପାଳ ଥାନା ନୂଆହତା ଜାତୀୟ ରାଜପଥରେ ଏକ ଚୋରା ଗଞ୍ଜେଇ ଚାଲାଣ ଗାଡିକୁ ହାଇୱେ ପାଟ୍ରୋଲିଂ ଟିମ୍ ଧରିଛି। ବୌଦ୍ଧରୁ ୩୦ କେଜି ଚୋରା ଗଞ୍ଜେଇ ଭର୍ତ୍ତି କରି କାରରେ କଟକ ଅଭିମୁଖେ ଯାଉଥିଲେ। ଗାଡ଼ିରେ ଥିବା ସହଯୋଗୀ ବୌଦ୍ଧ ଜିଲ୍ଲା ସିଂହପାଲି ଗ୍ରାମର ଶରତ ସିଂ (୩୨)ଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଏକ ବାଇକରେ ୨ ଜଣ ପିଲା ଗଞ୍ଜେଇ ଗାଡିକୁ ପିଛା କରୁଥିବା ଜାଣି ନୂଆହତା ବାଇପାସ ରାସ୍ତା ପାଖରେ ପାଟ୍ରୋଲିଂ କରୁଥିବା ପୋଲିସ ଗାଡ଼ିର ସହାୟତା ଲୋଡିଥିଲା। ପୁଲିସ ଗାଡିକୁ ସାଇଡ କରି ପିଛା କରୁଥିବା ମଟର ସାଇକଲକୁ ଅପେକ୍ଷା କରିଥିଲେ କିଛି ସମୟ ପରେ ପୁଲିସର ସନ୍ଦେହ ହେବାରୁ ଗାଡିକୁ ଯାଞ୍ଚ କରିଥିଲା। ଡ୍ରାଇଭର ଫେରାର ହୋଇଯାଇଥିଲା ଘଟଣାସ୍ଥଳରେ ବଆଁରପାଳ ଥାନା ଏସ୍‌ଆଇ ଅମିତ ମିଶ୍ର, ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ଜୟକୁମାର ସାଏ, କନେଷ୍ଟବଲ ଉମାକାନ୍ତ ଗୁରୁ, ବଟକୃଷ୍ଣ ବେହେରା ଓ ନିରାକାର ଗଡ଼ନାୟକ ପହଞ୍ଚି ଗଞ୍ଜେଇକୁ ଜବତ କରିଛନ୍ତି।




## ଅନୁଗୋଳ ବ୍ଲକ୍ କଂଗ୍ରେସ କମିଟି ଗଠିତ

ଅନୁଗୋଳ, ୧୪।୪(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅନୁମୋଦନକ୍ରମେ ଆଜି ଅନୁଗୋଳ ବ୍ଲକ କଂଗ୍ରେସ କମିଟି ଗଠିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର ଏନେଇ ଘୋଷଣା କରିବା ସହ ନବନିଯୁକ୍ତ ସମସ୍ତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। କମିଟିରେ ଉପସଭାପତି ଭାବେ ସୌଭାଗ୍ୟ ବିଶ୍ୱାଳ ଓ ଦିନେଶ ତ୍ରିପାଠୀ, ସାଧାରଣ ସଂପାଦକ ଭାବେ ଚିତ୍ତରଞ୍ଜନ ସାହୁ, ବଟକୃଷ୍ଣ ସାହୁ, ରାଜୀବ ମହାଲିକ, ଆଲୋକ ରୋଜାଲିନ ଦେହୁରୀ, ବିଶ୍ୱନାଥ ଦାଶ, ଅନୁପମା ଦେହୁରୀ, ସୋମ୍ୟରଞ୍ଜନ ବେହେରା, ସଂଗ୍ରାମ କେଶରୀ ପ୍ରଧାନ, ଅନୁକୂଳ ଦାସ, ସଂପାଦକ ଭାବେ ପିତବାସ ସାହୁ, ଚନ୍ଦ୍ରକାନ୍ତ ପ୍ରଧାନ, ବିଶ୍ୱଜିତ ଦେହୁରୀ, ସୁଶୀଲ ପୃଷ୍ଟି, ସୌମ୍ୟରଞ୍ଜନ ସାହୁ, ସୁଦର୍ଶନ ନାଏକ, ବନ୍ଦେଶ ମହାରଣା, ଦୁଷ୍ମନ୍ତ ଦେହୁରୀ, ଉପେନ୍ଦ୍ର ଦେହୁରୀ ଓ କୋଷାଧ୍ୟକ୍ଷ ଭାବେ ସ୍ୱାଧୀନ ଦେହୁରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏତଦବ୍ୟତୀତ ୧୩ ଜଣଙ୍କୁ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସମସ୍ତ କର୍ମକର୍ତ୍ତା ଆଗାମୀ ଦିନରେ କଂଗ୍ରେସ ଦଳକୁ ସୁସଂଗଠିତ ଭାବେ ଆଗକୁ ନେବାରେ ନିଷ୍ଠାର ସହ ନିଜ ନିଜର ଦାୟିତ୍ୱକୁ ତୁଲାଇବାକୁ ପରାମର୍ଶ ଦିଆଯାଇଛି ବୋଲି ଏକ ବିବୃତ୍ତିରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳଚନ୍ଦ୍ର ନାଥ ଜଣାଇଛନ୍ତି।

## ବଳରାମ ଖଣିରେ ଅବାଧ ପ୍ରବେଶ

● ଅଧିକାରୀଙ୍କ ଭୂମିକା ସନ୍ଦେହରେ

ତାଳଚେର,୧୪।୪(ସମିସ): ତାଳଚେର ବଳରାମ କୋଇଲା ଖଣିରେ ସୋଲଡା ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି କୋଇଲା ବୋଝେଇ ଟ୍ରକଠାରୁ ଚାନ୍ଦା ଆଦାୟକରି କୋଟି କୋଟି ଟଙ୍କା ଲୁଟି ନେଉଥିବା ବେଳେ ଖଣି ପ୍ରକଳ୍ପ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଟାଣି ନେଇଛି। ବଳରାମ କୋଇଲା ଖଣିରୁ ପ୍ରାୟ ୩ଶହ ଟ୍ରକ ଦୈନିକ କୋଇଲା ଲୋଡିଙ୍ଗ କରାଯାଇ ବାହାରକୁ ଚାଲାଣ ହୋଇଥାଏ। ଉକ୍ତ ଟ୍ରକଗୁଡିକରୁ ବିଭିନ୍ନ ବାଦରେ ୪ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଅସଦ ଉପାୟରେ ସୋଲାଡା ଗ୍ରାମର କେତେକ ବାହୁବଳୀ କହି ଓ ନେତାଙ୍କ ଛତ୍ରଛାୟା ତଳେ ରହି କାହାକୁ ଖାତିର ନକରି ଖୁଲମଖୁଲା ଏହି ବେଆଇନ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଖଣିର ପ୍ରକଳ୍ପ ଅଧିକାରୀଙ୍କ ଜ୍ଞାତରେ ଏହି ଅର୍ଥ ଆଦାୟ ହେଉଛି ନା ଅଜ୍ଞାତରେ ଚାଲିଛି, ତାହା ପ୍ରଶ୍ନ ସୃଷ୍ଟି କରୁଥିବା ବେଳେ ଖଣି ଭିତରକୁ ବାହାର ଲୋକଙ୍କ ପ୍ରବେଶ ନିଷିଦ୍ଧ ଥିଲେ ମଧ୍ୟ କିପରିଭାବେ ଏମାନେ ଏହି ବେଆଇନ କାର୍ଯ୍ୟ କରୁଛନ୍ତି ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଏସମ୍ପର୍କରେ ପ୍ରକଳ୍ପ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସନ୍ତା ବୋଲି ବିଭିନ୍ନ ମହଲରେ ଦାବି ହେଉଛି।







# ଓଏଲ୍ଏକ୍ସରେ ଗାଡ଼ି କିଣାବିକା କରୁଥିଲେ ସାବଧାନ

ଭୁବନେଶ୍ୱର, ୧୪।୪ (ସମିସ): ଆପଣ ଓଏଲ୍ଏକ୍ସ୍ ଭଳି ଅନଲାଇନ୍ ପ୍ଲାଟଫର୍ମରେ ଗାଡ଼ି କିଣାବିକା କରୁଛନ୍ତି କି! ତେବେ ହୋଇଯାଆନ୍ତୁ ସାବଧାନ। କାରଣ କୌଣସି ମୂହୁର୍ତ୍ତରେ ଆପଣଙ୍କ ଗାଡ଼ି ଚୋରି ହୋଇପାରେ। ଗାଡ଼ି କିଣିବା ଓ ବିକିବା ଆଳରେ ଆପଣଙ୍କ ଗାଡ଼ି ଲୁଟ୍ ହୋଇପାରେ। ସେକେଣ୍ଡ ହ୍ୟାଣ୍ଡ ଘରୋଇ ଆସବାବପତ୍ର ଠାରୁ ଆରମ୍ଭ କରି ଗାଡ଼ି ପର୍ଯ୍ୟନ୍ତ, କିଣାବିକା କରିବାକୁ ଲୋକମାନେ ଓଏଲ୍ଏକ୍ସ୍ ଭଳି ପ୍ଲାଟଫର୍ମକୁ ବ୍ୟବହାର କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସହଜରେ କିଣାବିକା ହୋଇ ପାରୁଥିବାରୁ ଲୋକମାନେ ଏହିଭଳି ଆପ୍ଲିକେସନ୍ ଉପରେ ବେଶୀ ନିର୍ଭରଶୀଳ ହେଉଛନ୍ତି। ଆଉ ଏବେ ଏହାକୁ ଟାର୍ଗେଟ୍ କରି ଗ୍ରାହକ ଓ ମାଲିକ ବେଶରେ ମାତିଛନ୍ତି ଅସାମାଜିକ ତତ୍ତ୍ୱ। କିଣାବିକା ଆଳରେ ଗାଡ଼ି ଲୁଟି ନେଉଛନ୍ତି। କିଏ ଟେଷ୍ଟ ଡ୍ରାଇଭ୍ କରି ଲୁଟି ନେଉଛି ତ ଆଉ କେହି ବିକିବା ପରେ ମଧ୍ୟ ଗାଡ଼ି ନେଇ ଫେରାର ହୋଇଯାଉଛି। ଗାଡ଼ି ନେବା ପରେ ରାଜ୍ୟ ବାହାରେ ନମ୍ବର ପ୍ଲେଟ୍ ବଦଳାଇ ବିକ୍ରି କରି ଦିଆଯାଉଛି। ମୋଟାମୋଟି କହିବାକୁ ଗଲେ ଗାଡ଼ି ଓ ଲୋକଙ୍କୁ ଲୁଟିବା ପାଇଁ ଓଏଲ୍ଏକ୍ସ୍ ଭଳି ପ୍ଲାଟଫର୍ମ ଏବେ ଅପରାଧୀଙ୍କର ଏକ ସୁବିଧା ଉପାୟ ପାଲଟିଛି। ଗାଡ଼ି ଲୁଟ୍ର ଏହି ନୂଆ ଧାରା ଏବେ ମାଲିକଙ୍କ ପାଇଁ ଅଡୁଆ ସୃଷ୍ଟି କରିଥିବାବେଳେ ଏହାକୁ ରୋକିବା କମିସନରେଟ ପୁଲିସ ପାଇଁ ବଡ଼ ଆହ୍ୱାନ ପାଲଟିଛି। ସୂଚନା ଅନୁସାରେ, କଟକ ସଦର ଥାନା ଅଞ୍ଚଳର କୁଳଦୀପ ଦାସ ନିଜ କାର୍ ବିକ୍ରି କରିବେ ବୋଲି ଓଏଲ୍ଏକ୍ସରେ ବିଜ୍ଞାପନ ଦେଇଥିଲେ। ବିଜ୍ଞାପନ ଦେଖିବା ପରେ ଅର୍ଶଜିତ୍ କୁମାର ଓ ହର୍ଷ କାର୍ କିଣିବାକୁ ତାଙ୍କୁ ଯୋଗାଯୋଗ କରିଥିଲେ। ସେମାନଙ୍କ କହିବା ମୁତାବକ କୁଳଦୀପ ଶୈଳଶ୍ରୀବିହାରସ୍ଥିତ ଏକ ଓୟୋକୁ କାର୍ ନେଇ ଆସିଥିଲେ। ଦୁଇ ଜଣ ଯାକ ତାଙ୍କ ସହ ଚତୁରତାର ସହ କଥା ହୋଇ ସେହି ରୁମରେ ବନ୍ଦୀ କରି କାର୍ ନେଇ ଫେରାର ହୋଇ ଯାଇଥିଲେ। କୁଳଦୀପ କୌଣସି ମତେ ଖସି ଆସି ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ମୋବାଇଲ୍ ଟ୍ରାକିଂ ଓ ଅନ୍ୟାନ୍ୟ ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ପାଣିକୋଇଲିରୁ ଅର୍ଶଜିତ୍ ଓ ହର୍ଷକୁ କାବୁ କରିବା ସହ ଦୁଇଟି କାର୍ ଜବତ କରିଥିଲା। ଇଏ କେବଳ ଗୋଟିଏ ଘଟଣା ନୁହଁ, ଏଇଭଳି ଘଟଣା ଅନେକ ଥର ଘଟିଛି। ଗତମାସ ୧୬ ତାରିଖ ଦିନ ଚିନ୍ମୟ ନାୟକ ଓଏଲ୍ଏକ୍ସରେ ସେକେଣ୍ଡ-ହ୍ୟାଣ୍ଡ ଗାଡ଼ି ବିକ୍ରି ବିଜ୍ଞାପନ ଦେଖି ସାଗର କୁମାର ଦାଶକୁ ଯୋଗାଯୋଗ କରିଥିଲେ। ସାଗର ତାଙ୍କୁ ଗାଡ଼ି ବିକ୍ରି କରିବ ଓ ଆର୍‌ଟିଓ ଅଫିସର ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ମାଲିକାନା ହସ୍ତାନ୍ତର କରିଦେବ ବୋଲି କହିଥିଲା। ଚିନ୍ମୟ ତା' କଥାରେ ବିଶ୍ୱାସ କରି ପ୍ରଥମେ ଅନଲାଇନ୍ ମାଧ୍ୟମରେ ୪୫ ହଜାର ଟଙ୍କା ଦେଇଥିଲେ। ପରେ ଉଭୟ ଗାଡ଼ି ଧରି ମାଲିକାନା ହସ୍ତାନ୍ତର ପାଇଁ ଆରଟିଓ ୨ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜରିମାନା ବାକି ଥିବା ବାହାନାରେ ଚିନ୍ମୟଙ୍କ ଠାରୁ ଆହୁରି ୧୦ ହଜାର ଟଙ୍କା ନେଇଥିଲା। ପରେ ସାଗର ଚତୁରତାର ସହ ଚିନ୍ମୟଙ୍କ ଠାରୁ କିଛି ସମୟ ପାଇଁ ଗାଡ଼ି ଚାବି ମାଗି ନେଇଥିଲା ଏବଂ ଗାଡ଼ି ଓ ଟଙ୍କା ନେଇ ଛୁ' ମାରିଥିଲା। ଚିନ୍ମୟ ଅଭିଯୋଗ କରିବା ପରେ ଇନ୍‌ଫୋସିଟି ପୁଲିସ ବାଲୁଗାଁରୁ ସାଗରକୁ ଗିରଫ କରିଥିଲା।

- **ଟେଷ୍ଟ ଡ୍ରାଇଭ୍ ଆଳରେ ଲୁଟି ନେଉଛନ୍ତି**
- **ନମ୍ବର ପ୍ଲେଟ୍ ବଦଳାଇ ବିକ୍ରି କରୁଛନ୍ତି**

### ରାକେଟ୍ ପଛରେ ରାଜ୍ୟ ବାହାର ଅପରାଧୀ

କିଣିବା ଆଳରେ ଗାଡ଼ି ଲୁଟିବା ଧାରା ଏବେ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ରାଜ୍ୟ ବାହାରର ଅପରାଧୀ ଏବେ ଏହି ରାକେଟର ମଙ୍ଗ ଧରିଛନ୍ତି। ସେମାନେ ଓଡ଼ିଶା ଓ ବିଶେଷକରି ଭୁବନେଶ୍ୱର, ପୁରୀ, କଟକ, ଭଦ୍ରକ ଜିଲ୍ଲାକୁ ଟାର୍ଗେଟ କରୁଛନ୍ତି। କୁଳଦୀପଙ୍କ ଗାଡ଼ି ଲୁଟ୍ ଘଟଣାରେ ବିହାରର ଅର୍ଶଜିତ୍ ଓ ଝାଡ଼ଖଣ୍ଡର ହର୍ଷ ଧରାପଡ଼ିବା ପରେ ପୁଲିସ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପାଇଥିଲା। ସେମାନେ ଓଏଲ୍ଏକ୍ସରେ ବିଜ୍ଞାପନ ଦେଖି ଗାଡ଼ି କିଣିବାକୁ ମାଲିକଙ୍କୁ ଯୋଗାଯୋଗ କରନ୍ତି। ଟେଷ୍ଟ ଡ୍ରାଇଭ୍ କରିବା ଆଳରେ ଗାଡ଼ି ନେଇ ଫେରାର ହୋଇଯାଆନ୍ତି। ସେମାନେ କୋଲକାତା ସମେତ ଭୁବନେଶ୍ୱର, ପୁରୀରୁ କାର୍ ଓ ବାଇକ୍ ଲୁଟ୍ କରିଥିବା କହିଥିଲେ। ପ୍ରଥମେ ଲୁଟ୍ କରନ୍ତି ଓ ପରେ ଗାଡ଼ିର ରେଜିଷ୍ଟ୍ରେସନ ନମ୍ବର ବଦଳାଇ ନେପାଳରେ ବିକ୍ରି କରିଦିଅନ୍ତି।

### ପୁରୁଣା ଫଟୋ
### ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୪।୪(ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱର ସାଇତି ରଖିଛି ଅନେକ ଐତିହ୍ୟ କିର୍ତ୍ତିରାଜି। ତାର ପ୍ରତ୍ୟେକ ପୃଷ୍ଠାରେ ଶତାବ୍ଦୀ ପୁରୁଣା ମନ୍ଦିର ଓ ମଠ। ଯାହାକୁ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ଛୁଟି ଆସନ୍ତି ପର୍ଯ୍ୟଟକ। କେବଳ ବର୍ତ୍ତମାନ ସମୟରେ ନୁହଁ ଅନେକ ବର୍ଷ ପୂର୍ବରୁ ମଧ୍ୟ ଏଠାକାର ଐତିହ୍ୟ କୀର୍ତ୍ତିରାଜି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେଥିପାଇଁ ତ ସେ ସମୟରେ ବି ଶଗଡ଼ ଓ ପରେ ରିକ୍ସାରେ ବୁଲି ଏଠାରେ ଥିବା ମନ୍ଦିରକୁ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସନ୍ତି ବୋଲି ଲୋକଙ୍କଠୁ ଶୁଣିବାକୁ ମିଳେ। କେବଳ ସେତିକି ନୁହଁ ଅନନ୍ତ ବାସୁଦେବ ମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିରରେ ଅବଢ଼ା ମଧ୍ୟ ଖାଇଥାନ୍ତି। କିଏ ଏହାକୁ କ୍ୟାମେରାରେ କଏଦ କରି ନିଏ ତ କିଏ ନିଜ ରଙ୍ଗ ତୁଳୀ ସାହାଯ୍ୟରେ ଉତାରିନିଏ। ସେହିପରି ଏକ ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ଆଜିର ଆକର୍ଷଣ ଥିଲା।

ଏହି ଫଟୋଚିତ୍ରରେ ଜଣେ ସେବକ ପୁରୁଣା ଭୁବନେଶ୍ୱର ତଳବଜାର ଛକ ବରଗଛ ପାଖରୁ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ଆଡକୁ ଏକ ବେତ ପାଛିଆରେ ଲିଙ୍ଗରାଜଙ୍କ କୋଠ ଭୋଗକୁ ମୁଣ୍ଡରେ ବୋଝେଇ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଫଟୋଟି ଅନେକ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି।

## ଦୁଇ ଲକ୍ଷର ବ୍ରାଉନ୍‌ସୁଗର୍ ଜବତ; ୩ ଗିରଫ



ଭୁବନେଶ୍ୱର, ୧୪।୪ (ସମିସ): ବେଆଇନ ବ୍ରାଉନ୍‌ସୁଗର୍ କାରବାର କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ଭୋଟପଡ଼ା ଭୋଇ ସାହିର ବାବୁ ଓରଫ ପ୍ରଦୀପ୍ତ ନାୟକ (୩୪), ବାଦଲ କୁମାର ଦାସ (୩୮) ଓ କଳାରାହଙ୍ଗର କୃଷ୍ଣଚନ୍ଦ୍ର ନାଥ ଓରଫ କୁସିଆ (୩୦)। ପୁଲିସ ସୂଚନା ଅନୁସାରେ, ରେଳଷ୍ଟେସନ ନିକଟରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ମଞ୍ଚେଶ୍ୱର ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଭୋଟପଡ଼ା ଡମ୍ପିଂ ୟାର୍ଡ ନିକଟରେ ଚଢ଼ଉ କରି ବାବୁ, ବାଦଲ ଓ କୁସିଆକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ମୋଟ ୨୧ ଗ୍ରାମ ବ୍ରାଉନ୍‌ସୁଗର୍ ଜବତ କରିଥିଲା। ଏଥିସହିତ ଗୋଟିଏ ବୁଲେଟ୍, ଗୋଟିଏ ସ୍କୁଟି, ମୋବାଇଲ୍ ଫୋନ୍ ଓ ୧୪୦୦ ଟଙ୍କା ମଧ୍ୟ ଜବତ କରିଥିଲା। ଅଭିଯୁକ୍ତମାନେ ଜଳେଶ୍ୱରରୁ ବ୍ରାଉନ୍‌ସୁଗର୍ ସଂଗ୍ରହ କରି ଆଣି ସ୍ଥାନୀୟ ଯୁବକ, କଲେଜ ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ବିକ୍ରି କରୁଥିଲେ ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ଏ ନେଇ ମଞ୍ଚେଶ୍ୱର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। କୁସିଆ ପୂର୍ବରୁ ମଧ୍ୟ ଏନ୍‌ଡିପିଏସ୍ ଓ ଅନ୍ୟାନ୍ୟ ମାମଲାରେ ଜଡ଼ିତ ଥିବାବେଳେ ବାଦଲ ନାମରେ ମଧ୍ୟ ପୂର୍ବରୁ ଆପରାଧିକ ମାମଲା ରହିଛି।

## ଅଢ଼େଇ ଲକ୍ଷ ଚୋରିକରି ଶ୍ରମିକ ଗିରଫ

ଭୁବନେଶ୍ୱର, ୧୪।୪(ସମିସ): ଆଳୁ ଗୋଦାମ ଡ୍ର'ରୁ ଅଢ଼େଇ ଲକ୍ଷ ଟଙ୍କା ଚୋରି କରିଥିବା ଅଭିଯୋଗରେ ଶ୍ରମିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚାଉଳିଆଗଞ୍ଜର ମନୋଜ କୁମାର ବେହେରା (୨୫)। ପୁଲିସ ସୂଚନା ଅନୁଯାୟୀ, ଭଜନ କୁମାର ରାଉତ କୁବେରପୁରୀରେ ବଜରଙ୍ଗୀ ଭଣ୍ଡାର ନାମରେ ଆଳୁ ଗୋଦାମ କରିଥିବା ବେଳେ ମନୋଜ ସେଠାରେ ଶ୍ରମିକ ଭାବେ କାମ କରୁଥିଲା। ଗତ ୯ ତାରିଖ ରାତିରେ ଭଜନ ଗୋଦାମ ବନ୍ଦ କରିବା ପରେ କ୍ୟାସ୍ କାଉଣ୍ଟରରେ ୨ ଲକ୍ଷ ୫୦ ହଜାର ଟଙ୍କା ରଖି ଘରକୁ ଯାଇଥିଲେ। ସେହିଦିନ ବିଳମ୍ବିତ ରାତିରେ ମନୋଜ ଏକଜାହଷ୍ଟ ଫ୍ୟାନ (ବାୟୁ ନିଷ୍କାସନ ପଙ୍ଖା) ଭାଙ୍ଗି ଭିତରକୁ ପଶିଥିଲା। ଡ୍ର'ରୁ ୨ ଲକ୍ଷ ୫୦ ହଜାର ଟଙ୍କା ଚୋରି କରିଥିଲା। ସିସିଟିଭି କ୍ୟାମେରା ଭାଙ୍ଗିଦେବା ସହ ଡିଭିଆର୍ ନେଇ ଫେରାର ହୋଇ ଯାଇଥିଲା। ଭଜନ ପରଦିନ ଗୋଦାମ ଖୋଲିବା ପରେ ସମସ୍ତ ଟଙ୍କା ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଘଟଣା ପରଠାରୁ ମନୋଜ କାମକୁ ନ ଆସିବାରୁ ତା' ଉପରେ ସନ୍ଦେହ ବଢ଼ିଥିଲା। ଏ ନେଇ ଭଜନ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଆଇଗିଣିଆର ଆଳୁ ଗଦିରୁ ମନୋଜକୁ ଗିରଫ କରିଥିଲା। ତା' ଠାରୁ ୧ ଲକ୍ଷ ୪ ହଜାର ୮୪୦ ଟଙ୍କା ଓ ଡିଭିଆର୍ ଜବତ କରିଥିଲା।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

## ଭଦ୍ରକରୁ ଧରାପଡ଼ିଲା ପ୍ରତାରକ ପ୍ରେମିକ

- **ବ୍ଲାକମେଲିଂ କରି ନେଇଛି ୩ ଲକ୍ଷ**
- **ବିବାହ କରିବାକୁ କହିବାରୁ ଫଟୋ ଭାଇରାଲ ଧମକ**
- **ଇନ୍‌ଷ୍ଟାଗ୍ରାମରୁ ହୋଇଥିଲା ସମ୍ପର୍କ**

ଭୁବନେଶ୍ୱର, ୧୪।୪(ସମିସ): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିବାହ ଆଳରେ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଛି ପ୍ରେମିକ। ବ୍ଲାକମେଲିଂ କରି ୩ ଲକ୍ଷ ଟଙ୍କା ନେଇଥିବା ବେଳେ ବିବାହ ପାଇଁ ବାଧ କରିଲେ ଫଟୋ ଭାଇରାଲ କରିବାର ଧମକ ଦେଉଛି। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ପ୍ରେମିକକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଭଦ୍ରକ ଟାଉନରେ ରହୁଥିବା ଧାମରାର ହରିହର ନାୟକ (୩୨)।

ପୁଲିସ ସୂଚନାନୁସାରେ, ପୁରୀ ଜିଲ୍ଲାର ଜଣେ ୩୨ ବର୍ଷୀୟା ବିବାହିତା ମହିଳା ସ୍ୱାମୀଙ୍କ ଠାରୁ ଅଲଗା ହୋଇ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିଲେ। ସେଠାରେ ରହିବା ମଧ୍ୟରେ ଇନଷ୍ଟାଗ୍ରାମ ମାଧ୍ୟମରେ ହରିହର ସହ ପରିଚୟ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରିବାର ଲୋକେ ଜାଣିବା ପରେ ମଧ୍ୟ ଉଭୟଙ୍କ ବିବାହ କରିବାକୁ ରାଜି ହୋଇଥିଲେ। ହରିହର ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଏହାରି ଭିତରେ ହରିହର ତାଙ୍କୁ ବ୍ଲାକମେଲିଂ କରି ବିଭିନ୍ନ ପର୍ଯ୍ୟାୟରେ ମହିଳାଙ୍କ ଠାରୁ ୩ ଲକ୍ଷ ଟଙ୍କା ନେଇ ଯାଇଥିଲା। ପରବର୍ତ୍ତୀ ସମୟରେ ମହିଳାଙ୍କ ଠାରୁ ଦୂରେଇ ଯାଇଥିଲା। ମହିଳା ଜଣକ ବିବାହ କରିବାକୁ କହିବାରୁ ହରିହର ଫଟୋ ଭାଇରାଲ କରିଦେବା ସହ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ମହିଳା ଜଣକ କୌଣସି ଉପାୟ ନପାଇ ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତକାଲି ଭଦ୍ରକରେ ଚଢ଼ଉ କରି ହରିହରକୁ ଉଠାଇ ଆଣିଥିଲା। ଆଜି ଉଭୟଙ୍କୁ ଡାକ୍ତରୀମାଇନା ପରେ ହରିହରକୁ କୋର୍ଟ ଚାଲାଣ କରିଛି।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପିତ



ହଂସପାଳ, ୧୪।୪ (ସମିସ): ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ବାଲିଅନ୍ତା ପଞ୍ଚାୟତ ସାଇଫନ ଛକ ନିକଟରେ ଏକ ନୂତନ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା। ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ ଏହି ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ରବୀନ୍ଦ୍ର କୁମାର ରାଉତରାୟ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ଭୋଇ, ବିଜୟ କୁମାର ଭୋଇ, ଗୋପାଳ ସାମଲ, ମିର୍ଜା ସରିଫ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପରେ ଏକ ବିଶାଳ ରାଲି ବାଲିଅନ୍ତାରୁ ବାହାରି ଏଜି ଛକ ପର୍ଯ୍ୟନ୍ତ ଯାଇଥିଲା। ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜନମଙ୍ଗଳ ପରିଷଦର ପଣା ଉତ୍ସବ



ଭୁବନେଶ୍ୱର, ୧୪।୪(ସମିସ): ପବିତ୍ର ମହାବିଷୁବ ତଥା ପଣା ସଂକ୍ରାନ୍ତି ଅବସରରେ ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ପକ୍ଷରୁ ବାର୍ଷିକ ପଣା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ୧୪ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଓଡ଼ିଆ ପରମ୍ପରାର ଏହି ପର୍ବ ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗସ୍ଥିତ ଜନମଙ୍ଗଳ କ୍ୟାମ୍ପରେ ପାଳିତ ହୋଇଛି। ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେଇଥିବା ଏହି ଉତ୍ସବରେ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ଦାଶ, ଅରୁଣ ସ୍ୱାଇଁ, ଯୁବ ସଦସ୍ୟ ନିରଞ୍ଜନ ସାହୁ, ସହଦେବ ମହାରଣା, ମନୋରଞ୍ଜନ ଦାଶ, ମାନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପବିତ୍ର ମହାରଥା, ଯୁବ ସାମ୍ବାଦିକ ସୁଧାଂଶୁ ଶେଖର ରାଉତ ଶିକ୍ଷାବିତ୍ ବନମାଳୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ଭବନରେ ଆମ୍ବେଦକର ଜୟନ୍ତୀ

## ବିଭେଦତା ସୃଷ୍ଟିକରି ଦେଶର ଏକତା ପ୍ରତି ବିପଦ ସୃଷ୍ଟି କରିଛି ବିଜେପି

ଭୁବନେଶ୍ୱର, ୧୪।୪(ସମିସ): ଆର୍ଥିକ ଓ ସାମାଜିକ ସମାନତା ବିନା ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ। ବିବିଧତାର ଏହି ବିଶାଳ ଭୂଖଣ୍ଡରେ ସମସ୍ତଙ୍କୁ ସୁହାଇବା ପରି ଏକ ଶ୍ରେଷ୍ଠ ସମ୍ବିଧାନ କୋଟିକୋଟି ଦେଶବାସୀଙ୍କୁ ଭେଟିଦେବା ଏକ ଅନନ୍ୟ ଉପଲବ୍ଧିଠ। ଆମ୍ବେଦକର ନ ଥିଲେ ଏ ଦେଶର ଆତ୍ମା ଠିକ୍ ଭାବେ ଦେଶର ସମ୍ବିଧାନରେ ପ୍ରତିଫଳିତ ହୋଇ ନ ଥା'ନ୍ତା ବୋଲି ମଙ୍ଗଳବାର କଂଗ୍ରେସ ଭବନରେ ପିସିସି ପକ୍ଷରୁ ଆୟୋଜିତ ବାବାସାହେବଙ୍କ ୧୩୬ତମ ଜୟନ୍ତୀରେ ମତପ୍ରକାଶ ପାଇଛି। ମହାତ୍ମା ଗାନ୍ଧୀ ଓ ନେହରୁଙ୍କ ଆଗ୍ରହ କ୍ରମେ ତାଙ୍କ ପରି ଜଣେ ସମ୍ବିଧାନ ବିଶାରଦଙ୍କୁ ଦେଶର ସମ୍ବିଧାନ ପ୍ରଣୟନର ଚିଠା ପ୍ରସ୍ତୁତ କରିବାକୁ ଦାୟିତ୍ୱ ଦିଆଯିବା ସହ ତାଙ୍କୁ ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ଭଳି ଧ୍ରୁବ ସତ୍ୟକୁ ବିଜେପି ନେତୃତ୍ୱାଧୀନ ସଂଘ ପରିବାର ସାମାଜିକ ଗଣମାଧ୍ୟମରେ ବିକୃତ କରିବାକୁ ଚେଷ୍ଟା କରୁଛି। ଏହାକୁ ତୀବ୍ର ବିରୋଧ କରି ପ୍ରକୃତ ସତ୍ୟ କ'ଣ, ତାହା ଲୋକଙ୍କୁ କଂଗ୍ରେସ ନେତା ଓ କର୍ମୀମାନେ ବୁଝାନ୍ତୁ ବୋଲି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଛି।



ହଳଧର ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ବାବା ସାହେବଙ୍କର ସମ୍ବିଧାନ ଅଛି ବୋଲି ଆମ ଦେଶର ପରିଚୟ ଅଛି। ସମ୍ବିଧାନ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସି ଆଦି ସମସ୍ତ ଧର୍ମରେ ଶାନ୍ତି, ମୈତ୍ରୀ ଓ ନ୍ୟାୟ ଲାଗି ମୂଳମନ୍ତ୍ର। କିନ୍ତୁ ଆଜିର ବିଜେପି ସରକାର ଧର୍ମ ନାମରେ ବିଭେଦ ସୃଷ୍ଟିକରି ଦେଶର ଏକତା ପ୍ରତି ବିପଦ ସୃଷ୍ଟି କରିଛି। ସମସ୍ତେ ଭୟମୁକ୍ତ ହୋଇ ଦେଶରେ ସ୍ୱାଧୀନର ସୁରକ୍ଷା ଓ ବାବା ସାହେବଙ୍କ ନ୍ୟାୟ, ଅଧିକାର, ସମାନତାର ସ୍ୱପ୍ନ ଶାକାର କରିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଡ. ନଳିନୀ କୁମାର ମହାନ୍ତି, ଶୁଭେନ୍ଦୁ ମହାନ୍ତି, ଅଭୟ ସାହୁ, ଯଶୋବନ୍ତ ସିଂ ଲାଗୁରି, ମଧୁସ୍ମିତା ସେଠୀ, ଅମିତା ବିଶ୍ୱାଳ ପ୍ରମୁଖ ଡ. ଆମ୍ବେଦକରଙ୍କର ସାମାଜିକ, ଅର୍ଥନୈତିକ ଓ ସମାନତା ସମ୍ପର୍କରେ ଆଲୋକପାତ କରିଥିଲେ।

### ଆମ୍ବେଦକରଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

## ବାବା ସାହେବ ଆମ୍ବେଦକର ସମ୍ବିଧାନର ମୁଖ୍ୟ ସ୍ଥପତି

ଭୁବନେଶ୍ୱର, ୧୪।୪(ସମିସ): ସମ୍ବିଧାନ ପ୍ରଣେତା ଡଃ ବିଆର୍ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଅବସରରେ ଭୁବନେଶ୍ୱର ଏଜି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଦଳର ବରିଷ୍ଠ ନେତା ଓ କର୍ମୀମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଛନ୍ତି। ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶଙ୍ଖ ଭବନରେ ମଧ୍ୟ ଆମ୍ବେଦକର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏହି ଅବସରରେ ଡଃ ଆମ୍ବେଦକରଙ୍କ ଜୀବନୀ ଓ ଉତ୍ସର୍ଗ ଉପରେ ବିସ୍ତୃତ ଆଲୋଚନା ସହ ତାଙ୍କ ଜୀବନୀ, ଆଦର୍ଶ, ସମାଜିକ ନ୍ୟାୟ ଏବଂ ରାଷ୍ଟ୍ର ଗଠନରେ ଅପରିମିତ ଅବଦାନ ଉପରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା।

ଦଳ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଡଃ ବିଆର୍ ଆମ୍ବେଦକର ଭାରତୀୟ ସମ୍ବିଧାନର ମୁଖ୍ୟ ସ୍ଥପତି। ସେ ଜଣେ ମହାନ ସମାଜ ସୁଧାରକ, ଆଇନଜୀବୀ, ଅର୍ଥନୀତିବିତ୍ ଓ ରାଜନେତା ଥିଲେ। ନିଜ ଜୀବନକୁ ପଛୁଆ ଓ ପୀଡ଼ିତ ବର୍ଗଙ୍କ ଉନ୍ନତି ପାଇଁ ଉତ୍ସର୍ଗ କରିଥିଲେ। ଅନ୍ୟ ନେତାମାନେ ମଧ୍ୟ ସଭାରେ ଭାଷଣ ଦେଇ ଡଃ ଆମ୍ବେଦକରଙ୍କୁ ଏକ ପ୍ରଗତିଶୀଳ ସୁଧାରକ ଓ ଦୂରଦୃଷ୍ଟିସମ୍ପର୍ଣ୍ଣ ନେତା ଭାବେ ସ୍ମରଣ କରିଥିଲେ ଓ ବର୍ତ୍ତମାନ ସମୟରେ ତାଙ୍କ ଆଦର୍ଶକୁ ଅନୁସରଣ କରିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ଏହି ଅବସରରେ ମେୟର ସୁଲୋଚନା ଦାସ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ଅନନ୍ତ ନାରାୟଣ ଜେନା, ଡ. ଦେବାଶିଷ ମାରାଣ୍ଡି, ମହେଶ ସାହୁ, ସୁମିତ୍ରା ଜେନା, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



ପରେ ପରେ ଶଙ୍ଖ ଭବନରେ ଦଳ ପକ୍ଷରୁ ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ପାଳନ କରାଯାଇଥିଲା। ଗଣମାଧ୍ୟମ ସଂଯୋଜକ ଡଃ ପ୍ରିୟବ୍ରତ ମାଝି ଧନ୍ୟବାଦ ଜ୍ଞାପନ କରିବା ସହ ବିଧାୟକ ସୁଶାନ୍ତ ରାଉତ, ମାନସୀ ସୁନ୍ଦରାୟ, ଆର୍ସିଆ ବେଗମ୍, ସୋଫିଆ ଆଲାମ, ମନୋଜ ସେନାପତି, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ସୋନାଲି ପ୍ରିୟଦର୍ଶିନୀ, ଲଗ୍ନାଦୀପ ମିଶ୍ର, ତବରେଜ୍ ଆଲାମ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଭରତ ଲେଙ୍କା, ବାସନ୍ତୀ ସିଂ, ଇଲା ସ୍ୱାଇଁ, ପରୱାନ ପରବୀନ୍, ମୋନାଲିସା ଗନ୍ତାୟତ, ପ୍ରୀତିନନ୍ଦା ରାଉତରାୟ, ବନଜା ମହାନ୍ତି, ଜ୍ୟୋସ୍ନାମୟୀ ପରିଡ଼ା, ସ୍ୱର୍ଣ୍ଣ ସାମଲ, ସଂଯୁକ୍ତା ମହାନ୍ତି, ସୌମ୍ୟରଞ୍ଜନ ତ୍ରିପାଠୀ, ଚିନ୍ମୟ ପଣ୍ଡା, ଅମରଜିତ ଗଜେନ୍ଦ୍ର, ଭାଗୀରଥି ମଲ୍ଲିକ, ନୀଳମାଧବ ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ସଞ୍ଜୟ ସେଠୀ, ବିକ୍ରମ ରଣଜିତ ପଟ୍ଟନାୟକ, ଏସ୍‌କେ ନୱାଜ୍, ସଞ୍ଜିତ ମହାନ୍ତି ଓ ଅବତାବ ଆଲାମ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେପି କାର୍ଯ୍ୟାଳୟରେ ଆମ୍ବେଦକର ଜୟନ୍ତୀ ପାଳନ

## ବାବାସାହେବଙ୍କ ଆଦର୍ଶକୁ କାର୍ଯ୍ୟକାରୀ କରିଛି ବିଜେପି ସରକାର

ଭୁବନେଶ୍ୱର, ୧୪।୪ (ସମିସ): ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପାଳନ କରାଯାଇଛି ଆମ୍ବେଦକର ଜୟନ୍ତୀ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବାବାସାହେବଙ୍କ ଆଦର୍ଶକୁ ବିଜେପି ବାସ୍ତବରେ କାର୍ଯ୍ୟକାରୀ କରିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ଥିଲେ ରାଷ୍ଟ୍ରର ବିଚାରଧାରା। ତାଙ୍କର ବିଚାର ହିଁ ଆମ ସମସ୍ତଙ୍କର ଆଧାର ବୋଲି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କୁହନ୍ତି। କଂଗ୍ରେସ ସରକାର ସମୟରେ ବାବାସାହେବଙ୍କ ପ୍ରତି ଅନେକ ଅବହେଳା କରାଯାଇଥିଲା। ୧୯୯୦ ମସିହାରେ ବିଜେପିର ପ୍ରସ୍ତାବ କ୍ରମେ ବାବାସାହେବଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା।

କେବଳ କେନ୍ଦ୍ରରେ ନୁହେଁ ଓଡ଼ିଶାରେ ମଧ୍ୟ ବାବା ସାହେବଙ୍କ ଆଦର୍ଶରେ ଡବଲଇଞ୍ଜିନ ସରକାର ଗରିବଙ୍କ ସରକାର ଭାବେ କାର୍ଯ୍ୟ କରୁଛି। ଏଠାରେ କରାଯାଇଥିବା ବଜେଟ ଗରିବ, ଦଳିତ ଓ ଆଦିବାସୀମାନଙ୍କ ବିକାଶର ବଜେଟ୍। ବିଜେପି ସରକାର ବାବାସାହେବଙ୍କ ଆଦର୍ଶକୁ ବାସ୍ତବତାରେ କାର୍ଯ୍ୟକାରୀ କରିଛି।



ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ସମାଜର ସବୁଠାରୁ ତଳ ପାହାଚରେ ଥିବା ବ୍ୟକ୍ତି ବିଶେଷର ଯେପରି ଉତ୍‌ଥାନ ହେବ, ଆଗାମୀ ଦିନରେ ଭାରତବର୍ଷ ଯେପରି ଯଶସ୍ୱୀ ହେବ ସେଥିପାଇଁ ବାବସାହେବ ସ୍ୱପ୍ନ ଦେଖିଥିଲେ। ବାବାସାହେବ ହେଲେ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ। ସେ ଦଳିତ, ଶୋଷିତ, ଅବହେଳିତ, ଅତ୍ୟାଚାରିତ ଓ ଲାଂଛିତ ଲୋକମାନଙ୍କୁ ଆଗଧାଡିକୁ ଆଣିବା ପାଇଁ ଅହରଣ ଉଦ୍ୟମ କରିଥିଲେ। ସଭାରେ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ସଭା ସଞ୍ଚାଳନ କରିଥିବାବେଳେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିମ୍ବାଧର କୁଅଁର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଐତିହାସିକ ପ୍ରସିଦ୍ଧ ସିଂହାପୁର ଯାତ୍ରା ଆରମ୍ଭ

କୁଆଖିଆ,୧୪।୪(ସମିସ):



ମହାବିଷୁବ ସଂକ୍ରାନ୍ତି ଅବସରରେ ରସୁଲପୁର ବ୍ଲକ ସିଂହାପୁରଠାରେ ଆରମ୍ଭ ହେଲା ନାରାୟଣ ଗୋସାଇଁଙ୍କ ଯାତ୍ରା। ବର୍ଷକ ଯାକ ଜଳଶାୟୀ ନାରାୟଣ ଗୋସାଇଁ ମାତ୍ର ତିନିଦିନ ପାଇଁ ପୁଷ୍କରିଣୀରୁ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ ଚଳିତ ବର୍ଷ ୩ ଦିନ ବଦଳରେ ୪ଦିନ ମନ୍ଦିରରେ ରହି ଦର୍ଶନ ଦେବେ। ହଜାର ହଜାର ଭକ୍ତଙ୍କ ଗହଳିରେ ଆଜି ଏହି ଯାତ୍ରା ଆରମ୍ଭ ହୋଇଛି। ପ୍ରଭୁ ନାରାୟଣ ଗୋସାଇଁ ବର୍ଷତମାମ ଜଳାଶାୟୀ ହୋଇ ରହିଥାନ୍ତି। ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତି ଦିନ ପ୍ରଭୁ ନାରାୟଣ ଗୋସେଇଁଙ୍କୁ ମାତ୍ର ୩ଦିନ ପାଇଁ ପୁଷ୍କରିଣୀରୁ ଆଣି ମନ୍ଦିରରେ ସ୍ଥାପନା କରାଯାଏ ଓ ପରମ୍ପରା ଅନୁସାରେ ଗଡ଼ମଧୁପୁର ରାଣୀ ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ମଧୁତୀର୍ଥ ପୁଷ୍କରିଣୀ ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ପୁଷ୍କରିଣୀରୁ ମହାପ୍ରଭୁଙ୍କୁ ପାଣିରେ ଚାପ ଖେଳାଇ କୂଳକୁ ଅଣାଯାଏ। ଚଳିତ ବର୍ଷ ଏହି ଯାତ୍ରା ଅବଧିକୁ ୩ ଦିନ ବଦଳରେ ୪ଦିନ କରାଯାଇଛି। ପୂର୍ବରୁ ଠାକୁର ୩ଦିନ ଭକ୍ତଙ୍କୁ ଦର୍ଶନ ଦେଉଥିବା ବେଳେ ଚଳିତ ବର୍ଷ ୪ଦିନ ମନ୍ଦିରରେ ରହି ଭକ୍ତଙ୍କୁ ଦର୍ଶନ ଦେବେ। ଆଜି ପ୍ରଭୁ ନାରାୟଣ ଗୋସେଇଁଙ୍କୁ ପାଣିରୁ ଆଣି ମନ୍ଦିରରେ ସ୍ଥାପନା କରାଯାଇଥିବା ବେଳେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। କିମ୍ବଦନ୍ତୀ ଅନୁସାରେ ଶହ ଶହ ବର୍ଷ ପୂର୍ବେ କଳାପାହାଡ଼ ଆକ୍ରମଣରୁ ପ୍ରଭୁଙ୍କୁ ବଞ୍ଚାଇବା ପାଇଁ ତାଙ୍କର ଭକ୍ତ ମାନେ ନାରାୟଣ ଗୋସେଇଁଙ୍କୁ ଏହି ପୁଷ୍କରିଣୀରେ ଲୁଚାଇ ରଖିଥିଲେ ଓ ବହୁ ବର୍ଷ ପରେ ତତ୍କାଳୀନ ଗଡ଼ମଧୁପୁର ରାଜାଙ୍କୁ ସ୍ୱପ୍ନାଦେଶ ପରେ ଏହି ପୁଷ୍କରିଣୀରୁ ନାରାୟଣ ଗୋସେଇଁଙ୍କୁ ଉଦ୍ଧାର କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସୁଥିବା ବେଳେ ଏହି ସମୟରେ ମହାପ୍ରଭୁଙ୍କ ଯଜ୍ଞକାର୍ଯ୍ୟ ସହ ଦଶ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାରାୟଣ ଗୋସେଇଁ। ଚଳିତ ବର୍ଷ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଓ କୁଆଖିଆ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

## ବବିଙ୍କ ଦ୍ୱାରା ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ



ମଙ୍ଗଳପୁର,୧୪।୪(ସମିସ): ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ ବିଜେଡି ପକ୍ଷରୁ ଏକ ଜଳଛତ୍ର ଶିବିର ମଙ୍ଗଳପୁର ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଜଳଛତ୍ର ଶିବିରଟିକୁ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ ଉଦଘାଟନ କରିଥିଲେ। ମଙ୍ଗଳପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଶିଶିର କୁମାର ଧଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜଳଛତ୍ର ଶିବିର ଉଦଘାଟନ ଉତ୍ସବରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ସମାଜସେବୀ ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ନାୟକ, ଯୁବନେତା ପୂର୍ଣ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ ଦାମୋଦର ରାଉତ, ଅମିୟ ରାୟ, ସମାଜସେବୀ ପରୀକ୍ଷିତ ରାୟ, ମାନସ ରଞ୍ଜନ ଦାଶ, ଫକୀର ମୋହନ ଦାଶ, ସତ୍ୟସଚୀ ଦାଶ, ମାନସ ରଞ୍ଜନ, ମାନଗୋବିନ୍ଦ ଧଳ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସକାଳ ୭. ୩୦ ମିନିଟରେ ଏହି ଶିବିର ଉଦଘାଟନ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ଯୁବକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବରୁଣେଶ୍ୱର ପୀଠରେ ମହାବିଷୁବ ସଂକ୍ରାନ୍ତି

ବିଞ୍ଝାରପୁର,୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର ପ୍ରସିଦ୍ଧ ଶୈବପୀଠ ବାବା ବରୁଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କର ବ୍ୟାପକ ଭିଡ଼ ଦେଖାଯାଇଥିଲା। ଦିନଭରି ଭକ୍ତମାନେ ଦର୍ଶନ ଓ ପୂଜାରେ ବ୍ୟସ୍ତ ରହିଥିଲେ। ଏହି ଅବସରରେ ବଜରଙ୍ଗ ଦଳ ବିଞ୍ଝାରପୁର ପ୍ରଖଣ୍ଡ ପକ୍ଷରୁ ହଜାର ହଜାର ଭକ୍ତଙ୍କୁ ଶୀତଳ ପଣା ବଣ୍ଟନ କରାଯାଇଥିଲା। ପ୍ରଖଣ୍ଡ ସଂଯୋଜକ ସୁବୋଧ ଧଳଙ୍କ ନେତୃତ୍ୱରେ ଆୟୋଜିତ ଏହି ସେବା କାର୍ଯ୍ୟରେ ସଂଗଠନର କର୍ମୀମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ଉପସଭାପତି ଟିକିଲତା ବେହେରା ସହ ଅନେକ ସମାଜସେବୀ ଓ ବୁଦ୍ଧିଜୀବୀ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଉତ୍ସାହ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିରଣ କୁମାର ଜେନା, ବିଶ୍ୱଜିତ ସାମଲ, ସୋମ୍ୟରଞ୍ଜନ ସାମଲ, ସୋମ୍ୟରଞ୍ଜନ ବିନ୍ଧାଣୀ, ପିଣ୍ଟୁ ମଲ୍ଲିକ, ଶଙ୍କରକ୍ଷଣ ମିଶ୍ର, ପ୍ରକାଶ ସାମଲ, ସୁମନ୍ତ ସ୍ୱାଇଁ ଓ ଶ୍ରୀକାନ୍ତ ପ୍ରଧାନ ସମେତ ବଜରଙ୍ଗ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ନବ ବର୍ଷ




ଯାଜପୁର,୧୪।୪(ସମିସ): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଓଡ଼ିଆ ନବବର୍ଷ ପାଳନ ଅନନ୍ୟାର ସଭାପତି ସନ୍ତୋଷ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହ ଅବସରରେ ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ, ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ, କବି ସମ୍ମିଳନୀ ଓ କବି ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ପଣ୍ଡିତ ହୃଷିକେଶ ପତି ସ୍ତୋତ୍ରପାଠ କରିଥିବା ବେଳେ ଉପସଭାପତି ବିଭୂତି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନନ୍ୟାର ଉପଦେଷ୍ଟା ସୁବାସ ଚନ୍ଦ୍ର ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକ ଡ. କାହ୍ନୁଚରଣ ମିଶ୍ର ଓଡ଼ିଆ ନବବର୍ଷର ତାତ୍ପର୍ଯ୍ୟ ଓ ବିଷୁବ ସଂକ୍ରାନ୍ତି ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଚିରନ୍ତନୀ ପତ୍ରିକାର ସଂପାଦିକା ସଂଯୁକ୍ତା ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ନାରାୟଣ ସାମନ୍ତ, ଉପଦେଷ୍ଟା ଉଦୟ ନାରାୟ ପରିଡ଼ା, ଉପଦେଷ୍ଟା ବିନୋଦ ନାୟକ, ପ୍ରାକ୍ତନ ପ୍ରଧାପକ ଡ. ନିରୀକ୍ଷକ କୁମାରସେନ ସେନାପତି ପ୍ରମୁଖ ଓଡ଼ିଆ ନବବର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲିଚନ୍ଦ୍ରପୁର,୧୪।୪(ସମିସ): ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ ଅବସରରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଆନୁକୂଲ୍ୟରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ନନ୍ଦ ଯୋଗଦେଇଥିଲେ। ବଜରଙ୍ଗ ଦଳର ବଡ଼ଚଣା ପ୍ରଖଣ୍ଡର ସଂଯୋଜକ ଅନନ୍ତ କିଶୋର ଦାସଙ୍କ ମୁଖ୍ୟ ଆୟୋଜନ କ୍ରମେ ଏହି ପ୍ରତିମୂର୍ତ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାପିତ କରାଯାଇଥିଲା।

## ସୁକିନ୍ଦା ସାହିତ୍ୟ ସମାଜର ବିଷୁବ ମିଳନ



ସୁକିନ୍ଦା,୧୪।୪(ସମିସ): ସୁକିନ୍ଦା ସାହିତ୍ୟ ସମାଜ ପକ୍ଷରୁ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ବିଷୁବ ମିଳନ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହକୁ ସୁକିନ୍ଦା ରାଜାସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ପ୍ରଫେସର ବିଜୟ କୁମାର ଶତପଥୀ ଓ ମୁଖ୍ୟବକ୍ତା ଭାବେ କଟକ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ସାହିତ୍ୟ ସମାଜର ସଭାପତି କୁଳମଣି ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସମ୍ପାଦକ ପ୍ରାଧାପକ ହିମାଂଶୁ ଶେଖର ଦ୍ୱିବେଦୀ ସଂପାଦକୀୟ ପାଠ, ଅଜୟ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର ବିଜୟାନନ୍ଦ ସିଂହଙ୍କୁ ବିଷୁବ ସମ୍ମାନ ଓ ପ୍ରଫେସର ବିଜୟ କୁମାର ଶତପଥୀଙ୍କୁ ପ୍ରଫୁଲ୍ଲ କୁମାର ଦାଶ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥି ମାନେ ଶ୍ରୀନିବାସ ରାଉତଙ୍କ ପୁସ୍ତକ ଶ୍ରୀକୃଷ୍ଣ କଥା ଭାଗ-୨କୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଗୁରୁ ନିମାଇଁ ଚରଣ ମାଝୀଙ୍କ ନିର୍ଦ୍ଦେଶନାରେ ଶ୍ରଦ୍ଧାଞ୍ଜଳି ଦାସ, ମନୋଜିତ ଦାସ ସଙ୍ଗୀତ ଓ ସମୀକ୍ଷା ରଥ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। କବିତାପାଠ କାର୍ଯ୍ୟକ୍ରମରେ ଜ୍ୟୋତିଶଙ୍କର ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସୁରେନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଓ କବୟିତ୍ରୀ କାଞ୍ଚନବାଳା ମଲ୍ଲ, ଦୀପ୍ତି ସାମଲ ଓ ଡ. ଦୟାନିଧି ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅନେକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅଧିବେଶନରେ ନିର୍ମଳ ଚନ୍ଦ୍ର ରାଉତ, ଗୋକୁଳ ବିହାରୀ ପୃଷ୍ଟି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ



ଯାଜପୁର,୧୪।୪(ସମିସ): ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ରଞ୍ଜୁଲତା ହୋତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ସୁଧୀର ଚନ୍ଦ୍ର ଜେନା ସଭାରେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୌର ପରିଷଦ ଅଧକ୍ଷା ରଞ୍ଜୁଲତା ହୋତା, ମୁଖ୍ୟ ବକ୍ତା ସୁଧୀର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଣା ବଣ୍ଟନ



ଧର୍ମଶାଳା,୧୪।୪(ସମିସ): ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ଆଜି ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ମଞ୍ଚର ସଭାପତି ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚର କର୍ମକର୍ତ୍ତା ବିବେକାନନ୍ଦ ନାୟକ, ପୀତବାସ ପାତ୍ର, ଯୁଧିଷ୍ଠିର ସ୍ୱାଇଁ, ଭିକାରୀ ମଲ୍ଲିକ, ଆଦିକନ୍ଦ ସ୍ୱାଇଁ, ସତ୍ୟାନନ୍ଦ ପ୍ରଧାନ, ବଟକୃଷ୍ଣ ସାହୁ, ବନମାଳୀ ରାଉତ, ନୃସିଂହ ମହାନ୍ତି, ହୃଷିକେଶ ସାମଲ, ନିରଜ ମହାନ୍ତି ଓ ନାରାୟଣ ଲେଙ୍କା ପ୍ରମୁଖ ଯୋଗଦେଇ ଜାରକା ବସ୍‌ଷ୍ଟାଣ୍ଡ ଯାତ୍ରୀମାନଙ୍କୁ ପଣା ପ୍ରଦାନ କରିଥିଲେ। ଆଜି ସକାଳୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଣା କରାଯାଇ ଜାରକା ଫ୍ଲାଏ ଓଭର ବ୍ରିଜ ତଳେ ଯାତାୟାତ କରୁଥିବା ପଥଚାରୀ ଓ ବସ୍‌ଷ୍ଟାଣ୍ଡରେ ଥିବା ଲୋକମାନଙ୍କୁ ପଣା ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ଧର୍ମଶାଳାରେ ଆମ୍ବେଦକର ଜୟନ୍ତୀ

ଧର୍ମଶାଳା,୧୪।୪(ସମିସ): ଧର୍ମଶାଳା ବିଜେପି ପକ୍ଷରୁ ସମ୍ବିଧାନ ପ୍ରଣେତାଡ. ଭିମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଜାରକାସ୍ଥିତ ଷ୍ଟାଡିୟମ ହଲରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେପି ସଭାପତି ଦେବଜାନୀ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରୀତା ତରେଇ, ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ବିଜେପି ନେତା ପ୍ରିୟନାଥ ମହାପାତ୍ର, ଅନାମ ଚରଣ ମଲିକ, ନାରାୟଣ ମଲିକ ଓ ବିନୋଦ ବିହାରି ମଲିକ ପ୍ରମୁଖ ଯୋଗଦେଇଥିଲେ। ଜାରକା ନିକଟସ୍ଥ କୁମାରି ପଞ୍ଚାୟତର ଜାମୁବଣିଆଁ ଠାରେ ନିର୍ମିତ ଅମ୍ବେଦକର ଭବନକୁ ବିଧାୟକ ଓ ଜିଲ୍ଲା ସଭାପତି ଉଦଘାଟନ କରିଥିଲେ। ଶେଷରେ ସରୋଜ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଶ୍ରୀବତ୍ସ ଧିର, ଦେବଦତ ପଣ୍ଡା, ତୀର୍ଥରାଜ ପଣ୍ଡା ଓ ଅଭିଶେକ ରାଉତ, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନା କରିଥିଲେ।

## କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ

ଯାଜପୁର,୧୪।୪(ସମିସ): ଯାଜପୁର ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥବରେ ପୂର୍ବତନ ଲୋକସଭା ସାଂସଦ ଅଞ୍ଚଳ ଦାସ, ସନ୍ତୋଷ ନନ୍ଦ, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ପୂର୍ଣ୍ଣ ଜେନା, ହୃଷୀକେଶ ପତି, ସଂଗ୍ରାମ ଜେନା, ନକୁଳ ଦେବ ସାହୁ, ଉତ୍ସବ ଦାସ, ନଟବର ଜେନା, ଅବଦୁଲ ରୌଫ, ବିଜୟ ମହାପାତ୍ର, ଗୋବିନ୍ଦ ବେହେରା, ସଂଜୀବ ଦାସ, ଭାରତ ବେହେରା, ବିଜୟ ମାପାତ୍ର ପ୍ରଭୃତି ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅଗ୍ନିଶମ ବାହିନୀର ସେବା ସପ୍ତାହ

ବିଞ୍ଝାରପୁର,୧୪।୪(ସମିସ): ବିଞ୍ଝାରପୁର ବ୍ଲକ୍‌ରେ ଅଗ୍ନିଶମ ବାହିନୀ ପକ୍ଷରୁ ସେବା ସପ୍ତାହ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ ବାହିନୀର ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରି ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ବ୍ଲକର ବିଞ୍ଝାରପୁର, ସିଂହପୁର, ମାଂସଡ଼ା ଆଦି ଅଞ୍ଚଳରେ ଏହି ସଚେତନତା କାର୍ଯ୍ୟକ୍ରମ ସଫଳଭାବେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବନ୍ଧରେ ଅଗ୍ନାଶ୍ରମ ବାହିନୀର ମୁଖ୍ୟ ଯୋଦ୍ଧା ବୃନ୍ଦାବନ ଯେନା ସୂଚନା ଦେଇଛନ୍ତି।

## ବିଞ୍ଝାରପୁରରେ ମହାବିଷୁବ ସଂକ୍ରାନ୍ତି

ବିଞ୍ଝାରପୁର,୧୪।୪(ସମିସ): ଆଜି ଥିଲା ପବିତ୍ର ମହାବିଷୁବ ସଂକ୍ରାନ୍ତି। ଏହି ଦିନ ପ୍ରତ୍ୟେକ ଓଡ଼ିଆ ପରିବାର ଶ୍ରଦ୍ଧାର ସହ ଦେବଦେବୀଙ୍କ ପୂଜା, ଭୋଗ ଓ ହୋମ କରିଥାନ୍ତି। ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ମହାବୀର ହନୁମାନଙ୍କ ଜୟନ୍ତୀ ଅବସରରେ ବିଞ୍ଝାରପୁର ବ୍ଲକ ଅଞ୍ଚଳର ବିଭିନ୍ନ ମନ୍ଦିର ଓ ମଠରେ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଅରେଇ ସ୍ଥିତ ବରୁଣେଶ୍ୱର କ୍ଷେତ୍ରରେ ବାବା ବରୁଣେଶ୍ୱରଙ୍କ ଦର୍ଶନ ପାଇଁ ଭକ୍ତମାନେ ବହୁ ସଂଖ୍ୟାରେ ଭିଡ଼ କରିଥିବା ବେଳେ ବାଙ୍କିପାଳ ସ୍ଥିତ ମାକାଳ ପୀଠ ,ସିଂହପୁର ଅଞ୍ଚଳର ଇଷ୍ଟଦେବୀ ଦରିଆ ନାଆକାଣୀଙ୍କ ପୀଠରେ ଏହି ଅବସରରେ ବିଶେଷ ହୋମ ଯଜ୍ଞ ଆୟୋଜିତ ହୋଇଥିଲା।

## ପୁଷ୍ପଗିରି ପରିଷଦର ବିଷୁବ ମିଳନ

ବରୀ,୧୪।୪(ସମିସ): ରତ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁଷ୍ପଗିରି ପରିଷଦ, ରତ୍ନଗିରି ପକ୍ଷରୁ ବିଷୁବ ମିଳନ, ପଣା ଉତ୍ସବ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସ୍ଥାୟୀ ସଭାପତି ଦୁଃଖୀରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କାଶୀନାଥ ମହାବିଦ୍ୟାଳୟ, କାଇପଡ଼ାର ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥି, ମୁଖ୍ୟବକ୍ତା ଭାବେ 'ଗୁଣ୍ଡୁଚିମୂଷା' ପତ୍ରିକାର ସମ୍ପାଦକ ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଡ. ଭାଗ୍ୟଧର ସାହୁ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ଡ. ନୃସିଂହ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମକରଧ୍ୱଜ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଅଜୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରୀ ବାର୍ ଆସୋସିଏସନର ସଭାପତି ରାଜକିଶୋର ସାମଲ, ଶିକ୍ଷାବିତ ଅଶୋକ କୁମାର ଦାସ, ଅନିରୁଦ୍ଧ ମଲ୍ଲ, କୁଶଧ୍ୱଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁବନ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



କୁଆଖିଆ,୧୪।୪(ସମିସ): ରସୁଲପୁର ବ୍ଲକ ମଧୁବନ ସାହିତ୍ୟ ସଂସଦର ତ୍ରିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ଆବାହକ ତଥା ଉପସଭାପତି କୈଳାସ ଚନ୍ଦ୍ର ମଲିକଙ୍କ ଆବାହକତ୍ୱରେ ମଧୁବନ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ପ୍ରାଧାପକ ବିଶିଷ୍ଟ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ, ମୁଖ୍ୟବକ୍ତା ଭାବରେ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ରବି ଶତପଥି ଯୋଗଦେଇଥିଲେ। ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସନ୍ତୋଷ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାବନ୍ଧିକ ଅଶୋକ କୁମାର ଶତପଥି ଅତିଥି ପରିଚୟ ପ୍ରଧାନ କରିଥିଲେ। ଏହି ଅବସରରେ ମଧୁପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ତୁହିନାଂଶୁ ରଥ ଏବଂ କାଶତଣ୍ଡୀର ସମ୍ପାଦକ ଅଚ୍ୟୁତାନନ୍ଦ ପାତ୍ରଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ର "ଯୁଗାରମ୍ଭ' ଉନ୍ମୋଚିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସଂସଦର ପ୍ରଥମ ଅଧିବେଶନରେ ଗୀତିକାର ପ୍ରତାପରୁଦ୍ର ପଣ୍ଡା, କବୟିତ୍ରୀ ସରୋଜିନୀ ଶତପଥି, କବୟିତ୍ରୀ ନିରୁପମା ବେହେରା ଓ କବି ରବୀନ୍ଦ୍ର କୁମାର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କବି ସୁରେନ୍ଦ୍ର କୁମାର ବେହେରା, ପଣ୍ଡିତ ଅଭୟ କୁମାର ତ୍ରିପାଠୀ, ମମତାମୟୀ ଖୁଣ୍ଟିଆ, ନରୋତ୍ତମ ସାହୁ, ଶୁଭସ୍ମିତା ସାହୁ, ଶୁଚିସ୍ମିତା ସାହୁ, ସୁଲୋଚନା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସହ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, ରମାକାନ୍ତ ସ୍ୱାଇଁ, କୋଷାଧକ୍ଷ ଧୀରେନ୍ଦ୍ର କୁମାର ସାହୁ, ଗୟାଧର ସାହୁ, କୈଳାସ ଚନ୍ଦ୍ର ପତି, ଉମେଶ ଚନ୍ଦ୍ର ସାହୁ, ପ୍ରହଲ୍ଲାଦ ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନିଦାପାଟଣା ଶାରଳା ପୀଠରେ ଝାମୁଯାତ୍ରା

ଦଶରଥପୁର,୧୪।୪ (ସମିସ):



ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଜୁନିଦାପାଟଣା ଗ୍ରାମରେ ଥିବା ଶାରଳା ପୀଠରେ ପ୍ରସିଦ୍ଧ ଝାମୁଯାତ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଝାମୁଯାତ୍ରାଟି ପ୍ରାୟ ୩୯ ବର୍ଷରୁ ଉର୍ଦ୍ଧ ହେବ ଅନୁଷ୍ଠିତ ହୋଇଆସୁଥିବା ବେଳେ ଗ୍ରାମର ଶାରଳା ପୂଜକ ଶାରଦା ଦାସ ମା'ଙ୍କ ବିଗ୍ରହକୁ ମୁଣ୍ଡରେ ବସାଇ ନିଆଁରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଘଣ୍ଟ, ଢୋଲର ତାଳେତାଳେ ମା' ଶାରଳାଙ୍କ ବିଗ୍ରହ ଧରି ଶାରଦା ଦାସ ନାଚିବା ବେଳେ ଶ୍ରଦ୍ଧାଳୁମାନେ ମଧ୍ୟ ନାଚୁଥିବାର ଦେଖିବାକୁ ମିଳିଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ସଭାପତି ସରୋଜ ମହାପାତ୍ର, କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ସବ୍ୟସାଚି ଦାସ, ଇନ୍ଦ୍ରଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଝାମୁଯାତ୍ରା ସପ୍ତାହ ଧରି ଚାଲିବାକୁଥିବା ବେଳେ ଝଙ୍କଡସ୍ଥ ଶାରଳା ପୀଠରୁ ଆସିଥିବା ଭକ୍ତମାନେ ଚିତ୍ତାକର୍ଷକ ଘଣ୍ଟ ନୃତ୍ୟ ପରିବେଷଣ, ଭଜନସନ୍ଧ୍ୟା, ଓଡିଶୀ ନୃତ୍ୟ କୀର୍ତ୍ତନ, ପ୍ରବଚନ, କୀର୍ତ୍ତନ ଓ ଚଣ୍ଡୀଯଜ୍ଞ ଆଦି କାର୍ଯ୍ୟ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ୭ ଦିନ ବ୍ୟାପି ୧୦୮ ବ୍ରହ୍ମଣଙ୍କୁ ସମ୍ବର୍ଦ୍ଧନା, ଚଣ୍ଡିପାଠ, ଘଣ୍ଟ ନୃତ୍ୟ, ସାଧୁ ସମ୍ମିଳନୀ, ନାମଯଜ୍ଞ ଆଦି କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରାକୁ ରାଜ୍ୟର ରାଉରକେଲା, ଭୁବନେଶ୍ୱର, ଜଗତସିଂହପୁର, କେନ୍ଦ୍ରପଡା, କଟକ, ଭଦ୍ରକ, ଯାଜପୁର ଆଦି ବିଭିନ୍ନ ଆଡୁ ଶାରଳାଭକ୍ତମାନେ ଆସି ଜୁନିଦା ଗ୍ରାମରେ ରହିଥାନ୍ତି। ମା ବିରଜା ମନ୍ଦିରର ମୁଖ୍ୟ ପୂଜକ ସରୋଜ କୁମାର ପତି, ଗିରିଧାରୀ ଦାସ, ସୂର୍ଯ୍ୟମଣୀ ପଢି, ବାସୁଦେବ ଦାସ, ରଞ୍ଜନ ମାଝୀ, ମିହିର ସାହୁ, ସତ୍ୟବ୍ରତ ସାହୁ, ହୃଦାନନ୍ଦ ସାହୁ, ଅରୁଣ କୁମାର ସାହୁ, ସରୋଜ କୁମାର ସାହୁ, ନିରାକାର ମାହୁନ୍ତ, ସୁକାନ୍ତ ସାହୁ, ଦିଲିପ ସାହୁ, ଉମାକାନ୍ତ ସାହୁ, ସୁମିତ୍ରା ସାହୁ ପ୍ରମୁଖ ଝାମୁଯାତ୍ର ପରିଚାଳନା କରୁଥିଲେ।

### ଆଶ୍ରମ ସ୍କୁଲ ହଷ୍ଟେଲ ପରିଚାଳନାରେ ତ୍ରୁଟି

# ବିବରଣୀ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ମିଳୁନି ଖାଦ୍ୟ



- ଜିଲ୍ଲାପାଳଙ୍କୁ ଅଭିଯୋଗ କଲା ମାସା ଆର୍ମୀ
- ରାଇରଙ୍ଗପୁର ଅନ୍ୱେଷା ହଷ୍ଟେଲରେ ଲାଗିରହିଛି ସମସ୍ୟା

ରାଇରଙ୍ଗପୁର, ୧୪।୪(ସମିସ): ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଥିବା ଆଶ୍ରମ ସ୍କୁଲ ହଷ୍ଟେଲଗୁଡ଼ିକ ତ୍ରୁଟିପୂର୍ଣ୍ଣ ଭାବେ ପରିଚାଳନା କରାଯାଉଛି। ଯାହାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ହଷ୍ଟେଲ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟଙ୍କ ପରିଚାଳନା ତ୍ରୁଟି ନେଇ ଅଭିଯୋଗ କରିଛନ୍ତି। ଆଶ୍ରମ ସ୍କୁଲରେ ରହି ପଢୁଥିବା ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବିବରଣୀ ତାଲିକା ଅନୁଯାୟୀ ଅନୁସାରେ ଖାଦ୍ୟ ଦିଆଯାଉନାହିଁ। ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ବାମନଘାଟି ଉପଖଣ୍ଡ କମିଟି ପକ୍ଷରୁ ସଭାପତି ଦାସ୍ମାତ ସରେନଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଉଦେଶ୍ୟରେ ବାମନଘାଟି ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ମୟୂରଭଞ୍ଜର ଅଧିକାଂଶ ଆଶ୍ରମ ସ୍କୁଲରେ ପିଲାଙ୍କୁ ନିମ୍ନମାନର ବାସୀ ଖାଦ୍ୟ ପ୍ରଦାନ କରାଯାଉଛି। ଯାହାକୁ ନେଇ ପିଲା ଅସୁସ୍ଥ ହେଉଛନ୍ତି। ବିଷାକ୍ତ ଖାଦ୍ୟ ଖାଇ ରାସଗୋବିନ୍ଦପୁର ଅଞ୍ଚଳର କାକବନ୍ଧ ଆଶ୍ରମ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଯାହାକି ଅତି ଦୁଃଖଦ ଘଟଣା ଅଟେ। ବର୍ତ୍ତମାନ ପୂର୍ବ ଅପେକ୍ଷା ଛାତ୍ରଛାତ୍ରୀଙ୍କ ଖାଦ୍ୟ ଖର୍ଚ୍ଚ ବୃଦ୍ଧି କରାଯାଇଛି। କିନ୍ତୁ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ପିଲାଙ୍କ ଖାଦ୍ୟ ଖର୍ଚ୍ଚ ବାଟ ମାରଣା କରୁଥିବା ଅଭିଯୋଗ କରିଛନ୍ତି। ଯେଉଁଥିରେ କି ବ୍ଲକ ଡବ୍ଲୁଇଓ ଓ ଅନ୍ୟ ବରିଷ୍ଠ ଅଧିକାରୀ ସମ୍ପୃକ୍ତ ରହୁଛନ୍ତି। ରାଇରଙ୍ଗପୁରସ୍ଥ ଅନ୍ୱେଷା ହଷ୍ଟେଲ ଏକ ପ୍ରମୁଖ ହଷ୍ଟେଲ ହୋଇଥିଲେ ମଧ ସମାନ ସମସ୍ୟା ରହିଛି। ହଷ୍ଟେଲ ପରିଚାଳନା ଦାୟିତ୍ୱରେ ସୁପରିଟେଣ୍ଟ ଭାବେ ଜଣେ ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ କିମ୍ବା ଡବ୍ଲୁଇଓ ରହିବା ନିୟମ ରହିଛି। କିନ୍ତୁ ସେଠାରେ କିପରି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ (ଏଡିଡବ୍ଲୁଓ) ଜ୍ଞାନରଞ୍ଜନ ସାମଲଙ୍କ ଭଳି ଜଣେ ଜିଲ୍ଲାସ୍ତରୀୟ ଅଧିକାରୀ ୪ ମାସରୁ ଊର୍ଦ୍ଧ୍ୱ ହେବ ଦାୟିତ୍ୱରେ ରହିଛନ୍ତି, ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏଥିସହିତ ଉପରିସ୍ଥ ଅଧିକାରୀ ବାରମ୍ବାର ସ୍କୁଲ ପରିଦର୍ଶନ ବାହାନାରେ ବିଭିନ୍ନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ସୂଚନା ଆଧାରରେ ମୋଟା ଅଙ୍କର ଅର୍ଥ ଆଦାୟ କରିଥା'ନ୍ତି। ଯାହାକି ସୁପରିଟେଣ୍ଡେଣ୍ଟମାନେ ହଷ୍ଟେଲ ଚଳାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ସହ ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଥିବା ସମସ୍ତ ଆଶ୍ରମ ସ୍କୁଲରୁ ଏଭଳି ଦୁର୍ନୀତିକୁ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ତଦାରଖ ଟିମ ଗଠନ କରି ହଷ୍ଟେଲକୁ ଅତର୍କିତ ପରିଦର୍ଶନ କରିବା ଆବଶ୍ୟକ ଅଟେ। ଆଶ୍ରମ ସ୍କୁଲରେ ରହି ପଢୁଥିବା ଛାତ୍ରଛାତ୍ରୀଙ୍କଠାରୁ ଖାଦ୍ୟ ବିବରଣୀ ଅନୁସାରେ ଖାଦ୍ୟ ଦିଆଯାଉଛି କି ନାହିଁ ତଥ୍ୟ ସଂଗ୍ରହ କରାଗଲେ ଦୁର୍ନୀତି କମିବ ବୋଲି ମାସା ଆର୍ମୀ ସଂଗଠନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବାମନଘାଟି ସଭାପତି ଦାସ୍ମାତ ସରେନଙ୍କ ନେତୃତ୍ୱରେ କ୍ରିଷ୍ଣା ମାରାଣ୍ଡି, ସୁନାରାମ ମାଝୀ, କାରିଆ ହାଁସଦା, ମାର୍ଶାଲ ଟୁଡୁ, ଖେଲାରାମ ସରେନ, ମେଘରାଏ ଟୁଡୁ ପ୍ରମୁଖ ସାମିଲ ଥିଲେ।

### ଚାଷୀଙ୍କ କାମରେ ଆସୁନି ସୁବର୍ଣ୍ଣରେଖା ପ୍ରକଳ୍ପ

# ସୁବର୍ଣ୍ଣରେଖା କେନାଲରେ ନାହିଁ ପାଣି, ଶୁଖିଲା ପଡ଼ିଛି ଜମି



ମୋରଡା, ୧୪।୪(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ବର୍ଷାଦିନେ ପାଣି ସଂଗ୍ରହ ରଖି ଗ୍ରୀଷ୍ମଋତୁରେ ସେହି ପାଣିକୁ ଚାଷରେ ବ୍ୟବହାର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସରକାର ସୁବର୍ଣ୍ଣରେଖା କେନାଲ ନିର୍ମାଣ କରିଛନ୍ତି। କିନ୍ତୁ ସେହି କେନାଲ ଏବେ ପ୍ରହସନ ପାଲଟିଛି। ଶହ ଶହ କିଲୋମିଟର କେନାଲ ରହିଛି। କିନ୍ତୁ ସେଥିରେ ନାହିଁ ଟୋପାଏ ପାଣି। ଫଳରେ ଖରାଦିନେ ଚାଷୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ହତାଶ ହେଉଛନ୍ତି। ଚାଷକାର୍ଯ୍ୟ ଆଗୋଇ ପାରୁନାହିଁ। ଚାଷକାର୍ଯ୍ୟ ଆରମ୍ଭ ସମୟରେ କାଳବୈଶାଖୀ ଓ ପବନ ଯୋଗୁଁ ମୋରଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନଚାଷ ଓ ଅନ୍ୟାନ୍ୟ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ତେବେ ଖରାଦିନ ଆରମ୍ଭରୁ ଜଳ ଯନ୍ତ୍ରଣା ଓ ଜଳ ଉତ୍ସ ଶୁଖିଯିବା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫସଲ ନଷ୍ଟ ଓ ଧାନ ବିକ୍ରି ନ ହେବା ଯୋଗୁଁ ଚାଷୀ ଆର୍ଥିକ ଅନାଟନ ଦେଇ ଗତି କରୁଛନ୍ତି। ଏତଦବ୍ୟତୀତ ମୟୂରଭଞ୍ଜ ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ନିର୍ମାଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଥିବାବେଳେ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।

# ପ୍ରେରଣା ଉତ୍ସବ ପାଇଁ ପୁରୁଣିଆ ହାଇସ୍କୁଲ ଛାତ୍ର ମନୋନୀତ



ବେତନଟୀ, ୧୪।୪(ସମିସ): ବେତନଟୀ ବ୍ଲକ ଅଧୀନ ପୁରୁଣିଆ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ତ୍ରିଲୋଚନ ନାୟକ ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଶ୍ରେଷ୍ଠ ଛାତ୍ର ଭାବେ ମନୋନୀତ ହୋଇଛନ୍ତି। ତ୍ରିଲୋଚନ ଆସନ୍ତା ମେ ୩୧ରୁ ଜୁନ୍ ୬ ପର୍ଯ୍ୟନ୍ତ ଗୁଜୁରାଟର ଭାଡନଗରସ୍ଥ ପ୍ରସିଦ୍ଧ 'ପ୍ରେରଣା କେନ୍ଦ୍ର' ପରିଦର୍ଶନ କରିବାର ସୁଯୋଗ ଅର୍ଜନ କରିଛନ୍ତି। ଏହି କେନ୍ଦ୍ର ଐତିହାସିକ ମହତ୍ତ୍ୱ ବହନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଛାତ୍ର ଜୀବନ ଆରମ୍ଭ କରିଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଅନୁଭୂତିମୂଳକ ଶିକ୍ଷା, ନେତୃତ୍ୱ ଗଠନ ଓ ପ୍ରେରଣାଦାୟୀ କ୍ରିୟାକଳାପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶକୁ ଗୁରୁତ୍ୱ ଦିଆଯିବ। ତ୍ରିଲୋଚନ ଓଡ଼ିଶାର ପ୍ରତିନିଧିତ୍ୱ କରିବେ, ଯାହା ରାଜ୍ୟ ପାଇଁ ଗର୍ବର ବିଷୟ। ତ୍ରିଲୋଚନଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ଅଞ୍ଚଳର ଅନ୍ୟ ଛାତ୍ରଛାତ୍ରୀଙ୍କୁ ମଧ ପ୍ରେରିତ କରିବ ବୋଲି ଆଶା କରାଯାଉଛି।

## ହଳଦିଆସାହି ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶରତ, ୧୪।୪(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ହଳଦିଆସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିର୍ସାସିଂ ବୁଳିଉଲି ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ପ୍ରଭାକର ଖଟୁଆ ବାର୍ଷିକ ବିବରଣୀ ପାଠ କରିବା ସହିତ ଅତିଥି ପରିଚାଳନା ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ କ୍ରୀଡା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ଅବସ୍ଥା ସୁସ୍ଥ ରହେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃପାସିନ୍ଧୁ ବେହେରା ଯୋଗଦେଇ ଭଲ ପାଠ ପଢ଼ିବା ପାଇଁ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି। ଏହା କେବଳ କ୍ରୀଡା ଦ୍ୱାରା ହିଁ ପରିପୂରଣ ହୋଇପାରିବ। ଶେଷରେ ବିଧାୟକ ବାର୍ଷିକ କ୍ରୀଡ଼ାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁକୁମାରୀ ମହାନ୍ତ, ଶିକ୍ଷକ ରଞ୍ଜନ ପୁହାଣ, ମଟାଇ ବାର୍ଦା, ତୋଫାନ ମହାନ୍ତ, ଲିଙ୍ଗରାଜ ପଧିଆରି, ବିଭୂତି ଭୂଷଣ ବେହେରା ପରିଚାଳନା କରିଥିଲେ।

## ମେଣ୍ଢାଖାଇ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉଦଳା, ୧୪।୪(ସମିସ): ସ୍ଥାନୀୟ ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରଶିକ୍ଷକ ଡଃ ପ୍ରିୟରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ମିନତୀ ମଞ୍ଜରୀ ପଣ୍ଡା, ଗୌର କିଶୋର ବିନ୍ଧାଣୀ, ତାପସ ବେହେରା, ରତିକୃଷ୍ଣ ମଲ୍ଲିକ ଓ ବ୍ରହ୍ମାନନ୍ଦ ନାୟକ ଯୋଗ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ପ୍ରଥମ ପତ୍ରିକା 'କଳିକା ମହକ' ଉନ୍ମୋଚନ କରାଯାଇଥିବାବେଳେ ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାଗ ନେଇ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୪ ଜଣ ପୁରାତନ ଛାତ୍ରଛାତ୍ରୀ ହିମେଶ ମୁଖୀ, ରାଜା ପାତ୍ର, ସମୀକ୍ଷା ମହାନ୍ତି, ଦୀପା ସୋରେନ ଓ ଯୋଗ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ ଓ ଶୁକୁଳି ବ୍ଲକର ଶିକ୍ଷକ ତାପସ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମା'-ଶିଶୁ ସମ୍ପର୍କ ଉପରେ ଆଧାରିତ ସଙ୍ଗୀତମୟ ନାଟକ ଦର୍ଶକଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ପାଇକା ନୃତ୍ୟ, ଯୋଗ ଓ ସ୍ୱୟଂରକ୍ଷା ପ୍ରଦର୍ଶନ ଦ୍ୱାରା ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସବିତା ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ବରାଳ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ବିମଳାମଣି ସେଠୀ, ମନସ୍ୱାନୀ ପାତ୍ର, ସୁମିତ୍ରା ସିଂ, ନମିତା ବେହେରା, ଅଳକା ପରିଡ଼ା, ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅଭିଭାବକ ପରିଚାଳନା କରିଥିଲେ।

## ରାଇରଙ୍ଗପୁର ମହିଳା କଲେଜରେ ରକ୍ତଦାନ ଶିବିର



ରାଇରଙ୍ଗପୁର, ୧୪।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନ ଓ ଅଧ୍ୟାପକ ବିଜୟ ରାମଙ୍କ ସଂଯୋଜନା, ଡାକ୍ତର ସୁଦିବ୍ୟଲୋଚନ ସିଂହଙ୍କ ତତ୍ତ୍ୱାବଧାନରେ ୧୧ ଜଣ ଛାତ୍ରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଲ୍ୟାବ ଟେକ୍ନିସିଆନ୍ ସୁମନ୍ତ ଗିରି, ଦେବବ୍ରତ ଗିରି, ଚିରଞ୍ଜିବୀ ମହାନ୍ତି, ବୁବଲୁ ମାହାଲି ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଅନୀତା ସାମାଡ ଓ ଯୁବ ରେଡକ୍ରସର ନୋଡାଲ ଅଧିକାରୀ ପ୍ରିୟତମା ହେମ୍ବ୍ରମଙ୍କ ମିଳିତ ପରିଚାଳନାରେ ଅଧ୍ୟାପିକା ବିଦ୍ୟାବତୀ ବେହେରା, ରେଣୁକା ମହାନ୍ତ ଓ ଶୁଭଦର୍ଶିନୀ ମିଶ୍ର, ଅଧ୍ୟାପକ ଦଶରଥ ଗୋରାଇ, ରାଜବିଶାଳ ପଟ୍ଟନାୟକଙ୍କ ସହିତ କର୍ମଚାରୀ ଶ୍ୟାମ ମଣ୍ଡଳ, ବବିତା ମହାନ୍ତ, ଏନ୍‌ଏସ୍‌ଏସ୍, ୱାଇଆରସି ସ୍ୱେଚ୍ଛାସେବୀ ଛାତ୍ରୀ ମଞ୍ଜୁଲତା ବାନରା, ଅପରୂପା କାନୁନଗୋ, ସଲମା ଟୁଡୁ, ସରୋଜିନୀ ନାୟକ, ଜମୁନା କିସ୍କୁ, ଅମିତ ଗୋପାଳ, ରିମା ହାଁସଦା ପ୍ରମୁଖ ସହଯୋଗ କରିଥିଲେ।

## ମା' ତାରିଣୀଙ୍କ ଚଇତି ପର୍ବରେ କରଞ୍ଜିଆ ସଙ୍ଗୀତ କଲେଜ ଛାତ୍ରୀଙ୍କ ନୃତ୍ୟ ସେବା



କରଞ୍ଜିଆ, ୧୪।୪(ସମିସ): କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ଚଇତି ପର୍ବ ଅବସରରେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମା' ତାରିଣୀଙ୍କ ପୀଠ ଘଟଗାଁ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହେଉଛି। ମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ମା'ଙ୍କ ନୃତ୍ୟ ସେବା ନିମନ୍ତେ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା। ସକାଳ ୯ ଟାରୁ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ଛାତ୍ରୀମାନେ ମା'ଙ୍କ ଚରଣରେ ଭକ୍ତିମୟ ନୃତ୍ୟ ସେବା ଅର୍ପଣ କରିଥିଲେ। ଗତବର୍ଷ ମଧ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ଏହି ପର୍ବରେ ନୃତ୍ୟ ଅର୍ପଣ କରି ମା'ଙ୍କ କୃପା ଓ ଭକ୍ତଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏବର୍ଷ ମଧ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ନୃତ୍ୟ ଛାତ୍ରୀ ଶାସ୍ତ୍ରୀୟ ନୃତ୍ୟ, ଭଜନ ନୃତ୍ୟ ଓ ନୃତ୍ୟ-ନାଟକ ଭକ୍ତିଭାବରେ ଅର୍ପଣ କରିଥିଲେ। ୪୮ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି କ୍ରମାଗତ ଭାବେ ୧୧ଟି ନୃତ୍ୟ ଓ ୧ଟି ନୃତ୍ୟ-ନାଟକ ଭକ୍ତିମୟ ଭାବେ ଉପସ୍ଥାପନ କରିଥିଲେ। ଏହି ନୃତ୍ୟଗୁଡ଼ିକୁ ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ଓଡିଶୀ ନୃତ୍ୟ ଗୁରୁ ରଞ୍ଜନ ନାଥଶର୍ମା, ଗୁରୁ ଅରବିନ୍ଦ ଦାସ ଓ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ଉତ୍ତର୍ପର୍ଣ୍ଣା ପ୍ରିୟଦର୍ଶିନୀ ବେହେରା। ଉମେଶ ଚନ୍ଦ୍ର ପତି ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ନୃତ୍ୟଗୁରୁ ରଞ୍ଜନ କୁମାର ନାଥଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅନୁଷ୍ଠାନର ଉନ୍ନତିରେ ସ୍ୱର୍ଗତ ଅଧ୍ୟକ୍ଷ ତଥା ଗୁରୁ କରୁଣାକର ଦାଶଙ୍କ ଅବଦାନ ସ୍ମରଣୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଏଆଇ ସମ୍ପର୍କିତ ଆଲୋଚନାଚକ୍ର




ବାରିପଦା, ୧୪।୪(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମସିଏ, ଏମବିଏ ଓ ବିସିଏ ବିଭାଗରେ ୩ଟି ନୂତନ କମ୍ପ୍ୟୁଟର ଲାବ୍ରୋଟୋରୀ ଉଦଘାଟିତ ହେବା ସହ ଏଆଇ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାରିପଦା ବିଧାୟକ ପ୍ରକାଶ ସୋରେନ ଏହାକୁ ଉଦଘାଟନ କରିଥିଲେ। ଏସଟିପିଆଇ, ନିଉଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ଓ ପ୍ରଫେସର ମାନସ ପଟ୍ଟନାୟକ, ଏନଆଇଟି, ରାଉରକେଲାର ଅବସରପ୍ରାପ୍ତ ଡିନ୍ ଶାନ୍ତନୁ ରଥ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମେଜର କଳ୍ପନା ଦାସ, କମିଟି ସଦସ୍ୟ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ କୃତ୍ତିବାସ ସାହୁ, କମିଟି ସଦସ୍ୟ ପୂର୍ବତନ ବିଧାୟକ ଡ ଛତିଶ ଚନ୍ଦ୍ର ଧଳ, ଅବସରପ୍ରାପ୍ତ ଅଧ୍ୟକ୍ଷା ଡ ବନଜା ମହାନ୍ତି, ଡ ଝରଣା ବେହେରା, କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ବେହେରା, ପ୍ରଶାସନିକ ମୁଖ୍ୟ ଡ ପ୍ରିୟବ୍ରତ ବେହେରା, ବିଷୟ ସଂଯୋଜକ ଡ ଅନାମ ଚରଣ ରାଉଳ, ରାଜନୀତି ବିଭାଗର ମୁଖ୍ୟ ଡ ଆଲବେର୍ଟିନା ତିର୍କୀ, ଇତିହାସ ବିଭାଗ ମୁଖ୍ୟ ରାଇମଣି ମାର୍ଣ୍ଡି, ଦର୍ଶନ ବିଭାଗର ମୁଖ୍ୟ ଡ ଦୀପକ କୁମାର ବେହେରା, ବାଣିଜ୍ୟ ବିଭାଗର ମୁଖ୍ୟ ଡ ଆଶୁତୋଷ ପ୍ରୟାସ ଦାଶ, ଅର୍ଥନୀତି ବିଭାଗର ମୁଖ୍ୟ ଡ ଶିଦ୍ଧେଶ୍ୱର ପଣ୍ଡା, ଅଧ୍ୟାପକ ଭୀମଚରଣ ମୁର୍ମୁ, କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ଓ ବହୁ ସଂଖ୍ୟାରେ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଉଦଘାଟନ ପରେ କଲେଜ ସମ୍ମିଳନୀ କକ୍ଷରେ ଏଆଇ ସମ୍ପର୍କିତ ଆଲୋଚନାଚକ୍ର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ପ୍ରଫେସର ବେହେରା ନିଜର ଆଭିମୁଖ୍ୟ ଭାଷଣରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ଗଳ୍ପ ମାଧ୍ୟମରେ ପିଲାଙ୍କୁ ବୁଝାଇଥିଲେ। ବିଭାଗୀୟ ଅତିଥି ଅଧ୍ୟାପକ ଅଜିତ ଦାସ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଶ୍ରୀ ରୂପାଲି ଜେନା ମଞ୍ଚ ପରିଚାଳନା କରିଥିଲେ। ବିଷୟ ସଂଯୋଜକ, ଡ ଅନାମ ଚରଣ ରାଉଳ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ କହିଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଆଲୋଚନାର ବିଷୟବସ୍ତୁ ଉପରେ ବିଶଦ ଭାବେ ବୁଝାଇଥିଲେ। ଡ ଗାୟତ୍ରୀ ଦେ, ରାଜେଶ ରାୟ, ଅନୁଭବ ତ୍ରିପାଠୀ, ବ୍ରଜଗୋପାଳ ଦ୍ୱାରି, ଆଶିଷ ଧଳ, ଲଳିତ ସାହୁ, ପ୍ରଶାନ୍ତ ଧଳ, ମୋନାଲିସା ମଣ୍ଡଳ, ମାନସୀ ପରିଡ଼ା, ସାଇଶ୍ରିତା ମହାନ୍ତି ପ୍ରମୁଖ ବିଭାଗୀୟ ଅତିଥି ଅଧ୍ୟାପକ ଅଧ୍ୟାପିକା ଓ ଅନ୍ୟ ସମସ୍ତ ବର୍ଗର କର୍ମଚାରୀ ଉପସ୍ଥିତ ଥିଲେ। ଅତିଥି ଅଧ୍ୟାପକ ଗୋବର୍ଦ୍ଧନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବିର୍ସା ମୁଣ୍ଡାଙ୍କୁ ଅପମାନ ପ୍ରତିବାଦରେ ୬ ଘଣ୍ଟିଆ ଶରତ ବନ୍ଦ



କପ୍ତିପଦା, ୧୪।୪ (ସମିସ): ଶରତ ବଜାର ନିକଟରେ ଥିବା ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଗତ ୧୦ତାରିଖ ଦିନ କେହି ଦୁର୍ବୃତ୍ତ ଶାଢ଼ୀ ପିନ୍ଧାଇ ଦେଇଥିଲା। ଯାହାର ପ୍ରତିବାଦରେ ଶରତ ଅଞ୍ଚଳରେ ଥିବା ଆଦିବାସୀ ଆଜି ୬ ଘଣ୍ଟା ବନ୍ଦ ପାଳନ କରିବା ସହିତ ଅପରାଧୀକୁ ଚିହ୍ନଟ କରି କଠୋରରୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ବିର୍ସା ମୁଣ୍ଡା ଜଣେ ଆଦିବାସୀ ସମ୍ପ୍ରଦାୟର ହୋଇଥିଲେ ମଧ ଦେଶମାତୃକା ପାଇଁ ଗୋରା ସରକାର ବିରୋଧରେ ସଂଗ୍ରାମ କରି ସହିଦ ହୋଇଥିଲେ। ସାରା ଭାରତରେ ସହିଦ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବାବେଳେ ସେ ଜଣେ ନିର୍ଭିକ ଓ ଦେଶପ୍ରେମୀ। ଭାରତବାସୀଙ୍କ ହକ୍ ପାଇଁ ଇଂରେଜ ବିରୋଧରେ ସଂଗ୍ରାମ କରି ସହିଦ ହୋଇଥିଲେ। ମଙ୍ଗଳବାର ବନ୍ଦ ଯୋଗୁଁ ଶରତ-ଠାକୁରମୁଣ୍ଡା ଓ ଶରତ-ବାରିପଦା ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୂରଦୂରାନ୍ତରୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ସାପ୍ତାହିକ ହାଟ ମଧ ପ୍ରଭାବିତ ହୋଇଥିଲା। ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଜନଜୀବନ ପ୍ରଭାବିତ ହୋଇଥିଲା।

## ବିବି ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

କୁଳିଅଣା, ୧୪।୪(ସମିସ): ବାଇଗଣବାଡିଆସ୍ଥ ବିବି ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡଃ ସଂଯୁକ୍ତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏପ୍ରିଲ ୧ ତାରିଖରେ ଉତ୍କଳ ଦିବସ ପାଳନ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୩ ତାରିଖରେ ଓଡ଼ିଆ ପାରମ୍ପରିକ ପୋଷାକ, ଓଡ଼ିଆ ଖାଦ୍ୟ ଦିବସ, ୫ ତାରିଖରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କଲେଜ ପରିସରରୁ ଏକ ରାଲି ବାହାରି ନିକଟସ୍ଥ ଐତିହ ପୀଠ ଧୂନି ମଠ ପରିଭ୍ରମଣ କରାଯାଇଥିଲା। ୬ ତାରିଖ ଦିନରେ କଲେଜ ପରିସର ତଥା ଧୂନି ମଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୮ ତାରିଖରେ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାରରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ରକ୍ତଦାନ କରାଯାଇଥିଲା। ୯ ତାରିଖରେ 'ଆସ ବହିଟିଏ କିଣିବା' ଦିବସ ଅବସରରେ ୧୨ଟି ନୂତନ ଓଡ଼ିଆ ବହି ଗ୍ରନ୍ଥାଗାର ପକ୍ଷରୁ କ୍ରୟ କରାଯାଇଥିଲା। ୧୩ ତାରିଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଓଡ଼ିଆ ଭାଷା ପ୍ରତି ଅବଦାନ ସମ୍ପର୍କିତ ଆଲୋଚନା ସଭାରେ ମୁଖ୍ୟବକ୍ତା ରୂପେ ଇତିହାସ ବିଭାଗ ଅଧ୍ୟାପକ ଶୁଭ୍ରାଂଶୁ ଗିରି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମଧୁବାବୁଙ୍କ ସଂଗ୍ରାମୀ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ୧୪ ତାରିଖରେ ଓଡ଼ିଆ ନୂତନ ବର୍ଷକୁ ସ୍ୱାଗତ ଜଣାଇ କଲେଜ ପରିସରରେ ପଣା ପ୍ରସ୍ତୁତ ହୋଇ ସମସ୍ତଙ୍କ ଭିତରେ ବଣ୍ଟନ କରାଯାଇଥିଲା। ଏହି ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦେଶର ପ୍ରଥମ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ଲୋକାର୍ପିତ



ବାରିପଦା, ୧୪।୪(ସମିସ): ବାରିପଦା ପୌରପାଳିକା ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ନିକଟରେ ନିର୍ମିତ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ଲୋକାର୍ପିତ ହୋଇଛି। ଏହା ଦେଶର ପ୍ରଥମ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ହୋଇଥିବାବେଳେ ସୋମବାର ସନ୍ଧ୍ୟାରେ ଗୁରୁଜୀ ଡ ଚନ୍ଦ୍ରଭାନୁ ଶତପଥୀ ଲୋକାର୍ପଣ କରିଛନ୍ତି। ଉକ୍ତ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ଗୁରୁ ପରମ୍ପରା ସମ୍ପର୍କିତ ସ୍ମାରକ ଅଟେ।

ଗୁରୁଜୀ ଦୁଇଦିନିଆ ବାରିପଦା ଗସ୍ତ ଅବସରରେ ବାରିପଦାସ୍ଥ ସାଇ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଭଗବତ୍ ଟୁଙ୍ଗି ପରିଦର୍ଶନ କରିଥିଲେ। ପରେ ବାରିପଦା ପୌରପାଳିକା ଦ୍ୱାରା ନିର୍ମିତ ଏହି ସ୍ତମ୍ଭକୁ ଲୋକାର୍ପଣ କରିଥିଲେ। ବାରିପଦା ପୌରପାଳିକା ଉପନଗରପାଳ ସୀମା ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଗବତ ପ୍ରଚାରକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ, ସୁନାମଧନ୍ୟ ଲେଖକ ତଥା ମାନବବାଦିତା ଉପାସକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ନବାକ୍ଷରୀ ଛନ୍ଦରେ ରଚିତ ଶ୍ରୀଗୁରୁ ଭାଗବତ କାବ୍ୟ ଗ୍ରନ୍ଥ ଓଡିଆ ସାହିତ୍ୟ ଜଗତର ଏକ ଅନନ୍ୟ ସୃଷ୍ଟି ଅଟେ। ମୂଳତଃ ଓଡ଼ିଆ ଭାଷାରେ ରଚିତ ଏହି ଗ୍ରନ୍ଥ ବର୍ତ୍ତମାନ ସୁଦ୍ଧା ୯ ଖଣ୍ଡରେ ପ୍ରକାଶିତ ଓ ଏହା ୪୦, ୦୦୦ରୁ ଅଧିକ ଧାଡି ବିଶିଷ୍ଟ ଅଟେ। ଏହା ଇଂରାଜୀ, ହିନ୍ଦୀ ଓ ସାନ୍ତାଳୀ ସହ ୨୪ଟି ଆଞ୍ଚଳିକ ଭାରତୀୟ ଭାଷାରେ ଉପଲବ୍ଧ ହୋଇଛି। ୨୦୦୧ କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଶ୍ରୀଗୁରୁ ଭାଗବତର ପ୍ରଥମ ଚାରି ଧାଡି ଗୁରୁଜୀଙ୍କ କଲମରୁ ସ୍ୱତଃପ୍ରବୃତ୍ତ ଭାବେ ଝରି ଆସିଥିଲା। ଏହି ଗ୍ରନ୍ଥରେ ଗୁରୁ ପରମ୍ପରାର ମୂଳ ବୈଶିଷ୍ଟ୍ୟ ସହିତ ଗୁରୁଭକ୍ତି ପରମ୍ପରାର ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି।

ଏହି ଗ୍ରନ୍ଥ ମାନବ ଜୀବନର ଅମୂଲ୍ୟ ଦୃଷ୍ଟିକୋଣ, ଶ୍ରୀଗୁରୁଙ୍କ ମହାନତା, ଗୁରୁ ସେବାର ମହତ୍ତ୍ୱ, ଅନ୍ଧବିଶ୍ୱାସ, ପାରିବାରିକ ସଂଗଠନ, ଶ୍ରୀଗୁରୁଙ୍କ ବିଭିନ୍ନ ସ୍ତର, ଗୁରୁ ଶିଷ୍ୟଙ୍କ ସମ୍ବନ୍ଧ, ବିଭିନ୍ନ ପ୍ରକାର ଶିଷ୍ୟ, ପିତୃମାତୃ ସେବା ଆଦି ସନ୍ନିବେଷିତ ରହିଛି। ଉକ୍ତ ସ୍ମୃତିରେ ସ୍ତମ୍ଭ ସ୍ଥାପନ କରାଯାଇଛି। ଗୁରୁଜୀ ଏପରି ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ମୃତି ସ୍ତମ୍ଭ ବାରିପଦାରେ ପ୍ରତିଷ୍ଠା ହେବା ସହର ପାଇଁ ଗର୍ବର ବିଷୟ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି। ଏହି ଅବସରରେ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁଜୀଙ୍କ ଉପସ୍ଥିତି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଅନେକ ଜନସାଧାରଣ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିହାର ସରକାରଙ୍କ ପ୍ରମୁଖ ଶାସନ ସଚିବ ଅରବିନ୍ଦ ଚୌଧୁରୀ, ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜସ୍ୱ ବୋର୍ଡ଼ର ସଦସ୍ୟ ସତ୍ୟବ୍ରତ ସାହୁ, ମେଜର ଚଣ୍ଡୀ ପ୍ରସାଦ ମହାନ୍ତି, ୟୁପିଏସିର ପୂର୍ବତନ ସଚିବ ରାଜୀବ ଯୋଶୀ, ଅରୁଣ କୁମାର, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ସମସ୍ତ ୱାର୍ଡ କାଉନସିଲର ସମେତ ଆମେରିକା, ଦିଲ୍ଲୀ, ଉତ୍ତରାଖଣ୍ଡରୁ ଆସିଥିବା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ବାରିପଦାର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ଓ ଡ ଭୀମରାଓ ଆମ୍ବେଦକର ଜୟନ୍ତୀ

## ଜିଲ୍ଲା ପ୍ରଶାସନ-ଆମ୍ବେଦକର ମେମୋରିଆଲ ଫାଉଣ୍ଡେସନ



ଢେଙ୍କାନାଳ,୧୪।୪(ସମିସ): ଭାରତରତ୍ନ ଡଃ ବିଆର ଆମ୍ବେଦକର ଓ ସମର କବି ବ୍ରଜନାଥ ବଡଜେନାଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହେଇଯାଇଛି। ପ୍ରଥମେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଭାରତରତ୍ନ ଡଃ ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବୁଦ୍ଧିଜୀବୀ, ଲୋକ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ପ୍ରଶାସନ ଓ ଆମ୍ବେଦକର ମେମୋରିଆଲ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଇଥିଲା।

## ଆମ ଆଦମୀ ପାର୍ଟି

ଆମ ଆଦମୀ ପାର୍ଟି ପକ୍ଷରୁ ଭାରତୀୟ ସମ୍ବିଧାନ ନିର୍ମାତା ଭାରତରତ୍ନ ଡଃ ବିଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଏବଂ ଓଡ଼ିଆ ନୂଆ ବର୍ଷ ଦିବସ ପାଳନ କରାଯାଇଛି। ଜିଲ୍ଲା କାର୍ଯ୍ୟାଳୟଠାରେ ଏକ ଆଲୋଚନାଚକ୍ରରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ କହିଥିଲେ, ବାବାସାହେବ ଥିଲେ ସାମାଜିକ ନ୍ୟାୟର ମଶାଲବାହକ। ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଆମ୍ବେଦକରଙ୍କ 'ଶିକ୍ଷିତ ହୁଅ, ସଙ୍ଗଠିତ ହୁଅ, ସଂଘର୍ଷ କର' ସତ୍ୟତାକୁ ଉଲ୍ଲେଖ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ସାମଲ, ଜିଲ୍ଲା ଯୁବ ସଭାପତି ଇଂ ସ୍ୱାଗତ ସଂଗ୍ରାମ ସିଂହ, ସଦର ନିର୍ବାଚନମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସ, ନଗର ଯୁବ ସଭାପତି ଜାଫର ଖାନ, ଓଡାପଡା ବ୍ଲକ ସଭାପତି ଇଂ ପିତାମ୍ବର ଦାସ, ଜୟଦେବ ବେହେରା, ସୋମନାଥ ଦାସ, ଯୁଧିଷ୍ଠିର ଦାସ, ମିଟୁ ମହାପାତ୍ର, ଚିନ୍ମୟ ସେନାପତି, ଦେବାଶିଷ ନାଏକ, ଅମିତ କୁମାର, ଅଭିମନ୍ୟୁ ନାଏକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସକାଳ ୧୧ଟା ବେଳେ ଦଳ କାର୍ଯ୍ୟାଳୟ ସମ୍ମୁଖରେ ପଥଚାରୀଙ୍କୁ ପଣା ପରସା ଯାଇଥିଲା।

## ଠାକୁର କେଶବଚନ୍ଦ୍ରଙ୍କ ନଗର ପରିକ୍ରମା



ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ହରିପୁର ଶ୍ରୀ ପାଦୁକା ଗୃହରୁ ପ୍ରଭୁ ଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ରଙ୍କର ବିଗ୍ରହକୁ ସୁସଜ୍ଜିତ କରି ଅନନ୍ତ ଯୁଗର ମହାମନ୍ତ୍ର ମାଧ୍ୟମରେ ଈଶ୍ୱରୀୟ ସହଭାବନା ସଙ୍ଘ ତରଫରୁ ପଦବ୍ରଜରେ ନଗର ପରିକ୍ରମା କରାଯାଇଥିଲା। ହରିଦ୍ରାବର୍ଣ୍ଣ ସୁଶୋଭିତ ଭକ୍ତଗଣ ହରେ କୃଷ୍ଣ ହରେ କୃଷ୍ଣ କେଶବ କେଶବ କୃଷ୍ଣ କୃଷ୍ଣ, ହରେ ରାମ ହରେ ରାମ କେଶବ କେଶବ ରାମ ରାମ ମହାମନ୍ତ୍ର ଗାନ କରି ହରିପୁର ଗ୍ରାମ ଦେବତୀ ମା ଅନ୍ଧାରୀଙ୍କ ପୀଠସ୍ଥଳୀ, ହରିପୁରସ୍ଥ ଓ ଶାନ୍ତି ଆଶ୍ରମ, ମା ଲକ୍ଷ୍ମୀ ଦେବୀଙ୍କ ମନ୍ଦିର, ମା ବାଉତୀଦେବୀଙ୍କ ପୀଠସ୍ଥଳୀରେ ପ୍ରଭୁଙ୍କୁ ବିଜେ କରାଇ ଆଳତୀ ବନ୍ଦନା କରିଥିଲେ। ଗ୍ରାମବାସୀଗଣ ଗ୍ରାମଦାଣ୍ଡକୁ ଗୋମୟରେ ଲିପି ଭାବଭକ୍ତିର ସହ ଦ୍ୱାରେ ଦ୍ୱାରେ ପ୍ରଭୁଙ୍କର ବନ୍ଦାପନା କରିଥିଲେ। ଓଁ ଶାନ୍ତି ଆଶ୍ରମ ଓ ମା' ଲକ୍ଷ୍ମୀଙ୍କ ମନ୍ଦିର ଟ୍ରଷ୍ଟ ତରଫରୁ ଭକ୍ତଗଣଙ୍କ ନିମନ୍ତେ ଜଳପାନ ଓ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

## ଟାଟାଷ୍ଟିଲ୍




ଟାଟାଷ୍ଟିଲ ମେରାମଣ୍ଡଳୀ ଟିଏସଏମ ପକ୍ଷରୁ ଓଡ଼ିଆ ନବ ବର୍ଷ ତଥା ମହାବିଷୁବ ସଙ୍କ୍ରାନ୍ତି ପାଳିତ ହୋଇଯାଇଛି। ଟିଏସଏମ୍ ପ୍ଲାଣ୍ଟ ଆଖପାଖ ଗ୍ରାମାଞ୍ଚଳର ଜନସାଧାରଣ, ମହିଳା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏକ ଭବ୍ୟ ସାଂସ୍କୃତିକ ଉତ୍ସବରେ ଓଡାପଡା ବିଡିଓ ଦିଲ୍ଲୀପ କୁମାର ଷଡଙ୍ଗୀ ମୁଖ୍ୟଅତିଥି, ବିଶିଷ୍ଟ ଓଡିଆ ଲେଖିକା ପୁଷ୍ପଲତା ରଥ ମୁଖ୍ୟବକ୍ତା ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ କର୍ପୋରେଟ ସର୍ଭିସେସ ଚିଫ ଶୁଭ୍ରାଂଶୁ ଶେଖର ପଣ୍ଡା, ମାନବ ସମ୍ବଳ ବିଭାଗ ମୁଖ୍ୟ ସଚ୍ଚିଦାନନ୍ଦ ରାଉତ, ପ୍ରଶାସନ ବିଭାଗ ମୁଖ୍ୟ ଅନୁଜ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଞ୍ଚପଡା ସରପଞ୍ଚ ଶୈଳେନ୍ଦ୍ରୀ ଅମାନ୍ତ, କୁଶୁପଙ୍ଗା ସରପଞ୍ଚ ଅନିତା ନାୟକ ଓ ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ, ଲୋକ ସଙ୍ଗୀତ ଏବଂ ସଙ୍କୀର୍ତ୍ତନ ଆଦି ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ଏବଂ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ଝୋଟି, ପିଠା ପ୍ରସ୍ତୁତି, ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲିଖନ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବିଜୁ ଜନତା ଦଳ



ଓଡ଼ିଆ ନବ ବର୍ଷ, ମହାବିଷୁବ ସଂକ୍ରାନ୍ତି, ସମ୍ବିଧାନ ପ୍ରଣେତା ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ବିଜୁ ଜନତା ଦଳ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଢେଙ୍କାନାଳ ବିଜେଡି ଯୁବ ନଗର ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଉପନଗରପାଳ ପ୍ରକାଶଚନ୍ଦ୍ର କୁଅଁର, ବିଜେଡି ଜିଲା ଉପସଭାପତି ଅଜୟ କୁମାର ଭଞ୍ଜ, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସ, ବିଜେଡି ଢେଙ୍କାନାଳ ଟାଉନ ସଭାପତି ବିନୋଦ ମହାନ୍ତି, କାଉନସିଲର ବଂଶୀଧର ଦଲେଇ, ସାଗିର ମହମ୍ମଦ, ଦୀପ୍ତିରଞ୍ଜନ ସେଠୀ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଗଣେଶ ବଜାର ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଦକରଙ୍କ ପ୍ରତମୂର୍ତ୍ତିରେ ମଲ୍ୟାର୍ପଣ କରିଥିଲେ। ପରେ ସହର ମଧ୍ୟରେ ଥିବା ସମସ୍ତ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ କାଉନସିଲର ଜ୍ଞାନଚାନ୍ଦ ମିଶ୍ର, ବିଜେଡି ଜିଲ୍ଲା ସମ୍ପାଦକ ରଞ୍ଜନ ନାୟକ, ମାନସ ମହାରଣା, ସାଜା ଖାଁ, ସାମାଜିକ ଗଣମାଧ୍ୟମ ସଂଯୋଜକ ଗଙ୍ଗାଧର ରାଉତ, ବିମଳ ନାୟକ, ଆନନ୍ଦ କର, ଜ୍ୟୋସ୍ନାରାଣୀ ମଣ୍ଡଳ, ସାନ୍ତନୁ ବେହେରା, ପ୍ରଭାତ ସାହୁ, ପ୍ରଦୀପ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ହନୁମାନଜୀଉଙ୍କ ଜୟନ୍ତୀ ଉତ୍ସବ

କାରିଗର ସାହିସ୍ଥିତ ୪୨ତମ ଶ୍ରୀ ଶ୍ରୀ ମହାବୀରଜୀଉଙ୍କ ଜୟନ୍ତୀ ଉତ୍ସବ ଓ ପଣାସଙ୍କ୍ରାନ୍ତି ଅବସରରେ ଶ୍ରୀ ହନୁମାନଜୀଉଙ୍କର ମଙ୍ଗଳ ଆଳତି ଓ ମାଜଣା କରାଯାଇଥିଲା। ମନ୍ଦିର ପୂଜକ ବିଭୁତି ଭୂଷଣ ପଣ୍ଡା ଓ ଯଜ୍ଞ ପୂଜକ ଆଚାର୍ଯ୍ୟ ଦିବାକର ମିଶ୍ର, କର୍ତ୍ତା ଉମାକାନ୍ତ ସାମଲ ଓ ଭାଗ୍ୟଶ୍ରୀ ସାମଲ ପ୍ରମୁଖ ପୂଜାକୁ



ସମ୍ପାଦନ କରିଥିଲେ। ମନ୍ଦିର ସଭାପତି ରଶ୍ମିକାନ୍ତ ସାମଲ, ସମ୍ପାଦକ ଯଦୁନାଥ ସାହୁ ଓ ସାହିର ଅନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

ସେହିପରି ସଦର ବ୍ଲକ୍ ହଳଦିବାରୀ ଗ୍ରାମରେ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ୧୮ ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ମଧ୍ୟାହ୍ନ ସମୟରେ ୫୦୦ରୁ ଉଦ୍ଧ୍ୱର୍ ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ମନ୍ଦିର ପୂଜକ ଅରୁଣ ଦାଶ, ଯଜ୍ଞ ପୂଜକ ଅମିତ ଦାଶ ଓ ଜ୍ୟୋତିରଞ୍ଜନ ଦାଶ, କର୍ତ୍ତା ମହେଶ ସାହୁ ଓ ସ୍ନେହଲତା ରାଉତ ସମସ୍ତ ପୂଜାକୁ ସମ୍ପାଦନ କରିଥିଲେ। ସଭାପତି ହୃଦାନନ୍ଦ ବିଶ୍ୱାଳ, ସଭ୍ୟ ପଞ୍ଚାନନ ମଲ୍ଲିକ, କୃତିଚନ୍ଦ୍ର ବିଶ୍ୱାଳ, ନରୋତମ ସାହୁ, ମଙ୍ଗୁଲୁ ଚରଣ ପଧାନ, କୁମୁଦିନି ବିଶ୍ୱାଳ, ବିଭୁଷଣ ବିଶ୍ୱାଳ ଓ ନିରଞ୍ଜନ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତା ଏହି ପୂଜାକୁ ସହଯୋଗ କରିଥିଲେ। ହଳଦିବାରୀ ଗ୍ରାମ ତଥା ଆଖପାଖର ବହୁ ଭକ୍ତ ହନୁମାନଜୀଉଙ୍କ ବିଭୁକୃପା ଲାଭ କରିଥିଲେ।

## ସଙ୍କଟମୋଚନଙ୍କ ନାଗାର୍ଜୁନ ବେଶ



ଜାଉଁଳି ପୋଖରୀ ମଠରେ ପଣା ସଙ୍କ୍ରାନ୍ତି ଉପଲକ୍ଷେ ଶ୍ରୀଶ୍ରୀ ସଙ୍କଟ ମୋଚନ ହନୁମାନଙ୍କ ମନ୍ଦିର ପରିସରରେ ହନୁମାନ ଜୟନ୍ତୀ ମହାସମାରୋହରେ ସଙ୍କଟମୋଚନଙ୍କ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଭକ୍ତମାନେ ମଠ ଭୋଗ ମଣ୍ଡପରେ ପ୍ରସାଦସେବନ କରିଥିଲେ। ଯଜ୍ଞ ପୂଜକ ଆଚାର୍ଯ୍ୟ ଅମରେନ୍ଦ୍ର ନନ୍ଦଶର୍ମା, କର୍ତ୍ତା ଶିବପ୍ରସାଦ ଦାସ, ଯାଉଁଳି ପୋଖରୀ ମଠର ମହନ୍ତ ମହାରାଜ ବ୍ରହ୍ମାନନ୍ଦ ଦାସଜୀ ମହାରାଜ, ପ୍ରଭୁପାଦ ଦାଶଜୀ ମହାରାଜ ପ୍ରମୁଖ ପୂଜା କାର୍ଯ୍ୟକୁ ସମ୍ପାଦନ କରିଥିଲେ।

## ଆମ୍ବେଦକର ମେମୋରିଆଲ ସୋସାଇଟି



ଜିଲ୍ଲା ଆମ୍ବେଦକର ମେମୋରିଆଲ ସୋସାଇଟି ତରଫରୁ ଭାରତରତ୍ନ ଡଃ ବି ଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହଠାରେ ସୋସାଇଟି ଅଧ୍ୟକ୍ଷ କୈଳାସଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଓ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମାଜସବେୀ ରାମଚନ୍ଦ୍ର ପାତ୍ର, ସମ୍ପାଦକ ବନମାଳି ମଲ୍ଲିକ, ଜିଲ୍ଲା ଦଳିତ ମହାସଙ୍ଗର ସଭାପତି ପ୍ରହଲ୍ଲାଦ ନାଏକ, ଅଧ୍ୟାପକ ତୁଳାରାମ ନାଏକ, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, କବୟିତ୍ରୀ ଡଃ ପୁଷ୍ପଲତା ରଥ, ବିଜୟ ବିଶ୍ୱାଳ, ଅଧ୍ୟାପକ ରଘୁନାଥ ନାଏକ, ଦଳିତ ମହାସଙ୍ଘ ସାଧାରଣ ସମ୍ପାଦିକା ତଥା ଜିଲ୍ଲାପରିଷଦ ସଭ୍ୟା ଆଇନ୍‌ଜୀବୀ ମମତାଞ୍ଜଳି ନାଏକ, ଡଃ ପ୍ରମୋଦ ନାୟକ, ସମାଜସେବୀ ରଞ୍ଜନ ନାୟକ, ସାନ୍ଧ୍ୟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ସମୀର ସାହୁ, ଯୁଗଳ କିଶୋର ନାଏକ, ସଂଘ ପରିଚାଳକ ବାସୁଦେବ ସାହୁ, ଆଇନଜୀବୀ ସାଇ କମଳିନୀ ପୃଷ୍ଟି, କବୟିତ୍ରୀ ନିବେଦିତା ରଥ, ରଜ୍ୟ କଳିଙ୍ଗ ପାଇକ ସଙ୍ଗ ସଭାପତି ରତିକାନ୍ତ ଗଡନାୟକ, ନିରାକାର ମଲ୍ଲିକ, ଧ୍ରୁବଚରଣ ନାଏକ, ସମାଜସେବୀ ସରୋଜ ଶତପଥୀ, ୮ ନଂ ୱାର୍ଡର କାଉନ୍‌ସିଲର ପ୍ରତାପ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଜିଲ୍ଲା କଂଗ୍ରେସ



ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀମାନେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ବାବା ସାହେବ ଡଃ ବି ଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ କରିଛନ୍ତି। ଜିଲ୍ଲାପାଳ ଅଫିସ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାନ୍ଧୀ ମନ୍ଦିର ଆସି ବାବା ସାହେବ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ଆଲୋଚନାଚକ୍ରରେ ଜିଲ୍ଲାର ଉପସଭାପତି ବିନୟ ସାହୁ, ସରୋଜ ଶତପଥୀ, ଟାଉନ ସଭାପତି ବିକାଶ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ରବିନାରାୟଣ ମହାନ୍ତି, ରୁଦ୍ରପ୍ରକାଶ ସରଣ, ନାରିନେତ୍ରୀ ସ୍ମିତାରାଣି ସାମଲ, ରୁମେନା ବେଗମ, କାମାକ୍ଷାନଗର ବ୍ଲକ ସଭାପତି ବିପ୍ରବର ସାହୁ, ସମ୍ପାଦକ ନୁରୁଲ ଇସଲାମ ପ୍ରମୁଖ ଯୋଗଦାନ କରିଥିଲେ।

## ଶ୍ୟାମଳୀ ପୀଠରେ ହୋମଯଜ୍ଞ

ଗଁଦିଆ: ପ୍ରସିଦ୍ଧ ଶୈବପୀଠ କପିଳାସର ପାଦଦେଶ ଶ୍ୟାମଳୀଠାରେ ପୂଜା ପାଉଥିବା ମା' ତାରିଣୀଙ୍କର ପଣା ସଙ୍କ୍ରାନ୍ତିରେ ହୋମଯଜ୍ଞ ହେଇଥିଲା। ପୀଠର ପୂଜକ ରତ୍ନାକର ଦାସ ଏବଂ ମା'ତାରିଣୀ ଶାନ୍ତି ପୀଠ କମିଟିର ମୁଖ୍ୟ ଦେବରାଜ ମହାନ୍ତିଙ୍କ ସହଯୋଗରେ ପୂଜା ସରିବା ପରେ ପଣା ଭୋଗ ଲାଗି ହୋଇ ବଣ୍ଟନ କରାଯାଇଥିଲା। ପରେ ଅନ୍ନପ୍ରସାଦ ଭୋଗ କରାଯାଇଥିଲା। ଆଖପାଖରୁ ବହୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ସ୍ଥାନୀୟ ସରପଞ୍ଚ ବିଜୟ ଦେହୁରୀ, ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉ ୟୁଥ କ୍ଲବ ସଭାପତି ପ୍ରହଲ୍ଲାଦ ମହାନ୍ତି, ସମ୍ବିତ୍ ପତି, ପ୍ରତାପ ପତି ଯୋଗଦାନ କରିଥିଲେ। କମିଟିର ସଦସ୍ୟ ଅଭୟ ପଟ୍ଟନାୟକ, ବିଜୟ ସାହୁ, ଅମିତ ମହାନ୍ତି, ଅବିନାଶ ଭଞ୍ଜ, ପି ରାଜେଶ୍ ଦୋରା, ଅରବିନ୍ଦ ମହାନ୍ତି, ରାଜେଶ ବାରିକ ପରିଚାଳନା କରିଥିଲେ। ସେହିପରି ଅନନ୍ୟ ସଂସ୍କୃତି ସଂପନ୍ନ ଗ୍ରାମ ଗଡଖଙ୍କିରାରେ ଶ୍ରୀହନୁମାନ ଜୟନ୍ତୀ ଓ ମହାବିଷୁବ ପଣାସଂକ୍ରାନ୍ତି ଗ୍ରାମବାସୀଙ୍କ ମିଳିତ ଉଦ୍ୟମକ୍ରମେ ପାଳିତ ହୋଇଯାଇଛି।

## ହିନ୍ଦୋଳ ବିଜେଡି

ଖଜୁରିଆକଟା: ହିନ୍ଦୋଳ ବିଜେଡି ପକ୍ଷରୁ ହିନ୍ଦୋଳ ବିଧାୟକ ପ୍ରାର୍ଥୀ ପୂର୍ବତନ ସାଂସଦ ମହେଶ ସାହୁଙ୍କ ଆହ୍ୱାନକ୍ରମେ ବିଜୁଜନତାଦଳ ହିନ୍ଦୋଳ ତରଫରୁ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ହିନ୍ଦୋଳ ଏନଏସିସ୍ଥିତ ବସଷ୍ଟାଣ୍ଡ ଛକରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବାବା ସାହେବଙ୍କ ସ୍ମୃତି



ଚାରଣ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଓଡାପଡା ବ୍ଲକ ବିଜେଡି ସଭାପତି ଯତି ନାୟକ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ହିନ୍ଦୋଳ ଏନଏସି ବିଜେଡି ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଦାସ, ହିନ୍ଦୋଳ ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ନାରୀନେତ୍ରୀ ତଥା କାଉନସିଲର ଅନୁପମା ସାହୁ, କାଉନସିଲର ବନିତା ଦାଶ, ରିତାରାଣୀ ବେହେରା, ଜିଲ୍ଲା ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ବିଜେଡି ନେତା ବିଜୟ ବେହେରା, ରମେଶ ସାହୁ, ଚିନ୍ମୟ ଦାସ, ପ୍ରଶାନ୍ତ ନାୟକ ପ୍ରମୁଖଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ହିନ୍ଦୋଳ ଭୀମଆର୍ମି ପକ୍ଷରୁ ମଧ୍ୟ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି।

## ପାରିମାଳ ୟୁଥ ଫୋରମ୍

ପଣ୍ଡୁଆ: କାମାକ୍ଷା ଉପଖଣ୍ଡ ପାରିମାଳ ଅଞ୍ଚଳରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାରିମାଳ ୟୁଥ ଫୋରମ ତରଫରୁ ପଣା ସଙ୍କାନ୍ତି ପାଳନ କରଯାଇଛି। ୪୦୦ ସଦସ୍ୟ ବିଶିଷ୍ଟ ପାରିମାଳ ୟୁଥ ଫୋରମର ସକ୍ରିୟ ସଦସ୍ୟ ମଳୟ ସାହୁ, ଅଶ୍ୱିନୀ ପରିଡା, ଲକ୍ଷ୍ମୀଧର ସାହୁ, ସୁନୀଲ ମିଶ୍ର, ଚିନ୍ମୟ ପରିଡା, ପର୍ଶୁରାମ ମହାଭୋଇଙ୍କ ପ୍ରଚେଷ୍ଟାରେ ୩୦୦୦ ଗ୍ଲାସ ପଣା ସହ ଟଙ୍କ ତୋରାଣି ସକାଳ ୧୦ଟାରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ବଣ୍ଟନ କରାଯାଇଥିଲା। ପଣ୍ଡୁଆ ବଜାର କମିଟି ସଭାପତି ହ୍ରଦାନନ୍ଦ ପରିଡା ଓ ବ୍ୟବସାୟୀଙ୍କ ସହଯୋଗରେ ପରିଚାଳିତ କାର୍ଯ୍ୟକ୍ରମରେ ସଦସ୍ୟ ସମାଜସେବୀ ଓ ଯୁବନେତା ପର୍ଶୁରାମ ମହାଭୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ବାର୍ଷିକ ହନୁମାନ ଜୟନ୍ତୀ

କଙ୍କଡ଼ାହାଡ଼: କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କଙ୍କଡାହାଡ ଗ୍ରାମସ୍ଥିତ ଗାନ୍ଧୀ ଛକଠାରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ସଙ୍କୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ପଣ୍ଡିତଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ଓ ପୂଜା କାର୍ଯ୍ୟ ସମାପନ ହୋଇଥିଲା। ମହାବିଷୁବ ପଣା ସଙ୍କ୍ରାନ୍ତି, ଓଡିଆ ନବବର୍ଷ ଓ ମହାବୀର ଜୟନ୍ତୀ, ଝାମୁଯାତ୍ରା, ମେରୁ ଯାତ୍ରା ଆଦି ବିଭିନ୍ନ ସ୍ଥାନରେ ପାଳନ ହେଉଛି। କଙ୍କଡାହାଡ ଗାନ୍ଧୀ ଛକଠାରେ ବଜାର କମିଟି ଓ ହନୁମାନ ଜୟନ୍ତୀ କମିଟିର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ପ୍ରଥମ ବାର୍ଷିକ ହନୁମାନ ଜୟନ୍ତୀ ପାଳନ ହୋଇଥିଲା। ରାତ୍ରି ସମୟରେ ଅନୁଷ୍ଠାନ ପକ୍ଷରୁ ସତ୍ୟ ନାରାୟଣ ପାଲାର କାର୍ଯ୍ୟକ୍ରମ ରହିଛି। ଭକ୍ତଙ୍କ ପାଇଁ ପଣା ଓ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା।

## ଭୁବନ ବିଜେଡି




ଭୁବନ: ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଡ଼ଃ ଭୀମରାଓ ଆମ୍ବେକରଙ୍କ ଜୟନ୍ତୀ ପାଳନ କରାଯାଇଛି। ଗୌତମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସିର ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭୂବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଜୁ ଜନତା ଦଳର ପୂର୍ବତନ ଏନ୍‌ଏସି ସଭାପତି ନରେନ୍ଦ୍ର ସାହୁ, ଅଧିବକ୍ତା ଶ୍ରୀକାନ୍ତ ସାହୁ, ଅଜୟ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୁ ଜନତା ଦଳର ବହୁ ଯୁବକ ଉପସ୍ଥିତ ଥିଲେ। ସଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷକ ସାରଙ୍ଗଧର ମିଶ୍ରଙ୍କ ସ୍ମୃତିସଭା

ଗଁଦିଆ, ୧୪।୪(ସମିସ): କୁଞ୍ଜକାନ୍ତ ମନୋରମା ନିଳୟରେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ସାରଙ୍ଗଧର ମିଶ୍ରଙ୍କ ଦ୍ୱାଦଶାହରେ ପରିବାର ପକ୍ଷରୁ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କବି ବିପିନ ବିହାରୀ ଶତପଥୀ ସଞ୍ଚୋଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ତଥା ବିଶିଷ୍ଟ ସାହିତ୍ୟିକ କବି ଲେଖକ ଭିକାରୀ ଚରଣ ରାଉତ,



ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଆଡଭୋକେଟ ଦିପ୍ତିଶ କୁମାର ପଟ୍ଟନାୟକ, ସ୍ୱର୍ଗତ ମିଶ୍ରଙ୍କ ଶୁଭେଚ୍ଛୁ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କବି ଲେଖକ ଡଃ ଦେବୀପ୍ରସାଦ ମିଶ୍ର, ଜିଲ୍ଲା ଲେଖକ ସଂସଦ ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ସ୍ୱର୍ଗତ ମିଶ୍ରଙ୍କ ସହକର୍ମୀ ନନ୍ଦକିଶୋର ସାହୁ, କବି ଗୋଲକ ବିହାରୀ ବେହେରା, ସାମ୍ବାଦିକ ଶିଶିର କୁମାର ଶତପଥୀ, ସ୍ୱର୍ଗତ ମିଶ୍ରଙ୍କ ଛାତ୍ର ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡିଶାର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ, ଛାତ୍ର ଅଜୟ ସାମନ୍ତ, କବୟିତ୍ରୀ ଜ୍ୟୋତିର୍ମୟୀ ନାଥ, ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ସହିତ ଅନେକ ଶୁଭେଚ୍ଛୁ ଯୋଗ ଦେଇଥିଲେ। ସ୍ୱର୍ଗତ ମିଶ୍ରଙ୍କ ପୁତ୍ର, ନାତୁଣୀ ସନ୍ଦର୍ଭ ପାଠ କରିଥିଲେ। ଝିଅ ଜ୍ୱାଇଁ ସ୍ମୃତିଚାରଣ କରିଥିଲେ। ପୁତ୍ର ମହେଶ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଙ୍କ୍ରମିତ ହାତୀ ଗୁରୁତର ଅବସ୍ଥାରେ ଉଦ୍ଧାର

ଢେଙ୍କାନାଳ, ୧୪।୪(ସମିସ): ଢେଙ୍କାନାଳ ବନଖଣ୍ଡଳ ସଦର ରେଞ୍ଜ ଲତାଦେଇପୁର ଜଙ୍ଗଲରେ ଏକ ସଙ୍କ୍ରମିତ ହାତୀକୁ ବନ ବିଭାଗ ଠାବ କରି ଚିକିତ୍ସା କରୁଥିବାର ଜଣାପଡିଛି। ଏହି ହାତୀର ପାଟିରେ ସଙ୍କ୍ରମଣ ହୋଇଥିବାର ବନ ବିଭାଗ ଅନୁମାନ କରୁଥିବା ବେଳେ ହାତୀଟି ପ୍ରାଣ ବିକଳରେଏକ ପୋଖରୀରେ ପଶି ଗର୍ଜନ କରୁଛି। ଗ୍ରାମବାସୀ ଏନେଇ ବନ ବିଭାଗକୁ ଖବର ଦେଇଥିଲେ। ଡିଏଫଓ ସୁମିତ କର କହନ୍ତି ଯେ ହାତୀର ଗତିପଥର ଲକ୍ଷ୍ୟ ରଖାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଚାଲୁଛି। ଆବଶ୍ୟକ ହେଲେ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯିବ। ଗ୍ରାମବାସୀଙ୍କ କହିବାନୁଯାୟୀ ହାତୀର ପାଟିରେ ଘା' ହୋଇଥିବାରୁ ଖାଇ ପାରୁନାହିଁ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ହିନ୍ଦୋଳ, ୧୪।୪(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଗାଧୋଇବାକୁ ଯାଇ ପୋଖରୀ ପାଣିରେ ବୁଡ଼ିଯାଇ ଜଣେ ଜଣେ ବୃଦ୍ଧଙ୍କ ସଲିଳ ସମାଧି ଘଟିଛି। ହିନ୍ଦୋଳ ବ୍ଲକ ରସୋଲଥାନା କୁନୁଆ ଗ୍ରାମର ସୁର ନାୟକ (୬୦) ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ପାଦ ଖସିଯାଇଥିଲା। ଦିନ ୧୨ଟାରେ ପୋଖରୀରେ ଭାସୁଥିବା ଦେଖି ଉଦ୍ଧାର କରିଆଣି ତାଙ୍କୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାସୋଲ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଥିବା ଜଣାପଡିଛି। ସୁରଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଥିବାବେଳେ ମୃତକ ସୁର ନାୟକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସି ଦାବି କରିଛନ୍ତି।

# କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ

ଢେଙ୍କାନାଳ, ୧୪।୪(ସମିସ): ବ୍ରଜନାଥ ସ୍ମୃତି ସଂସଦ ଓ ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ ଆନୁକୂଲ୍ୟରେ ଜିଲ୍ଲାର ସାରସ୍ୱତ ସାଧକସାଧିକାଙ୍କୁ ନେଇ ବଡ଼ଜେନାଙ୍କ



ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମ ସଭାପତି ବ୍ରହ୍ମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଲେଖକ ସଂସଦ ର ସଭାପତି ବସନ୍ତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ, ସମ୍ମାନିତ ଅତିଥି ଜିଲ୍ଲା ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ସୁସନ୍ଧ୍ୟା ମହାନ୍ତି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡଃ ସଦାନନ୍ଦ ରାଉତ ତଥା ସମ୍ମାନିତ ଅତିଥି ବ୍ରଜନାଥ ସ୍ମୃତି ସଂସଦର ସଭାପତି ରବି ନାରାୟଣ ରାଉଳ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ୫୦ରୁ ଉର୍ଦ୍ଧ୍ୱ ସାରସ୍ୱତ ସାଧକ ସାଧିକା କବିତା ପାଠ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବ୍ରଜନାଥ ସ୍ମୃତି ସଂସଦ ଆବାହିକା ରଶ୍ମିତା ରାଉତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ଲେଖକ ସଂସଦର ସମ୍ପାଦକ ଏହାକୁ ରାଜ୍ୟସ୍ତରୀୟ କରିବାକୁ କହିଥିବା ବେଳେ ଗ୍ରାମର ଅନ୍ୟତମ ସମ୍ମାନିତ କବି ଯୋଗୀନାଥ ରାଉଳଙ୍କର ପୁସ୍ତକ ବିନ୍ଦୁରେ ସିନ୍ଧୁ ଦର୍ଶନ ଉନ୍ମୋଚନ କରାଯାଇଥିଲା। ଯୁବ କବି ଦୁର୍ଯ୍ୟୋଧନ ସାହୁଙ୍କୁ ବ୍ରଜନାଥ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମସ୍ତ କବିକବୟିତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସଂସଦର ସଭାପତି ରବିନାରାୟଣ ରାଉଳ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଯୁବକ ସଙ୍ଘର ଆବାହକ ମନୋଜ ମହାନ୍ତି ବଡଜେନା ଯୁବକ ସଙ୍ଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଯୁବକ ସଙ୍ଘର ସଭାପତି ମନୋଜ ସେଠୀ ପରିଚାଳନା କରିଥିବା ବେଳେ ଗ୍ରାମର ସମ୍ପାଦକ ଚନ୍ଦନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ ବର୍ଷର ବାଳକ ନିଖୋଜ



ଢେଙ୍କାନାଳ,୧୪।୪(ସମିସ): ସଦର ଥାନା ତରଭା ନିମତଇଳା ଗ୍ରାମର ଜଣେ ୧୫ ବର୍ଷର ବାଳକ ସିଦ୍ଧାନ୍ତ କୁମାର ସାହୁ ୩ଦିନ ତଳେ ନିଖୋଜ ହୋଇଛନ୍ତି। ସେ କନ୍ତୋଲ ଗ୍ରାମ ଆଠଗଡ ସବ୍‌ଡିଭିଜନ, ଜିଲ୍ଲା କଟକର ସ୍ୱର୍ଗତ ବିକାଶ ସାହୁ ଓ ମାତା ବିନୋଦିନୀ ସାହୁଙ୍କ ପୁତ୍ର ଅଟନ୍ତି। ଗତ ୧୨ ତାରିଖରେ ତରଭା ଗ୍ରାମରୁ କେଉଁଆଡେ ଚାଲିଯାଇଛନ୍ତି। ସଦର ଥାନାରେ ଏନେଇ ଅଭିଯୋଗ କରାଯାଇଛି। ତାଙ୍କର ଉଚ୍ଚତା ୫ଫୁଟ ୫ଇଞ୍ଚ। ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ସେ ଓଡିଆରେ କଥାବାର୍ତ୍ତା କରିପାରନ୍ତି ଏବଂ ଗଲାବେଳେ ଧୂସର ରଙ୍ଗର ଫୁଲ୍ ପ୍ୟାଣ୍ଟ୍ ଓ ପିଙ୍କ୍ ରଙ୍ଗର ଚେକ୍ ସାର୍ଟ ପିନ୍ଧିଥିଲେ। କୌଣସି ସହୃଦୟ ବ୍ୟକ୍ତି ଏପରି ପିଲାର ପରିଚୟ ପାଇଲେ ମୋ-୮୨୬୦୬୪୩୦୦୯, ୮୪୫୭୮୬୨୦୩୦ ନମ୍ବରରେ ଜଣାଇବାକୁ ତାଙ୍କର ପିତାମାତା ଅନୁରୋଧ କରିଛନ୍ତି।

# ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

● ହତ୍ୟା ମାମଲା ରୁଜୁ

ପରଜଙ୍ଗ,୧୪।୪(ସମିସ): ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ବାଇଗିଣିଆ ମୁଣ୍ଡାସାହିର ସୁନିତା ଭୋଇ(୨୨)ଙ୍କ ମୃତଦେହ ଗ୍ରାମ ନିକଟ ଜଙ୍ଗଲରୁ ତାଙ୍କ ସ୍ୱାମୀ ଶ୍ରୀବତ୍ସ ଭୋଇଙ୍କ ଉପସ୍ଥିତିରେ ଉଦ୍ଧାର କରାଯାଇଛି। ମୃତ ସୁନୀତାଙ୍କ ବାପା ସର୍ବେଶ୍ୱର ଭୋଇଙ୍କୁ ଶ୍ରୀବତ୍ସ ଘଟଣା ସମ୍ପର୍କରେ ଫୋନ କରି ଜଣାଇଥିଲେ। ସର୍ବେଶ୍ୱର ଏନେଇ ତାଙ୍କ ଝିଅକୁ ସ୍ୱାମୀ ଶ୍ରୀବତ୍ସ ଏବଂ ଶାଶୂ, ଶଶୁର ମାରି ଗଛରେ ଝୁଲାଇ ଦେଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ସାଇଣ୍ଟିଫିକ୍ ଟିମ ପହଞ୍ଚି ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଭାବେ ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କ ଉପସ୍ଥିତିରେ ଥାନାଧିକାରୀ ସୁବ୍ରତ ସାହୁ, ସାଆନ୍ଦା ଫାଣ୍ଡି ଅଧିକାରୀ ଅନନ୍ତରାମ ମାଝୀ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ସ୍ୱାମୀ ଶ୍ରୀବତ୍ସ ଭୋଇଙ୍କୁ ପୋଲିସ ଅଟକ ରଖାଯାଇଛି। ଅଭିଯୋଗକୁ ଭିତ୍ତିକରି ଏ ସଙ୍କ୍ରାନ୍ତରେ ପରଜଙ୍ଗ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

# ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ




ଗୋଲାମୁଣ୍ଡା,୧୪।୪(ସମିସ)

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଡୁଡୁକେଲ ଗ୍ରାମରେ ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ପୂଜକ ସନ୍ତୋଷ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ହନୁମାନ ମନ୍ଦିରର ପ୍ରଧାନ ସେବକ ତିଳକରାମ ବଗର୍ତ୍ତୀ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇଥିଲେ। ଡୁଡୁକେଲଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ। ୨୦୨୧ ମସିହାରୁ ପ୍ରତିବର୍ଷଡୁଡୁକେଲସ୍ଥିତ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳନ ହୋଇ ଆସୁଛି।

**କଳମପୁର** : ପଣା ସଂକ୍ରାନ୍ତି ଅବସରରେ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କଳମପୁରଗ୍ରାମ ବେଲପଡାସ୍ଥିତ ମାଁ ତାରିଣୀ ପିଠରେ ଅନ୍ନଭୋଗ ଲାଗି ହୋଇଥିବା ବେଳେ ମଣ୍ଡଳ ତାରିଣୀ ପୀଠରେ ମଧ ପୂଜାର୍ଚ୍ଚନା ହୋଇଥିଲା। ସେହିଭଳି କର୍ଲାପଡା ଓ ବୋଦେଲବନ୍ଧ ଗ୍ରାମରେ ଝାମୁଯାତ୍ରା ଆୟୋଜିତ ହୋଇଥିଲା।

**ଲାଞ୍ଜିଗଡ଼** : ଲାଞ୍ଜିଗଡ଼ ବ୍ଲକ୍ର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଏବଂ ପଣା ସଂକ୍ରାନ୍ତି ଉପଲକ୍ଷେ ପଞ୍ଚ ହାଣ୍ଡି ପଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧସ୍ଥିତ ହନୁମାନ ବାଟିକାଠାରେ ମାଁ ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅଞ୍ଚଳବାସିଙ୍କ ସମେତ ଶତାଧିକ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ପୂଜକ ମାୟାଧର ଶତପଥୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଭବାନୀ ବାଣୁଆ, ଜୟମୁନି ବେହେରା,ରାମ ବେହେରା, ସନାତନ ବିଶି, ସରୋଜ ସାହୁ, ଟି.ଲକ୍ଷ୍ମୀନାରାୟଣ ପାତ୍ର, କୁଳମଣୀ ବାଣୁଆ, କର୍ଣ୍ଣମାଝୀ, ତିରୁପତି ପାତ୍ର, ବିଶ୍ୱାମିତ୍ର ଘଡ଼େଇ, ଶଙ୍କର ପ୍ରଧାନୀ,ମିଳନ ମହାପାତ୍ର,ରଘୁ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଉଗ୍ରସେନ ବାଗ, ପିତାମ୍ବର ବିଶି, ଭଗବାନ ରାଉତ, ମହେନ୍ଦ୍ର ବେହେରାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହା ପରେ ସମସ୍ତ



ଭକ୍ତ ବିଶାଳ ବାଇକ୍ ରାଲିରେ ବାହାରି ନଗର ପରିକ୍ରମା ସହିତ ପୋଖରୀବନ୍ଧ ପଞ୍ଚାୟତ ସହ ବିଶ୍ୱନାଥପୁର ପରିକ୍ରମା କରିଥିଲେ।ଲାଞ୍ଜିଗଡ ବ୍ଲକ୍ ବିଶ୍ୱନାଥପୁରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱନାଥପୁର ବଣିକ ସଂଘ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟନ କରିବା ସହ ବିଶ୍ୱନାଥପୁର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବିଶାଳ ବାଇକ ରେଲି ଦେଖିବାକୁ ମିଳିଥିଲା।ସେହିପରି ଲାଞ୍ଜିଗଡ଼ ସହରସ୍ଥିତ ହନୁମାନ ବାଟିକା ଠାରେ ଲାଞ୍ଜିଗଡ଼ ଯୁବଗୋଷ୍ଠୀ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା।ଲାଞ୍ଜିଗଡସ୍ଥିତ ଏଲଏନଟି କଲୋନୀରେ ଲାଞ୍ଜିଗଡ଼ ଅଲୁମିନିୟମ ରିଫାଇନାରୀ ଶ୍ରମିକ ସଂଘ ସଭାପତି ସଞ୍ଜୀବପେଶନିଆ ତରଫରୁ ପଣା ବଣ୍ଟନ କରାଯାଇଥିଲା। ଭବାନୀପାଟଣା-ରାୟଗଡାକୁ ସଂଯୋଗ କରୁଥିବା ରାଜ୍ୟ ୬ନଂ ରାଜପଥ ହନୁମାନ ମନ୍ଦିର ଠାରେ ସାହୁ ଢ଼ାବା ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।ସେହିପରି ଲାଞ୍ଜିଗଡ ବେଦାନ୍ତ କମ୍ପାନୀର ଟାଉନସିପ କଲୋନୀସ୍ଥିତ ହନୁମାନ ପ୍ରାଙ୍ଗଣରେ ପଣା ବଣ୍ଟନ କରିବା ସହ ପ୍ରସାଦ ସେବନର ବ୍ୟବସ୍ଥା ମଧ ହୋଇଥିଲା। ଏହା ବ୍ୟତୀତ ବ୍ଲକର ବିଭିନ୍ନ ଗ୍ରାମର ମନ୍ଦିର ମାନଙ୍କରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହି ପରି ଲାଞ୍ଜିଗଡ ରୋଡ଼,ବେନଗାଁ, ମୂଷାନାଲରେ ମଧ ହନୁମାନ ଜୟନ୍ତୀ ସହ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି।

**ଭବାନୀପାଟଣା** : ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଷୁବମିଳନ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ହନୁମାନ ଜୟନ୍ତୀ ପାଳନ ଅବସରରେ ହୋମ, ଯଜ୍ଞ, ପୂଜାର୍ଚ୍ଚନା କରାଯାଇ ୧୦୮ ଥର ହନୁମାନ ଚାଳିସା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟକର୍ତ୍ତା ଭାବରେ କଳାହାଣ୍ଡି ବାର୍ ଆସୋସିଏସନ୍ର ସଭାପତି ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ସ୍ନେହଲତା ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା, ସାଧାରଣ ସଂପାଦକ ସତ୍ୟନାରାୟଣ ସିଂହ, ଯୁଗ୍ମସଂପାଦକ ସଂଜୀବ କୁମାର ସିଂହ,କୋଷାଧ୍ୟକ୍ଷ ପ୍ରଦୀପ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ସୁରେଶ ଠନାପତି ପୂଜାବିଧିରେ ସହଯୋଗ କରିଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ କୁମାର ବେହେରା, ଉପସଭାପତି ସଞ୍ଜୟ କୁମାର, ନାଟ୍ୟ ସଂପାଦକ ସୁଶାନ୍ତ କୁମାର ସିଂହ, ବରିଷ୍ଠ ସଭ୍ୟ ଅଶ୍ୱିନ କୁମାର ନେଗୀ, ନୀଳକଣ୍ଠ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ବେହେରା, ଅକ୍ଷୟ କୁମାର ଦାସ ପ୍ରମୁଖ ୧୦୮ ହନୁମାନ ଚାଳିସା ପାଠ କରିଥିଲେ।

**ଦେବଗିରି ମଠ** : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ବୁଢ଼ୀପଦରସ୍ଥିତ ଦେବଗିରି ମଠରେ ମହାବିଷୁବ ସଂକ୍ରାନ୍ତି ବୈଦିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ମଠର ଆରାଧ୍ୟ ଦେବତା ଭଗବତ ସ୍ୱାମୀ, ଦଧିବାମନଜୀଉ, ସିଦ୍ଧି ବିନାୟକ,ଯୋଗିନୀଙ୍କ ସମେତ ଗୁମ୍ଫା ଭିତରେ ଥିବା କାଶି ବିଶ୍ୱନାଥ ମହାଦେବ,ମହାମାୟା ଚଣ୍ଡୀ, ଗଣପତି ବାବା, କୁମାର କାର୍ତ୍ତିକେୟ, ଧର୍ମଦେବତା ଶନି, ବାମନେନବୁଢ଼ୀ ଆଦି ଦେବାଦେବୀଙ୍କ ପାଖରେ ସ୍ୱତନ୍ତ୍ର ପୂଜାପାଠ ସହ



ପଣା ଲାଗି କରାଯାଇଥିଲା। ଦେବଗିରି ମଠ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀ ନୂତନ ପଞ୍ଜିକାର ଶୁଭାରମ୍ଭ କରିଥିଲେ। ମଠର ସେବାୟତ ତପିବର ଦାସ, ପୂଜକ ସନ୍ତୋଷ ପାଢ଼ୀ, ଗୋପାଳ ସେବକ ଟିକେ ଗଉଡ ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ।

## କର୍ଲାପାଟ ଜଙ୍ଗଲରେ ନିଆଁ ଘଟଣା: ୩ ଗିରଫ

ଥୁଆମୂଳରାମପୁର,୧୪।୪(ସମିସ): କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ୍ ଦକ୍ଷିଣ ବନଖଣ୍ଡ ଅଧୀନରେ ଥିବା କର୍ଲାପାଟ ଅଭୟାରଣ୍ୟ ଅଞ୍ଚଳରେ ଘଟିଥିବା ଜଙ୍ଗଲ ନିଆଁ ଘଟଣାକୁ ନେଇ ବନବିଭାଗ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏହି ପଦକ୍ଷେପକୁ ନେଇ ସ୍ଥାନୀୟ ଗ୍ରାମବାସୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ କିଆପଦର ପଞ୍ଚାୟତର ତେଟେଲପଦରରେ ୧୦ ତାରିଖ ଦିନ ପ୍ରାୟ ୨ଟା ସମୟରେ ଗାଁ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁ ଲିଭାଇବା ସହିତ ଘଟଣାରେ ଜଡିତ ଥିବା ଅଭିଯୋଗରେ ୩ ଜଣଙ୍କୁ ଧରାଯାଇଥିଲା। ଧରାପଡ଼ିଥିବା ବ୍ୟକ୍ତିମାନେ ହେଲେବୁଢୁ ମାଝୀ, ସୁଶାନ୍ତ ମାଝୀ ଓ ବଡି ମାଝୀ। ପରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରି ଶନିବାର କୋର୍ଟକୁ ଚାଲାଣ କରାଯାଇଛି। ଅନ୍ୟପଟେ, ଗ୍ରାମବାସୀ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ସେମାନେ ନିଜ ପଟ୍ଟା ଜମିରେ ପଡ଼ିଥିବା ଶୁଖିଲା ପତ୍ର ଓ ଜଙ୍ଗଲି ବୁଦା ପୋଡ଼ିବା ପାଇଁ ନିଆଁ ଲଗାଇଥିଲେ। ନିଆଁ ଜଙ୍ଗଲକୁ ନ ପ୍ରସାରିତ ହେଉ ଭାବେ ସତର୍କତା ମଧ ଅବଲମ୍ବନ କରାଯାଇଥିଲା। କିନ୍ତୁ ପବନର ବୋହିବାରୁ ନିଆଁ ନିୟନ୍ତ୍ରଣ ଛାଡ଼ି ଜଙ୍ଗଲକୁ ପ୍ରସାରିତ ହୋଇଯାଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ, ଘଟଣା ସମୟରେ ଉକ୍ତ ୩ଜଣ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବା ବେଳେ ବନକର୍ମୀମାନେ ସେମାନଙ୍କୁ ଧରିଥିଲେ। ସେମାନେ ବର୍ଷଧରି ବନବିଭାଗକୁ ସହଯୋଗ କରୁଥିବା ସହ ନିଆଁ ନିର୍ବାପଣ କାମରେ ମଧ ଯୋଗ ଦେଇଆସୁଛନ୍ତି ବୋଲି ଦାବି କରିଛନ୍ତି। ଏହା ସହିତ ଧରାଯାଇଥିବା ବ୍ୟକ୍ତିମାନଙ୍କୁ ବନକର୍ମୀମାନେ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ମଧ ଗ୍ରାମବାସୀ ଆଣିଛନ୍ତି। ତେବେ ଅଭିଯୋଗକୁ ଫରେଷ୍ଟର ବିଜୟ କୁମାର ଗୋପାଳ ସଂପୂର୍ଣ୍ଣ ଖଣ୍ଡନ କରିଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।ଏହି ଘଟଣାକୁ ନେଇ ଅଞ୍ଚଳରେ ତନାବ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କିଆପଦର ସରପଞ୍ଚ ଲକ୍ଷ୍ମୀଧର ମାଝୀ ବନବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ସତ୍ୟ ପ୍ରକାଶ ପାଇବ ବୋଲି ସାଧାରଣରେ ଦାବି ହେଉଛି।

## ଓଡ଼ିଆ ପକ୍ଷପାଳନ ଉଦ୍ଯାପିତ

ଭବାନୀପାଟଣା,୧୪।୪(ସମିସ): ସରକାରଙ୍କର ନିର୍ଦ୍ଦେଶ କ୍ରମେ ଓଡିଆ ପକ୍ଷ -୨୦୨୬ ଗତ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇ ଆଜି ଓଡିଆ ନବବର୍ଷ, ପଣା ସଂକ୍ରାନ୍ତି ଦିନ ଉଦ୍ଯାପନ କରାଯାଇଛି। କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡିଆ ନବବର୍ଷ, ପଣା ସଂକ୍ରାନ୍ତି ପାଳନ ଅବସରରେ ଝୋଟି ପ୍ରତିଯୋଗିତା, ପଣା ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ମହିଳା ମହାବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ଜେନା ଯୋଗଦେଇ ଓଡିଆପକ୍ଷ ପାଳନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଏପ୍ରିଲ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଡିଓ ଶ୍ରୀ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଅଗ୍ନିଶମ ନିରାପତ୍ତା ସୁରକ୍ଷା ସପ୍ତାହ

କୋକସରା,୧୪।୪(ସମିସ): କୋକସରା ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ଜାତୀୟ ଅଗ୍ନିଶମ ନିରାପତ୍ତା ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଅଗ୍ନିଶମ ବିଭାଗର ଓଆଇସି ପ୍ରସାନ୍ତ କୁମାର ବାଘଙ୍କ ନେତୃତ୍ୱରେ କାର୍ଯ୍ୟାଳୟଠାରୁ ଅଗ୍ନିଶମ କର୍ମଚାରୀ ସଚେତନତା ଶୋଭାଯାତ୍ରାରେ ବାହାରି ଚିଲିଗୁଡା ପର୍ଯ୍ୟନ୍ତ ଯାଇଥିଲେ। ୧୯୪୪ ଏପ୍ରିଲ ୧୪ ଆଜିର ଦିନରେ ମୁମ୍ବାଇ ବନ୍ଦର ଠାରେ ଫୋର୍ଟ ଷ୍ଟିକେନ୍ ନାମକ ଏକ ମାଲବୁହା ଜାହାଜ ବାରୁଦ୍, ବିସ୍ଫୋରକ ଓ ଯୁଦ୍ଧ ଉପକରଣ ନେଇ ଆସିଥିଲା, ଯାହାକି ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବା ସମୟରେ ବିସ୍ଫୋରକ ସାମଗ୍ରୀ ଥିବାରୁ ୬୬ ଫାୟାର ଫାଇଟର ନିଆଁ ଲପଟରେ ଆସିଯାଇଥିଲେ ଏବଂ ବୀର ଗତିକୁ ପ୍ରାପ୍ତ ହୋଇଥିଲେ। ସେହିଦିନକୁ ମନେ ରଖିବା ପାଇଁ ଏପ୍ରିଲ ୧୪ ଠାରୁ ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଇଥାଏ। ସଚେତନତା ଶୋଭାଯାତ୍ରାରେ ଅଗ୍ନିଶମ ଅଧିକାରୀ ଶ୍ରୀବାଗଙ୍କ ସମେତ ହାବିଲଦାର ସୁନୀଲ ରଞ୍ଜନ ବାରଲା, କର୍ମଚାରୀ ଶ୍ୟାମ ପ୍ରଧାନୀ, ହେମନ୍ତ ନାଏକ, ଲଳିତ ପୁଟେଲ, ଦିଗାମ୍ବର ଶବର, ଉମା ଶଙ୍କର ନାଏକ, ସତ୍ୟମ ସିଭମ ମାଝି ପ୍ରମୁଖ ସାମିଲ ଥିଲେ।

# ସମ୍ବିଧାନ ନିର୍ମାଣରେ ଆମ୍ବେଦକରଙ୍କ ଭୂମିକା ଅତୁଳନୀୟ

## ଜିଲ୍ଲାସ୍ତରୀୟ ଜୟନ୍ତୀ

ଭବାନୀପାଟଣା,୧୪।୪(ସମିସ)

ଜିଲ୍ଲା ପ୍ରଶାସନ ତରଫରୁ ବାବା ସାହେବ ଡଃ. ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି। ସହରସ୍ଥିତ ଡଃ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟକୁମାର ଦରୱାନ,



ଜିଲ୍ଲାସ୍ତରୀୟ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ/ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲ୍ଲାପରିଷଦ ସଭାଗୃହରେ ଡଃ. ଆମ୍ବେଦକର ଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତନ୍ମୟ କୁମାର ଦରୱାନ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ମହିଳା ମହାବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ଜେନା, ଅବସରପ୍ରାପ୍ତ ଜେଲ ସୁପରିଟେଣ୍ଡେଣ୍ଟ ପ୍ରେମାନନ୍ଦ ବାଗ,ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ମୁଣ୍ଡ, ମୁଖ୍ୟବକ୍ତା ଭାବରେ ଭବାନୀ ଶଙ୍କର ନିଆଲ ଯୋଗଦେଇ ଡଃ. ଆମ୍ବେଦକରଙ୍କ ଫଟୋଚିତ୍ର ଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦରୱାନ ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନୀ ଉପରେ ଉଲ୍ଲେଖ କରି ଆଜିର ଛାତ୍ରଛାତ୍ରୀ, ଯୁବ ପିଢୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ।ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**କଳମପୁର** : କଳମପୁର ଠାରେ ସ୍ଥାପିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ବିଜେପି ଜିଲ୍ଲା ସଭାପତି ଯୁଗଳ ପୋଡ ବ୍ଲକ ଅଧକ୍ଷା ଶ୍ରୀମତୀ ଜ୍ୟୋତି ନାଏକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଳମପୁର ମଣ୍ଡଳ ସଭାପତି ହିତେଶ ରଞ୍ଜନ ପାତ୍ର, ବ୍ଲକ୍ ଅଧକ୍ଷା ପ୍ରତିନିଧି ଘନଶ୍ୟାମ ନାଏକ, ସମାଜସେବୀ ଚେରୁ ନାଏକ, ସୁଶିଲ ଜୈନ, ସୁଶିଲ ପତି ପ୍ରମୁଖ ଆୟୋଜନ କରିଥିବା ବେଳେ ବଜାର ପ୍ରାଙ୍ଗଣରେ ନବ ନିର୍ମିତ ଯାତ୍ରୀ ଆଶ୍ରୟସ୍ଥଳୀର ଲୋକାର୍ପିତ ହୋଇଥିଲା। ଏହି ଅବସରରେ ସିଡୁଲକାଷ୍ଟ ଫେଡେରେସନ ପକ୍ଷରୁ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ବଳରାମ ଦୁର୍ଗା,ବିଜୟ ସୁନାନୀ, ଶତ୍ରୁଘ୍ନ ବାଗ,ଭକ୍ତରାମ ଦୁର୍ଗା ପ୍ରମୁଖ ପରିଚାଳନା କରିଥିଲେ।

## କେସିଙ୍ଗା ବ୍ରାସ୍ ସଂଗଠନ

**କେସିଙ୍ଗା** : କେସିଙ୍ଗା ବ୍ରାସ୍ ସଂଗଠନ ପକ୍ଷରୁ ବାବା ସାହେବଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇ ଯାଇଛି।ସଂଗଠନ ପକ୍ଷରୁ ପ୍ରସ୍ତୁତି ଚଳାଇ ସହରକୁ ନୀଳ ରଙ୍ଗରେ ରଙ୍ଗାୟିତ କରି ସ୍ଥାନେ ସ୍ଥାନେ ବାବା ସାହେବଙ୍କ ଫୋଟୋଚିତ୍ର ହୋଡ଼ିଙ୍ଗ ଲଗାଯାଇ ଥିଲା। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଆମ୍ବେଦକର ଛକ ଠାରୁ ହଜାର ହଜାର ସଂଖ୍ୟାରେ ଆମ୍ବେଦକର ପ୍ରେମୀ ଓ ସ୍ଥାନୀୟ ଜନସାଧାରଣ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ବାବା ସାହେବଙ୍କ ସଦଭାବନାର ସନ୍ଦେଶ ଦିଆଯାଇଥିଲା। ସହର ପରିକ୍ରମା ପରେ ସନ୍ଧ୍ୟାରେ ସଭାର ଆୟୋଜନ କରାଯାଇ ବାବା ସାହେବଙ୍କ ନୀତି ଆଦର୍ଶ ଉପରେ ଆଲୋଚନା ହୋଇଥିଲା।

## ଅଲ୍ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ

**ଲାଞ୍ଜିଗଡ଼** : ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ ଓ ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ଼ ବ୍ଲକ ଶାଖାର ମିଳିତ ଆନୁକୂଲ୍ୟରେ ବିଶ୍ୱନାଥପୁରଠାରେ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ, ଲାଞ୍ଜିଗଡ଼ ବ୍ଲକ୍ ସଭାପତି ଜଗଦୀଶ ବେନିଆଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ୍ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ସମ୍ମାନିତ ଅତିଥି ଭାବେ ଦଳିତ ଆଦିବାସୀ ମହାସଂଘର ବ୍ଲକ ସଭାପତି ହରିଶଙ୍କର ପାତ୍ର, ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ଉପଦେଷ୍ଟା ଶ୍ରୀବତ୍ସ ତାଣ୍ଡି, ମନୋହର ହରପାଲ,ବ୍ଲକ୍ କାର୍ଯ୍ୟକାରୀ ସଭାପତି ହରିହର କୁମାର, କିଶୋର ହରପାଲ, ସମାଜସେବୀ ଲକ୍ଷ୍ମୀଧର ସନ୍ତୋଷରାୟ, ତ୍ରିନାଥ ପାତ୍ର, ତୁଳସୀ ମାଝୀ, ନରେନ୍ଦ୍ର ବେହେରା, ଆନନ୍ଦ ଟାକରି, କୃପା ସୁନା, ଚିତ୍ରସେନ ସୁନା, ଉମେଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳଦାସ ମହାନନ୍ଦ ସ୍ୱାଗତ ଅଭିଭାଷଣ,ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବା ବେଳେ ଅକ୍ଷୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ବିଶାଳ ଶୋଭାଯାତ୍ରା ବିଶ୍ୱନାଥପୁର ସହର ପରିକ୍ରମା କରିବା ପରେ ଅତିଥିମାନେ ବ୍ଲକ ଛକରେ ସ୍ଥାପିତ ବାବାସାହେବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ତାଙ୍କ ଅମ୍ଳାନ ସ୍ମୃତିଚାରଣ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ଘାସିରାମ ବାଗ, ଜିତେନ୍ଦ୍ର ନାଏକ, ଚକ୍ରଧର ଗରଡିଆ, ଜଳଧର ସାଗର, ବିକ୍ରମ ଛତ୍ରିଆ, ମଳୟ ବେନୁଆ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ବ୍ଲକର ଛତ୍ରପୁରଠାରେ ଜନଜାଗରଣ ଯୁବକ ସଂଘ ପକ୍ଷରୁ ବାବାସାହେବଙ୍କ ଜୟନ୍ତୀ ସମାରୋହ ଆୟୋଜିତ ହୋଇଯାଇଛି। ସେହିପରି ବ୍ଲକ୍ର ଲାଖବାହାଲି ଓ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରରେ ମଧ ବାବାସାହେବଙ୍କ ଜୟନ୍ତୀ ପାଳିତ ହୋଇଥିଲା।

## ନର୍ଲା ଡମ୍ବ ସମାଜ

**ଭବାନୀପାଟଣା** : ନର୍ଲା ଡମ୍ବ ସମାଜ ତରଫରୁ ବେହେରାପାଟି ଠାରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନର୍ଲା ଡମ୍ବ ସମାଜର ସଭାପତି ବଳରାମ ହରପାଲଙ୍କ ଅଧକ୍ଷତାରେ ଓ ଜିଲ୍ଲା ଉପସଭାପତି ତଥା ଆବାହକ ଅଭିରାମ ନନ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ, ମୁଖ୍ୟବକ୍ତା ଭାବେ ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ନାଏକ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଡ.ନୀଳମଣି ଦୀପ, ବରିଷ୍ଠ ନେତା ଦୁର୍ଯ୍ୟୋଧନ କୁମାର, ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ଦାୟାଦ ଧନସିଂ ମାଝୀ ପ୍ରମୁଖ ଆମ୍ବେଦକରଙ୍କ ସ୍ମୃତି ଚାରଣ କରିଥିଲେ।ସଭାପତି ଶ୍ରୀ ହରପାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆବାହକ ଜିଲ୍ଲା ଉପସଭାପତି ଶ୍ରୀ ନନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ, ଯୁବନେତା ଆଶୁ କବି କୌତୁକ ଖମାରୀ ମଞ୍ଚ ପରିଚାଳନା କରିଥିଲେ।ଖଗେଶ୍ୱର କୁମାର, ଅଭୟ ନାଏକ, କମଳ ତାଣ୍ଡି, ନିର୍ମଳ ଦୀପ, ପୂର୍ବତନ ସରପଞ୍ଚ ନରସିଂହ କୁମାର, ସନକ ନାଏକ, ଅକ୍ରୁର କୁମାର, ସୁରେଶ ତାଣ୍ଡି, ସୁବାଷ ନାଗ, ସଦାନନ୍ଦ ହରପାଲ, କୁଳମଣି ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆବାହକ ଶ୍ରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆପଡ଼ା ଜିଲ୍ଲାସ୍ତରୀୟ ଜୟନ୍ତୀ




**ନୂଆପଡ଼ା** : ନୂଆପଡ଼ା ଜିଲ୍ଲା ସଦଭାବନା ସଭାଗୃହରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ବାବା ସାହେବଙ୍କ ଜୀବନ ଉପରେ ଆଲୋକପାତ କରି କହିଥିଲେ ଯେ, ସମାନତା, ସାମାଜିକ ନ୍ୟାୟ ଓ ଭ୍ରାତୃତ୍ୱ ଆଧାରିତ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ଡଃ. ଆମ୍ବେଦକରଙ୍କ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଡଃ. ଆମ୍ବେଦକରଙ୍କ ଜୀବନ ଓ କୃତିତ୍ୱ ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ଧନେଶ୍ୱର ସେଠୀ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା କ୍ରିଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଥୁଆମୂଳ ରାମପୁର** : କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍ରେ ଅମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକର୨୪ଟି ପଞ୍ଚାୟତରୁ ଶହଶହ ଅମ୍ବେଦକରପ୍ରେମୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ବିରିକୋଟରୁ ବିଶାଳ ବାଇକ୍ ରାଲି ଅଞ୍ଚଳ ପରିକ୍ରମା କରି ବାବା ଖଣ୍ଡୁଆଳ ଖେଳପଡ଼ିଆରେ ପହଞ୍ଚିଥିଲା। ସେଠାରୁ ଭବ୍ୟ ପଦଯାତ୍ରାରେ ହଜାର ହଜାର ଦଳିତ, ଆଦିବାସୀ ଓ ସମସ୍ତ ଶ୍ରେଣୀର ଲୋକେ ରାଜବାଟି ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବାବାସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରାଲିରେ ଆଦିବାସୀ ସଂଘ କର୍ମକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର ସଦସ୍ୟ, ଭୀମ ଆର୍ମି ଓ ଦଳିତ ସଚେତନ ସଂଗଠନମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଉତ୍ସବ ପାଳନ କମିଟିର ସଭାପତି ବିଜନ କୁମାର ନାଏକ, ସମ୍ପାଦକ ପ୍ରଦୀପ ନାଏକ, କୋଷାଧକ୍ଷ ଦୂର୍ଗା କୀର୍ତ୍ତି, ଉପସଭାପତି ମନୋରଞ୍ଜନ ନାଏକ, ଯୁଗ୍ମ ସମ୍ପାଦକ ହିତେଶ ନାଏକ ଓ ଯୁଗ୍ମ କୋଷାଧକ୍ଷ ସୁରେନ୍ଦ୍ର ନାଏକଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଥୁଆମୂଳରାମପୁର ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନେତୃତ୍ୱରେ ପୁଲିସ ବାହିନୀ ଶାନ୍ତି ଓ ଶୃଙ୍ଖଳା ରକ୍ଷାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।ବିଜେପି ପକ୍ଷରୁ ଥୁଆମୂଳ ରାମପୁର ସଦର ମହକୁମା ଗ୍ରାମୀଣ ଉଦ୍ୟାନ ପରିସରରେ ବାବାସାହେବ ଅମ୍ବେଦକରଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଧର୍ମଗଡ ବିଧାୟକ ସୁଧୀର ପାଟ୍ଟଯୋଷୀ, ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା, ରମେଶ ମାଝୀ, ବିଷ୍ଣୁ ନାଏକ, ପବିତ୍ର ନାଏକ ଓ କିଆମଣୀ ନାଏକ ସହ ଅନେକ କର୍ମୀ ଉପସ୍ଥିତ ଥିଲେ।

## ଜିଲ୍ଲା ବିଜୁ ଜନତା ଦଳ

**ଭବାନୀପାଟଣା** : କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଭବାନୀପାଟଣା କଲେକ୍ଟୋରେଟ୍ ସମ୍ମୁଖରେ ଆମ୍ବେଦକର ଜୟନ୍ତୀ ପାଳନ କରାଯାଇଛି। ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପକୁମାର ଦିଶାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମାରୋହ ଦଳ ତରଫରୁ ଅର୍ପଣ କରାଯାଇଛି। ସ୍ୱାଧୀନ ଭାରତକୁ ବିଶ୍ୱ ପ୍ରସିଦ୍ଧ ସମ୍ବିଧାନ ନିର୍ମାଣରେ ବାବାସାହେବ ଆମ୍ବେଦକରଙ୍କ ଭୂମିକା ଦେଶ ପାଇଁ ଅତୁଳନୀୟ ଅବଦାନ। ସମାନତା, ଭାତୃତ୍ୱ, ସମତା ନ୍ୟାୟ ପ୍ରଦାନ ସହିତ ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହିତ ପ୍ରତ୍ୟେକ ନାଗରିକଙ୍କୁ ଭୟମୁକ୍ତ ଜୀବନଯାପନର ସମସ୍ତ ନାଗରିକ ପ୍ରତି ସମାନ ନ୍ୟାୟ ବ୍ୟବସ୍ଥା ପ୍ରଦାନ କରିବା ସହିତ ଡାଃ ଆମ୍ବେଦକର ଭାରତକୁ ଏକ ବିଶ୍ୱସ୍ତରୀୟ ସାର୍ବଭୌମ ରାଷ୍ଟ୍ର ଗଠନରେ ବିଶ୍ୱର ଶ୍ରେଷ୍ଠ ସମ୍ବିଧାନ ପ୍ରଣୟନ କରିଯାଇଛନ୍ତି ବୋଲି ଶ୍ରୀ ଦିଶାରୀ ମତବ୍ୟକ୍ତ କରିଛନ୍ତି।ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲ୍ଲା ଉପସଭାପତି ପ୍ରଦୀପ ମୁଣ୍ଡ ଏବଂ ଧର୍ମେନ୍ଦ୍ର ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଆଦିବାସୀ ନେତା ପରମାନନ୍ଦ ମାଝୀ, କୃଷକ ନେତା ସାମନ୍ତ ଖମାରି, ଜୋନାଲ ମହିଳା ନେତ୍ରୀ ଲଳିତା ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ରୁତୁରାଜ ମାଝୀ, ରାଜ୍ୟ ଯୁବ ଉପସଭାପତି



ମନୀନ୍ଦ୍ର ମହାନ୍ତି, ମଣ୍ଟୁ ନାଏକ,ଯୁବନେତା ସେନାପତି ନାଏକ,ରାଜୀବ ଲୋଚନ ଶତପଥୀ, ରବି ନାଏକ, ନାରୀନେତ୍ରୀ ସମିତା ମହାପାତ୍ର,ବରକତ ଉଲ୍ଲା ଖାଁ,ଶେଖ୍ ମୁନାବର,କାଉନସିଲର ପିଙ୍କି ରାଉତ,ଶିବା ସାହୁ,କ୍ଷୀରସିନ୍ଧୁ ନାଏକ, ରଞ୍ଜୁକ୍ତା ପ୍ରଧାନ, ହାରାମଣୀ ଗଣ୍ଡ, ଗିରିଜା ଗହୀର, ବିଳାସିନୀ ରାଉତ, ଜୟଶ୍ରୀ ଅଗ୍ରୱାଲ, ମୀନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ପ୍ରସିଦ୍ଧ ଦଣ୍ଡଯାତ୍ରା ଉଦ୍‌ଯାପିତ

# ଦଣ୍ଡକାଳୀ ମନ୍ଦିରରେ ଧୁମ୍‌ଧାମରେ ହେଲା ମେରୁଯାତ୍ରା





### ସରିଲା ଦଣ୍ଡଯାତ୍ରା; ଆଜି ତୋଟାଭୋଜି

ଦଣ୍ଡନାଚ ପାଇଁ ମାନସିକଧାରୀମାନେ ପ୍ରାୟ ଏକ ମାସ ଧରି ଆମିଷ ପରିତ୍ୟାଗ କରିରୁହନ୍ତି। ଦଣ୍ଡନାଚ ଓଡ଼ିଶାର ଏକ ପ୍ରାଚୀନ ଧାର୍ମିକ ପର୍ବ। ତୋଟା ଭୋଜି କେବଳ ଖାଇବା ପାଇଁ ନୁହେଁ, ବରଂ ଭକ୍ତମାନଙ୍କ ମଧ୍ୟରେ ଭାଇଚାରା ଓ ଏକତା ବୃଦ୍ଧି ପାଇଁ ଏହା ଏକ ମାଧ୍ୟମ। ମୁଖ୍ୟତଃ ଚୈତ୍ର ମାସର ପ୍ରଚଣ୍ଡ ଖରାରେ ଏହି ନାଚ ଚାଲୁଥିବାରୁ, ଗଛର ଛାଇ ତଳେ(ତୋଟା) ଭୋଜି କରିବା ଆଶ୍ୱସ୍ତିଦାୟକ ହୋଇଥାଏ। ଦଣ୍ଡୁଆମାନେ ୧୩ ଦିନ ବା ୨୧ ଦିନର କଠିନ ବ୍ରତ ପରେ ଏହି ସାମୂହିକ ତୋଟା ଭୋଜିରେ ଯୋଗ ଦିଅନ୍ତି। ଏହା ପ୍ରାୟତଃ ଗାଁ ପାଖରେ ଥିବା କୌଣସି ଆମ୍ବ ତୋଟା ବା ଖୋଲା ପଡ଼ିଆରେ ଆୟୋଜନ କରାଯାଏ। ଏହି ଭୋଜିରେ ପ୍ରସ୍ତୁତ ଖାଦ୍ୟକୁ ଭଗବାନ ଶିବ ଓ ମା' କାଳୀଙ୍କ ପ୍ରସାଦ ଭାବେ ଗ୍ରହଣ କରାଯାଏ। ଦଣ୍ଡୁଆମାନେ ନିଜର ନିଷ୍ଠା ଓ ଭକ୍ତିର ସମାପ୍ତି ପରେ ଏକାଠି ବସି ଭୋଜନ କରନ୍ତି। ମଙ୍ଗଳବାର ମେରୁ ସଂକ୍ରାନ୍ତି ପରେ ଦଣ୍ଡୁଆ ଓ ୨୧ ଦିନ ଧରି ଆମିଷ ଛାଡ଼ିଥିବା ଲୋକେ ଆମିଷ ଖାଇବେ। ତେଣୁ ଆଜି ଅର୍ଥାତ ବୁଧବାର ଆମିଷ ବଜାରରେ ଭିଡ଼ ଜମିବ। ଗୋଟା ମାଛ କିଲୋ ପିଛା ୧୮୦-୨୨୦ଟଙ୍କା ରହିବ ବୋଲି ଆଶା କରାଯାଉଥିବା ବେଳେ କଟା ମାଛ କିଲୋ ପିଛା ୨୬୦ ଟଙ୍କା। ସେହିପରି କଙ୍କଡ଼ା କିଲୋ ପିଛା ୪୦୦ ରୁ ୬୦୦ ଟଙ୍କା ରହିଥିବା ବେଳେ ଚିଙ୍ଗୁଡ଼ି କିଲୋ ପିଛା ୪୫୦ ଟଙ୍କାରୁ ୬୦୦ ଟଙ୍କା ରହିଛି। ଛେଳି ମାଂସ କିଲୋ ପିଛା ୭୦୦ରୁ ୮୦୦ ଟଙ୍କା ରହିଥିବା ବେଳେ କୁକୁଡ଼ା ମାଂସ କିଲୋ ପିଛା ୨୪୦-୨୬୦ଟଙ୍କା ରହିବ ବୋଲି ଜଣାପଡ଼ିଛି। ଏକ ମାସ ହେଲା ବ୍ୟବସାୟ ହୋଇନଥିବା ବେଳେ ବୁଧବାର ସାମାନ୍ୟ ବ୍ୟବସାୟ ବୃଦ୍ଧି ପାଇବ ବୋଲି ବ୍ୟବସାୟୀମାନେ ଆଶା ରଖି ପ୍ରସ୍ତୁତ ରହିଛନ୍ତି। ବୁଧବାର ସମସ୍ତ ମେରୁଦଣ୍ଡ ସ୍ଥାନରେ ତୋଟା ଭୋଜି ହେବ ବୋଲି ଜଣାପଡ଼ିଛି।







### ମା'ଙ୍କ ଆଶୀର୍ବାଦ ନେଇ ମାନସିକ ବ୍ରତ ଶେଷ କଲେ ଦଣ୍ଡୁଆ

ବ୍ରହ୍ମପୁର,୧୪।୪(ସମିସ): ଗଞ୍ଜାମ ଜିଲ୍ଲାରେ ଚାଲିଥିବା ପ୍ରସିଦ୍ଧ ୧୩, ୧୮ ଓ ୨୧ଦିନ ଦଣ୍ଡଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ସହରର ବିଭିନ୍ନ କାଳୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଦଣ୍ଡୁଆମାନେ ଶେଷ ଦିବସରେ ରୀତିନୀତି ଅନୁସାରେ ବିଭିନ୍ନ ଦଣ୍ଡନାଚ ପରିବେଷଣ କରିବା ସହ ମଧ୍ୟରାତ୍ରିରେ ସେମାନଙ୍କ ବ୍ରତ ସମାହିତ କରିଥିବା ଜଣାପଡ଼ିଛି। ସହରର ହରିଡ଼ାଖଣ୍ଡି, ନୂଆ ବସଷ୍ଟାଣ୍ଡ ନିକଟ କାଳୀମନ୍ଦିର, ପାତାଳେଶ୍ୱର ମନ୍ଦିର ନିକଟ କାଳୀମନ୍ଦିର, ଗୋସାଣୀନୂଆଗାଁ ଦଣ୍ଡକାଳୀ ମନ୍ଦିର, ଶାଳିଆବନ୍ଧ ଦଣ୍ଡକାଳୀ ମନ୍ଦିର, ବ୍ରଜନଗର ଦଣ୍ଡକାଳୀ ମନ୍ଦିର, ବିଜିପୁର ଦଣ୍ଡକାଳୀ ମନ୍ଦିର, ରାମଲିଙ୍ଗେଶ୍ୱର ଦଣ୍ଡକାଳୀ, ସହର ଉପକଣ୍ଠ ଲାଞ୍ଜିଆ, ବାଳକୃଷ୍ଣପୁର, ଲୋଚାପଡା, ଆମ୍ବପୁଆରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସେଥିମଧ୍ୟରୁ ପାଣିଗ୍ରାହୀପେଣ୍ଠ ସାହିସ୍ଥିତ ଦଣ୍ଡନାଚ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକର୍ଷିତ କରିଥିବା ବେଳେ ସେଠାରେ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

ପୂର୍ବାହ୍ନରେ ଦଣ୍ଡୁଆମାନେ ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ ପ୍ରଦର୍ଶନ କରିଥିବା ବେଳେ ଅପରାହ୍ନରେ ଅନ୍ତିମ ପୂଜା ଅନୁଷ୍ଠିତ ହୋଇଥିଲା। ପାଟଭୁକ୍ତାଙ୍କୁ ମେରୁକୁଣ୍ଡ ନିକଟରେ ଝୁଲାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ମେରୁଯାତ୍ରା ନେଇ ସହରରେ ଆନନ୍ଦ ଉଲ୍ଲାସ ଦେଖାଦେଇଛି। ବହୁ ନେତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ମନ୍ଦିରରେ ଦର୍ଶନ କରି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ।

## ବିଭିନ୍ନ ମନ୍ଦିରରେ ହନୁମାନ ଜୟନ୍ତୀ







ବ୍ରହ୍ମପୁର,୧୪।୪(ସମିସ): ବ୍ରହ୍ମପୁର ସହରର ବିଭିନ୍ନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିପାଇଁ ସହର ଏକପ୍ରକାର ଉତ୍ସବ ମୁଖର ହୋଇଥିଲା। ବିଭିନ୍ନ ସ୍ଥାନରେ ଜୟ ହନୁମାନ ନାରାରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସେହିଭଳି ରାମଲିଙ୍ଗମ୍ ଟ୍ୟାଙ୍କ୍ ରୋଡ୍ ସଂକଟ ମୋଚନ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପଣା ବିତରଣ, ମଧ୍ୟାହ୍ନରେ ଅନ୍ନଯଜ୍ଞ, ଅପରାହ୍ନରେ ସହସ୍ର ନାମଯଜ୍ଞ ଓ ସନ୍ଧ୍ୟାରେ ପ୍ରସାଦ ବିତରଣ ହୋଇଥିଲା। ସେହିପରି ହିଲପାଟଣା ସ୍ଥିତ ସିଦ୍ଧ ବିନାୟକ ଓ ସିଦ୍ଧଦାୟ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପୂଜାପାଠ କରାଯାଇଥିଲା। ଏଠାରେ ଦିନ ତମାମ୍ ଶ୍ରଦ୍ଧାଳୁମାନେ ହନୁମାନ ଚାଳିଷା ପାଠ କରିଥିଲେ। ଶହଶହ ଶ୍ରଦ୍ଧାଳୁଙ୍କ ୧୦୮ ହନୁମାନ ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ପୂର୍ବାହ୍ନରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ଚାଳିଶା ପାଠରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହା ସହ ପଣା ବଣ୍ଟନ, ହୋମ ସହିତ ସନ୍ଧ୍ୟାରେ ୧୦୮ ଆଳତୀ ଅନୁଷ୍ଠିତ ହୋଇଥିଲା। ସେହିଭଳି ଗୋକର୍ଣ୍ଣେଶ୍ୱର ମନ୍ଦିର, ମାଣ୍ଡିଆପଲ୍ଲୀ ହନୁମାନ ମନ୍ଦିର, ପାତାଳେଶ୍ୱର ମନ୍ଦିର, ବାବାଜୀତୋଟା ସାହି ହନୁମାନ ମନ୍ଦିର, ଲୋଚାପଡା ରୋଡ ହନୁମାନ ମନ୍ଦିର, ଜେଲ ପରିସରରେ ଥିବା ହନୁମାନ ମନ୍ଦିର, ନେହେରୁନଗର ୧୦ମ ଲାଇନସ୍ଥିତ ହନୁମାନ ମନ୍ଦିର, ବିଜିପୁର ପୋଖରୀ ସ୍ଥିତ ହନୁମାନ ମନ୍ଦିର, ହନୁମାନ ବଜାର ହନୁମାନ ମନ୍ଦିର ସିଟିହାଇସ୍କୁଲ ରୋଡସ୍ଥିତ ମାନସ ଭବନ, ଅନ୍ଧପସରା ରୋଡ ବଜରଙ୍ଗବାଲି ମନ୍ଦିର, ବ୍ୟାଙ୍କ କଲୋନୀ ପଞ୍ଚମୁଖୀ ହନୁମାନ ମନ୍ଦିର, ବୈକୁଣ୍ଠ ନଗର ହନୁମାନ ମନ୍ଦିର, ବାପୁଜୀ ନଗର ହନୁମାନ ମନ୍ଦିର, ଏମକେସିଜି ମେଡିକାଲ ଚକ୍ଷୁବିଭାଗ ପରିସରରେ ଥିବା ହନୁମାନ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହିପରି ସ୍ଥାନୀୟ ବାବାଜୀ ତୋଟା ସାହି ସ୍ଥିତ ଶ୍ରୀ ଆଞ୍ଜନେୟ ସ୍ୱାମୀ ହନୁମାନ ମନ୍ଦିରରେ ହନୁମାନ ଚାଳିଶା ପାଠ କରାଯିବା ସହ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ କର୍ପୋରେଟର ପ୍ରଦୀପ ସତପଥି ପ୍ରମୁଖ ଉପସ୍ଥିତ ଥିଲେ।



### ଦଣ୍ଡନାଚ ପ୍ରସାଦ ବଣ୍ଟନବେଳେ ଗଣ୍ଡଗୋଳ; ଖଣ୍ଡା ଚୋଟରେ ୨ ଆହତ

ବ୍ରହ୍ମପୁର,୧୪।୪(ସମିସ): ଗତକାଲି ରାତିରେ ଲାଞ୍ଜିପଲ୍ଲୀ ଦୀପ ସାହି ଅଞ୍ଚଳରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା। ରାତିରେ ପ୍ରସାଦ ସେବନ ବେଳେ ତେଲିଗୁଡ଼ି ସାହି ଓ ଆମ୍ବେଦକର ନଗର ପିଲାଙ୍କ ମଧ୍ୟରେ ପ୍ରସାଦ ବଣ୍ଟନକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟ ପିଲା ନିଜ ନିଜର ସହଯୋଗୀଙ୍କୁ ଡାକି ମାରପିଟ ହୋଇଥିଲେ। ପ୍ରସନ୍ନ ବେହେରା ନାମକ ଜଣେ ଯୁବକକୁ ଖଣ୍ଡାରେ ଆକ୍ରମଣ କରିଥିଲେ ଶିବାଙ୍କ ସହଯୋଗୀମାନେ। ଆକ୍ରମଣରେ ପ୍ରସନ୍ନ ଆହତ ହୋଇଥିବା ବେଳେ ଅନ୍ୟ ଯୁବକଙ୍କ ଆକ୍ରମଣରେ ଆଉ ଜଣେ ଯୁବକ ଆହତ ହୋଇଥିବା ଜଣାପଡିଛି। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଁଚିଲା ବେଳକୁ ଦୁର୍ବୃତ୍ତମାନେ ଚମ୍ପଟ ମରିବାରେ ସଫଳ ହୋଇଥିଲେ।

### ନବବର୍ଷର ଶୁଭେଚ୍ଛା ସହ ପଣା ବଣ୍ଟନ

ବ୍ରହ୍ମପୁର,୧୪।୪(ସମିସ): ମେରୁ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ ଅବସରରେ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ, ବ୍ୟବସାୟୀ, ଯୁବକ ଓ ସ୍ୱେଚ୍ଛାସେବୀମାନେ ନବାତ, ଦହି ପଣା, ହାଲୁଆ ତରଭୁଜ ଜୁସ୍ ଆଦି ବଣ୍ଟନ କରିଛନ୍ତି। ରାସ୍ତାରେ ଯାଉଥିବା ପଥାରୋହୀଙ୍କୁ ପଣା ଦେବା ସହ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ



ସହରରେ ଧୀରେ ଧୀରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ବିଭିନ୍ନ ସ୍ଥାନରେ ପଣା ବଣ୍ଟନଙ୍କୁ ନେଇ ବାଟୋଇ ବେଶ୍ ଖୁସି ଥିବା ଦେଖିବାକୁ ମିଳିଥିଲା। ଥଣ୍ଡା ପଣା ଓ ପାଣି ବାଟୋଇମାନଙ୍କୁ ଆଶ୍ୱସ୍ତି ମିଳିଥିଲା।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ

# 'ସମ୍ବିଧାନର ସୁରକ୍ଷା ପାଇଁ ଏକତ୍ର ହେବାକୁ ଆହ୍ୱାନ'







ବ୍ରହ୍ମପୁର,୧୪।୪(ସମିସ): ପୂଜ୍ୟପୂଜା ସମିତି ଓ ବିକାଶ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମାନବବାଦୀ, ବିଜ୍ଞାନବାଦୀ ଏବଂ ମହାନ ସମାଜ ସଂସ୍କାରକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକରେ ଥିବା ପ୍ରତିମୂର୍ତ୍ତିରେ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଏକ ସ୍ମରଣ ସଭା ଅନୁଷ୍ଠିତ କରାଯାଇଥିଲା। ଏଥିରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୀବନ, ସଂଘର୍ଷ ଓ ତାଙ୍କ ଅମୂଲ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମରେ ସୁରେନ୍ଦ୍ର ନାଥ ପଣ୍ଡା, ଆର୍. ସତ୍ୟନାରାୟଣ ରାଓ, ଗଗନ ଚନ୍ଦ୍ର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ରବି ରଥ, ବିକାଶର ସଭାପତି ଗୋକୁଳ ବେହେରା, ସମ୍ପାଦକ ରବି ନାରାୟଣ ବେହେରା, ରଜନୀକାନ୍ତ ମଣ୍ଡଳ, କେ. ନନ୍ଦେଶ୍ବୁ ସେନାପତି, ବିଜୟ କୁମାର ବେହେରା, ଆଦିତ୍ୟ ନାରାୟଣ ରଥ, ଏସ୍. ସାମ୍ବସିବା ରାଓ, ଅଶୋକ ଦଲାଇ, ଟୁଟୁ ବେହେରା, ସତୀ ମାଝୀ, ଶରତ ରଞ୍ଜନ ପଟ୍ଟନାୟକ, ଜ୍ୟୋତି କ୍ରିଷ୍ଣା ବେହେରା, ରବି ନାରାୟଣ ବେହେରା, ଗୁଣନିଧି ବେହେରା, ତ୍ରିବେଣୀ ବେହେରା, ମେଘନାଦ ବେହେରା, ସତ୍ୟବାନ ବେହେରା ଓ ପ୍ରଶାନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ସେହିପରି ସିପିଏମ ପକ୍ଷରୁ ଦୀପସାହିରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଏକ ପଥପ୍ରାନ୍ତ ସଭା କରାଯାଇ ଡକ୍ଟର ଆମ୍ବେଦକର ଜୟନ୍ତୀ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, କେଶବ ଗୌଡ଼, ରାଜା ରାଓ, ଚିଟି ବାବୁ, ହରି ନାହାକ, ଲୋକ ନାଥ ଖୁଣ୍ଟିଆ, ମଧୁ ବେହେରା ଓ ନୀଳ ମାଧବ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡକ୍ଟର ଭୀମାରାଓ ରାମଜୀ ଆମ୍ବେଦକର ବ୍ରହ୍ମପୁର ମହାନଗର ଏସସି/ଏସଟି ବିକାଶ ମହାମଞ୍ଚ ପକ୍ଷରୁ ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଛକ ନିକଟରେ ଥିବା ଭାରତ ରତ୍ନ ଡଃ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ମହାମଞ୍ଚ ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିକାଶ ମଞ୍ଚର ସଭାପତି ଭାସ୍କର ହାତୀ, ସାଧାରଣ ସମ୍ପାଦକ ବିଷ୍ଣୁପ୍ରିୟା ନାୟକ, କାର୍ଯ୍ୟକାରୀ ସଭାପତି ଅଶୋକ ନିମାଇଁ, ଅଧ୍ୟକ୍ଷ ଗାଗାରିନ ନାୟକ, ଶୂନ୍ୟ ଚନ୍ଦ୍ର ଦାସ, ବରିଷ୍ଠ ଉପଦେଷ୍ଟା ଟି. ବଳରାମ, ସଂଗଠନ ସମ୍ପାଦକ ଟି. ଶିବ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାନବବାଦୀ ହେତୁବାଦୀ ସଂଗଠନ ପକ୍ଷରୁ ଡକ୍ଟର ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ଶକ୍ତିନାଗର ୪ର୍ଥ ଲାଇନ ସ୍ଥିତ ସହୀଦ ଭଗତ ସିଂ ପାଠାଗାରରେ ଆମ୍ବେଦକରଙ୍କ ବିଚାର ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଇ.ଟି ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ରାହୁଲ ଖିଲାରେ ଯୋଗଦେଇ ଆମ୍ବେଦକରଙ୍କ ସମାଜିକ, ଅର୍ଥନୈତିକ, ରାଜନୈତିକ ସଂସ୍କାର ଗୁଡିକ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ କେ. ନନ୍ଦେଷୁ ସେନାପତି, ଉପସଭାପତି କିଶୋର ଚନ୍ଦ୍ର ମିଶ୍ର, ସଦସ୍ୟ ରାଜବାଳା ତ୍ରିପାଠୀ, ଡି. ମୋହନ ରାଓ, ସୁନେଜ କୁମାର ପାଣିଗ୍ରାହୀ, ବୃନ୍ଦାବନ ଖଟେଇ, ଗାୟତ୍ରୀ ପାଣିଗ୍ରାହୀ, ସ୍ୱପ୍ନ ସାହୁ, ପ୍ରାତାପ ଚନ୍ଦ୍ର ପ୍ରଧାନ, ସୁଶାନ୍ତ ପ୍ରଧାନ, ରାଜବାଳା ତ୍ରିପାଠୀ, ମହର୍ଷି ସିଂ, ଟି.ଗଣେଶ ଓ ସନ୍ତୋଷ ମିଶ୍ର ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ରାଜକନିକା,୧୪।୪(ସମିସ): ଗତକାଲି ଅପରାହ୍ନରେ ଓଳାଭରଠାରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସୁରେନ୍ଦ୍ର ନାଥ (୨୦)ଙ୍କ ରାତିରେ କଟକ ମେଡ଼ିକାଲରେ ମୃତ୍ୟୁ ଘଟିଛି । ଅନ୍ୟଜଣେ ଆହତ ରାଜା ମଲ୍ଲିକଙ୍କ ଅବସ୍ଥା ସଙ୍ଗୀନ ଥିବା ଜଣାପଡିଛି । ମୃତ ସୁରେନ୍ଦ୍ର ନାଥ ବାଇକରେ ସାତଘରିଆ ଗାଁରେ ଥିବା ସାଙ୍ଗ ରାଜାଙ୍କୁ ବାଇକରେ ବସାଇ ଓଳାଭର ଗ୍ରାମ୍ୟ ବ୍ୟାଙ୍କକୁ ଆସୁଥିବା ସମୟରେ ଏକ କାର୍ ଧକ୍କା ଦେଇଥିଲା । ଏଥିରେ ସୁରେନ୍ଦ୍ର ଓ ରାଜା ଗୁରୁତର ଆହତ ହୋଇଥିଲେ । ଏଥିରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି ।

## ହନୁମାନ ଜୟନ୍ତୀରେ ପୁରପଲ୍ଲୀ ଉତ୍ସବ ମୁଖର

ଡେରାବିଶ, ୧୪।୪(ସମିସ): ଆଜି ମହାପ୍ରଭୁ ଶ୍ରୀହନୁମାନଙ୍କ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ପୁରପଲ୍ଲୀ ଉତ୍ସବ ମୁଖର ହୋଇଛି । ସମଗ୍ର ଡେରାବିଶ ଅଞ୍ଚଳରେ ଥିବା ହନୁମାନଙ୍କ ମନ୍ଦିରରେ ଭକ୍ତ ପୂଜାର୍ଚ୍ଚନା କରିବା ସହିତ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ । ଶ୍ରଦ୍ଧାଳୁ ଘର ସମ୍ମୁଖରେ ପବିତ୍ର କଳସ ସ୍ଥାପନ କରିବା ସହିତ ଘରେ ଓ ଘର ବାହାରେ ଗୈରିକ ଧ୍ୱଜା ଉତ୍ତୋଳନ କରିଥିଲେ । ଏଥିସହିତ ମହାବିଷୁବ ସଂକ୍ରାନ୍ତି ପାଇଁ ଘର ସମ୍ମୁଖରେ ମା ବୃନ୍ଦାବତୀଙ୍କ ମସ୍ତକରେ ଥିବା ମାତା ତୁଳସୀଙ୍କ ବୃକ୍ଷକୁ ସୁଶୀତଳ ରଖିବା ପାଇଁ ଗବଗଛ ଡାଳରେ ମାଟି କଳସୀରେ ପାଣି ରଖି ସେଥିରୁ କୁଶଦ୍ୱାରା ପାଣି ସିଞ୍ଚନ କରାଯାଇଛି ।

## ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ନବବର୍ଷ

କେନ୍ଦ୍ରାପଡ଼ା,୧୪।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ନବବର୍ଷ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏ ଅବସରରେ ଓଡିଆ ଭାଷା, ସଂସ୍କୃତି ଓ ପାରମ୍ପରିକ ଆହାରର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପଣା ସହିତ ପାରମ୍ପରିକ ଓଡିଆ ପିଠାପଣାର ଆସର । ଯେଉଁଠାରେ ବିଭିନ୍ନ ପ୍ରକାର ଓଡିଆ ଖାଦ୍ୟ ପ୍ରଦର୍ଶିତ ଓ ପରିବେଷଣ କରାଯାଇଥିଲା । ଉପସ୍ଥିତ ଅତିଥି ଓ କର୍ମଚାରୀ ଏହି ପାରମ୍ପରିକ ଖାଦ୍ୟର ସ୍ୱାଦ ଉପଭୋଗ କରିବା ସହ ଓଡିଆ ଖାଦ୍ୟ ସଂସ୍କୃତି ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ସେହିପରି ଝୋଟି ଓ ମୁରୁଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତାରେ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଂଶଗ୍ରହଣକାରୀ ସୃଜନଶୀଳ ଡିଜାଇନ୍ ମାଧ୍ୟମରେ ଓଡିଆ ଲୋକକଳାର ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଜିଲ୍ଲାପାଳ ରଘୁରାମ ଆର. ଆୟର କହିଥିଲେ, ଓଡିଆ ପକ୍ଷ ପାଳନ ମାଧ୍ୟମରେ ଆମ ଭାଷା, ସଂସ୍କୃତି ଓ ପାରମ୍ପରିକତାକୁ ସୁରକ୍ଷିତ ଓ ପ୍ରଚାର କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେ ସମସ୍ତଙ୍କୁ ଓଡିଆ ପରମ୍ପରାକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ ।

## ମହାବୀର ହନୁମାନଙ୍କ ବାର୍ଷିକ ଉତ୍ସବ

ପଞ୍ଚୁପାଣ୍ଡବ,୧୪।୪(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ହାଟ ପଡ଼ିଆ ନିକଟରେ ଥିବା ମହାବୀର ହନୁମାନଙ୍କ ଚତୁର୍ଥ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳୁ ମହିଳାମାନେ ସଂକୀର୍ତ୍ତନ ମଣ୍ଡଳୀ ଓ ବାଜା ବାଣ ଫୁଟାଇ ବେଲାରପୁର ଗୋବରୀ ନଦୀ ବ୍ରିଜ ନିକଟରେ ଥିବା ଶନି ଠାକୁର ନିକଟରୁ ପାଣି ଉଠାଇ ୧୦୮ କଳସ ଯାତ୍ରାରେ ଆସି ହନୁମାନଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ । ଏହି ଉତ୍ସବରେ କର୍ତ୍ତା ଭାବେ ବ୍ରଜକିଶୋର କର, ବିଜୟଲକ୍ଷ୍ମୀ କର କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମହାବୀର ହନୁମାନ କମିଟି ସଭାପତି ସଦାଶିବ ମହାରଣା, କଳ୍ପତରୁ ମହାରଣା, ଜଗଦୀଶ ଦାସ, ରଞ୍ଜିତ ମହାରଣା, ଗିରିଜା ନନ୍ଦନ କର, ଗଜେନ୍ଦ୍ର ଘଡାଇ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ପରଲୋକ

ଆଳି,୧୪।୪(ସମିସ): ଆଳି ଜଳସମ୍ପଦ ବିଭାଗ କର୍ମଚାରୀ ତୁଷାରକାନ୍ତ ସାହୁ(୩୯)ଙ୍କ ଆଜି ସନ୍ଧ୍ୟାରେ ହଠାତ ପରଲୋକ ଘଟିଛି । ସେ ତାଙ୍କ ପତ୍ନୀ ଓ ଝିଅଙ୍କ ସହ ଆଳିରେ ଏକ ଭଡା ଘରେ ରହୁଥିଲେ । ଆଜି ସନ୍ଧ୍ୟାରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଅକସ୍ମାତ ମୃତ୍ୟୁ ଜଳସମ୍ପଦ ବିଭାଗର ସମସ୍ତ କର୍ମଚାରୀଙ୍କ ସହ ସମଗ୍ର ଆଳି ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ମରଶରୀର ଥିବାବେଳେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ରାଜକନିକା,୧୪।୪(ସମିସ): ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତର ବିରାଡ଼ିଆ ଗାଁର ଧର୍ମପ୍ରାଣ ବାସନ୍ତୀ ବେହେରା (୮୯) ଆଜି ସନ୍ଧ୍ୟାରେ ପରଲୋକ ହୋଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିବାବେଳେ ସୋମବାର ସନ୍ଧ୍ୟା ୬.୩୦ମିନିଟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବାସନ୍ତୀ କାଟଣାବଣିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ବ୍ରହ୍ମାନନ୍ଦ ବେହେରାଙ୍କ ଧର୍ମପତ୍ନୀ ଅଟନ୍ତି । ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ଗ୍ରାମରେ ପରିଚିତ ଥିଲେ ।

### ମା' ମାଟିଆମଙ୍ଗଳାଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି

# ମା'ଙ୍କୁ ଦର୍ଶନ କଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ରାଜନଗର,୧୪।୪(ସମିସ)



ରାଜନଗର ବ୍ଲକର ସର୍ବପୁରାତନ ବାରଗାଁର ମା' ମାଟିଆମଙ୍ଗଳା ଶକ୍ତି ପୀଠରେ ଆଜି ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳରୁ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଛନ୍ତି । ଆଜି ଭୋର ୩ଟାରେ ମା'ଙ୍କ ବଡ଼ସିଂହାର ବେଶ କରାଯାଇଥିଲା । ପରେ ମା'ଙ୍କର ଷୋଡଶ ଉପଚାର, ବାଲ୍ୟଭୋଗ, ଆଳତି, ପଣାଭୋଗ କରାଯାଇଥିଲା । ମଧ୍ୟାହ୍ନ ଧୂପ ପରେ ୧୨ଟାରେ ୧୫ ମିନିଟ ପାଇଁ ମା'ଙ୍କ ଦର୍ଶନ ବନ୍ଦ ରହିଥିଲା । ଅପରାହ୍ନରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ନିମିତ୍ତ ମା'ଙ୍କ ମନ୍ଦିର ଖୋଲାଯାଇଥିଲା । ସନ୍ଧ୍ୟା ଆଳତି ଓ ବାଲ୍ୟଭୋଗ ପରେ ଅନ୍ୟାନ୍ୟ ପୂଜାନୀତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା ।

ମା' ମାଟିଆମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା । ମା'ଙ୍କ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଆଇଆଇସି ନରେଶ ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୁଲିସ କର୍ମଚାରୀ ନିୟୋଜିତ ହୋଇଥିଲେ । ମା'ଙ୍କ ମନ୍ଦିରକୁ ଫୁଲ ଓ ଲାଇଟରେ ସୁସଜ୍ଜିତ କରାଯାଇଥିଲା । କାହିଁ କେଉଁ ଅନାଦି କାଳରୁ ବ୍ରାହ୍ମଣୀ ନଦୀ କୂଳରେ ମା' ମାଟିଆମଙ୍ଗଳା ପୂଜା ପାଇଆସୁଛନ୍ତି । ନଦୀର କରାଳ ଗ୍ରାସରେ ତଟକ୍ଷୟ ଯୋଗୁଁ ମା'ଙ୍କ ପୁରାତନ ମନ୍ଦିରରେ ନଦୀ ଗର୍ଭକୁ ଚାଲିଗଲା ପରେ ଏବେ ନୂତନ ମନ୍ଦିରରେ ମା' ପୂଜା ପାଉଆସୁଛନ୍ତି । ମା'ଙ୍କ ପୂଜାନୀତି ଓ କିମ୍ବଦନ୍ତୀ ସାରା ଓଡିଶାରେ ବିରଳ । ଅନ୍ୟାନ୍ୟ ଶକ୍ତିପୀଠରେ ବ୍ରାହ୍ମଣମାନେ ପୂଜା କରୁଥିବାବେଳେ ଏଠାରେ ରାଉଳ ସଂପ୍ରଦାୟର ଭକ୍ତ ମା'ଙ୍କୁ ପୂଜା କରିଆସୁଛନ୍ତି । ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସହିତ ନେତାଙ୍କ ଭିଡ ଜମିଥିଲା । କେନ୍ଦ୍ରପଡା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଧ୍ରୁବଚରଣ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ ଜେନା, ବିଜେପି ନେତା ଲଳିତ ବେହେରା, ଓଡିଶା ଜନତା କଂଗ୍ରେସ ନେତା ଅଶୋକ ପ୍ରତିହାରୀ, କଂଗ୍ରେସ ନେତା ପ୍ରଶାନ୍ତ ରାଉତ, ଶ୍ରୀରାମ ସେନା ସଭାପତି ସାରଦା ରାଉତ, ବିଜେପି ଯୁବନେତା ଦିଲ୍ଲୀପ ପାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ମା'ଙ୍କ ପୀଠରେ ପହଞ୍ଚି ଦର୍ଶନ କରିଥିଲେ । ଆଜି ପ୍ରବଳ ଖରା, ଗରମ ସତ୍ତ୍ୱେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା ।

### ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ

## ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୧୪।୪(ସମିସ): ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା ଏମଏନ୍ ହାଇସ୍କୁଲ ପଡ଼ିଆଠାରୁ ବାହାରିଥିଲା । ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା ଓ ବଜରଙ୍ଗ ଦଳ ସଂଯୋଜକ ଚନ୍ଦ୍ରକାନ୍ତ ଖଣ୍ଡାଇଙ୍କ ନେତୃତ୍ୱରେ ଶତାଧିକ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ମେଡିକାଲ ଛକ, କେନାଲ ପୋଲ ଛକ ଓ ଆମ୍ବେଦକର ଛକ ଦେଇ ସହର ପରିକ୍ରମା କରିବା ପରେ ଶୋଭାଯାତ୍ରା ପୁନର୍ବାର ଏମଏନ୍ ହାଇସ୍କୁଲ ପଡିଆରେ ପହଞ୍ଚିଥିଲା । ବିଶ୍ୱହିନ୍ଦୁ ପରିଷଦର ଉପସଭାପତି ଆତ୍ମଜ ନାୟକ, ସମ୍ପାଦକ ସନାତନ ମହାନ୍ତି, ସହସମ୍ପାଦକ ଅଜିତ



ମଲିକ, ବଜରଙ୍ଗ ଦଳ ସହସଂଯୋଜକ ସଞ୍ଜୟ ମଲିକ, ସୂର୍ଯ୍ୟକାନ୍ତ ବେହେରା, ବଳ ଉପାସନା ପ୍ରମୁଖ ବଳରାମ ମଲିକ, ସୁରକ୍ଷା ପ୍ରମୁଖ ସମ୍ରେଶ ପ୍ରଧାନ, ଗୋରକ୍ଷା ପ୍ରମୁଖ ପାତନ ମଲିକ, ବିଶ୍ୱହିନ୍ଦୁ ପରିଷଦ ଦୁର୍ଗାବାହିନୀ ସଂଯୋଜିକା ଶ୍ରୀୟା ମହାନ୍ତି, ସତ୍‌ସଙ୍ଗ ପ୍ରମୁଖ ପ୍ରିୟବ୍ରତ ଦାଶ, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଆଦିତ୍ୟ ସିଂହ, ମନ୍ଦିର ଓ ଅର୍ଚ୍ଚକ ପୁରୋହିତ ସମ୍ପର୍କ ପ୍ରମୁଖ ପ୍ରମୋଦ ସ୍ୱାଇଁ, ଧର୍ମ ପ୍ରସାର ପ୍ରମୁଖ ପ୍ରଶାନ୍ତ ମହାପାତ୍ର, ସେବା ପ୍ରମୁଖ ତପନ ବେହେରା, ପ୍ରଚାର ପ୍ରସାର ପ୍ରମୁଖ ପ୍ରଭୁଦତ୍ତ ଦାଶ, ମାତୃଶକ୍ତି ସଂଯୋଜିକା କାମିନୀ ତରାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ସମୀର ଦାସ, ଶଶୀକାନ୍ତ ସ୍ୱାଇଁ, ବ୍ରଜ ସାହୁ, ଚନ୍ଦ୍ରଶେଖର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୁଲିସ ବାହିନୀ ସହିତ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

## ମା' ଦରିୟାପାରି ରାମଚଣ୍ଡୀ ପୀଠରେ ଝାମୁଯାତ୍ରା

ମହାକାଳପଡା,୧୪।୪(ସମିସ): ମହାକାଳପଡା ବ୍ଲକର ରାମନଗର ପଞ୍ଚାୟତ ପୂର୍ବ ଉପକୂଳବର୍ତ୍ତୀ ଐତିହାସିକ ଜମ୍ବୁ ଦ୍ୱୀପ ତଟରେ ଅବସ୍ଥିତ ପ୍ରସିଦ୍ଧ ମା' ଦରିୟାପାରି ରାମଚଣ୍ଡୀ ପୀଠରେ ପଣା ସଂକ୍ରାନ୍ତି ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୧୭୩୭ରେ କୁଜଙ୍ଗ ରାଜ୍ୟର ଷଷ୍ଠ ବଂଶର ରାଜାଙ୍କ ସମୟରେ ଘନ ଜଙ୍ଗଲ ମଧ୍ୟରେ ଏହି ମନ୍ଦିରର ନିର୍ମାଣ ହୋଇଥିଲା । ମା' ରାମଚଣ୍ଡୀ କୁଜଙ୍ଗ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜିତା । ପୀଠରେ ବାର ପୁନେଇଁ ଓ ତେର ଯାତ୍ରା ପାଳନର ପାରମ୍ପରିକ ପ୍ରଚଳନ ରହିଛି । ଏଥିମଧ୍ୟରୁ ପଣା ସଂକ୍ରାନ୍ତିର ଝାମୁଯାତ୍ରା ବିଶେଷ ଗୁରୁତ୍ୱ ବହନ କରେ । ଦୂରଦୂରାନ୍ତରୁ ଭକ୍ତମାନେ ଆସି ମା'ଙ୍କ ଦର୍ଶନ କରିଥା'ନ୍ତି । ଭକ୍ତଙ୍କ ଆସ୍ଥା ଅନୁଯାୟୀ, ସମୁଦ୍ରରେ ଝଡ଼ ତୋଫାନ



ସମୟରେ ମା'ଙ୍କୁ ସ୍ମରଣ କଲେ ସମସ୍ତ ବିପଦ ଦୂର ହୋଇଥାଏ । ବିଶେଷତଃ ଝାମୁଯାତ୍ରା ସମୟରେ ଭକ୍ତ ନିଆଁ ଉପରେ ଖାଲି ପାଦରେ ଚାଲି ମା'ଙ୍କ ପ୍ରତି ଭକ୍ତି ଓ ନିଷ୍ଠା ପ୍ରକାଶ କରିଥା'ନ୍ତି । ପଣା ସଂକ୍ରାନ୍ତି ଦିନ ମା'ଙ୍କୁ ପଣା ଭୋଗ ଅର୍ପଣ କରାଯାଇଥିଲା । ପରେ ସେବାୟତ ସଂକୀର୍ତ୍ତନ ଓ ଘଣ୍ଟଘଣ୍ଟି ଧ୍ୱନି ମଧ୍ୟରେ ସୁସଜ୍ଜିତ ଦୋଳ ବିମାନରେ ମା'ଙ୍କ ଚଳନ୍ତି ପ୍ରତୀମାକୁ ମନ୍ଦିର ପରିସର ଚାରିପଟେ ସାତଥର ପରିକ୍ରମା କରାଇଥିଲେ । ଏହି ଧାର୍ମିକ ଆୟୋଜନରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମହାକାଳପଡା ବିଡିଓ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ମିରାରାଣୀ ନାୟକ, ଉପାଧ୍ୟକ୍ଷ ବିଜୟ ଶୁକ୍ଲା ଓ ମା' ରାମଚଣ୍ଡୀ ସେନାର ସଦସ୍ୟ ଉପସ୍ଥିତ ଥିଲେ ।

## ମା' ସିଦ୍ଧେଶ୍ୱରୀ କ୍ୟାସେଟ୍ ଉନ୍ମୋଚିତ

ରାଜକନିକା,୧୪।୪(ସମିସ): ଆଜି ମହାବିଷୁବ ପଣାସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡ଼ା ପଞ୍ଚାୟତ ସୀମାନ୍ତ ଗ୍ରାମ ଠାକୁରାଣୀପାଳ ଗ୍ରାମର ଆରାଧ୍ୟା ଦେବୀଙ୍କ ପୀଠରେ ମା' ସିଦ୍ଧେଶ୍ୱରୀ ମହିମା ବର୍ଣ୍ଣିତ ସିଡି ଉନ୍ମୋଚନ ହୋଇଛି ।



ଏହି କ୍ୟାସେଟ୍‌ରେ ଗୁରୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । କ୍ୟାସେଟ୍‌ରେ ଓଡ଼ିଶାର ସୁନାମଧନ୍ୟ ଗାୟିକା ଅରୁପମା ନାୟକ କଣ୍ଠଦାନ କରିଛନ୍ତି । ଆଜି ଏହି କ୍ୟାସେଟର ଉନ୍ମୋଚନ ସମୟରେ ସାହିତ୍ୟିକ ନିରଞ୍ଜନ ବେହେରା ଓ ମନ୍ଦିର ପୂଜକ ବ୍ରଜକିଶୋର ପଣ୍ଡା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମା' ମାଟିଆମଙ୍ଗଳାଙ୍କ ରୋଷଘରର ଶିଳାନ୍ୟାସ



ରାଜନଗର, ୧୪।୪(ସମିସ): ଆଜି ପବିତ୍ର ବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷରେ ରାଜନଗର ରାଜନୀତିରେ ଏଣ୍ଟ୍ରି ମାରିଛନ୍ତି ଯୁବ ସମାଜସେବୀ ପ୍ରଣବ ପଢ଼ିହାରୀ । ଉପକୂଳ ଓଡିଶାର ପ୍ରମୁଖ ଶକ୍ତିପୀଠ ମା' ମାଟିଆମଙ୍ଗଳାଙ୍କ ପୂଜାର୍ଚ୍ଚନା କରି ଆଜି ରାଜନୀତିରେ ପ୍ରବେଶ କରିଛନ୍ତି । ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ନାଉକୋଣା ଗାଁରେ ପ୍ରଣବଙ୍କ ଘର । ଆଜି ରାଜନୀତିରେ ଏଣ୍ଟ୍ରି କରିବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ବିଭିନ୍ନ ଶକ୍ତିପୀଠରେ ଦର୍ଶନ କରିଛନ୍ତି । ରାଜନୀତିର ପ୍ରଥମ ଦିନରେ ମା' ମାଟିଆ ମଙ୍ଗଳାଙ୍କ ପୀଠରେ ରୋଷଘର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ତାଙ୍କର ବ୍ୟକ୍ତିଗତ ଅର୍ଥରୁ ମା'ଙ୍କ ରୋଷଘର ନିର୍ମାଣ କରିବେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତି ସଭ୍ୟ ସସ୍ମିତା ସ୍ୱାଇଁ, ବ୍ରାହ୍ମଣସାହି ପଞ୍ଚାୟତ ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବୀନ ମଲ୍ଲିକ, ଯୁବ ନେତା ସରୋଜ ରାଉତ, ପ୍ରମୋଦ ପ୍ରଧାନଙ୍କ ସହିତ ମନ୍ଦିର କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ । ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ବଳିଷ୍ଠ ନେତୃତ୍ୱ ଓ ରାଜନଗର ବିକାଶ ଧାରାରେ ସାମିଲ ହେବାକୁ ରାଜନୀତିରେ ପାଦ ଦେଇଥିବା ପ୍ରଣବ କହିଛନ୍ତି ।

# ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୟନ୍ତୀ









କେନ୍ଦ୍ରାପଡ଼ା,୧୪।୪(ସମିସ)

ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ (ସୂଚନା ଓ ଲୋକସମ୍ପର୍କ ବିଭାଗ) ପକ୍ଷରୁ ଜିଲ୍ଲା ସ୍ତରରେ ପାଳିତ ହୋଇଛି । ସକାଳ ୮ଟାରେ ହାଇସ୍କୁଲ ଛକ ଓ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ଓ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ ପତି ଓ ନନ୍ଦକିଶୋର ପରିଡା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ଓ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଅତିଥିଙ୍କୁ ସ୍ୱାଗତ ଓ ସମ୍ମାନିତ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

**ରାଜକନିକା:** ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଆଜି ସମ୍ବିଧାନର ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି । ଦେଶରେ ସାର୍ବଭୌମ ସମାଜବାଦ ପ୍ରତିଷ୍ଠାକୁ ସୁଦୃଢ କରିବାକୁ ଆଜି ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ଏହି ଜୟନ୍ତୀ ପାଳନ କରାଯାଉଛି । ଅଶୋକ ବଜାରସ୍ଥ କାର୍ଯ୍ୟାଳୟରେ ବ୍ଲକ୍ କଂଗ୍ରେସ ସଭାପତି ପଙ୍କଜ ଦାସ, ପିସିସି ସଦସ୍ୟ ବାବୁରାମ ଜେନା, ଯୁବ କଂଗ୍ରେସର ସତ୍ୟ ପରିଡା, ଅଭିରାମ ବିଶ୍ୱାଳ, ଅମିତ ନାୟକ,ସମିତି ସଭ୍ୟା ନାରୀ ନେତ୍ରୀ ଅଞ୍ଜନା ସାହୁ, ଲକ୍ଷ୍ମୀପ୍ରିୟା ନାୟକ, ମେହତାବ ଖାଁ, ଫରିଦ ଖାଁ, ନିରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ ।

**ରାଜନଗର:** ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ତହସିଲ ପ୍ରାଙ୍ଗଣରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜିଲ୍ଲା ଗୋଖା ମହାସଂଘ ସଭାପତି ବସନ୍ତ ସେଠୀ, ରାଜନଗର ଓକିଲ ସଂଘ ସଭାପତି ଉମେଶ ଦାସ, ଜିଲ୍ଲା ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାନେତ୍ରୀ ଶ୍ରୀମତୀ ପ୍ରମିଳା ସେଠୀ, ଆମ୍ବେଦକର ମହିଳା ବିକାଶ ଟ୍ରଷ୍ଟ ସଭାନେତ୍ରୀ ସୀତା ସେଠୀ, ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାପତି ବାମନ ଜେନା, ଦେବେନ୍ଦ୍ର ଦାସ, କୈଳାସ ମଲିକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇର ବିଭିନ୍ନ ସଂଗଠନ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ବାଇପାସ ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ସ୍ମୃତି ସଂସଦ ସମ୍ପାଦକ କାଉନସିଲର ଗୋପୀବଲ୍ଲଭ ନାୟକ, ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ଇଂ ତପନ ପାତ୍ର, ସତ୍ୟପ୍ରିୟ ସାମଲ, ମିଟୁ ମନୋଜ ନାୟକ, ଗୋବିନ୍ଦ ସେଠୀ, ରବୀନ୍ଦ୍ର ପାତ୍ର, ରାମଚନ୍ଦ୍ର ସାହୁ, ଦଳିତ ନେତା କଳ୍ପତରୁ ମଲିକ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥିସହିତ ସ୍ମୃତି ସଂସଦ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେହିପରି ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି । ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମସମ୍ପାଦକ ସତ୍ୟନାରାୟଣ ନାୟକ, ସରକାରୀ ଓକିଲ ଭବାନୀ ପଣ୍ଡା, ରମେଶ ଦାଶ, ସଞ୍ଜୀବ କର ପ୍ରମୁଖ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ ।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମରେ ଥିବା ଆମ୍ବେଦକର ଯୁବକ ସଂଘ ପାଠାଗାର ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି । ସମତା ବିହାରରେ ଆୟୋଜିତ ଉତ୍ସବରେ ପ୍ରଫେସର ବସନ୍ତ ମଲିକ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଡେରାବିଶ କଲେଜର ପୂର୍ବତନ ଅଧ୍ୟକ୍ଷ ହରିଶ ପୃଷ୍ଟି, ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ମାନସ ବେହେରା, ସମ୍ମାନିତ ଅତିଥି କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ରମେଶ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ରବୀନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ । ସମ୍ପାଦକ ଉତ୍ତମ ମଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ତ୍ରିଲୋଚନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଜୟନ୍ତ ମଲିକ, ଭଜହରି ମଲିକ, ମାନସ ମଲ୍ଲିକ, ଗିରିଶ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




## ୧୧ ଫୁଟ ୩ ଇଞ୍ଚର କୁମ୍ଭୀର ମୃତ

ରାଜନଗର,୧୪।୪(ସମିସ): ରାଜନଗରରେ ପ୍ରବାହିତ ହଂସୁଆ ନଦୀରୁ ୧୧ ଫୁଟ ୩ ଇଞ୍ଚର ମୃତ କୁମ୍ଭୀର ଉଦ୍ଧାର କରାଯାଇଛି । ମୃତ କୁମ୍ଭୀର ପୁରୁଷ ହୋଇଥିବାବେଳେ ବାମ ଗୋଡ ନ ଥିବାରୁ କୁମ୍ଭୀର ଲଢେଇରୁ ତାଙ୍କର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ହଂସୁଆ ନଦୀର ସାନଓର ନିକଟରେ କୁମ୍ଭୀର ଭାସୁଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ ଟିମ ବୋଟ ଯୋଗେ ସେଠାରେ ପହଞ୍ଚି ମୃତ କୁମ୍ଭୀରକୁ ଉଦ୍ଧାର କରି ସଂସାରଫଳସ୍ଥ ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲେ । ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଜେନାଙ୍କ ନେତୃତ୍ୱରେ ୪ ଜଣିଆ ଟିମ ମୃତ କୁମ୍ଭୀରର ବ୍ୟବଚ୍ଛେଦ କରିଥିଲେ । ଏହି ମୃତ ପୁରୁଷ



କୁମ୍ଭୀରର ବାମ ଗୋଡ ନ ଥିବାବେଳେ ୮/୧୦ ଦିନ ତଳେ ମାରିଥିବାରୁ କାଟିବା ବେଳେ ସବୁ ବାହାରିଯାଇଥିଲା । ବର୍ତ୍ତମାନ କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ କୁମ୍ଭୀର କୁମ୍ଭୀର ଲଢେଇରୁ ବାମ ଗୋଡ କଟିବା ସହ ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି ।

## କୁନିକୁନି ଛାତ୍ରଛାତ୍ରୀଙ୍କ ଜଳଛତ୍ର



ଡେରାବିଶ, ୧୪।୪(ସମିସ): ଜମଧର ପଞ୍ଚାୟତ ଅନ୍ତର୍ଗତ ସାନଗାଁସ୍ଥ ମା' ସିଦ୍ଧଚଣ୍ଡୀ ପାଠଶାଳାର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଜଳଛତ୍ରର ଆୟୋଜନ କରାଯାଇଛି । ଏଥିରେ ପାଠଶାଳାର ଛୋଟ ଛୋଟ ଛାତ୍ରଛାତ୍ରୀ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଦହିସରବତ ବଣ୍ଟନ କରିଥିଲେ । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେତୁ ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ତୃଷା ମେଣ୍ଟାଉଥିବାରୁ ଛାତ୍ରଛାତ୍ରୀଙ୍କୁ ସେମାନେ ଆଶୀର୍ବାଦ କରିଥିଲେ । ଜଳଛତ୍ରକୁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଅବସରପ୍ରାପ୍ତ ଶିକ୍ଷକ ରମେଶ ପତି ଉଦ୍‌ଘାଟନ କରିଥିଲେ । ପର୍ଶୁରାମ ମହାନ୍ତି, ସଂଯୋଜକ ସିକୁନ ମହାନ୍ତି ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ । ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦହିସରବତ ବଣ୍ଟନ କରାଯାଇଥିଲା

୧୪/୪/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୮୬,୦୫୪/- ସୁନା:୧୬୧.୭୦୦ ଗ୍ରାମ୍ ରୁପା: ୫୧.୧୦୦ ଗ୍ରାମ୍





# ମହାବିଷୁବ ସଂକ୍ରାନ୍ତିରେ ଶ୍ରୀକ୍ଷେତ୍ର ଚଳଚଞ୍ଚଳ




● ପୂଜା, ପଣାରେ ବିତିଲା ଦିନ
● ଶିରୁଳୀ ମହାବୀର ପୀଠରେ ଭକ୍ତଙ୍କ ଭିଡ଼

**ପୁରୀ,୧୪।୪(ସମିସ):** ପବିତ୍ର ମହାବୀର ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଚଳଚଞ୍ଚଳ ଥିଲା ପୁରୀ ସହର। ହନୁମାନ ଚାଳିଶା ପାଠରେ ଗୁଞ୍ଜରିତ ହୋଇଥିଲା ଶ୍ରୀକ୍ଷେତ୍ର। ମଙ୍ଗଳବାର ସକାଳୁ ସକାଳୁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଲାଗିଥିଲା। ବିଶେଷକରି ମହାବୀର ପୀଠରେ ଅଧିକ ଗହଳି ହୋଇଥିଲା। କିଏ ଧୂପଦୀପ ଜାଳି ଭଗବାନଙ୍କୁ ଆବାହନ କରିଥିଲେ ତ ଆଉ କେହି ମନ୍ଦିର ବେଢ଼ାରେ ବସି ହନୁମାନ ଚାଳିଶା ପାଠ କରୁଥିଲେ। ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଲାଗି ବିଭିନ୍ନ ଅନୁଷ୍ଠାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ପଣା ପ୍ରସ୍ତୁତ ହୋଇଥିଲା। କଦଳୀ, ନଡ଼ିଆ, କ୍ଷୀର, ଦହି, ଛେନା, ଚିନି ଆଦିରେ ପଣା ପ୍ରସ୍ତୁତ କରାଯାଇ ପଥଚାରୀଙ୍କୁ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବଣ୍ଟାଯାଇଥିଲା। କେତେକ ସ୍ଥାନରେ ବେଲ ପଣା ବି ଦିଆଯାଉଥିଲା। ଏକାଧିକ ଅନୁଷ୍ଠାନ ପକ୍ଷରୁ ଜଳଛତ୍ରର ମଧ ଶୁଭାରମ୍ଭ କରାଯାଇଥିଲା। ପୁରୀ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶିରୁଳୀ ମହାବୀର ପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଭୋରୁ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଧାଡ଼ି ଲଗାଇଥିଲେ। ଦ୍ୱାର ଫିଟିବା ପରେ ପରେ ମଙ୍ଗଳ ଆଳତି, ମଇଲମ, ମାଜଣା ଆଦି ନୀତି ସରି ଠାକୁରଙ୍କ ସୁନାବେଶ ହୋଇଥିଲା। ଭକ୍ତମାନେ ଶାନ୍ତି ଶୃଙ୍ଖଳାରେ ଯାଇ ମହାବୀରଙ୍କ ଦର୍ଶନ କରିଥିଲେ।

ଏହି ଅବସରରେ ପୀଠରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଚୁଡ଼ାଘଷା ଯାଇଥିଲା। ଆଖପାଖ ଗାଁର ପ୍ରାୟ ପ୍ରତ୍ୟେକ ପରିବାର ଚୁଡ଼ା ଆଣି ଠାକୁରଙ୍କ ପାଖରେ ଘଷି ଭୋଗ ଲଗାଇଥିଲେ। ଏଥିସହ ମାଟିହାଣ୍ଡିରେ ପଣା (କଦଳୀ, କ୍ଷୀର, ମହୁ, ମରିଚ, ଜୁଆଣି, ଚିନି) କରି ଠାକୁରଙ୍କୁ ସମର୍ପିଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ଚୁଡ଼ାଘଷା ଓ ପଣାଭୋଗ ଚାଲିଥିଲା।

ପୁରୀର ସିଦ୍ଧମହାବୀରଙ୍କ ପୀଠରେ ମଧ ସକାଳୁ ଭକ୍ତଙ୍କ ଗହଳି ଲାଗିଥିଲା। ମହାବୀରଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ସେହିପରି ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟସ୍ଥ ମହାବୀର, ଚକ୍ରତୀର୍ଥ ରୋଡ୍‌ସ୍ଥିତ ଦରିଆ ମହାବୀର ବଡ଼ଛତା ମହାବୀର, ଶ୍ରୀଜଗନ୍ନାଥ ବଲ୍ଲଭ ମଠସ୍ଥିତ ସୁଗ୍ରୀବ ମହାବୀର, ବାଲିସାହିସ୍ଥିତ ମଶାଣୀ ମହାବୀର, ଦଇତାପଡ଼ା ସାହିସ୍ଥିତ ପୋଖରିଆ ମହାବୀର, ଭିଆଇପି ରୋଡ୍‌ସ୍ଥିତ ସତ୍ୟ ମହାବୀର ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ବିଭିନ୍ନ ଜାଗାରେ ମହାବୀରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରରେ ଭକ୍ତଙ୍କ ଗହଳି ହୋଇଥିଲା। ସିଂହଦ୍ୱାର ଗୁମୁଟରେ ଫତେ ମହାବୀର, ପଶ୍ଚିମ ଦ୍ୱାରରେ ବୀରବିକ୍ରମ ହନୁମାନ ତଥା କାନପତା ହନୁମାନ, ଉତ୍ତର ଦ୍ୱାରରେ ତପସ୍ୱୀ ହନୁମାନ ତଥା ଚାରିଚକ୍ର ହନୁମାନ ପୂଜିତ ହେଉଛନ୍ତି। ଦକ୍ଷିଣ ଦ୍ୱାର ବାହାର ପାର୍ଶ୍ୱରେ ବିରାଟକାୟ ହନୁମାନ ପୂଜା ପାଉଛନ୍ତି। ତାଙ୍କୁ ଖପର ହନୁମାନ ମଧ କେହି କେହି କହିଥାନ୍ତି। ପଣା ସଂକ୍ରାନ୍ତି ଅବସରରେ ଠାକୁରଙ୍କୁ ନାଗା ବେଶରେ ସୁସଜ୍ଜିତ କରାଯାଇଥିଲା। ଦର୍ଶନ ପାଇଁ ଏଠାରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା।

## ତୁଳସୀ ଚଉରାରେ ଜଳାଧାର

ମହାବିଷୁବ ସଂକ୍ରାନ୍ତିଠାରୁ ମା' ବୃନ୍ଦାବତି ତଥା ତୁଳସୀ ଚଉରରେ ଜଳାଧାର ଆରମ୍ଭ ହୋଇଛି। ସୂର୍ଯ୍ୟ ତାପରୁ ତୁଳସୀ ବୃକ୍ଷଙ୍କୁ ଶୀତଳ ସ୍ପର୍ଶ ଦେବା ନିମନ୍ତେ ଏହି ପରମ୍ପରା ପ୍ରଚଳିତ। ନଡ଼ିଆ ଚାଞ୍ଚରେ ତୁଳସୀ ଚଉରା ମୂଳରେ ଛାମୁଡ଼ିଆ ପ୍ରସ୍ତୁତ ହୋଇଥାଏ। ସେଥିରେ ବିଭିନ୍ନ ଫଳ (ଆମ୍ବ, ମେହେଙ୍ଗା କୋଳି ଆଦି) ବନ୍ଧା ଯାଇଥାଏ। ଛାମୁଡ଼ିଆ ଚାରିପଟେ ଆମ୍ବପତ୍ର ବନ୍ଧା ଯାଏ। ତୁଳସୀ ବୃକ୍ଷ ଉପରେ ଏକ ଶିକାରେ ମାଟିପାତ୍ର ଓହଳା ଯାଇଥାଏ। ମାଟି ପାତ୍ର ତଳ ପାଶ୍ୱର୍ରେ ଛୋଟ ରନ୍ଧ୍ର ରହିଥାଏ। ଏହି ରନ୍ଧ୍ରରେ ଏକ କୁଶ ଦିଆଯାଇଥାଏ। ବୃନ୍ଦାବତିଙ୍କୁ ପୂଜାର୍ଚ୍ଚନା କରି ସେହି ମାଟିପାତ୍ରରେ ଜଳ ପରିପୂର୍ଣ୍ଣ କରାଯାଏ। ସୂର୍ଯ୍ୟ ତାପ ସମୟରେ ଚଉରା ମୂଳ ଛାଇ ହେବା ସହିତ ତୁଳସୀ ବୃକ୍ଷ ଉପରେ ବିନ୍ଦୁ ବିନ୍ଦୁ ଜଳଧାର ପଡିଥାଏ। ତୁଳସୀ ବିଷ୍ଣୁବଲ୍ଲଭା ନାମରେ ପରିଚିତ। ବୃକ୍ଷ ମଧ୍ୟରେ ଶ୍ରେଷ୍ଠ। ଗ୍ରୀଷ୍ମ ପ୍ରବାହ ସମୟରେ ତୁଳସୀଙ୍କୁ ଶୀତଳତା ପ୍ରଦାନ କରିବା ପାଇଁ ଏହି ପରମ୍ପରା ରହିଛି। ଏହା ଏକ ପ୍ରାଚୀନ ପରମ୍ପରା।

● ଆଜି ମହାପ୍ରଭୁଙ୍କ ବନକଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ,୧୪।୪(ସମିସ):** ବୈଶାଖ କୃଷ୍ଣ ତ୍ରୟୋଦଶୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

## ପୁଲିସ ଖୋଲିଲା ଜଳଛତ୍ର



**ପୁରୀ,୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବ ବର୍ଷ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ପୁରୀ ପୁଲିସ ମଧ ଏହି ସେବାରେ ନିଜକୁ ସାମିଲ କରିଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଥାନା ଅଞ୍ଚଳରେ ଜଳଛତ୍ର ଖୋଲାଯାଇଛି। ଥାନାକୁ ଆସୁଥିବା ଲୋକେ ଏବଂ ପଥଚାରୀଙ୍କ ଶୋଷ ମେଣ୍ଟାଇବା ଏବଂ ଶୀତଳତା ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ପୁରୀ ସହରର ଟାଉନ, ସମୁଦ୍ରକୂଳ ଓ ତାଳବଣିଆ ଥାନାରେ ଏସ୍‌ପି ଶ୍ରୀ ସିଂ ନେତୃତ୍ୱରେ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବରିଷ୍ଠ ପୁଲିସ ଅଧିକାରୀ, ସ୍ଥାନୀୟ ପ୍ରଶାସନର ପ୍ରତିନିଧି ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାର ସବୁ ଥାନାରେ ସ୍ଥାନୀୟ ଥାନା ଅଧିକାରୀମାନେ ନିଜେ ଉପସ୍ଥିତ ରହି ଜଳଛତ୍ର ଉଦ୍‌ଘାଟନ କରିଛନ୍ତି। ଜଳଛତ୍ରରେ ଟଙ୍କ ତୋରାଣି, ଦହି ସର୍ବତ, ଥଣ୍ଡା ପାଣି, ପଣା ଓ ଅନ୍ୟାନ୍ୟ ଶୀତଳ ପାନୀୟର ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଜନସାଧାରଣ, ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକମାନେ ଜଳସେବା ପାଇପାରିବେ।

## ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି

**ପୁରୀ,୧୪।୪(ସମିସ):** ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ମହାପ୍ରଭୁଙ୍କ ଏକ ପର୍ବଯାତ୍ରା ରୂପେ ପାଳନ କରାଯାଇଥାଏ। ମଙ୍ଗଳବାର ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ନୀତି ସମ୍ପନ୍ନ ହୋଇଛି। ଦୈନନ୍ଦିନ ନୀତି ଅନୁଯାୟୀ, ସକାଳ ୬ଟାରେ ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସକାଳ ଧୂପ ନୀତି ପରେ ଦକ୍ଷିଣୀ ଘରୁ ଶ୍ରୀମହାବୀର ରତ୍ନସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ବିମାନରେ ବିଜେ ହୋଇଥିଲେ। ଘଣ୍ଟ, ଛତା, କାହାଳୀ ସହିତ ପୂଜାପଣ୍ଡା



ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଣିଥିବା ଆଜ୍ଞାମାଳ ଚାରିଦ୍ୱାର ମହାବୀର ଏବଂ ବାରଭାଇ ମହାବୀରଙ୍କୁ ପ୍ରଦାନ କରିଥିଲେ। ବିମାନ ବଡୁମାନେ ଶ୍ରୀହନୁମାନଙ୍କୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଶ୍ରୀଜଗନ୍ନାଥ ବଲ୍ଲଭ ସୁଗ୍ରୀବ ମହାବୀରଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଯାଇ ପୂଜାପଣ୍ଡା ଦରିଆ ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଫେରିବା ପରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀହନୁମାନଙ୍କୁ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ପରେ ଶ୍ରୀହନୁମାନ ବାହୁଡ଼ା ବିଜେ କରି ଦକ୍ଷିଣୀଘରକୁ ଫେରିଥିଲେ। ଏପଟେ ଆଜ୍ଞାମାଳ ପାଇଁ ଶ୍ରୀହନୁମାନ ଯାଇସାରିବା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ମହାବିଷୁବ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କର ବେଶ୍ ଭିଡ଼ ହୋଇଥିଲା।

## ବେଙ୍ଗାଲୁରୁରେ ଆକର୍ଷଣ ସାଜିଲା 'ବ୍ରେନ୍‌ଗେନ୍ ଡଟ୍ କମ୍'

**ପୁରୀ,୧୪।୪(ସମିସ):** ଉତ୍କଳ ଦିବସ ପରିପ୍ରେକ୍ଷୀରେ ବେଙ୍ଗାଲୁରୁସ୍ଥିତ ଓଡ଼ିଶା ସାଂସ୍କୃତିକ ସଂଘ ପକ୍ଷରୁ ଗତ ରବିବାର ହଲ୍ କନ୍‌ଭେନ୍‌ସନ ସେଣ୍ଟରରେ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ "ବ୍ରେନ୍‌ଗେନ୍ ଡଟ୍ କମ୍', ଯାହାକି ନାଟ୍ୟପ୍ରେମୀଙ୍କ ବେଶ୍ ଆକର୍ଷଣ ସାଜିଥିଲା। ଡ. ସଞ୍ଜୟ ହାତୀଙ୍କ ରଚିତ ଏବଂ ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶିତ ଏହି ନାଟକ ମାଧ୍ୟମରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ପରିଣତି ହିଁ ଦର୍ଶାଯାଇଛି। ବ୍ରେନ୍ ପ୍ରକୃତରେ କିଛି ଗେନ୍ କରୁଛି ନା ବ୍ରେନ୍‌କୁ ଡ୍ରେନ୍ କରିଦିଆଯାଉଛି। ଏକ ପ୍ରକାର ଫିଡିଙ୍ଗ୍ ସିଷ୍ଟମ୍‌ରେ ଆମର ପାଠପଢ଼ା ଚାଲିଛି। ଏ ବ୍ୟବସ୍ଥାରେ ଶହେ ଜଣ ଶୁକ ପକ୍ଷୀ ତ ବାହାରି ପାରିବେ ହେଲେ ଜଣେ ଶୁକ ମୁନୀ ବାହାରି ପାରିବେ କି? ଏଭଳି ଏକ କାହାଣୀକୁ ନେଇ ନାଟକ ପରିବେଷିତ। ରଙ୍ଗଶାଳାର ମୁଖ୍ୟ ତଥା ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ବିକ୍ରମ ବରାଳ, ବିକାଶ ଦତ୍ତ, ଗୋପୀନାଥ ପୂଜାପଣ୍ଡା, ଗୌରୀରଞ୍ଜନ ବାରିକ, ସଂଗ୍ରାମ କେଶରୀ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ସୁମନ ସୁବୁଦ୍ଧି, ରୂପକଳ୍ପ ମିଶ୍ର, ସମୀକ୍ଷା ମିଶ୍ର ପ୍ରମୁଖ ନିଚ୍ଛକ ଅଭିନୟ କରିଥିଲେ।

ଗୃହ ଓ ଜନଗଣନା କାର୍ଯ୍ୟକ୍ରମ

## ଶିକ୍ଷକଙ୍କୁ ମିଳିନି ସେନ୍‌ସସ୍ କିଟ୍

**ପୁରୀ,୧୪।୪(ସମିସ):** ପୁରୀ ଜିଲ୍ଲାରେ ଗୃହ ଓ ଜନଗଣନା ନିମନ୍ତେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଗୃହ ମ୍ୟାପିଙ୍ଗ୍ ଓ ତା'ପରେ ଗୃହଗଣନା କାର୍ଯ୍ୟ କରିବାକୁ ଅଛି। ମାତ୍ର କେତେକ ବ୍ଲକ୍‌ରେ ଏ ପର୍ଯ୍ୟନ୍ତ ସେନ୍‌ସସ୍ କିଟ୍ ମିଳିନାହିଁ ଏବଂ କେତେକ ସ୍ଥାନରେ ନିର୍ଦ୍ଦେଶାବଳୀ ବହି ଓ ଆପଏଣ୍ଟମେଣ୍ଟ ଲେଟର ବ୍ୟତୀତ ଅନ୍ୟ ସାମଗ୍ରୀ ମିଳିନାହିଁ। ଯାହା ଫଳରେ ୧୬ ତାରିଖରୁ କାର୍ଯ୍ୟ ଆରମ୍ଭ କରିବା ନେଇ ସୁପରଭାଇଜର ଓ ଏନୁମେରେଟରମାନେ ଚିନ୍ତାରେ ପଡ଼ିଛନ୍ତି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ସୁପରଭାଇଜରମାନଙ୍କୁ ଜନଗଣନା ସମୟରେ ବିଦ୍ୟାଳୟ କାର୍ଯ୍ୟରୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇଥିବା ବେଳେ ପୁରୀ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। କେବଳ ୧୬, ୧୭ ଓ ୧୮ ତାରିଖ ମାତ୍ର ୩ ଦିନ ପାଇଁ ଶିକ୍ଷକମାନଙ୍କୁ ବିଦ୍ୟାଳୟ କାର୍ଯ୍ୟରୁ ବିରତ ରଖାଯାଇଛି। ଏହାଦ୍ୱାରା ଗୃହ ଓ ଜନଗଣନା କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ଅନ୍ୟ ଜିଲ୍ଲା ଭଳି ପୁରୀ ଜିଲ୍ଲାର ସୁପରଭାଇଜର ଓ ଏନୁମେରେଟରମାନଙ୍କୁ ଜନଗଣନା କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ କାର୍ଯ୍ୟରୁ ସମ୍ପୂର୍ଣ୍ଣ ମୁକ୍ତ କରିବା, ସମସ୍ତଙ୍କୁ ତୁରନ୍ତ ସେନ୍‌ସସ୍ କିଟ୍ ଯୋଗାଇଦେବା ସହିତ ପରିଚୟପତ୍ର ଯୋଗାଇବା ଓ ସେମାନଙ୍କ ପାରିଶ୍ରମିକ ତୁରନ୍ତ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଜିଲ୍ଲା ସଭାପତି ନୃସିଂହ ଚରଣ ତ୍ରିପାଠୀ, ଜିଲ୍ଲା ସମ୍ପାଦକ ସୁଧାଂଶୁ ଶେଖର ନାୟକ, ଦୟାନିଧି ମାର୍ଥା, ଶରତ ସେଠୀ, ଶିବଦତ୍ତ ମହାପାତ୍ର ଓ ଖଗେଶ୍ୱର ଜେନା ପ୍ରମୁଖ ଦାବି କରିଛନ୍ତି।

## ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବ

**ପୁରୀ,୧୪।୪(ସମିସ):** ପବିତ୍ର ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ସିଂହଦ୍ୱାର ସମ୍ମୁଖରେ ମଙ୍ଗଳବାର ୫୬ତମ ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସଭାପତି କୃଷ୍ଣଚନ୍ଦ୍ର ସାମନ୍ତରାଙ୍କ ଅଧ୍ୟକ୍ଷତାରେ ସୁଦର୍ଶନ ପୂଜାପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ଅଧିବକ୍ତା ପୂର୍ଣ୍ଣ ଦାସ, ରାଧାବଲ୍ଲଭ ମଠ ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ, ବରିଷ୍ଠ ଉପଦେଷ୍ଟା ଡ. ବଦ୍ରି ମିଶ୍ର, ଉପଦେଷ୍ଟା ଡ. ଭାସ୍କର ମିଶ୍ର, ଉପସଭାପତି ଚକ୍ରଧର ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ଓ ମଧୁସୂଦନ ସିଂହାରୀ, ଗଣେଶ ଦାସ ମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର, ରାଜକିଶୋର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ରୀମନ୍ଦିରର ପରିଚାଳନା କମିଟି ସଦସ୍ୟ, ସମସ୍ତ ଜାଗା ଆଖଡ଼ାର ସଭାପତି ଓ ସମ୍ପାଦକ, ବିଭିନ୍ନ ନିଯୋଗର କର୍ମକର୍ତ୍ତା ଓ ଉଲ୍ଲେଖନୀୟ ଅବଦାନ ପାଇଁ ବିପିନ ପତ୍ରୀ ଓ ବୈଦ୍ୟନାଥ ମହାପାତ୍ର ପ୍ରମୁଖଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ଚନ୍ଦନ ଯାତ ଗୀତ, ଜାଗା ଆଖଡ଼ା ସଙ୍ଗୀତ ଓ ମାଳ ସଙ୍ଗୀତ, ମାହାରୀ ନୃତ୍ୟ, ମେଳ, ଓଡ଼ିଶୀ ନୃତ୍ୟ ଏବଂ ଶେଷରେ ସାହି ଯାତ୍ରାର ନାଗା, ରାବଣ, ମେଢ଼ ଓ ସମରକଳା ପ୍ରଦର୍ଶନ ହୋଇଥିଲା। ପରିଚାଳନାରେ ଶ୍ୟାମସୁନ୍ଦର ମହାପାତ୍ର, ଗଣେଶ ମହାସୁଆର, ଶାଶ୍ୱତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।



ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ କହିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାକୁ ସମୃଦ୍ଧ କରିବା ପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ସଂକଳ୍ପବଦ୍ଧ। ମୁଖ୍ୟବକ୍ତା ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଥିଲେ ଯେ, ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ଯବାନମାନଙ୍କ ହାତରୁ ରକ୍ଷା କରିବାରେ ପୁରୀର ଜାଗା ଆଖଡ଼ା, ସେବାୟତ ଓ ପୁରୀବାସୀଙ୍କ ବଳିଦାନକୁ ଏ ଜାତି ସ୍ମରଣ ରଖିବ। ସମ୍ପାଦକ

## ଓଡ଼ିଆଣୀ ବେଶରେ ଓଡ଼ିଆ ନବବର୍ଷକୁ ସ୍ୱାଗତ କଲେ ଜାପାନୀ



**ପୁରୀ,୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷକୁ ଭିନ୍ନ ଢଙ୍ଗରେ ସ୍ୱାଗତ କରିଛନ୍ତି ଜାପାନୀ ପର୍ଯ୍ୟଟକ। ମହିଳା ପର୍ଯ୍ୟଟକ ମାୟୁ କାମେଇ ଓଡ଼ିଆ ମହିଳାଙ୍କ ଭଳି ଲୁଗା ପରିଧାନ କରି ରଙ୍ଗ ମୁରୁଜରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ମହାବୀରଙ୍କ ଚିତ୍ର ଅଙ୍କନ କରି ଓଡ଼ିଆ ନବବର୍ଷକୁ ସ୍ୱାଗତ କରିଥିଲେ। ଏ ସମ୍ପର୍କରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଆଜିର ଦିନକୁ ସମଗ୍ର ଓଡ଼ିଶାରେ ଘରେ ଘରେ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଉଛି। ଆଜି ମହାପ୍ରଭୁ ଓ ମହାବୀରଙ୍କୁ ବର୍ଷର ପ୍ରଥମ ଦିନରେ ଦର୍ଶନ କଲେ ବର୍ଷତମାମ ନିଜ ସହ ପରିବାର ସଦସ୍ୟମାନଙ୍କ ସମୟ ଖୁସିରେ ଅତିବାହିତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜାପାନ ପର୍ଯ୍ୟଟକଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଥିବାରୁ ସେମାନେ ସେଣ୍ଟରରେ ଏକତ୍ରିତ ହୋଇ ହିନ୍ଦୁଧର୍ମର ପର୍ବପର୍ବାଣି ସମ୍ପର୍କରେ ଅବଗତ ହୋଇ ମହାବୀରଙ୍କ ଚିତ୍ର ଆଙ୍କି ଆଶିଷ ଭିକ୍ଷା ନେଇଥିଲେ।

ଚଳଚଞ୍ଚଳ ଜାଗା ଆଖଡ଼ା

## ପିଲାଙ୍କ କୁସ୍ତିବିଦ୍ୟା ଶିକ୍ଷା ଆରମ୍ଭ

**ପୁରୀ,୧୪।୪(ସମିସ):** ହନୁମାନ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ପୁରୀ ସହରରେ ଜାଗା ଆଖଡ଼ାଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଥିଲା। ଆଖଡ଼ାଗୁଡ଼ିକରେ ହନୁମାନଙ୍କ ପୂଜାର୍ଚ୍ଚନା ହୋଇଥିଲା। ଆଖଡ଼ାର ଶିକ୍ଷାର୍ଥୀମାନେ ସମରକଳା ଶିକ୍ଷା ଲାଗି ବ୍ୟବହୃତ ସରଞ୍ଜାମ ଓ ଉପକରଣଗୁଡ଼ିକର ପୂଜା କରିଥିଲେ। ଏହାପରେ କେତେକ ଆଖଡ଼ା ପରିସରରେ ସାମରିକ କଳାକୌଶଳ ପ୍ରଦର୍ଶନ ହୋଇଥିଲା। ଆଉ କିଛି ଆଖଡ଼ା ସାମରିକ କଳାକୌଶଳ ପ୍ରଦର୍ଶନ କରି ବିଭିନ୍ନ ସାହି ପରିକ୍ରମା କରିଥିଲେ। ଗଣେଶ ଚତୁର୍ଦ୍ଦଶୀ ଏବଂ ବସନ୍ତ ପଞ୍ଚମୀରେ ଶିଶୁମାନେ ଖଡ଼ିଛୁଇଁ ବିଦ୍ୟା ଆରମ୍ଭ କରିଥା'ନ୍ତି। ସେହିଦିନ ଶିଶୁର ବିଦ୍ୟାରମ୍ଭ ସଂସ୍କାର କରାଯାଇଥାଏ। ସେହିପରି ହନୁମାନ ଜୟନ୍ତୀରେ କୁସ୍ତିବିଦ୍ୟା ଶିକ୍ଷା ଆରମ୍ଭ କରିଥା'ନ୍ତି। ଜଣେ କୁସ୍ତି ଗୁରୁଙ୍କ ସୂଚନା ମୁତାବକ, ପଣା ସଂକ୍ରାନ୍ତିଠାରୁ କୁସ୍ତି କସରତର ପ୍ରାଥମିକ ଶିକ୍ଷା ଦିଆଯାଏ। ଛୋଟ ପିଲାମାନେ ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରି କୁସ୍ତିଶିକ୍ଷା ଆରମ୍ଭ କରନ୍ତି। ଗୁରୁ ତାଙ୍କୁ କୁସ୍ତିର ଦାଓ ପେଞ୍ଚ ଶିକ୍ଷା ଦିଅନ୍ତି। କୁସ୍ତି ଶିକ୍ଷା ଆରମ୍ଭ କରିବା ପୂର୍ବରୁ ପ୍ରଥମେ ପିଲାମାନେ ହନୁମାନଙ୍କଠାରେ ସିନ୍ଦୂର ଲାଗି କରନ୍ତି। ଏହାପରେ ଠାକୁର ପାଖରେ କାଛା ପୂଜା କରନ୍ତି। ପୂଜାର୍ଚ୍ଚନା ପରେ କାଛାକୁ ପରିଧାନ କରି ମହାପ୍ରଭୁଙ୍କୁ ସ୍ମରଣ କରି ଶିକ୍ଷା ଆରମ୍ଭ କରିଥା'ନ୍ତି।



ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳିତ

## ସମ୍ବିଧାନ ସମସ୍ତଙ୍କ ପାଇଁ ଉପଯୁକ୍ତ ବିଚାର ରଖିଥାଏ



**ପୁରୀ,୧୪।୪(ସମିସ):** ଭାରତ ରତ୍ନ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ମଙ୍ଗଳବାର ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକର ଚିରସ୍ମରଣୀୟ ବୋଲି କହିଥିଲେ। ସେତେବେଳର ଅବସ୍ଥା ମଧ୍ୟରେ ଗୋଟିଏ ଦଳିତ, ଗରିବ ପରିବାରରୁ ଆସି ନିଜର ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ସମର୍ପଣ ଓ ସଂଘର୍ଷ ପାଇଁ ଆମ୍ବେଦକର ସଫଳତା ପାଇଥିଲେ। କେତେକ ରାଷ୍ଟ୍ରର ନିଜସ୍ୱ ସମ୍ବିଧାନ ନ ଥିବାବେଳେ ଆମ ରାଷ୍ଟ୍ରର ସମ୍ବିଧାନ ବିଶ୍ୱର ସର୍ବବୃହତ୍। ଏହା ଆମକୁ ଆମର କର୍ତ୍ତବ୍ୟ, ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ସଚେତନ କରାଇଥାଏ। ସାମାଜିକ ନ୍ୟାୟ, ସମାନତା, ଅସ୍ପୃଶ୍ୟତା ଦୂର କରି ଏକ ସମୃଦ୍ଧ ସମାଜ ଗଠନର ସୁଫଳ ଆଜି ସମାଜର ସର୍ବୋଚ୍ଚ ସ୍ଥାନରେ ମହିଳା, ଦଳିତ ଶ୍ରେଣୀର ବ୍ୟକ୍ତିମାନଙ୍କର ଉପସ୍ଥିତିକୁ ଦେଖିଲେ ସ୍ୱତଃ ବାରି ହୋଇପଡ଼େ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଉପଜିଲ୍ଲାପାଳ ରାଜ କିଶୋର ଜେନା ସମ୍ବିଧାନ ସମସ୍ତଙ୍କ ପାଇଁ ଉପଯୁକ୍ତ ବିଚାର ରଖିଥାଏ। ଏହାକୁ ଯେପରି ଅତ୍ୟନ୍ତ ଅନୁଶୀଳନ ଭାବେ ଡ. ଆମ୍ବେଦକର ପ୍ରସ୍ତୁତ କରିଥିଲେ ତାହା ସମଗ୍ର ବିଶ୍ୱରେ ଅନନ୍ୟ ଓ ବିରଳ ବୋଲି କହିବା ସହ ସମସ୍ତଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରି ଦଳିତ, ଭିନ୍ନକ୍ଷମ, ମହିଳା ଇତ୍ୟାଦିଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଓ ଆଇନରେ ଉପଯୁକ୍ତ ବ୍ୟବସ୍ଥା ଡ. ଆମ୍ବେଦକରଙ୍କର ସବୁଠାରୁ ବଡ଼ ଉପଲବ୍ଧି ରହିଥିଲା ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧକ୍ଷତା କରିବା ସହ ଆମ୍ବେଦକର କେବଳ ଆମ ସମ୍ବିଧାନ ପ୍ରଣେତା ନୁହନ୍ତି ସେ ଆମ ଜାତୀୟ ଚେତନା, ଆଇନ ଓ ଅଧିକାରର ସୁରକ୍ଷା ଏବଂ ସମାନତାର ପ୍ରତୀକ ବୋଲି କହିଥିଲେ। ପୂର୍ବରୁ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଶାସନିକ ଭାଷା ଜ୍ଞାନ ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ସମସ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା।

# 'ଜୟ ବୀର ହନୁମାନ' ନାରାରେ କମ୍ପିଲା ମେଦିନି









ବରଗଡ଼,୧୪ା୪(ସମିସ): ବରଗଡ଼ ସୁବାଷ ନଗର ୧୪ ନମ୍ବର ୱାର୍ଡରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। କର୍ମଯୋଗୀ ସାହୁ ଓ ଧୀରେନ ପାଣ୍ଡେ ସପତ୍ନୀକ କର୍ତ୍ତା ଭାବେ ଥିଲେ। ମୁଖ୍ୟ ପୂଜକ ଭାବରେ ବିଶ୍ୱନାଥ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

ମାଁ ଶ୍ୟାମାକାଳୀ ମନ୍ଦିର ପ୍ରାଙ୍ଗଣରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ନରସିଂହ ଶତପଥୀ, ହରିରାମ ପଣ୍ଡା, ସତ୍ୟାନନ୍ଦ ଶତପଥୀ, ଅନନ୍ତ ଶତପଥୀ, ଆନନ୍ଦ ଷଡ଼ଙ୍ଗୀ ଓ ସୁମନ୍ତ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବରେ କାନ୍ତା ପ୍ରସାଦ ସାହୁ ସସ୍ତ୍ରୀକ ଉପସ୍ଥିତ ଥିଲେ।

ବରଗଡ଼ ପୌର ପରିଷଦ ଅଧୀନ ନିଗମାନନ୍ଦ ବିହାର ସଂକ୍ରାନ୍ତି ପରିଷଦ ଆନୁକୂଲ୍ୟରେ ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପଣ୍ଡିତ ସନ୍ତୋଷ ପଣ୍ଡାଙ୍କ ପୌରୋହିତ୍ୟରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ ହନୁମାନ ଚାଳିଶା ପାଠ କରିଥିଲେ। ସାମୂହିକ ଭାଗବତ ପାଠ ଅନୁଷ୍ଠିତ ହୋଇ ଥିଲା। ଅଧ୍ୟାପକ ସୁରେଶ ବାରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ବାଙ୍କା ବିହାରୀ ସାହୁ, ଅର୍ଜୁନ ସେଟ୍ ଗୋବିନ୍ଦ ଭୋଇ, କୁଞ୍ଜ ବିହାରୀ ଭୋଇ, ଡୋଳାମଣି ବିଶି, ଚନ୍ଦ୍ର ଶେଖର କମ୍ପ, କପିଳେଶ୍ୱର ବାଗ, ଦୀପକ ଆଚାର୍ଯ୍ୟ, ଅରୁଣ ସେଟ୍, ଲିଙ୍ଗରାଜ ସେଟ୍, କ୍ଷୀରୋଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

ଭେଡେନ: ଭେଡେନସ୍ଥିତ ତାଲିପଡା, ମଧ୍ୟପଡ଼ା, ମାଳିପଡା, ଦେହେରିପଡା, ଭେଡେନ ବ୍ଲକ ପରିସରରେ ଥିବା ହନୁମାନ ମନ୍ଦିର, ହରିଜନ ପଡା, ଜମଡୋଲ ଗ୍ରାମର ବିଭିନ୍ନ ପଡା, ଭେଡେନ ଡାକ୍ତରଖାନା ନିକଟରେ ଥିବା ହନୁମାନ ମନ୍ଦିରରେ ମହା ଆଡମ୍ବରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସେହିପରି ଭେଡେନ ଅଞ୍ଚଳର ଯୁବକମାନେ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରାରେ ବାହାରି ଜୟ ବୀର ହନୁମାନ କି ଜୟ ନାରାରେ ଭେଡେନ ଗ୍ରାମ ପରିକ୍ରମା କରିବା ସହ କୁତପାଲି, ଜମଡୋଲ ପରିକ୍ରମା କରିଥିଲେ। ବାବା ସିଦ୍ଧେଶ୍ୱର ମନ୍ଦିରକୁ ଫେରିଥିଲେ।

ବରଗଡ଼ ଉପକଣ୍ଠସ୍ଥ ସର୍ଯ୍ୟାଁ ଗ୍ରାମରେ ମଧ୍ୟ ପବିତ୍ର ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଗ୍ରାମର ଶ୍ରୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ଏହି ପୂଜା କାର୍ଯ୍ୟ ପଣ୍ଡିତ ଗିରିଧାରୀ ମିଶ୍ରଙ୍କ ପୌରୋହିତ୍ୟରେ ସମ୍ପନ୍ନ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ଅଶ୍ୱିନୀ ଦେବତାଙ୍କ ତତ୍ତ୍ୱାବଧାନରେ ପ୍ରଭୁଙ୍କ ନୀତିକାନ୍ତି ଓ ବିଶେଷ ଆଳତି ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଖାରବେଳ ଖମାରି, ଅଶୋକ ବାରିକ, ଆକୁଳ ସେପାଲ, ଚୋଲଗଙ୍ଗ ଖମାରି, ବିଷିକେଶନ ସାହୁ, ଗୁଲସନ ପଣ୍ଡା ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ।

ପଦ୍ମପୁର: ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନଠାରେ ହନୁମାନ ଜୟନ୍ତୀ ତଥା ସାମୂହିକ ହନୁମାନ ଚାଳିଶା ପଠନ ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର ଦାଶ କର୍ତ୍ତା ଥିଲେ। ଭାସ୍କର ଦାଶ ହନୁମାନଙ୍କ ଷୋଡ଼ଶ ଉପଚାର ପୂଜା ହୋମ ଇତ୍ୟାଦି କରିଥିଲେ। ସୁରେଶ ପତି ହନୁମାନଙ୍କ ଅନେକ ଗୂଢତତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ସୁନୀଲ ପୁରୋହିତ ହନୁମାନ ଚାଳିଶା ପଠନ କରିଥିଲେ। ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସଂପାଦକ ସଦାନନ୍ଦ ପୁରୋହିତ ସମସ୍ତ କାର୍ଯ୍ୟକୁ ସଂଯୋଜନା କରିଥିଲେ। ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ, ଗାୟତ୍ରୀ ବାହିନୀ ସାମିଲ ହୋଇଥିଲେ।

ପଦ୍ମପୁରସ୍ଥିତ ବରିକେଲ ନୂଆବସ୍ତିଠାରେ କଳସ ଯାତ୍ରା ହୋଇଥିଲା। ସୋମବାର ହନୁମାନଙ୍କୁ ଅଭିଷେକ କରି ମନ୍ଦିର ଭିତରକୁ ନିଆ ଯାଇ ପ୍ରତିଷ୍ଠା କରା ଯାଇଥିଲା। ପ୍ରମୋଦ ସାମନ୍ତରାୟ, ପତ୍ନୀ ଝରଣା ସାମନ୍ତରାୟ, ବାପା ଧର୍ମୁ ସାମନ୍ତରାୟ, ବାଦଲ ସାମନ୍ତରାୟ ଓ ମାମାଲି ସାମନ୍ତରାୟ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି।

ପାଇକମାଳ: ମାଣ୍ଡୋସିଲ ବସ୍‌ଷ୍ଟାଣ୍ଡ ନିକଟ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି ପାଳିତ ହୋଇଛି। କର୍ତ୍ତା ଭାବରେ ତ୍ରିଲୋଚନ ସାହୁ ଓ ତାଙ୍କ ପତ୍ନୀ ସବିତା ସାହୁ ପୂଜାରେ ବସିଥିଲେ। ପଣ୍ଡିତ ଘନଶ୍ୟାମ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ମହେନ୍ଦ୍ର ଖୁଣ୍ଟିଆ, ଅନିଲ ଦାଶ, ଗଜରାଜ ଡନସନା, ପପି ସାହୁ, ତାପସ ସାହୁ, ପ୍ରାଣବନ୍ଧୁ ଖୁଣ୍ଟିଆ, ଶଙ୍କର ରାଓ, ବାଲ କୁମାର ଡନସନା, ଶରତ ଚନ୍ଦ୍ର ହଂସ, କବି ସାହୁ, ମଣ୍ଟୁ ସାହୁଙ୍କ ସମେତ ବଣିକ ସଂଘ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ମାଣ୍ଡୋସିଲ ମହାବୀର ପଡାରେ ମଧ୍ୟ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଛିନ୍ଦେଇକେଲା ବଜାରସ୍ଥିତ ହନୁମାନ ମନ୍ଦିରରେ ମଧ୍ୟ ଜୟନ୍ତୀ ପାଳିତ ହୋଇଛି।

ଅମ୍ବାଭୋନା: ଘୁଘୁରାପାଲି ଗ୍ରାମରେ ମହାବିଷୁବ ପଣା ସଂକ୍ରାନ୍ତି ସହ ହନୁମାନ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳନ କରାଯାଇଛି। ସଂକ୍ରିଡା ଗ୍ରାମର ସୁଶ୍ରୀ ବୈଷ୍ଣବୀ ପୁରୋହିତ (ଲିସା) ଶ୍ରୀମଦ୍ ଭାଗବତ ପାରାୟଣ ଗାନ କରିଥିଲେ। ମନ୍ଦିରରେ ଧ୍ୱଜାରୋହଣ, ଆଳତୀ ଓ ପୂଜାପାଠ ସମ୍ପନ୍ନ ହୋଇଥିଲା। ସେହିଭଳି ପ୍ରକାଶପୁରଠାରୁ ବାବା କେଦାରନାଥ ମନ୍ଦିର ପର୍ଯ୍ୟନ୍ତ ବଜରଙ୍ଗ ଦଳ ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

ବିଜେପୁର: ବିଜେପୁରରେ ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସନତ ଗଡତୀୟା ସାମିଲ ହୋଇଥିଲେ। ଜନାର୍ଦ୍ଦନ ପାଣିଗ୍ରାହୀ, ମହେଶ ଦେବତା, ନରସିଂହ ପୂଜାରୀ, ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡତୀୟା, ଯୋଗିନ୍ଦ୍ର ପଧାନ, ବାହାଦୂର ମେହେର, ଦିନବନ୍ଧୁ ଦେହେରୀ, ଜୟ କୁମାର ମେହେର, ଦନାର୍ଦ୍ଦନ ପାତ୍ର, ଅଜିତ ସାହୁ ଅଂଶ ଗ୍ରହଣ କରିଥିଲେ।

## ଆଶ୍ରମ ଅନ୍ତେବାସୀଙ୍କ ସହ ପଣା ସଂକ୍ରାନ୍ତି ପାଳନ



ବରଗଡ଼, ୧୪।୪(ସମିସ): ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟସ୍ଥ ଆଶ୍ରୟ ସ୍ଥଳର ଅନ୍ତେବାସୀଙ୍କ ସହ ବରଗଡ଼ ମହିଳା ସମିତି ପଣା ସଂକ୍ରାନ୍ତି ପାଳନ କରିଛି। ମନ୍ଦାକିନୀ ପତିଙ୍କ ନେତୃତ୍ୱରେ କବିତା ଦେବତା, ମୀନା ପଣ୍ଡା, ଦିବ୍ୟକାଣ୍ଟି ଭୋଇ, ମିନାକ୍ଷୀ କର, ରିନୁ ପତି, ସୁମିତ୍ରା ଦାଶ, ଗୀତାଞ୍ଜଳି ପାଣିଗ୍ରାହୀ, ସୁନିତା କର, କନକ ପ୍ରଧାନ, ଡା. କମଳିନୀ ଶତପଥୀ, ଗୀତା ମିଶ୍ର, ଜୟନ୍ତୀ ପ୍ରଧାନ, ସୁଧାଂଶୁବାଳା ଦାଶ, ସଂଘମିତ୍ରା ପଟେଲ, ମଞ୍ଜୁ ପ୍ରଧାନ, ସୁଜାତା ପ୍ରଧାନ, ଅଞ୍ଜନା ଦାସ, ତାନିମା ଦାଶ, ଏନିମା ଚକ୍ରବର୍ତ୍ତୀ, ପଦ୍ମିନୀ ସାହୁ, ସସ୍ମିତା ପଟ୍ଟନାୟକ ଓ ସଂଗୀତା ଗୁପ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଅତାବିରା,୧୪। ୪(ସମିସ): ଅତାବିରାବସ୍ତି ନିବାସୀ ଭାଲୁପାଲି ୟୁଜିଏମ୍‌ଇ ସ୍କୁଲରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଦାଶଙ୍କ ୭୬ ବର୍ଷ ବୟସରେ ସୋମବାର ସଂଧ୍ୟାରେ ପରଲୋକ ଘଟିଛି। ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟଜନିତ ବିଭିନ୍ନ କାରଣ ଯୋଗୁଁ ଗତ ବର୍ଷେ ହେଲା ରୋଗଗ୍ରସ୍ତ ଥିଲେ। କିଛି ଦିନ ହେଲା ସେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ଥିଲେ। ସୋମବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ମଙ୍ଗଳବାର ସ୍ଥାନୀୟ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ବଡପୁତ୍ର ମନୋଜ ମୁଖାଗ୍ନି ଦେଇଥିଲେ।

## ନୃତ୍ୟ ଦଳ ସମ୍ବର୍ଦ୍ଧିତ



ବରଗଡ଼,୧୪।୪(ସମିସ): ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିଅମ୍‌ରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟର ନୃତ୍ୟ ଶିଳ୍ପୀମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ବରଗଡ଼ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ନୃତ୍ୟ ଶିଳ୍ପୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଗାଇଡ ଶିକ୍ଷୟିତ୍ରୀ ବିନିତା ବରିହା ଓ ପ୍ରଧାନଶିକ୍ଷକ ସୁଦୀପ ରଥ ସମସ୍ତ କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଥାନା ଅଧିକାରୀଙ୍କୁ ଭେଟିଲେ କଂଗ୍ରେସ ନେତା



ଅମ୍ବାଭୋନା,୧୪। ୪(ସମିସ):ବରଗଡ଼ ଜିଲ୍ଲା ଅମ୍ବାଭୋନା ଭୁକ୍ତା ସାପ୍ତାହିକ ବଜାରରେ ବୁଧବାର ଦିନ ଯାତାୟାତ ସମସ୍ୟା ସୃଷ୍ଟି ହେଉଛି। ପଡୋଶୀ ରାଜ୍ୟ ଛତିଶଗଡ଼ ସହ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ବଜାରକୁ ଆସୁଥିବାରୁ ମୁଖ୍ୟ ରାସ୍ତାରେ ଅତ୍ୟଧିକ ଭିଡ଼ ଓ ଯାତାୟାତରେ ଟ୍ରାଫିକ ଜାମ୍ ସୃଷ୍ଟି ହେଉଛି। ଏହି ସମୟରେ ଭାରୀଯାନ ଚଳାଚଳ ଯୋଗୁଁ ସ୍ଥିତି ଅଧିକ ଗୁରୁତର ହେଉଛି ଓ ସାଧାରଣ ଜନସାଧାରଣ ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ କଂଗ୍ରେସର ଯୁବ ନେତା ତଥା ସମାଜସେବୀ ସଞ୍ଜୟ ବଗର୍ତି ଅମ୍ବାଭୋନା ଥାନା ଅଧିକାରୀ ସୌରଭ ଭୋଇଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ବୁଧବାର ଦିନ ଭାରୀଯାନ ଚଳାଚଳକୁ ଅସ୍ଥାୟୀ ଭାବେ ବନ୍ଦ କରିବା କିମ୍ବା ପ୍ରକାଶପୁରଦ୍ୱାରି ରାସ୍ତା ଦେଇ ବିକଳ୍ପ ବାଇପାସ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଆ ନବବର୍ଷ



ଗାଇସିଲେଟ,୧୪।୪(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍‌ରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଆ ନବବର୍ଷ ପାଳନ ହୋଇଯାଇଛି।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ନବବର୍ଷର ଶୁଭେଚ୍ଛାକୁ ନେଇ କବିତା ଆବୃତ୍ତି ହୋଇଥିଲ। ଓଡ଼ିଆ ନବବର୍ଷ ପାଳନର ମହତ୍ତ୍ୱ ସମ୍ପର୍କରେ ଅଧ୍ୟକ୍ଷ ଡ. ଜୟକେତନ୍ ତ୍ରିପାଠୀ ଉଦ୍‌ବୋଧନ କରିଥିଲେ। ସଭାରେ ଅଧ୍ୟାପକ ଅରବିନ୍ଦ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଦୀପ ପଧାନ, ଅଧ୍ୟାପକ ଦଶରଥ ମେହେର, ଅରୁଣ ମୁନା, ନିଗମାନନ୍ଦ ପୃଷ୍ଟି, ଅଧ୍ୟାପିକା ପ୍ରତୀକ୍ଷା ଡନସନା, ନମିତା ସାହୁ, ବୀଣାପାଣି ତାଣ୍ଡି, ସଞ୍ଜିତା ମିଶ୍ର, ଝରଣା ସାହୁ, ସୋନାଲିକା ସାହୁ, ପ୍ରଭାସିନୀ ସାହୁ, ଖେଳ ଶିକ୍ଷକ ହେମନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ରବୀନ୍ଦ୍ର ମଣ୍ଡପରେ ମାଧୋ ସିଂ ନାଟକ ପ୍ରଦର୍ଶିତ



ବରଗଡ,୧୪।୪(ସମିସ): ବରଗଡ଼ ସମଲେଶ୍ୱରୀ ସଂଘ ତଳିପଡ଼ା ଓ ମୁନଲାଇଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେଶେଇପାଲିର ମିଳିତ ସହଯୋଗରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଓଡିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ "ଜୀବନ ତାକର୍ ସ୍ୱାଧୀନତା ଆମର୍' (ମଧୋ ସିଂ)ନାଟକ ପ୍ରଦର୍ଶିତ ହୋଇ ଯାଇଛି। ପ୍ରାଧ୍ୟାପକ ଚୂଡାମଣି ରଥଙ୍କ ରଚନା ଓ ନିର୍ଦ୍ଦେଶନାରେ ସୁରେନ୍ ପାଣିଗ୍ରାହୀ ନିର୍ଦ୍ଦେଶନା ଦେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲ, ସୋମ୍ ପଣ୍ଡା, ସୁଶୀଲ ଦାଶ, ଅଗ୍ନି ମହାନନ୍ଦ, ମୋହନ ସୁନା, ଶରତ ଦୀପ, ପ୍ରୀତି ମିଶ୍ର ପ୍ରମୁଖ କଣ୍ଠ ଦାନ କରିଥଲେ। ଆଲୋକ ଭୁଏ ମଞ୍ଚ ସଜ୍ଜା ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂଙ୍କ ପରିବାରର ବଳିଦାନ ଉପରେ ଆଧାରିତ ନାଟକରେ ବରଗଡ଼ ଜିଲ୍ଲାର କଳାକାରମାନେ ନିଖୁଣ ଅଭିନୟ ପ୍ରଦର୍ଶନ କରିଛନ୍ତି। ସୁନୀଲ ମହାପାତ୍ର, ସୁଦେଶ ମଙ୍ଗୁଆଲ, ଅଶ୍ୱିନୀ ସରାଫ, ରାଜେଶ ସତ୍ୟପାଠୀ, ସମୀର ବାରିକ, ପ୍ରଶାନ୍ତ ମହାପାତ୍ର, ମଧୁ ଭଣ୍ଡାରୀ, ସୁଶୀଲା ନାୟାର, କନକ ଡନସନା, ବେଲାଲସେନ୍ ପ୍ରଧାନ, ପ୍ରମୋଦ ମହାପାତ୍ର, ଅର୍କିତା ମହାପାତ୍ର ପ୍ରମୁଖ ବହୁ କଳାକାର ଖୁବ୍ ସୁନ୍ଦର ଭାବରେ ନିଖୁଣ ଅଭିନୟ କରିଥିଲେ।

## ଶିଶୁଶ୍ରୀର ବିଷୁବ କବିତା ଆସର



ବରଗଡ,୧୪।୪(ସମିସ): ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ବସ୍ତି ପରିକ୍ରମା କ୍ରମରେ 'ଆସ ଆମେ ପଢ଼ିବା'କାର୍ଯ୍ୟକ୍ରମର ଶୁଭାରମ୍ଭ ଓଡ଼ିଆ ନବବର୍ଷ ଓ ପଣାସଂକ୍ରାନ୍ତି ଅବସରରେ ସ୍ଥାନୀୟ ନଦୀପଡ଼ା ଡାଙ୍ଗ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଷୁବ କବିତା ଆସରରେ ମୁଖ୍ୟଅତିଥି ଭାବେ ବରଗଡ଼ ବିଇଓ ଡ଼. ସୁରେନ୍ଦ୍ର ସାହୁ ଯୋଗଦେଇ ସାରସ୍ୱତ ସାଧନାର ବିକଳ୍ପ ନାହିଁ ବୋଲି ମତବ୍ୟକ୍ତ କରି ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ରଜକ ସେବା ସମିତିର ଅଧ୍ୟକ୍ଷ ଅର୍ଜୁନ ସେଟ୍ ଯୋଗ ଦେଇ ବିଷୁବମିଳନର ମହନୀୟତା ପ୍ରତିପାଦନ କରିଥିଲେ। ଏହି ଅବସରରେ ଶିଶୁଶ୍ରୀର ପ୍ରତିଷ୍ଠାତା ଡ ରବିନାରାୟଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ଆସରରେ ପ୍ରଥମେ ଶିଶୁମାନଙ୍କ ମଧ୍ୟରୁ ଶାଳିନି ସା, ଡିଲେଶ୍ୱରୀ ମହାପାତ୍ର, ଆସ୍ଥା ଭିତିରିଆ, ଶିବାନୀ ମେହେର, ରୋଷନୀ ସା ପ୍ରମୁଖ କବିତା ପାଠ କରିଥିଲେ। କମଳିନୀ ଦେବୀ, ସୁଜାତା ପଣ୍ଡା, ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ସୁନୀତା ମିଶ୍ର, ସଂଘମିତ୍ରା ପଟେଲ, ପୂଜାରାଣୀ ବୁଡେକ୍, ମିତା ସା, କପିଳେଶ୍ୱର ବାଗ, ଡ. ଡୋଳାମଣି ଶତପଥୀ, ଦୁଃଖୀ ସେବକ ସାହୁ, ଡ. ରବିନାରାୟଣ ସାହୁ, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ କବିତା ଆବୃତ୍ତି କରିଥିଲେ। ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ କୁମାର ବନଛୋର୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ସିଏମ୍ ଟ୍ରଫି ଜୁନିୟର ଫୁଟବଲ୍

## ପ୍ରଥମ ମ୍ୟାଚ୍‌ରେ ସିମେଣ୍ଟ ନଗର କ୍ଲବ୍ ଓ କନବାର କ୍ଲବ୍ ବିଜୟୀ



ବରଗଡ,୧୪।୪(ସମିସ): ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏସନ୍ ଅଫ ଓଡ଼ିଶା ଆନୁକୂଲ୍ୟରେ ମଙ୍ଗଳବାର ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ପଞ୍ଚମ ଦିନରେ ସିମେଣ୍ଟ ନଗର କ୍ଲବ୍ ଓ କନବାର ଫୁଟବଲ୍ କ୍ଲବ୍ ବିଜୟୀ ହୋଇଛନ୍ତି। ମଙ୍ଗଳବାର ସିମେଣ୍ଟ ନଗର କ୍ଲବ ଓ ଲେଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସିମେଣ୍ଟ ନଗର କ୍ଲବ୍ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ଉମାକାନ୍ତ ସାହୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ରାଜେନ୍ଦ୍ର ଭୁଏ ଓ ଆଦିତ୍ୟ ନାୟକ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ଝସକେତନ ପ୍ରଧାନ। କନବାର ଫୁଟବଲ୍ କ୍ଲବ୍ ଓ କଦଳୀପାଳି ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କନବାର ଫୁଟବଲ୍ କ୍ଲବ୍ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ପିଙ୍କି ହଂସ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ପ୍ରଶାନ୍ତ ବେହେରା ଓ ଅଜୟ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପଞ୍ଚାନନ ପାତ୍ର, ସୁରେଶ ଦାଶ ମ୍ୟାଚ୍ କମିଶନର ଅଛନ୍ତି।

### ପେନଚାକ ସିଲଟ ପ୍ରତିଯୋଗିତା

## ୩୭ ପଦକ ହାସଲ କଲା ବୈଦିକ ସ୍କୁଲ



ବରଗଡ଼,୧୪।୪(ସମିସ)

ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ କ୍ରୀଡ଼ା କ୍ଷେତ୍ରରେ ଜିଲ୍ଲାରେ ପୁଣି ଥରେ ସୁନାମ ଅର୍ଜନ କରିଛନ୍ତି। ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଷ୍ଟମ ବରଗଡ ଜିଲ୍ଲା ପେନଚାକ ସିଲଟ ଚାମ୍ପିଅନସିପ-୨୦୨୬ରେ ୨୧ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ, ୭ ଟି ବ୍ରୋଞ୍ଜ ପଦକ ମିଶି ମୋଟ ୩୭ଟି ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ସ୍ୱର୍ଣ୍ଣରେ ସ୍ୱର୍ଣ କୁମାରୀ ବରାଡ ତିନୋଟି, ସୌମ୍ୟ ଶ୍ରୀମୟ ଶତପଥୀ ତିନୋଟି, ପ୍ରଭୁଦତ୍ତ ମିଶ୍ର ଦୁଇଟି ପଦକ ପାଇଥିବା ବେଳେ ଅନନ୍ୟା ଜେନା, ଅଲିଶା ମହାପାତ୍ର, ଆର୍ଯ୍ୟା ସାହୁ, ପ୍ରିୟାଂଶି ବଗର୍ତ୍ତୀ, ପ୍ରିଞ୍ଜଲ ମହାପାତ୍ର, କିରତ କୌର, ନବନୀତ କୌର, ହୁଜୁର ଖାନ, ଅନୁରାଗ ମିଶ୍ର, କିନ୍ମୟ ପ୍ରଧାନ ଓ ଆଦର୍ଶ ସାହୁ ଗୋଟିଏ ଲେଖାଏଁ ପଦକ ପାଇଥିଲେ। ସେହିପରି ରୌପ୍ୟରେ ଅନୋଖି ଅଗ୍ରୱାଲ, ନତାଶା ଚଟର୍ଜୀ, ଇତିଶ୍ରୀ ନନ୍ଦ, ସରିତା ଦେହେରୀ, ପ୍ରଭୁଦତ୍ତ ମିଶ୍ର, ଶିବ ଶଙ୍କର ସାହୁ, ଗଗନ ଦୀପ ସିଂ, ସର୍ବେଶ ସାହୁ, ଶ୍ରୀନ ଦାଶ ଗୋଟିଏ ଲେଖାଏଁ ପଦକ ହାସଲ କରିଛନ୍ତି। ଅନ୍ୟ ପକ୍ଷରେ ପ୍ରିୟାଂଶି ଆଚାର୍ଯ୍ୟ, ନିଷ୍ଠା ଅଗ୍ରୱାଲ, ଆରୋହୀ ବିଶ୍ୱାଳ, ଫୈଜଲ ଖାନ, ଆଦ୍ୟାଂଶ ରାଉତ, ଲକ୍ଷ୍ମ ମିରୱାନୀ ଓ ଦେବାଂଶ ସିଂ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ସଫଳତା ପାଇଁ ବୈଦିକ ଗ୍ରୁପର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଓ ବିଦ୍ୟାଳୟର ପ୍ରିନସିପାଲ ଗାର୍ଗୀ ଚଟର୍ଜୀ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବାବାମଣିଙ୍କୁ ଜଳଛାୟା କଲେ ହଜାର ହଜାର ଶ୍ରଦ୍ଧାଳୁ

ଭଦ୍ରକ/ଆରଡ଼ି,୧୪।୪(ସମିସ)





## ବିଭିନ୍ନ ନଦୀରୁ ଜଳଭାର ଧରି ପୀଠକୁ ଆସିଲେ ସହସ୍ରାଧିକ ଗୋପାଳ ଭକ୍ତ

ମଙ୍ଗଳବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଇଁ ଉତ୍ସବମୁଖର ହୋଇଉଠିଥିଲା ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର। ଓଡ଼ିଆ ନବ ବର୍ଷରେ ପୀଠରେ ପ୍ରଚଳିତ ନୂଆ ବିରଜା ପାଞ୍ଜି ମଙ୍ଗଳବାରଠାରୁ ଆରମ୍ଭ ହେଉଥିବାବେଳେ ବୈଶାଖ ମାସର ପ୍ରଥମ ଦିନ ପାଳନ କରାଯାଇଥିଲା। ଏଥି ସହ ପଣା ସଂକ୍ରାନ୍ତିଠାରୁ ଏକ ମାସ ଧରି ବାବାଙ୍କ ମନ୍ଦିରରେ ଶୀତଳ ଉପଚାର ବା ଜଳଛାୟା ନୀତି ଅନୁଷ୍ଠିତ ହେବ। ବିଶ୍ୱାସ ରହିଛି ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୁଦ୍ରତାପରୁ ବାବାମଣିଙ୍କର ଉପଶମ ନିମନ୍ତେ ଶହଶହ ଗୋପାଳ ଭକ୍ତ ବିଭିନ୍ନ ନଦୀରୁ ଜଳଭାର ଧରି ବାବାଙ୍କ ପାଖକୁ ଆସି ସେବାୟତଙ୍କ ଦ୍ୱାରା ଜଳଲାଗି କରିଥା'ନ୍ତି। ଏଥିପାଇଁ ଭୋର୍ ୫ଟାରୁ ଗୋପାଳ ଭକ୍ତମାନେ ୨ଟି ପିତଳ କଳସୀରେ ଜଳଭାର ଧରି ପହଞ୍ଚିଥିଲେ ବାବାଙ୍କ ପୀଠରେ। ପ୍ରଶାସନ ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ବ୍ୟାରିକେଡ୍‌ରେ ଯାଇ ସେବାୟତଙ୍କ ଦ୍ୱାରା ଜଳଲାଗି କରିଥିଲେ। ଅନ୍ୟପକ୍ଷରେ ହଜାର ହଜାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ମନ୍ଦିର ଭିତରେ ଓ ବାହାରେ। ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସ୍ଥଳପଥ ଓ ଜଳପଥରେ ମଧ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନ୍ୟପଟେ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଦୈନନ୍ଦିନ ନୀତି ନିର୍ଘଣ୍ଟର ସାମାନ୍ୟ ପରିବର୍ତ୍ତନ କରାଯାଇ ଭୋର୍ ୪ଟାରେ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି ସହ ଘର୍ଷଣଲାଗି, ପଣାଭୋଗ ଲାଗି ହେବା ପରେ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ସମ୍ପନ୍ନ କରାଯାଇଥିଲା। ସକାଳ ୫ଟାରୁ ଗୋପାଳ ଭକ୍ତମାନେ ଧାଡ଼ିରେ ଯାଇ ପୂର୍ବାହ୍ନ ୧୧ଟା ଯାଏଁ ଜଳଲାଗି କରିଥିଲେ। ସମସ୍ତ ସକାଳ ଧୂପ ଅପରାହ୍ନ ୧ଟା ସୁଦ୍ଧା ସରିବା ପରେ ଅବକାଶ ନୀତି କରାଯିବା ପରେ ସେବାୟତଙ୍କ ଦ୍ୱାରା ପଣାଭୋଗ ଲାଗି ସହ ଅପରାହ୍ନରେ ବାବାମଣିଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ସନ୍ଧ୍ୟା ନୀତି ସହ ଆଳତି ଓ ଅନ୍ୟ ନୀତି ସମ୍ପନ୍ନ କରାଯାଇଥିଲା।

# ମଣ୍ଡିରୁ ଉଠୁନି ଧାନ; କାନ୍ଦୁଛନ୍ତି ଚାଷୀ



ଦୋଳସାହି,୧୪।୪(ସମିସ): ସରକାରଙ୍କ ପକ୍ଷରୁ ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ କରାଯାଇଥିବା ସମୟର ଅବଧି ଶେଷ ହୋଇଥିବାବେଳେ ମିଲରମାନଙ୍କ ଅସହଯୋଗ ଯୋଗୁଁ ଏହି ଧାନ ମଣ୍ଡିରେ ପଡ଼ିରହିଥିବା ଧାନ ସଂଗ୍ରହ କରୁଥିବା ସମବାୟ ସମିତି ଓ ଏସ୍ଏଚ୍‌ଜି ଗ୍ରୁପ୍‌ମାନେ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ମା' ଗଣପତି ଏସ୍ଏଚ୍‌ଜି ପକ୍ଷରୁ ଅନ୍‌ଲାଇନ୍ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥିବାବେଳେ ଅଦ୍ୟାବଧି ଅନେକ ଚାଷୀଙ୍କ ଧାନ ମିଲର ଉଠାଉ ନ ଥିବା ନେଇ ଧାନ ଟଙ୍କା ପାଇଁ ଚାଷୀ ହାଇଁପାଇଁ ହେଉଥିବା ସହ କାନ୍ଦୁଥିବା ଦେଖିବାକୁ ମିଳୁଛି। ଏହି ଏସ୍ଏଚ୍‌ଜି ପକ୍ଷରୁ ୩୧୫ ଜଣ ଚାଷୀଙ୍କଠାରୁ ୧୩ ହଜାର ୩୫୭ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବାବେଳେ ୨୭୦ ଜଣ ଚାଷୀଙ୍କ ଧାନ ମିଲର ଉଠାଇଥିବାବେଳେ ୪୫ ଜଣ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବୃନ୍ଦାବନ କଳାକେନ୍ଦ୍ରରେ ଓଡ଼ିଆ ନବବର୍ଷ ପାଳନ



ଭଦ୍ରକ,୧୪।୪(ସମିସ): ଭଦ୍ରକ ବଙ୍କସାହିସ୍ଥିତ ପ୍ରତିଷ୍ଠିତ କଳା ଅନୁଷ୍ଠାନ ବୃନ୍ଦାବନ କଳାକେନ୍ଦ୍ର ସଭାଗୃହରେ ଓଡ଼ିଆ ନବବର୍ଷ ତଥା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ବରିଷ୍ଠ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ରଞ୍ଜିତ୍ ମହାପାତ୍ର ଯୋଗଦେଇଥିଲେ। କଳା କେନ୍ଦ୍ର ନିର୍ଦ୍ଦେଶକ ସୌରଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ଛାତ୍ରଛାତ୍ରୀ ଗାନ କରିଥିଲେ। ସଂଗୀତ ଜଗତର ତାରକା ଦିବଂଗତ ଆଶା ଭୋସ୍‌ଲେଙ୍କ ଉଦ୍ଦେଶ୍ୟରେ ତାଙ୍କର ଗୀତ ଗାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ବୃନ୍ଦାବନ କଳାକେନ୍ଦ୍ରର କାର୍ଯ୍ୟକୁ ପ୍ରଶଂସା କରିବା ସହ ନିଜେ ଏକ ରାଗ ସଂଗୀତ ଗାନ କରିଥିଲେ। ସୁନାମଧନ୍ୟ ତବଲା ବାଦକ ମୋହିନୀମୋହନ ମହାପାତ୍ର ତାଙ୍କୁ ସହଯୋଗିତା କାରିଥିଲେ। ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ସବୁ ବର୍ଷ ଭଳି ଏବର୍ଷ ଭଦ୍ରକର ବରପୁତ୍ର ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇଥିବା ସ୍ୱର୍ଗତ ସଂଗୀତ ଗୁରୁ ଧନେଶ୍ୱର ଦାଶଙ୍କ ଫଟୋଚିତ୍ର ସ୍ଥାନିତ କରାଯାଇଥିଲା। କେନ୍ଦ୍ରର ଛାତ୍ରଛାତ୍ରୀ ସିମ୍ପିରାଣୀ, ଆରଣ୍ୟକ, ରୁପାଲୀ, ବସନ୍ତ, ପଲ୍ଲିଶ୍ରୀ, ମମତାରାଣୀ, ମାମିନା ଓ ସଂଗୀତ ସହାୟକ ମଦନ ବେହେରା ପ୍ରମୁଖ ଭଜନ ଏବଂ ଲଘୁ ସଂଗୀତ ପରିବେଷଣ କରିଥିଲେ। କଳାକେନ୍ଦ୍ରର ସଂଗୀତ ଗୁରୁ ସୁରେନ୍ଦ୍ର ଗାହାଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ତବଲାରେ ଆନନ୍ଦ ଦାସ ସହଯୋଗିତା ଦେଇଥିଲେ। ଚିତ୍ର କଳା ଏବଂ ସଂଗୀତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଚାନ୍ଦବାଲି କଲେଜ ପ୍ରାକ୍ତନ ଅଧକ୍ଷ ଅକ୍ଷୟ ମହାନ୍ତି, ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ପାଢ଼ୀ, ହେମନ୍ତ ନାୟକ, ପ୍ରାଧ୍ୟାପକ ପ୍ରବୀର ମହାପାତ୍ର, ଅଧ୍ୟାପକ ନିରାକାର ନାୟକ, ଶଙ୍କର୍ଷଣ ଦାଶ, ଦୀପକ ଦାଶ, ସମାଜସେବୀ ନିରଞ୍ଜନ ସାମଲ, ଚିତ୍ରଶିଳ୍ପୀ ଜୀବନ ମହାକୁଡ଼, ଆଇନଜୀବୀ ସରୋଜ ତପନ ଦାସ, ଶଙ୍କର୍ଷଣ ମହାନ୍ତି, ସନ୍ତୋଷ ବେହେରାଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଚିତ୍ରକଳା ପ୍ରଶିକ୍ଷକ ବରିଷ୍ଠ ଶିଳ୍ପୀ ବିଭୂତି ସାହୁ ଧନ୍ୟବାଦ ଅର୍ପଣ କରିବା ସହ ଛାତ୍ର ସତ୍ୟ ମହାଳିକ, ଶୁଭମ୍ ସାମନ୍ତ, ସୌରଭ ମାଝୀ ଉତ୍ସବ ପରିଚାଳନା କରି ପାରମ୍ପରିକ ବେଲ ପଣା ବଣ୍ଟନ କରିଥିଲେ।

# 'ଆମ୍ବେଦକରଙ୍କ ଜୀବନାଦର୍ଶ ଉତ୍ତରପୀଢ଼ିଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା'

ଭଦ୍ରକ,୧୪।୪(ସମିସ): ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ମଙ୍ଗଳବାର ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଲ୍ଲା ସଂସ୍କୃତି ଭବନଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବାବା ସାହେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ, "ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ ଗଠନ ପାଇଁ ଡ. ଆମ୍ବେଦକରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ସମାଜରୁ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବାରେ ତାଙ୍କର ଅବଦାନ ମହାନ। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ତାଙ୍କର ଅବଦାନ ଅତୁଳନୀୟ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଥିଲେ, ଡ. ଆମ୍ବେଦକର ଜଣେ ମହାନ୍ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ। ସେ କହିଥିଲେ ଯେ, ବାବା ସାହେବଙ୍କ ଉଚ୍ଚ ଆଦର୍ଶ ଓ ମାନବୀୟ ମୂଲ୍ୟବୋଧର ପ୍ରଚାରପ୍ରସାର ପାଇଁ ସମସ୍ତଙ୍କର ମାନସିକତା ରହିବା ଉଚିତ୍। ସମାଜରୁ ଅସ୍ପୃଶ୍ୟତା ଓ ଭେଦଭାବ ଦୂର କରି ଏକ ସୁସ୍ଥ ତଥା ସମତାଭିତ୍ତିକ ସମାଜ ଗଠନ କରିବା ଥିଲା ବାବା ସାହେବଙ୍କ ପ୍ରଧାନ ଲକ୍ଷ୍ୟ। ମୁଖବକ୍ତା ଭାବେ ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା କହିଥିଲେ, ଆଧୁନିକ ଭାରତର ନିର୍ମାଣରେ ବାବା ସାହେବଙ୍କ ଦୂରଦୃଷ୍ଟି ଅତୁଳନୀୟ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ କହିଥିଲେ, ଶିକ୍ଷା ହିଁ ସମସ୍ତ ପରିବର୍ତ୍ତନର ମୂଳଦୁଆ ବୋଲି ବାବା ସାହେବ ସର୍ବଦା ବିଶ୍ୱାସ କରୁଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ କହିଥିଲେ, ସମାଜରୁ ଭେଦଭାବ ଦୂର କରି ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ହିଁ ବାବା ସାହେବଙ୍କ ପ୍ରତି ପ୍ରକୃତ ସମ୍ମାନ। ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ବାବାସାହେବଙ୍କ ଜୀବନଶୈଳୀ ଓ ତ୍ୟାଗରୁ ଯୁବପିଢ଼ିମାନେ ପ୍ରେରଣା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀ ମିନାକ୍ଷୀ ଗରାବଡୁ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ଶିର୍କା ଧନ୍ୟବାଦ ଅର୍ପଣ କରିଥିଲେ।



# ମା' ସୁନାମୁହିଁଙ୍କ ଚଡ଼କ ଯାତ୍ରା; ଉତ୍ସବମୁଖର ବୈତରଣୀ ତଟ

ବାରିକପୁର,୧୪।୪(ସମିସ): ମଙ୍ଗଳବାରଠାରୁ ମା' ସୁନାମୁହିଁଙ୍କ ସର୍ବପୁରାତନ ଚଡ଼କ ଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ଭଣ୍ଡାରିପୋଖରୀ ବ୍ଲକ୍ ବୈତରଣୀ ତଟରେ ଥିବା ଜିଲ୍ଲାର ଅନ୍ୟତମ ଶକ୍ତି କ୍ଷେତ୍ର ସୁନାମୁହିଁଙ୍କ ପୀଠ ଉତ୍ସବମୁଖର ହୋଇଯାଇଛି। ନଦୀରୁ ଘଟ ଉତ୍ତୋଳନ ପରେ ନିଶାର୍ଦ୍ଧରେ ମା'ଙ୍କ ଆବାହନ ପୂଜା ଆରମ୍ଭ ହୋଇଥିଲା। ବାର୍ଷିକ ପୂଜା ଉତ୍ସବର ପ୍ରଥମ ଦିନରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ପୀଠରେ ଉପସ୍ଥିତ ରହି କୁକୁଡ଼ା ଉଡ଼େଇବା ସହିତ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରଥମ ଦିନରେ ଆଖପାଖ ୫୦ ଖଣ୍ଡ ଗାଁ ସହିତ ପଡ଼ୋଶୀ ଯାଜପୁର ଜିଲ୍ଲାର ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ପୂଜା ପାଇଁ ସ୍ଥାନୀୟ ପୁଲିସ ଓ ଉତ୍ସବ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାର୍ଷିକ ପୂଜା ଉପଲକ୍ଷେ ପୀଠରେ ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପ୍ରଦର୍ଶନ ହେବ ବୋଲି ପୂଜା କମିଟି ସଭାପତି ଭାଗବତ ପ୍ରସାଦ ଜେନା ଓ ସମ୍ପାଦକ ଅନନ୍ତ କିଶୋର ଜେନା ଜଣାଇଛନ୍ତି। ଆସନ୍ତା ୨୦ ତାରିଖ ଦିନ ଚଡ଼କ ଯାତ୍ରା ସହିତ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଛି।

# ସାହାସପୁରର ଐତିହାସିକ ଝାମୁ ଯାତ୍ରା

ଧୂଷୁରୀ,୧୪।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ସାହାସପୁର ପଞ୍ଚାୟତରେ ଐତିହାସିକ ପାଟୁଆ ଯାତ୍ରା ଓ ଝାମୁ ଯାତ୍ରା ଆରମ୍ଭ ହୋଇଛି। ଏହି ଝାମୁ ଯାତ୍ରା ବହୁ ପୁରାତନ। ଏହା ବୈଶାଖ ମାସ ସଂକ୍ରାନ୍ତି ୨ ଦିନ ପୂର୍ବରୁ ଆରମ୍ଭ ହୋଇ ବୈଶାଖ ମାସ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳିତ ହୋଇଥାଏ। ପ୍ରଥମେ ମା' ବୁଢ଼ୀ କାଳନ୍ଦୀ ଘଟ ରବିବାର ଗ୍ରାମ ପରିକ୍ରମା କରିଥିଲା ଓ ରାତି ୧୨ଟାରେ ଘଟରେ ବ୍ରାହ୍ମଣ ବା ମା'ଙ୍କ ଦେହୁରୀ ଧନେଶ୍ୱର ସାଏନ୍ତ ଘଟ ଉପରେ ପୂଜାର୍ଚ୍ଚନା କରିଥା'ନ୍ତି ଓ ମା' ବୁଢ଼ୀ କାଳନ୍ଦୀ ଥାଆନ୍ତି। ପ୍ରଥମ ରାତି ବା ନିଶାଘଟ ରାତିରେ ବୁଢ଼ୀ କାଳନ୍ଦୀ ମନ୍ଦିରରୁ ମା' ବାହାରି ଗ୍ରାମ ଭ୍ରମଣ କରି ସାରିବା ପରେ ବୋବାଳି ମନ୍ଦିର ବା ପଟୁପାଣି ମନ୍ଦିର ପର୍ଯ୍ୟନ୍ତ ଘଣ୍ଟଘଣ୍ଟା ହରିବୋଲ ହୁଳହୁଳି ବାଦ୍ୟ ତୂରୀରେ ପ୍ରକମ୍ପିତ ହୋଇଉଠେ। ଶେଷ ଦିନ ବା ସଂକ୍ରାନ୍ତି ଦିନ ନିଆଁ ପାଟ ସେ ଦିନର ଆକର୍ଷଣ ହେଉଛି ଖଜୁରୀ ଗଛ ଉପରେ ଚଢ଼ି ନାଚିବା ଓ ଡହଡହ ନିଆଁରେ ଚାଲିବା। ସୂଚନା ଅନୁଯାୟୀ, ଏହା ଜମିଦାରମାନେ ଗ୍ରାମର କଲ୍ୟାଣ ଓ ବିଶ୍ୱର ଶାନ୍ତି ନିମନ୍ତେ ଆରମ୍ଭ କରିଥିଲେ। ଯେଉଁ ଭକ୍ତମାନେ ନିଜର ଜୀବନର ସମସ୍ୟାରେ



ପୀଠରେ ୩ ଦିନ ପୂଜାର୍ଚ୍ଚନା ହୋଇଥାଏ। ଏହା ରାତ୍ର ସମୟରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଶରୀରରେ ମା'ଙ୍କ ଚଣ୍ଡୀ ଚାମୁଣ୍ଡାମାନେ ପ୍ରବେଶ କରନ୍ତି ବୋଲି ବିଶ୍ୱାସ କରାଯାଏ। ସେହି ୩ ଦିନ ଲୋକଙ୍କର ମାନସିକ ପୂରଣ ହୋଇଥାଏ ବୋଲି କୁହାଯାଏ। ତା' ସହିତ ବହୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ମା'ଙ୍କ ପାଖରେ ମାନସିକ ରଖିଥାଆନ୍ତି। ମାନସିକ ପୂରଣ ହେଲେ ପିଲାମାନଙ୍କୁ ପାଟୁଆ କରି ମା'ଙ୍କ ପାଖରେ ରାତିରେ ନାଚି ଛନ୍ଦି ହୋଇ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥା'ନ୍ତି, ସେମାନେ ମା' ବୁଢ଼ୀ କାଳନ୍ଦୀ ନିକଟରେ ଗୁଆ, ପଇସା ମୁଦା ବସାଇଥାନ୍ତି। ଏ ଯାତ୍ରାର ମୁଖ୍ୟ ଗ୍ରାମଦେବୀ ହେଲେ ମା' ବୁଢ଼ୀ କାଳନ୍ଦୀ, ମା' ବୋବାଳି, ମା' ମଙ୍ଗଳା, ମା' ବାସୁଳି, ମା' ବଟମଙ୍ଗଳା, ମା' ଶୂନ୍ୟ ମଙ୍ଗଳା। ଏହି ପୂଜାକୁ ସାହାସପୁର ଗାଁର ସ୍ୱତନ୍ତ୍ର କମିଟି ସଭାପତି ଅମର ମାଝୀ, ସମ୍ପାଦକ କାମଦେବ ସାଏନ୍ତ, କୋଷାଧ୍ୟକ୍ଷ କାଳନ୍ଦୀ ନାଏକ ପରିଚାଳନା କରନ୍ତି।

# ଲୋକକବି ଜଗନ୍ନାଥ ପାଣିଙ୍କ ୧୯୧ତମ ଜୟନ୍ତୀ

ଭଦ୍ରକ,୧୪।୪(ସମିସ): ଲୋକକବି ଜଗନ୍ନାଥ ପାଣି ବହୁ ଓଡ଼ିଆ କାବ୍ୟ ଓ ଗୀତିନାଟ୍ୟ ରଚନା କରି ଓଡ଼ିଆ ସାରସ୍ୱତ ଜଗତର ମଣି ଭାବେ ପରିଚିତ ହୋଇଛନ୍ତି। ତାଙ୍କ ରଚନାବଳୀ ଆଜି ମଧ ଜନମାନସରେ ସତେଜ ରହିଛି ବୋଲି ଲୋକକବି ଜଗନ୍ନାଥ ପାଣି ସ୍ମୃତି ସଂସଦ ଆନୁକୂଲ୍ୟରେ କବିଙ୍କ ୧୯୧ତମ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ବ୍ଲକ୍ ନଳାଙ୍ଗଠାରେ ନାଟ୍ୟକାର ଅଟଳବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ନିହାର ରଞ୍ଜନ କର, ନାଟ୍ୟକାର ରାମନାରାୟଣ ତ୍ରିପାଠୀ, ଜିଲ୍ଲା ଲୋକକଳା ସଂଗଠନର ଉପସଭାପତି ତ୍ରିଲୋଚନ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ମନମୋହନ ସଙ୍ଗୀତ ପରିଷଦର ଅଧକ୍ଷ କେଶବ ଚନ୍ଦ୍ର ଜେନା, ଅଧ୍ୟାପକ ଶିବଚରଣ ଖାମୁରାଇ, ଗୌରାଙ୍ଗ ଚନ୍ଦ୍ର ବାରିକ, କବି ସଂଯୁକ୍ତା ବଳ, ନାଟ୍ୟକାର ନିର୍ମଳ ଚନ୍ଦ୍ର ସ୍ୱାଇଁ, ବିଭୂତିଭୂଷଣ ପାଣି, ସନ୍ତୋଷ ପାଣି, ଯାତ୍ରା ଅଭିନେତ୍ରୀ ଅନୁପମା ଦାସ ପ୍ରମୁଖ ଯୋଗଦେଇ ଲୋକକବି ଜଗନ୍ନାଥ ପାଣିଙ୍କ ରଚନାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଜଗନ୍ନାଥ ପାଣିଙ୍କ ଛନ୍ଦକୁ ନେଇ ଗୀତିନାଟ୍ୟ ରଚନା କରିଥିବା ନାଟ୍ୟକାର ନିରଞ୍ଜନ ସ୍ୱାଇଁଙ୍କ ପୁସ୍ତକକୁ ମଞ୍ଚରେ ଉନ୍ମୋଚିତ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ କାଳନ୍ଦୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନାଟ୍ୟକାର ନିର୍ମଳ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ଦେବଦେବୀ ପୀଠ ପରିଦର୍ଶନ କଲେ ବିଧାୟକ



ବାରିକପୁର,୧୪।୪(ସମିସ): ମଙ୍ଗଳବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଏବଂ ହନୁମାନ ଜୟନ୍ତୀ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଦେବଦେବୀ ପୀଠ ପରିଦର୍ଶନ କରିଛନ୍ତି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ। ଅଁଳାଶୁଣି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିବାବେଳେ ନୂତନ ତୋରଣ ପାଇଁ ଭିତ୍ତିପ୍ରସ୍ତର କରିଥିଲେ। ରାଜେନ୍ଦ୍ରପୁର ପଞ୍ଚାୟତ ଥଇଳାସ୍ଥିତ ବାବା ଦୁଃଖେଶ୍ୱରଙ୍କୁ ଦର୍ଶନ କରିବା ସହିତ ଏକ ଜଳଛତ୍ରକୁ ମଧ ଉଦ୍‌ଘାଟନ କରିଥିଲେ। ଏହାଛଡ଼ା ନେରଡ଼ାସ୍ଥିତ ପ୍ରସିଦ୍ଧ ମା' ସୁନାମୁହିଁଙ୍କ ଚଡ଼କ ଯାତ୍ରାରେ ଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ସାତଦିନ ଧରି ପୂଜା ଉତ୍ସବ ଆୟୋଜନ ହେଉଥିବାବେଳେ ବିଭିନ୍ନ ବିଷୟରେ ବିଧାୟକ ପୂଜା କମିଟି ସହିତ ଆଲୋଚନା କରିଥିଲେ। ପରିଦର୍ଶନବେଳେ ବିଜେଡି ବ୍ଲକ୍ ସଭାପତି ଲକ୍ଷ୍ମୀଧର ସାହୁ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ମନୋରଞ୍ଜନ ସାହୁ, ବରିଷ୍ଠ ନେତା ଶରତ ଚନ୍ଦ୍ର ଜେନା, ଯୁବନେତା ଦିପ୍ତୀସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମା' କୋଚିଲା ନାୟକାଣୀଙ୍କ ପୀଠରେ ପାନୀୟ ଜଳ ସଙ୍କଟ



ଅସୁରାଳି,୧୪।୪(ସମିସ): ଧାମନଗର ବ୍ଲକ୍‌ର ପ୍ରମୁଖ ଶକ୍ତିପୀଠ ନଦୀଗାଁ ପଞ୍ଚାୟତର ମା' କୋଚିଲା ନାୟକାଣୀଙ୍କ ପୀଠରେ ଏବେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ଓଡ଼ିଆ ନୂଆ ବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଏଠାରେ ୩ ଦିନ ଧରି ଭକ୍ତଙ୍କ ପ୍ରବଳ ସମାଗମ ହେଉଥିବାବେଳେ, ପାଣି ମୁନ୍ଦାଏ ପାଇଁ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା, କିନ୍ତୁ ବ୍ୟବସ୍ଥା ଶୂନ୍। ଏହି ପୀଠକୁ ନଦୀଗାଁ, ହସନାବାଦ, ପଧାନୀ, ଅର୍ଜୁନପୁର, ଧୂଷୁରୀ ଓ ଦଳାଙ୍ଗ ପଞ୍ଚାୟତ ସମେତ ପଡ଼ୋଶୀ ଯାଜପୁର ଜିଲ୍ଲାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଉତ୍ସବ ସମୟରେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ପାନୀୟ ଜଳର ଆବଶ୍ୟକତା ବଢୁଥିଲେ ସୁଦ୍ଧା ପୀଠ ପରିସରରେ କୌଣସି ସ୍ଥାୟୀ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ଫଳରେ ଗରିବ ଓ ସାଧାରଣ ଭକ୍ତମାନେ ବାଧ ହୋଇ ବାହାରୁ ପାଣି ବୋତଲ କିଣି ପିଉଛନ୍ତି। ପୀଠରେ ପାନୀୟ ଜଳର ସ୍ଥାୟୀ ସମାଧାନ ପାଇଁ ପୂଜା କମିଟି ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ପୂଜା କମିଟି ସଭାପତି ଅଧ୍ୟାପକ ଡ. ରାମଚନ୍ଦ୍ର ପଣ୍ଡା ଓ ସମ୍ପାଦକ ପ୍ରଶାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂଜକ ଦେବେନ୍ଦ୍ର ପଣ୍ଡା ଓ କେଦାର ପଣ୍ଡା, ସଭ୍ୟ ମନୋଜ ବାରିକ, ରମାକାନ୍ତ ବସନ୍ତିଆ, ନୀଳାମ୍ବର ବସନ୍ତିଆ ପ୍ରମୁଖ ପ୍ରଶାସନଠାରେ ଉକ୍ତ ଦାବି କରିଛନ୍ତି।

# ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳିତ

ଧାମନଗର,୧୪।୪(ସମିସ)





ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ଅବସରରେ ସମଗ୍ର ଧାମନଗର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ରାଜନୈତିକ ଦଳ ତରଫରୁ ଦେବଦେବୀଙ୍କ ପୀଠରେ ପୂଜା, ହୋମ, ଯଜ୍ଞାଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ବିଶେଷକରି ହନୁମାନ ମନ୍ଦିରରେ ପ୍ରଭୁ ଶ୍ରୀହନୁମାନଙ୍କ ପୂଜାର୍ଚ୍ଚନା କରାଯିବା ସହିତ ପବିତ୍ର ହନୁମାନ ଚାଳିଶା ପାଠ କରାଯାଇଥିଲା। ପଣା ସଂକ୍ରାନ୍ତି ଅବସରରେ ଓଡ଼ିଆଙ୍କ ଘରେ ଘରେ ବେଲପଣାର ବ୍ୟବସ୍ଥା କରାଯାଇଥିବାବେଳେ ସମସ୍ତ ଦେବଦେବୀ ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପଙ୍‌କ୍ତିଭୋଜନର ଆୟୋଜନ କରାଯାଇଥିଲା। ସେହିପରି ଧାମନଗର ସହରାଞ୍ଚଳରେ ବୈଶାଖ ମାସର ପ୍ରଥମ ଦିନ ଓ ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ କାଉଡ଼ିଆ ସେବାସଂଘ ଧାମନଗର ତରଫରୁ ପଥଚାରୀମାନଙ୍କୁ ବେଲପଣା, ଥଣ୍ଡାପାଣି ଓ ସରବତ ବଣ୍ଟନ କରାଯାଇଛି। ଏଥିରେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ମନୋଜ ସିଂହ, ପ୍ରହ୍ଲାଦ ମହାପାତ୍ର, ସଞ୍ଜୟ ସ୍ୱାଇଁ, ବଳରାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତସ୍ତରରେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଜଳଛତ୍ର ବଣ୍ଟନ ବ୍ୟବସ୍ଥା କରାଯାଇଥିବା ବେଳେ ଏନ୍ଏସି ତରଫରୁ ମଧ ଜଳଛତ୍ର ଖୋଲାଯାଇଥିଲା।

## ବାରିକପୁର

ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଓଡ଼ିଆ ନବବର୍ଷ ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ୍‌ର ମାଳଦାଠାରେ ମହାବୀର ସେବା ସଂଗଠନ ପକ୍ଷରୁ ଆଡ଼ମ୍ବରପୂର୍ଣ୍ଣ ଭାବେ ହନୁମାନ ପୂଜା ଅନୁଷ୍ଠିତ ହୋଇଥିଲା। ସଂକଳ୍ପ କର୍ତ୍ତା ଭାବେ ନୃସିଂହଚରଣ ଖିଲାର, କନକ ଖିଲାର, ରବିନାରାୟଣ ଖିଲାର, ରେଣୁବାଳା ଖିଲାର ଦାୟିତ୍ୱ ନିର୍ବାହ କରିଥିଲେ। ବଡ଼ ମାଳଦା ହନୁମାନ ମନ୍ଦିରରେ ସମାଜସେବୀ ବୀରେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମହାବୀରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସରସଦା ପଞ୍ଚାୟତ ତୁଳସୀପୁରଠାରେ ହନୁମାନ ପୂଜା ଆୟୋଜନ ହୋଇଥିବାବେଳେ ଏଥିରେ ଗିରିଶ ସାମଲ ଓ ରଶ୍ମି ସାମଲ ସଂକଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ଭଣ୍ଡାରିପୋଖରୀ

ସେହିପରି ଭଣ୍ଡାରିପୋଖରୀ ବ୍ଲକ୍ ନେରଡାର ମା' ସୁନାମୁହିଁ ପୀଠ, ଥାଇଲା ଗ୍ରାମର ବାବା ଦୁଃଖେଶ୍ୱର ପୀଠ, ବୟାବନାପୁର ଗ୍ରାମର ମା' ବୁଢ଼ୀ ଜାଗୁଳାଇ ପୀଠ, ମଠସାହି ହନୁମାନ ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ହେବା ସହିତ ମଠସାହି ହନୁମାନ ମନ୍ଦିର ପରିସରରେ ବହୁ ସଂଖ୍ୟାରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ପଣା ସଂକ୍ରାନ୍ତି ଦିନରୁ ଗ୍ରୀଷ୍ମଋତୁର ପ୍ରକୋପ ବଢ଼ିଥାଏ ଏବଂ ଏହି ଦିନକୁ 'ହନୁମାନ ଜୟନ୍ତୀ' ଭାବେ ଭକ୍ତମାନେ ହନୁମାନଙ୍କୁ ଶକ୍ତି ଓ ସାହସର ପ୍ରତୀକ ଭାବେ ପୂଜା କରି ନୂତନ ବର୍ଷର ଶୁଭକାମନା କରନ୍ତି। ତେଣୁ ବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତିର ନାଁ ଦିଆଯାଇଛି। ଆଜିର ଦିନରେ ପ୍ରତି ଘରେ ବଡ଼ବଡୁଆଙ୍କ ସମାଧି ସମେତ ମା'ମାନେ ତୁଳସୀ ଚଉରା ମୂଳେ ପୂଜା କରି ପ୍ରଥମେ ତୁଳସୀ ଚଉରା ମୂଳରେ ଛୋଟ ମାଠିଆରେ ପଣା ରଖି ମାଠିଆଟିକୁ ବାନ୍ଧିଥା'ନ୍ତି। ଏହି ଠେକିକୁ ବସୁନ୍ଧରା ବା ବସନ୍ତରା ଠେକି ବୋଲି ମଧ କୁହାଯାଏ।

# ନବ ଭାରତ ନିର୍ମାଣରେ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ

ଜଗତସିଂହପୁର,୧୪।୪(ସମିସ)



ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭାରତରତ୍ନ ଡ. ଭିଆର୍ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ଆମ୍ବେଦକର ଜଣେ ସମାଜ ସୁଧାରକ ଓ ସଂସ୍ଥାପକ ଥିଲେ ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଭା ନନ୍ଦିନୀ ମହାନ୍ତି ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, ସହର ର ଆଇନଜୀବୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଦକର ଓ ଅନ୍ୟ ମହାନ୍ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**ଏରସମା :** ଏରସମା ଗାନ୍ଧୀ ପାଠ ପରିସରରେ ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ସେଠୀଙ୍କ ଅଧ୍ୟକ୍ଷତାରେ ଆମ୍ବେଦକରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ଡ. ବୀର ନାରାୟଣ ପାତ୍ର ଯୋଗଦେଇଥିଲେ। ଏଥିରେ ସମାଜ ସେବୀ ପ୍ରଶାନ୍ତ କୁମାର ସେଠୀ, ସାହିତ୍ୟିକା ବସନ୍ତ ମଞ୍ଜରୀ ଦାସ, ସାମ୍ୟବାଦୀ ନେତା ଶଶିଭୂଷଣ ସ୍ୱାଇଁ, ସାମ୍ବାଦିକ ଅରୁଣ ବେହେରା, ବାବାଜୀ ଚରଣ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏରସମା ବରିଷ୍ଠ ନାଗରିକ ମଞ୍ଚର ସଭାପତି ରବି ଦାସ, ଅରୂପାନନ୍ଦ ସ୍ୱାଇଁ, ନିବାରଣ ନାୟକ, ମନୋଜ ପାତ୍ର, ରମେଶ ଜେନା, ରାଜକିଶୋର ସ୍ୱାଇଁ, ଭାରତ ସାମଲ, ସୁଶାନ୍ତ ସ୍ୱାଇଁ, ପ୍ରବୀର ପଣ୍ଡା, ସଚ୍ଚିଦାନନ୍ଦ ଭଲ, ମଦନ ମୋହନ ମୁଦୁଲି, ଆଇନଜୀବୀ ମଞ୍ଜୁଲତା ରାଉତ, ଶରତ ମୁଦୁଲି, ଶଙ୍କର ମଣ୍ଡଳ, ଶଙ୍କର୍ଷଣ ପରିଡା, ମାଧବେନ୍ଦ୍ର ଗୋଛାୟତ, ରମେଶ ଚନ୍ଦ୍ର ଦାସ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ।

**ଜଗତସିଂହପୁର:** ଜିଲ୍ଲା କଂଗ୍ରେସପକ୍ଷରୁ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ଟାଉନ ହଲ ସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଚକ୍ରଧର ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ଅନୁସୂଚିତ ଜାତି ବିଭାଗର ଜିଲ୍ଲା ସଭାପତି ଲକ୍ଷ୍ମୀଧର ମଲ୍ଲିକ, ମୁଖପାତ୍ର ଅଭିଜିତ ସାହୁ, ସମ୍ପାଦକ ବୃନ୍ଦାବନ ପ୍ରଧାନ, ଜିତୁ ନାରାୟଣ ସାହୁ, ଦିଲ୍ଲିପ ମାହାର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ପ୍ରତାପ ପଳାଉରୀ, ମନୋଜ ପ୍ରଧାନ, ନାରାୟଣ ନାୟକ, ଡ. ଜଗବାନନ୍ଦ, ବସୁଲା ରାୟ, ପିତାମ୍ବର ସେଠୀ, ପ୍ରଦିପ୍ତ ଶତପଥୀ, ହିମାଂଶୁ ପାଇଟାଳ, ସତ୍ୟ ନାରାୟଣ ଦାଶ, ପ୍ୟାରେଶ ପାତ୍ର, ପ୍ରଦିପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶାରଳା ପୀଠରେ ମହାବିଷୁବ ସଂକ୍ରାନ୍ତି, ଝାମୁ ଯାତ୍ରା



ତିର୍ତ୍ତୋଲ,୧୪।୪(ସମିସ): ଓଡ଼ିଶାର ପ୍ରାଚୀନ ଶକ୍ତିପୀଠ ଝଙ୍କଡ଼ କନକପ୍ରସୂ ମା'ଶାରଳାଙ୍କ ପୀଠରେ ଆଜି ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ବଡ଼ି ଭୋର ସମୟରୁ ମା'ଙ୍କ ପାଠ ଚଳଚଞ୍ଚଳ ହୋଇଉଠିଥିଲା। ଦୂରଦୂରାନ୍ତର ଶ୍ରଦ୍ଧାଳୁ ମାନେ ଆସି ମା'ଙ୍କ ନିକଟରେ ପାରମ୍ପରିକ ପଣାଭୋଗ ଲାଗି କରିଥିଲେ। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିସର ଲୋକାରଣ୍ୟ ହୋଇଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଲାଗି ରହିଥିଲା। ମଧ୍ୟାହ୍ନ ସମୟରେ ମା' ଶାରଳାଙ୍କ ବିଜେ ପ୍ରତିମାକୁ ବିମାନରେ ଉପବେଶନ ପୂର୍ବକ ପାରମ୍ପରିକ ଘଣ୍ଟ, ମୃଦଙ୍ଗ, କାହାଳୀ, ତୁରୀ ଆଦି ବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରାରେ ମା'ଙ୍କ ପ୍ରାଚୀନ ବିଜେ ସ୍ଥଳୀ ନଣ୍ଡା ଦେଉଳକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଝାମୁ ଯାତ୍ରାରେ ତହ ତହ ଖରାରେ ଘଟ ପାଟୁଆ ମାନେ ନଣ୍ଡା ଦେଉଳ ଚଉକି ପଡିଆ ଠାରେ ଜଳନ୍ତା ନିଆଁରେ ଚାଲି ଚାଲି ଭକ୍ତିର ପରାକାଷ୍ଠା ଦେଖାଇଥିଲେ। ଝାମୁ ଯାତ୍ରା ଦେଖିବାକୁ ବହୁ ସଂଖ୍ୟାରେ ଜନସାଧାରଣ ଏକତ୍ର ହୋଇଥିଲେ। ଝାମୁ ଯାତ୍ରା ସମ୍ପନ୍ନ ହେବା ପରେ ମା'ଙ୍କ ବିଜେ ପ୍ରତିମା ଶାରଳା ମନ୍ଦିରକୁ ଫେରିଆସିଥିଲେ। ତିର୍ତ୍ତୋଲ ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ ଗ୍ରହଣ କରାଯାଇଥିଲା।

■ ଅଷ୍ଟଶମ୍ଭୁ ମନ୍ଦିରରେ ପୂଜା ବନ୍ଦ

## ପାଉଣା ନେଣଦେଣକୁ ନେଇ ପଡ଼ିଲା ତାଲା

ବିରିଡ଼ି,୧୪।୪(ସମିସ): ଆଜି ପବିତ୍ର ବିଷୁବ ସଂକ୍ରାନ୍ତି ରେ ସକାଳୁ ସକାଳୁ ହାଜିପୁର ଅଷ୍ଟଶମ୍ଭୁ ମନ୍ଦିରରେ ପୂଜା କରିବା ପାଇଁ ପ୍ରବଳ ଭକ୍ତଙ୍କ ଭିଡ଼ ଜମିଥିଲା। ମାତ୍ର ମନ୍ଦିର ସାମ୍ନା ସିଂହଦ୍ୱାର କବାଟରେ ତାଲାପଡ଼ିଥିବା ଦେଖିବାକୁ ମିଳିଥିଲା। ତାଲା ପଡିଥିବାରୁ ଶ୍ରଦ୍ଧାଳୁମାନେ ପୂଜା କରିପାରି ନ ଥିଲେ। ଫଳରେ ମନ୍ଦିର ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ସୂଚନା ଅନୁସାରେ, ମହାଦେବଙ୍କ ସେବାୟତ ମାନେ କୌଣସି ବକେୟା ପାଉଣାର ହିସାବ କିତାବକୁ ନେଇ ସେମାନେ ତାଲା ପକାଇଦେଇଥିଲେ। ଖବର ପାଇ ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ କୁମାର ଭୂୟାଁ ସେଠାରେ ପହଞ୍ଚି ଏ ସମ୍ପର୍କରେ ସମୟ ସ୍ଥିର କରାଯାଇ ବୈଠକ ବସି ସମାଧାନ କରାଯିବ ବୋଲି କହି ବୁଝାସୁଝା କରିବାରୁ ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଘଟଣା ପୂର୍ବରୁ କେବେ ଘଟିନଥିବା ବେଳେ ଆଜି ଏହି ଘଟଣାକୁ ନେଇ ଚାରିଆଡ଼େ ଆଲୋଚନା ଯୋର ଧରିଛି।

## ସାମନ୍ତଙ୍କ ପ୍ରତିମୂର୍ତ୍ତି ବିକୃତ ଗଢ଼ଣର ପ୍ରତିବାଦ

କୁଜଙ୍ଗ,୧୪।୪(ସମିସ): ଗତକାଲି କଟକ ପାରାଦୀପ ରାଜ୍ୟ ସଡ଼କର ତଥା କଟକ ତାଳଦଣ୍ଡା କେନାଲ ପାଖ କୁଜଙ୍ଗ ଠାରେ ଧୂଳିମାଟିର ସନ୍ଥ, ସ୍ୱାଧୀନତା ସ୍ୱାଗ୍ରାମୀ, କୁଜଙ୍ଗ ଗାନ୍ଧୀ ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ତେବେ ଏହି ପ୍ରତିମୂର୍ତ୍ତିରେ ସାମନ୍ତଙ୍କ ସାମଞ୍ଜସ୍ୟ ନରହିବା ଦୁଃଖର ବିଷୟ ବୋଲି ବିଶିଷ୍ଟ କବି ପୀତାମ୍ବର ତରାଇ ଅଭିଯୋଗ କରିଛନ୍ତି। ଏ କ'ଣ ଅଠାନବେ ବର୍ଷର ସାମନ୍ତଙ୍କ ପ୍ରତିମୂର୍ତ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ଜୀବନର ଅନ୍ତିମ ପର୍ଯ୍ୟାୟରେ ସାମନ୍ତଙ୍କ ହାତରେ ଘଣ୍ଟା ନଥିବା ବେଳେ ସେ ଆଣ୍ଠୁର ଠିକ୍ ନିମ୍ନ ଭାଗକୁ ଖଦଡ଼ ଲୁଗା ପରିଧାନ କରିବା ସହିତ ଦେହରେ ଖଦଡ଼ ଫତେଇ ଉପରେ ଖଦଡ଼ର ସରୁ ଚଦର



ପରିଧାନ କରୁଥିଲେ। ଯେଉଁଥି ପାଇଁ ସେ କୁଜଙ୍ଗ ଗାନ୍ଧୀ ଭାବରେ ସମଗ୍ର ରାଜ୍ୟରେ ପରିଚିତି ଥିଲେ। ତାଙ୍କର ପୋଷାକ ପରିପାଟୀ ପ୍ରତିମୂର୍ତ୍ତିରେ ବିପରୀତ ପ୍ରତିଫଳନ ହୋଇ ସାମନ୍ତଙ୍କ ପ୍ରକୃତ ଅବୟବ ଆଗାମୀ ପିଢ଼ି ପାଇଁ ଅଜଣା ହୋଇ ରହିଯିବ; ଏହା ନିସନ୍ଦେହ। ସାମନ୍ତଙ୍କ କେଶ ବିନ୍ୟାସରେ ଯୁବ ସୁଲଭ ଉଙ୍କି ମାରୁଥିବା ବେଳେ ବାମକାନ୍ଧରେ ଗାନ୍ଧୀ ଝୁଲି ନଥିବା ଆହୁରି ଦୁଃଖର ବିଷୟ ବୋଲି ଶ୍ରୀ ତରାଇ କହିଛନ୍ତି। ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ବର୍ତ୍ତମାନ ପାରାଦୀପଗଡ଼ ରାଜ ନବରରେ ସାମନ୍ତଙ୍କ କନ୍ୟା ଡ. ବାଣୀ ସାମନ୍ତଙ୍କ ଅବସ୍ଥାନ କରୁଥିବା ବେଳେ ତାଙ୍କ ଅନୁପସ୍ଥିତି ଜନ ସାଧାରଣଙ୍କ ଭିତରେ ଅସନ୍ତୋଷର କାରଣ ହୋଇଛି। ଏହିଭଳି ଏକ ଐତିହାସିକ ପୁରୁଷଙ୍କ ଚେହେରା ସହିତ ତାଳମେଳ ରହୁନଥିବା ପ୍ରତିମୂର୍ତ୍ତି ନିର୍ମାଣ ବରଂ ସାମନ୍ତଙ୍କର ଦେଶପ୍ରତି ଥିବା ଅସରନ୍ତି ତ୍ୟାଗ ପ୍ରତି ଅସମ୍ମାନ ବୋଲି ସେ ଦୃଢ଼ ପ୍ରତିବାଦ କରିଛନ୍ତି।

## ଇଫ୍‌କୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

ପାରାଦ୍ୱୀପ,୧୪।୪(ସମିସ): ଇଫକୋ ଡିଏଭି ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଇଫକୋ ସାମୁଦାୟିକ ଭବନଠାରେ ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପରିଚାଳକ ପିକେ ମହାପାତ୍ର, ଇଫକୋର ପ୍ରଥମ ମହିଳା ନେତ୍ରୀ ସୁପ୍ରିୟା ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିପିଏଲ ପାରାଦୀପ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପାଲାନିଶମୀ ଭେଲୁସମୀ, ଡିଏଭି ବିଦ୍ୟାଳୟର ଜୋନ୍-ଏଫର ଉପଆଞ୍ଚଳିକ ଅଧିକାରୀ ବିପିନ କୁମାର ସାହୁ, ପିପିଏଲ ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ, ଡିଏଭି ପାରାଦୀପ ପୋର୍ଟ ପୂର୍ବତନ ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି, ପାରାଦୀପ ପୋର୍ଟ ଡିଏଭି ଅଧ୍ୟକ୍ଷା ଗୀତାଞ୍ଜଳି ହୋତା ଓ ରାହାମା ଜବାହାର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟଳୟର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିବା ଅବସରରେ ଗତବର୍ଷର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ୨୦୨୫-୨୬ ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବୋଚ୍ଚ ଅଙ୍କ ରଖୁଥିବା କୃତି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବାର୍ଷିକ ପରୀକ୍ଷାଫଳ ଅନୁଯାୟୀ ସମ୍ମାନିତ କରାଯାଇଥିଲା। ବାର୍ଷିକ ପରୀକ୍ଷା ଫଳ, ସର୍ବଗୁଣ ସମ୍ପର୍କ, ବାର୍ଷିକ କ୍ରୀଡା ଓ ସହପାଠ୍ୟକାର୍ଯ୍ୟର ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

■ ପାରାଦୀପ ବନ୍ଦର ଆନ୍ତଃ ବିଭାଗ କ୍ରିକେଟ ପ୍ରତିଯୋଗିତା

## ଇଞ୍ଜିନିୟରିଂ ବିଭାଗ ଚାମ୍ପିଅନ

ପାରାଦୀପ,୧୪।୪(ସମିସ): ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଆୟୋଜିତ ୬ଷ୍ଠ ଆନ୍ତଃ ବିଭାଗ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଇଞ୍ଜିନିୟରିଂ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ୍ ହରାଇ ୧୧୨ ରନ କରିଥିଲା। ଇଞ୍ଜିନିୟରିଂ ବିଭାଗ ତରଫରୁ ଅଜୟ ବେହେରା ସର୍ବାଧିକ ୩୪ ରନ କରିଥିଲେ ଓ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ତରଫରୁ ପିକେ ଦଳାଇ ୪ଟି ୱିକେଟ ନେଇଥିଲେ। ଜବାବରେ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ୯ଟି ୱିକେଟ୍ ହରାଇ ୯୩ ରନ କରି ପରାସ୍ତ ହୋଇଥିଲା। ଇଞ୍ଜିନିୟରିଂ ବିଭାଗ ମ୍ୟାଚଟିକୁ ୧୯ ରନରେ ଜିତି ନେଇଥିଲା। ଇଞ୍ଜିନିୟରିଂ ବିଭାଗ ତରଫରୁ ପ୍ରମୋଦ ନାୟକ ଓ ପରେଶ ଜେନା ପ୍ରତ୍ୟେକ ୩ଟି ୱିକେଟ୍ ନେଇଥିଲେ। ଇଞ୍ଜିନିୟରିଂ ବିଭାଗ ଏ ବର୍ଷ ଚାମ୍ପିଅନ ହୋଇଥିବା ବେଳେ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ରନରଅପ୍ ହୋଇଛି।

# ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ



ଜଗତସିଂହପୁର,୧୪।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା ସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟ ୧୯୮୭ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବନ୍ଧୁମିଳନ ଏବଂ ଗୁରୁପୂଜନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯୮୭ ବ୍ୟାଚ ଛାତ୍ରଛାତ୍ରୀଙ୍କ ସହିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାନଙ୍କ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ଉକ୍ତ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲେ ବି ଆଜି ଦିନରେ ଗୁରୁପୂଜାକୁ ଭୁଲି ନଥିଲେ। ଯେଉଁ ମାନଙ୍କ ଯୋଗୁଁ ପ୍ରତିଷ୍ଠିତ ହୋଇଛନ୍ତି ସେହି ଶିକ୍ଷକ ମାନଙ୍କ ଶିକ୍ଷାଦାନକୁ ନଭୁଲି ୪୦ ବର୍ଷ ପରେ ଏକତ୍ରିତ ହୋଇ ପୂଜା କରି ଆତ୍ମସନ୍ତୁଷ୍ଟି ଲାଭ କରିଥିଲେ। ପରେ ଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ଘନଶ୍ୟାମ କାନୁନଗୋ, ଗୋବିନ୍ଦ ଚରଣ ଜେନା, ପଦ୍ମଚରଣ ସାହୁ ଓ ପ୍ରଦୀପ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପିତା ମାତା, ଗୁରୁଜୀ ଓ ସମାଜର ମଙ୍ଗଳ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ବିନୟ ଭୂଷଣ ସାମନ୍ତ ସିଂହାର, ସଞ୍ଜୟ କୁମାର ପତି, ବଳଦେବ ପଲାଉର ଓ ଲକ୍ଷ୍ମୀ ନାରାୟଣ କାନୁନଗୋ ପ୍ରମୁଖ ଏହି ବନ୍ଧୁମିଳନ ଉତ୍ସବ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ।

## ନଳଦିଆ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପାରାଦୀପ,୧୪।୪(ସମିସ): ପୁରୁଣା ସ୍ମୃତିକୁ ମନେ ପକାଇବା ଉଦ୍ଦେଶ୍ୟରେ ଗ୍ରାମେଶ୍ୱର ବିଦ୍ୟାପୀଠ, ନଳଦିଆ ବିଦ୍ୟାଳୟର ୨୦୧୫ ମସିହାର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାରାଦୀପ ପଥରବନ୍ଧ ନିକଟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ସମସ୍ତେ ଏକତ୍ରିତ ହୋଇ ଭୋଜିର ଆନନ୍ଦ ଉଠାଇଥିବା ସହିତ ଶିକ୍ଷାଳୟ ଜୀବନର ସେହି ଅମଳିନ ସ୍ମୃତିକୁ ପୁନର୍ଜୀବିତ କରିଥିଲେ। ଦୀର୍ଘଦିନ ପରେ ପରସ୍ପରଙ୍କ ସାକ୍ଷାତ ହେବାରେ ସମସ୍ତଙ୍କ ମନରେ ଅପାର ଖୁସି ଓ ଉତ୍ସାହ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ମ୍ୟୁଜିକ୍ ଚେୟାର, ସଙ୍ଗୀତ ପ୍ରତିଯୋଗିତା, କବିତା ପାଠ, କୁଇଜ୍ ପ୍ରତିଯୋଗିତା ସହ ନାଚ-ଗୀତ ଭଳି ବିଭିନ୍ନ ମନୋରଞ୍ଜନମୂଳକ ଅନୁଷ୍ଠାନ ଆୟୋଜିତ ହୋଇଥିଲା। ଏଥିରେ ସମସ୍ତେ ଉତ୍ସାହର ସହଭାଗୀ ହୋଇ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

## ଶିକ୍ଷକ ସମ୍ମାନ ସମାରୋହ

ଏରସମା,୧୪।୪(ସମିସ): ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତରେ ଏସ୍‌ଏସ୍‌ଜେ ମହାବିଦ୍ୟାଳୟରେ ୨୦୦୧ ମସିହାର ବିଜ୍ଞାନ ପ୍ରଥମ ବ୍ୟାଚ୍ ପକ୍ଷରୁ ଏକ ଭବ୍ୟ ବନ୍ଧୁମିଳନ ଓ ଶିକ୍ଷକ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୬ ବର୍ଷ ପରେ ପୁରୁଣା ସହପାଠୀମାନେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ଆଉଥରେ ଜୀବନ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ହରପ୍ରସାଦ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଅଧ୍ୟାପକ ଶକ୍ତି ପ୍ରସାଦ ସାମନ୍ତରାୟ, ଅଧ୍ୟାପକ ଅତୁଲ୍ୟ ଖଣ୍ଡୁଆଳ, ସଂଜୀବ ବିଶ୍ୱାଳ, ସସ୍ମିତା ସାହୁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଭାତ ମୁଦୁଲି ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ମାନ ଜଣାଇଥିଲେ ପୂର୍ବତନ ଛାତ୍ରଛାତ୍ରୀ। ପ୍ରିତମ ସ୍ୱାଇଁ କାର୍ଯ୍ୟ ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ର ସଂସଦର ଅଧ୍ୟକ୍ଷ ସର୍ବେଶ୍ୱର ମହାପାତ୍ର କାର୍ଯ୍ୟକ୍ରମର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ନବବଧୂ ହତ୍ୟା ଅଭିଯୋଗ

ଏରସମା,୧୪।୪(ସମିସ): ଏରସମା ଥାନା ଅଧିନ କୁଞ୍ଜକୋଠି ଗ୍ରାମ ପଞ୍ଚାୟତ ବାଲିତୁଠ ପଡ଼ା ଗ୍ରାମର ଗୌରାଙ୍ଗ ବରଙ୍କ ସ୍ତ୍ରୀ ଉର୍ମିଳା ବର ଏରସମା ଥାନାରେ ତାଙ୍କ ଝିଅକୁ ମାରି ଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ନବ ବଧୂ ଯୌତୁକ ନିର୍ଯାତନାର ଅଭିଯୋଗ ପାଇ ସ୍ଥାନୀୟ ଏରସମା ପୁଲିସ ଘଟଣାର ତଦନ୍ତ କରିବା ସହିତ ସନାତନ ଦାସଙ୍କ ପୁଅ ବିଜୟ ଦାସ ଓରଫ କୁନାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ନବବଧୂ ଯୌତୁକ ନିର୍ଯାତନା ମାମଲାରେ ପୁଲିସ କେଶ ନଂ ୧୩୨/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ତେନ୍ତୁଳିପଦାରେ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ତିର୍ତ୍ତୋଲ,୧୪।୪(ସମିସ): ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଆଦିକବି ସାରଳା ଦାସଙ୍କର ପ୍ରତିମୂର୍ତ୍ତି ତାଙ୍କ ଜନ୍ମମାଟି ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦା ଗ୍ରାମ ଉଆସ ଡିହଠାରେ ଉନ୍ମୋଚିତ ହୋଇଯାଇଛି। ଏହି ପ୍ରତିମୂର୍ତ୍ତି ସମାରୋହରେ ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଉପଆରକ୍ଷୀ ଅଧିକ୍ଷକ ଜୟ ଗୋପାଳ ପରିଜା ଓ ରାଜଶ୍ରୀ ପରିଜା ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରବିପ୍ରସନ୍ନ ସାହୁ, ସମ୍ମାନିତ ଅତିଥି ଭାବେ ସୂଚନା ଲୋକସମ୍ପର୍କ ବିଭାଗର ସେବା ନିବୃତ୍ତ ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷକ ସଂଘର ନେତା ଅକ୍ଷୟ ଦାସ, ସମ୍ମାନିତ ଅତିଥି ସମାଜସେବୀ ସୁବ୍ରତ ଦାଶ ଯୋଗଦେଇଥିଲେ। ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଆ ପକ୍ଷ ପାଳନ ଓ ବିଷୁବ ମିଳନ ଅବସରରେ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହରେ ସାରଳା ଦାସ ଓଡ଼ିଶାର ଅନ୍ୟାନ୍ୟ ବରପୁତ୍ର ମାନଙ୍କ ମଧ୍ୟରେ ସ୍ଥାନିତ ହୋଇଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମାରୋହରେ ପରିଷଦର ଉପସଭାପତି ବିରଜା ପ୍ରସନ୍ନ ପରିଜା, ଉପଦେଷ୍ଟା ସୁବାଷ ଚନ୍ଦ୍ର ସାହୁ, ସମାଜସେବୀ ଦେବବ୍ରତ ବାରିକ, ଆଶିଷ ପରିଜା, କବି ପ୍ରଶାନ୍ତ ଦାସ, ଗୁରୁଦତ୍ତ ପରିଜା, ଅକ୍ଷୟ ମହାନ୍ତି, ଗୁରୁଚରଣ ପରିଜା, ସୁରେନ୍ଦ୍ର ସାହୁ, ଭବେଶ ଚୌଧୁରୀ, ପ୍ରଭାତ ପରିଜା, ଗୋପାଳ ମହାନ୍ତି, ସାହିତ୍ୟ ଓ ସଂସ୍କୃତି ସଂପନ୍ନ ବ୍ୟକ୍ତି ଅଶୋକ ଦାଶ, ଜଗଦୀଶ ପରିଜା ଉପସ୍ଥିତ ରହି ସାରଳା ଦାସ ଜଣେ ବିସ୍ମୟକଇ ଓ କ୍ରାନ୍ତିକାରୀ କବି ଥିଲେ ବୋଲି ଅବତାରଣା କରିଥିଲେ। ପରିଷଦର ସଂପାଦକ ଚୌଧୁରୀ ରାଧାମୋହନ ପରିଜା ଧନ୍ୟବାଦ ଦେଇଥିଲେ।

## ପାରାଦୀପରେ ଓଡ଼ିଆ ପକ୍ଷ

ପାରାଦୀପ,୧୪।୪(ସମିସ): ପାରାଦୀପ ପୌରପାଳିକା ପକ୍ଷରୁ ଓରିଆ ପକ୍ଷ ପାଳନ ଅବସରରେ ଓଡିଆ ନବବର୍ଷ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ସାଗର ବେଳାଭୂମିରେ ଦୁଇ ଦିନିଆ ମହୋତ୍ସବ ଆୟୋଜିତ ହେଉଅଛି। ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ। ସମ୍ମାନିତ ଅତିଥି ଭାବେ ପାରାଦୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇ ଓଡିଆ ଭାଷା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଛବିଲତା ରାଉତ, ପାରିଷଦ ସୁବ୍ରତ କୁମାର ପ୍ରଧାନ, ଅଜିତ କୁମାର ଷଡଙ୍ଗୀ, ପ୍ରଭାତୀ ନାୟକ, ସୁଶାନ୍ତ କୁମାର ଦାସ, ନବକିଶୋର ବେହେରା, ସଂଘମିତ୍ରା ସ୍ୱାଇଁ, ସୌଦାମିନୀ ସାହୁ, ଶୁରମଣି ନାଗ ପ୍ରମୁଖ ଯୋଗ ଦେଇଥିଲେ। ପୌରପାଳିକା ପକ୍ଷରୁ ଓଡିଆ ନବବର୍ଷ ପାଳନ ଓ ଓଡିଆ ପକ୍ଷ ପାଳନ ଉପଲକ୍ଷେ ମହିଳାମାନଙ୍କ ଦ୍ୱାରା ଓଡିଆ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଓଡିଶୀ ନୃତ୍ୟ ସହିତ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ପ୍ରତିଯୋଗିତା ଉଦ୍‌ଯାପିତ



ଜଗତସିଂହପୁର,୧୪।୪(ସମିସ)

ଯୁବ ଓ କ୍ରୀଡା ବିଭାଗ, ଓଡିଶା ସରକାର ଓ ଜିଲ୍ଲା କ୍ରୀଡା ସଂସଦ ଜଗତସିଂହପୁରର ମିଳିତ ସହଯୋଗରେ ଜଗତସିଂହପୁର ସହରର ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମଠାରେ ଗତ ୧୦ ତାରିଖରେ ଆରମ୍ଭ ହୋଇଥିବା ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା କବାଡ଼ି, ଭଲିବଲ ଏବଂ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସର ପ୍ରଥମ ପର୍ଯ୍ୟାୟ ଖୋଖୋ ପ୍ରତିଯୋଗିତାର ଆରମ୍ଭରେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି ଓ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବସ୍ତୁ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଜିଲ୍ଲାର ସବୁ ବ୍ଲକରୁ ଖୋଖୋ ଖେଳାଳି ମାନେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଜିଲ୍ଲା କ୍ରୀଡା ସଂସଦର ସଭ୍ୟ ସାଧୁ ଚରଣ ମହାନ୍ତି ଏବଂ ଖୋଖୋର ତାରକା ଖେଳାଳି ଭୁବନମୋହନ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଲଣାହାଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର କ୍ରୀଡା ଶିକ୍ଷକମାନେ ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରାୟତଃ ୪୦୦ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ଆଜି ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଖୋଖୋର ବାଳକ ବିଭାଗରେ ଟାଇଗର ଗ୍ରୁପ ଚାମ୍ପିଅନ ହୋଇଥିଲା ବେଳେ ବୁଲ ଗ୍ରୁପ ରନର୍ସ ଅପ ଟ୍ରଫି ପାଇଥିଲେ। ସେହିପରି ବାଳିକା ବିଭାଗରେ ସ୍ପାରୋ ଗ୍ରୁପ ଚାମ୍ପିଅନ ହୋଇଥିଲା ବେଳେ ଫ୍ଲେମିଙ୍ଗୋ ଗ୍ରୁପ ରନର୍ସ ଅପ ଟ୍ରଫି ପାଇଥିଲେ।

## ନିକୁଞ୍ଜ ସେବକ ଜେନାଙ୍କ ପରଲୋକ

ଏରସମା,୧୪।୪(ସମିସ): ଏରସମା ବ୍ଲକର କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ତଳକୁସୁମା ଗ୍ରାମର ନିକୁଞ୍ଜ ସେବକ ଜେନା ଆଜି ସକାଳୁ ଛାତିରେ ଯନ୍ତ୍ରଣା ହେବାରୁ ଏରସମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ମାତ୍ରେ ଏରସମା ଅଞ୍ଚଳରେ ଶୋକର ଛାଇ ଖେଳିଯାଇଥିଲା। ବହୁ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗାଁ ମଶାଣିରେ ଶେଷ କୃତ୍ୟ କରାଯାଇଥିଲା। ବଡ ପୁଅ ଆଶିଷ ଜେନା ମୁଖାଗ୍ନି ଦେଇଥିଲେ।



ତାଙ୍କୁ ମୃତ୍ୟୁରେ ପଣ୍ଡିତ ନାଗୁଚରଣ ଦେବତା, ମହେଶ୍ୱର ସ୍ୱାଇଁ, ଡ. ବସନ୍ତ ମଞ୍ଜରୀ ଦାସ, ଯଯାତି କେଶରୀ ସାମନ୍ତରାୟ, କବି ପ୍ରଶାନ୍ତ କୁମାର ସେଠୀ, ପ୍ରେମ ଚରଣ ରାଉତ, ହୃଷୀକେଶ ଜେନା, କୈଳାଶ ଚନ୍ଦ୍ର ପ୍ରଧାନ, ଡାକ୍ତର ତନ୍ମୟ କୁମାର ସେଠୀ, ନଗେନ୍ଦ୍ର ନାଥ ସ୍ୱାଇଁ, ବୈଦନାଥ ସାହୁ, ଶ୍ୟାମ ସୁନ୍ଦର ପରିଡା, ନିର୍ମଳା ସାହୁ ଶୋକ ବ୍ୟକ୍ତ କରିଛନ୍ତି।